
ଚମତ୍କାର କଲେ ବୁମରା ଓ ଆକାଶ ଦୀପ
ପୃଷ୍ଠା ୭


Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

# ସଂଚାର
THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Vol. 32 | ISSUE 264 | ଭାଗ ୩୨ | ସଂଖ୍ୟା ୨୬ | Bhubaneswar | Wednesday 18 December 2024 | Page 8 Rs. 4.00 | ଭୁବନେଶ୍ୱର ବୁଧବାର ୧୮ ଡିସେମ୍ବର ୨୦୨୪ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା


# କେଜିରୁ ପିଜି ସାନ୍ତାଳୀ ଭାଷାରେ ପାଠପଢ଼ା



- ବିକଶିତ ଓଡ଼ିଶାରେ ଆଦିବାସୀ ନେବେ ପ୍ରମୁଖ ଭୂମିକା
- ଅଲ୍‌ଚିକ ଲିପିରେ ଶିକ୍ଷାକୁ ପ୍ରାଧାନ୍ୟ ଦେବା ପାଇଁ ଲେଖକଙ୍କୁ ପରାମର୍ଶ
- ସାନ୍ତାଳୀ ଭାଷାର ବିକାଶରେ ବାଜପେୟୀଙ୍କ ଅବଦାନ ଅତୁଳନୀୟ

**ଭୁବନେଶ୍ୱର, ୧୭।୧୨ (ସଂଚାର ବ୍ୟୁରୋ):** କେଜିରୁ ପିଜି ପର୍ଯ୍ୟନ୍ତ ସାନ୍ତାଳୀ ଭାଷାରେ ଶିକ୍ଷା ପ୍ରଦାନ ନିମନ୍ତେ ସରକାର ଚିନ୍ତା କରୁଛନ୍ତି। ଆଜି କେଉଁଝର'ର ଅଶୋକ ବାଟିକା ଠାରେ ସର୍ବଭାରତୀୟ ସାନ୍ତାଳୀ ଲେଖକ ସଂଘ ଓଡ଼ିଶା ଶାଖାର ସପ୍ତମ ବାର୍ଷିକ ସମ୍ମିଳନୀ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ୧୯୨୫ ମସିହାରେ ଅଲ୍‌ଚିକି ଲିପିର ସୃଷ୍ଟି ହୋଇଥିଲା। ଅଲ୍‌ଚିକି ଲିପିର ସ୍ରଷ୍ଟା ଗୁରୁ ଗମ୍‌କେ ପଣ୍ଡିତ ରଘୁନାଥ ମୁର୍ମୁଙ୍କୁ ଏହି ଅବସରରେ ସ୍ମରଣ କରିବା ସଙ୍ଗେସଙ୍ଗେ ୨୦୨୫ରେ ଏହି ଲିପି ସୃଷ୍ଟି ହେବାର ଶତ ବାର୍ଷିକୀକୁ ଏକ ମିଶନ ଭାବରେ ନେଇ 'ମିଶନ୍ ଅଲ୍‌ଚିକ୍-୨୦୨୫'କୁ ସଫଳ କରିବା ପାଇଁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଥିଲେ। ୨୦୨୫ ସୁଦ୍ଧା ଯଦି ସମସ୍ତେ ଅଲ୍‌ଚିକି ଲିପି ତଥା ସାନ୍ତାଳୀ ଭାଷାରେ ଶିକ୍ଷା ଗ୍ରହଣ କରିପାରିଲେ ତେବେ, ପଣ୍ଡିତ ମୁର୍ମୁଙ୍କ ପ୍ରତି ଏହା ପ୍ରକୃତ ଶ୍ରଦ୍ଧାଞ୍ଜଳି ହୋଇପାରିବ ବୋଲି ସେ କହିଥିଲେ।

ଏହି କ୍ରମରେ ଓଡ଼ିଶାରେ ସାନ୍ତାଳୀ ଭାଷାରେ ପ୍ରାଥମିକ ସ୍ତରରୁ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ଶିକ୍ଷାର ପ୍ରଚଳନ ପାଇଁ ସରକାର ଚିନ୍ତା କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଗୋଟେ ଜାତିର ଉନ୍ନତି ତଥା ପରିଚୟ ପାଇଁ ମାତୃଭାଷା ହିଁ ସର୍ବଶ୍ରେଷ୍ଠ ଅଟେ। ସାନ୍ତାଳୀ ଭାଷା ୨୦୦୩ ମସିହାରେ ତତ୍‌କାଳୀନ କେନ୍ଦ୍ର ସରକାର ତଥା ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ଅବଦାନ ଯୋଗୁଁ ଭାରତର ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସ୍ଥାନିତ ହୋଇ ଆମର ଗୌରବ ବୃଦ୍ଧି କରିଛି। ତେଣୁ, ତାଙ୍କୁ ମୁଖ୍ୟମନ୍ତ୍ରୀ କୃତଜ୍ଞତା ଜଣାଇଥିଲେ। ପୃଷ୍ଠା-୬

# ଆଜି ସିବିଆଇରେ ହାଜର ହେବେ ବିଷ୍ଣୁ


ମଧ୍ୟାହ୍ନ ୧୨ଟାରେ କାର୍ଯ୍ୟାଳୟରେ ପହଞ୍ଚିବାକୁ ନିର୍ଦ୍ଦେଶ

**ଭୁବନେଶ୍ୱର, ୧୭।୧୨ (ସଂଚାର ବ୍ୟୁରୋ) :** ୧୯୯୫ ବ୍ୟାଚ୍ ଆଇଏଏସ୍ ଅଫିସର ବିଷ୍ଣୁ ପଦ ସେଠୀଙ୍କୁ ସିବିଆଇ ଜେରା କରିବାର ବାଟ ଫିଟିଛି। ଆସନ୍ତାକାଲି ମଧ୍ୟାହ୍ନ ୧୨ଟାରେ ଭୁବନେଶ୍ୱର ସିବିଆଇ କାର୍ଯ୍ୟାଳୟରେ ହାଜର ହେବାକୁ ବିଷ୍ଣୁପଦଙ୍କୁ ସିବିଆଇ ଆଇଓ ନିର୍ଦ୍ଦେଶ ଦେଇଛନ୍ତି। ସିବିଆଇ ଜେରାକୁ ଟାଳି ଆସୁଥିବା ବିଷ୍ଣୁପଦଙ୍କ ହାତରୁ ଆଜି ରାଜ୍ୟ ସରକାର ବିଭାଗ କାଢ଼ି ନେବା ସହିତ ସହିତ ସାଧାରଣ ପ୍ରଶାସନ ବିଭାଗରେ ଓଏସ୍‌ଡି ଭାବେ ନିଯୁକ୍ତି ଦେଇଛନ୍ତି। ସେହିଭଳି ବିଷ୍ଣୁପଦ ସେଠୀଙ୍କ ହାତରେ ଥିବା ଅନୁସୂଚିତ ଜାତି, ଜନଜାତି ଉନ୍ନୟନ ଓ ପଛୁଆବର୍ଗ କଲ୍ୟାଣ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ଏବଂ ଓଡ଼ିଆ ଭାଷା ଓ ସଂସ୍କୃତି ବିଭାଗକୁ ସରକାର କାଢ଼ି ୧୯୯୭ ବ୍ୟାଚ୍ ଆଇଏଏସ୍ ଅଫିସର ସଞ୍ଜୀବ କୁମାର ପୃଷ୍ଠା-୬

## ମନୋଜ ସାହୁ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସଚିବ



**ଭୁବନେଶ୍ୱର, ୧୭।୧୨ (ସଂଚାର ବ୍ୟୁରୋ):** ସିବିଆଇ ଜାଲରେ ଛନ୍ଦି ହୋଇଥିବା ବିଷ୍ଣୁପଦ ସେଠୀଙ୍କ କ୍ଷମତା ସଂକୁଚିତ କରିବା ସହ ରାଜ୍ୟ ସରକାର ଆଜି ପ୍ରଶାସନିକ ସ୍ତରରେ ଏକ ବଡ ନିଷ୍ପତ୍ତି ନେଇଛନ୍ତି। କେନ୍ଦ୍ର ଉପନିର୍ବାଚନ କମିଶନର ଭାବେ କାର୍ଯ୍ୟ କରୁଥିବା ମନୋଜ କୁମାର ସାହୁ ଇଣ୍ଟର କ୍ୟାଡର୍ ଡେପୁଟେସନ୍ରେ ଓଡ଼ିଶା ଆଣିଛନ୍ତି । ଏଥିପାଇଁ ପୂର୍ବରୁ କେନ୍ଦ୍ର କ୍ୟାବିନେଟ୍ ନିଯୁକ୍ତି କମିଟିର କାର୍ମିକ ବିଭାଗ ପକ୍ଷରୁ ଅନୁମତି ମିଳିଥିଲା । ତାଙ୍କୁ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସଚିବ ଭାବେ ଅବସ୍ଥାପିତ କରାଯାଇଛି।

୨୦୦୬ ବ୍ୟାଚ୍ ଆଇଏଏସ୍ ମନୋଜ କୁମାର ସାହୁ ଅରୁଣାଚଳ ପ୍ରଦେଶ, ଗୋଆ, ମିଜୋରାମ ଏବଂ କେନ୍ଦ୍ରଶାସିତ ଅଞ୍ଚଳର କ୍ୟାଡର୍ ଅଧିକାରୀ। ସେ ଜଗତସିଂହପୁର ଜିଲ୍ଲା ବାଲିକୁଦା ବ୍ଲକର ପୃଷ୍ଠା-୬

## ଗଡଫାଦରଙ୍କ ମାୟାରେ ଖାକି ମ୍ୟାଡାମ ବାୟା



**ଭୁବନେଶ୍ୱର, ୧୭।୧୨:** ପୁରୁଣା ସମ୍ପର୍କକୁ ଭୁଲିପାରୁ ନାହାନ୍ତି ଖାକି ମ୍ୟାଡାମ। ରାଜଧାନୀରେ ଏ ଥାନାରୁ ସେ ଥାନା ଘୁରି ବୁଲିବା ପରେ କାଳେ କିଏ ତଡିପାର କରିଦେବ ତେଣୁ ଥାନାରୁ ଟିକେ ଦୂରେଇ ଯାଇଛନ୍ତି। ଗୁଇନ୍ଦା ସାମ୍ନା ଅଫିସରେ ଏବେ ମ୍ୟାଡାମଙ୍କ ଡେରା। ସବୁ ଭିତିରିଆ ଖବର ଏବେ ତାଙ୍କ ପାଖରେ। ତେବେ ତାଙ୍କ ପାଖରେ ପହଞ୍ଚୁଥିବା ଖବର ଚଟାପଟ୍ ତାଙ୍କ ଗଡଫାଦରଙ୍କ ନିକଟରେ ପହଞ୍ଚିଯାଉଛି। ଗଡଫାଦର ବି ତାକୁ ସତ୍‌କାର୍ଯ୍ୟରେ ଲଗାଉଛନ୍ତି। ସରକାରଙ୍କୁ ହଲପଟା କରିବାରେ ଏଭଳି ଖବର ବେଶ୍ ସହାୟକ ହେଉଛି। ଗଡଫାଦରଙ୍କ ମନ ଜାଣି ଖବରକୁ ପାଶ୍ କରୁଛନ୍ତି। ଏହାକୁ ନେଇ ପୁଲିସ୍ ମହଲରେ ଚର୍ଚ୍ଚା ଜୋର ଧରିଛି। ଏହି ଖାକି ମ୍ୟାଡାମ କୁଆଡେ ନୟାଗଡ ଜିଲ୍ଲାରୁ ରାଜଧାନୀକୁ ଆସିଥିଲେ। କମିଶନରେଟ ପୁଲିସକୁ ଆସିବା ପଛରେ କୁଆଡେ ଗଡଫାଦରଙ୍କ ଆର୍ଶୀବାଦ ଥିଲା। ମ୍ୟାଡାମଙ୍କ ମୁଣ୍ଡ ଉପରେ ଗଡଫାଦରଙ୍କ ହାତ ଥିବାରୁ ତାଙ୍କୁ କେହି ରାଜଧାନୀରୁ ହଟାଇ ପାରୁନାହାନ୍ତି। ତେଣୁ ଗଡଫାଦରଙ୍କ ଋଣ ସୁଝିବାରେ ବି ମ୍ୟାଡାମ ହେଳା କରୁନାହାନ୍ତି। ଏବେ ରାଜଧାନୀରେ ଉଭୟ ଗଡଫାଦର ଓ ମ୍ୟାଡାମଙ୍କ ଭାବକୁ ନେଇ ଚର୍ଚ୍ଚା ଜୋର ଧରିଥିବାବେଳେ ନୂଆ ସରକାର ଏଭଳି ଭାବ ଉପରେ ନଜର ନରଖିଲେ ନାବ ବୁଡିଯିବ ବୋଲି କୁହାଗଲାଣି।

# ଶିକ୍ଷା ବିକାଶର ହିସାବ ଦେଲେ ଧର୍ମେନ୍ଦ୍ର



- ଚଳିତ ଦଶନ୍ଧି ପରିବର୍ତ୍ତନଶୀଳ ଯାତ୍ରାର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି
- ଭାରତର ସବୁ ଅନୁସୂଚିତ ଭାଷାରେ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ପାଇଁ ଡିଜିଟାଲ ବହି ଉପଲବ୍ଧ
- ଉଚ୍ଚ ଶିକ୍ଷାନୁଷ୍ଠାନ ସଂଖ୍ୟାରେ ୧୩.୮% ବୃଦ୍ଧି
- ଗତ ୧୦ ବର୍ଷରେ ୪୨ ନୂଆ ଅଗ୍ରଣୀ ଅନୁଷ୍ଠାନ ସ୍ଥାପିତ
- ୧୩ଟି ଭାଷାରେ ହେଉଛି ପ୍ରବେଶିକା ପରୀକ୍ଷା

**ନୂଆଦିଲ୍ଲୀ, ୧୭।୧୨:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସରକାର ଭାରତକୁ ଏକବିଂଶ ଶତାବ୍ଦୀର ଜ୍ଞାନ ଅର୍ଥନୀତିରେ ପରିଣତ କରିବା ପାଇଁ ଜୋରଦାର ପ୍ରୟାସ କରୁଛନ୍ତି। ଏହି ଦଶନ୍ଧି ଭାରତର ଶିକ୍ଷା କ୍ଷେତ୍ର ପାଇଁ ଏକ ପରିବର୍ତ୍ତନଶୀଳ ଯାତ୍ରା ଏବଂ ଉତ୍କର୍ଷତା ପ୍ରତି ପ୍ରତିବଦ୍ଧତାକୁ ପ୍ରତିଫଳିତ ଏବଂ ଉନ୍ମୋଚନ କରୁଛି ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଙ୍ଗଳବାର ନୂଆଦିଲ୍ଲୀରେ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି।

ଶିକ୍ଷା ମନ୍ତ୍ରଣାଳୟ ଅଧୀନରେ ଥିବା ସ୍କୁଲ ଶିକ୍ଷା ଓ ଉଚ୍ଚଶିକ୍ଷାର ଅଗ୍ରଗତି ସମ୍ପର୍କରେ ଶ୍ରୀ ପ୍ରଧାନ ଆଲୋକପାତ କରି କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଗତ ୧୦ ବର୍ଷ ମଧ୍ୟରେ ସ୍କୁଲ ଭିତ୍ତିଭୂମି ମଜଭୁତ୍ ହେବା ସହ ସ୍କୁଲରେ ଛାତ୍ରଛାତ୍ରୀଙ୍କ ସୁବିଧାରେ ବ୍ୟାପକ ବୃଦ୍ଧି ପାଇଛି। ବିଦ୍ୟାଳୟ ଭିତ୍ତିଭୂମି ଏବଂ ଡିଜିଟାଲ ଅନ୍ତର୍ଭୁକ୍ତୀକରଣରେ ଉନ୍ନତି ଠାରୁ ଆରମ୍ଭ କରି ନାରୀଶକ୍ତିର ସଶକ୍ତୀକରଣ ଏବଂ ଭାରତୀୟ ଭାଷାକୁ ପ୍ରୋତ୍ସାହିତ କରିବା ପର୍ଯ୍ୟନ୍ତ ପ୍ରତ୍ୟେକ ପଦକ୍ଷେପ ଗୁଣାତ୍ମକ, ସର୍ବବ୍ୟାପୀ ଏବଂ ସାମଗ୍ରିକ ବିକାଶ ପ୍ରତି ପ୍ରତିବଦ୍ଧତା ଦ୍ୱାରା ପରିଚାଳିତ ହୋଇଛି। ଏହାର ବିସ୍ତୃତ ସୂଚନା ଦେଇ ସେ କହିଛନ୍ତି ଯେ ୨୦୧୩-୧୪ରେ ଦେଶର ୫୩ ପ୍ରତିଶତ ସ୍କୁଲରେ ବିଜୁଳି ଥିବା ବେଳେ ୨୦୨୩-୨୪ରେ ୯୧.୮ ପ୍ରତିଶତ ସ୍କୁଲରେ ବିଜୁଳି ପହଞ୍ଚିଛି। କମ୍ପ୍ୟୁଟର, ପାଠାଗାର, ଖେଳ ପଡ଼ିଆ ଭଳି ମୌଳିକ ସୁବିଧାରେ ମଧ୍ୟ ଅଭୂତପୂର୍ବ ବୃଦ୍ଧି ଘଟିଛି। ୨୦୧୩-୧୪ରେ ମାତ୍ର ୭.୧% ସ୍କୁଲରେ ଇଣ୍ଟରନେଟ୍ ସଂଯୋଗ ଥିବା ବେଳେ ୨୦୨୩-୨୪ରେ ୫୪% ସ୍କୁଲରେ ଇଣ୍ଟରନେଟ୍ ସଂଯୋଗ କରାଯାଇଛି। ଏବେ ଶତ ପ୍ରତିଶତ ସ୍କୁଲରେ ବାଳିକା ଶୌଚାଳୟ ରହିଛି। ସ୍ୱଚ୍ଛତାର ମାନଦଣ୍ଡରେ ଆମେ ପ୍ରାୟ ୧୦୦% ଆଡକୁ ଅଗ୍ରସର ହେଉଛୁ। ୨୦୧୩-୧୪ ତୁଳନାରେ ବିଶେଷ ଆବଶ୍ୟକତା ଥିବା ପିଲାଙ୍କ ପାଇଁ ଅଧିକ ପ୍ରତିଶତ ସ୍କୁଲ ରହିଛି। ୨୦୧୩-୧୪ରେ ଏହା ୫୬.୮% ଥିବାବେଳେ ୨୦୨୩-୨୪ରେ ଏହା ୭୭%କୁ ବୃଦ୍ଧି ପାଇଛି। ଶିକ୍ଷା କ୍ଷେତ୍ରରେ ପ୍ରତିବନ୍ଧକକୁ ଦୂର କରିବା ଏବଂ ଭିନ୍ନକ୍ଷମ ପିଲାଙ୍କ ପାଇଁ ଶତ ପ୍ରତିଶତ ଉପଲବ୍ଧତା ଦିଗରେ ଆମେ କାର୍ଯ୍ୟ କରୁଛୁ। ଗତ ୧୦ ବର୍ଷ ମଧ୍ୟରେ ଛାତ୍ରଛାତ୍ରୀଙ୍କ ମୁଣ୍ଡ ପିଛା ପିଛା ଖର୍ଚ୍ଚ ୧୩୦% ବୃଦ୍ଧି ପାଇଛି। ୨୦୧୩-୧୪ ବଜେଟରେ ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କ ପାଇଁ ଖର୍ଚ୍ଚର ପରିମାଣ ୧୦,୭୮୦ ଟଙ୍କା ଥିବା ବେଳେ ୨୦୨୧-୨୨ ବଜେଟରେ ଏହା ୨୫,୦୪୩ ଟଙ୍କାକୁ ବୃଦ୍ଧି ପାଇଛି। ଆଜିକାଲି ଭାରତର ସମସ୍ତ ପୃଷ୍ଠା-୬

# ବଇଁଶୀ ବଜେଇ ଛାଡିଦେଲେ କାହ୍ନୁ

- ମହିଳାଙ୍କ ଲୁହରେ ଚାଲିଗଲା କ୍ଷମତା
- ରାଜାରୁ ପାଲଟିଲେ ସନ୍ୟାସୀ



**ଭୁବନେଶ୍ୱର, ୧୭।୧୨:** ନିର୍ବାଚନ ପ୍ରଚାରରେ ସମୟରେ କାହ୍ନୁ ଅବତାର ଧରିଥିଲେ। ଯୁଆଡେ ଗଲେ ମହିଳାଙ୍କ ଗହଣରେ ଫଟୋ ଉଠାଇଲେ। ସଭାକୁ ଯେଭଳି ଅଧିକ ସଂଖ୍ୟାରେ ମହିଳା ଆସିବେ ସେଥିପାଇଁ ତାଗିଦା କରୁଥିଲେ। ସଭା ମଞ୍ଚରୁ ସିଧା ମହିଳାଙ୍କ ଭିତରକୁ କୁଦା ମାରୁଥିଲେ। କାହା ହାତକୁ ଧରି ପକାଉଥିଲେ ତ ଆଉ କାହା କାନି ଆସି ତାଙ୍କ ମୁହଁ ପୋଛି ପକାଉଥିଲା। ଗୋପୀଙ୍କ ମେଳରେ କାହ୍ନୁ ଅବତାରରେ ଫଟୋ ଉଠାଉଥିଲେ। ଏତେ ବଡ ଦଳରେ ଗୋଟିଏ ଲୋକର ଏଭଳି ମହିଳା ପ୍ରୀତି ଦେଖିବାପରେ ଅନେକ ତାଙ୍କୁ କାହ୍ନୁ ବୋଲି କହିବା ବି ଆରମ୍ଭ କରିଦେଇଥିଲେ। ରାଜ୍ୟର ଛଅ ଲକ୍ଷ ମହିଳା ଗୋଷ୍ଠିରେ ଥିବା ୭୦ଲକ୍ଷରୁ ଅଧିକ ମହିଳା ବି ତାଙ୍କୁ କାହ୍ନୁ ଭାବେ ଧରି ନେଇଥିଲେ। କାହ୍ନୁ ସହିତ ଫଟୋ ଉଠାଇବାକୁ ଚାଲିଥିଲା ପ୍ରତିଯୋଗିତା। ସେଲ୍‌ଫି ନେବାପାଇଁ ତ ମହିଳାଙ୍କ ଭିତରେ ଠେଲାପେଲା ହେଉଥିଲା। ହେଲେ ମହିଳାମାନେ ଜାଣିନଥିଲେ ଯେ ସେହି କାହ୍ନୁ ତାଙ୍କର ବଇଁଶୀ ବଜାଇ ଦବ। ସଭାରେ ଏକଜୁଟ ହେଉଥିବା ମହିଳାଙ୍କ ପାଉଣା ବନ୍ଦ କରିଦେବ। ସେମାନଙ୍କ ଚାକିରିର ନବୀକରଣ କରିବ ନାହିଁ। ଏକଥା ଭାବିଲା ବେଳକୁ ସେମାନଙ୍କ ମୁଣ୍ଡ ଘୂରାଇ ଦେଉଛି। ହାତରେ ଆଉ କିଛି ନାହିଁ। ଏବେ ସମ୍ପୂର୍ଣ୍ଣ ଭାବେ ନୂଆ ସରକାର ଭରସାରେ।

ରାଜ୍ୟରେ ୯ମାସ ଧରି ଦରମା ଗଣ୍ଡାଙ୍କ ପାଉନଥିବା ମହିଳା ଏମବିକେ, ସିଆରପି, ବ୍ୟାଙ୍କ୍ ମିତ୍ର ଆଦି ଏବେ କାହ୍ନଙ୍କ ଲୀଳା କଥା ମନେ ପକାଇ ତାଙ୍କୁ କେବଳ ଗାଳି ଦେଉଛନ୍ତି। ସେମାନଙ୍କ ନିଯୁକ୍ତି ଅବଧି ୨୦୨୪ ମସିହା ଏପ୍ରିଲ୍ ମାସରେ ସରିଥିଲା। କାହ୍ନୁ ଚାହିଁଥିଲେ ଅବଧି ପୂରିବାର ଢେର ଆଗରୁ ଏହାର ନବୀକରଣ କରିପାରିଥାନ୍ତେ। ହେଲେ ତାହା କଲେନାହିଁ। ଯେଉଁମାନଙ୍କ ମେଳରେ କାହ୍ନୁ ସାଜିଥିଲେ ସେମାନଙ୍କୁ ବିଶ୍ୱାସକୁ ନେଲେନାହିଁ। ପୃଷ୍ଠା-୬

## ପିନାକଙ୍କ ଟିମ୍ ଭେଳିକି

କୁଆଡେ ଗଲା ସ୍ପେଶାଲ କ୍ରାଇମ ୟୁନିଟ, ସ୍ପେଶାଲ ସ୍କାଡ ଓ ହର୍ ଟିମ ?



**ଭୁବନେଶ୍ୱର, ୧୭।୧୨ (ସଂଚାର ବ୍ୟୁରୋ):** ଓଡ଼ିଆରେ ଏକ ରୁଢ଼ି ଅଛି। ମୋତେ ଯେତେ ମାଠିବୁ ମାଠେ, ମୁଁ ସେଇ ଦରପୋଡା କାଠେ.. କଥାଟି ବୋଧ ହୁଏ କମିଶନରେଟ ପୋଲିସର ଭୁବନେଶ୍ୱର ୟୁପିଡ଼ି ପୋଲିସ ପାଇଁ ବେଶ ପ୍ରଯୁଜ୍ୟ। କହିବାର ତାତ୍ପର୍ଯ୍ୟ ହେଉଛି ତତ୍କାଳୀନ ପୋଲିସ କମିଶନର ସଞ୍ଜୀବ ପଣ୍ଡା ଥିବାବେଳେ ଗଠନ ହୋଇଥିଲା ସ୍ପେଶାଲ କ୍ରାଇମ ୟୁନିଟ। ଅତିରିକ୍ତ ଡିସିପି ସଞ୍ଜୀବ ଶତପଥୀ ଏହି ଟିମ କୁ ଲିଡ଼ କରୁଥିଲେ। ଟିମ ମଧ୍ୟ ନିଶା, ବନ୍ଧୁକ କାରବାର ରୋକିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା। ଏହାପୂର୍ବରୁ ଭୁବନେଶ୍ୱର ଡିସିପିଙ୍କ ଅଧୀନରେ କାମ କରୁଥିଲା ସ୍ପେଶାଲ ସ୍କ୍ୱାଡ଼। ଏସିପି ହିମାଂଶୁ ସ୍ୱାଇଁ ଏହାର ନେତୃତ୍ୱ ନେଉଥିଲେ। ପରେ ପରେ ମହିଳା ସୁରକ୍ଷାକୁ ଦୃଷ୍ଟିରେ ରଖି ଗଠନ ହେଲା ହାଇ ଏଫିସିଏନ୍ସି ରେସ୍ପନ୍ସ ବା ହର୍ ଟିମ। ଏସିପି ଅଞ୍ଜନା ଟୁଡୁ ଟିମ ପରିଚାଳନା କରୁଥିଲେ। କିନ୍ତୁ ଆଶ୍ଚର୍ଯ୍ୟ ର ବିଷୟ ଏତେ ଟିମ, ଏତେ ସ୍କ୍ୱାଡ଼ ଥାଉ ଥାଉ ଏବେ ପୁଣି ଆଣ୍ଟି ବର୍ଗଲାରୀ ସ୍କ୍ୱାଡ଼ ଗଠନ କରାଯାଇଛି। ଆପାର୍ଟମେଣ୍ଟ ଲୁଟେରାଙ୍କୁ ଧରିବା ପାଇଁ ପାଖାପାଖି ୨ ଶହ ପୋଲିସ କର୍ମଚାରୀଙ୍କୁ ନେଇ ଏହି ସ୍କ୍ୱାଡ଼ ଗଠନ ହୋଇଥିବା ଜଣାପଡିଛି। ତେବେ ସାଧାରଣ ଲୋକଙ୍କୁ ବା ଭୁବନେଶ୍ୱରବାସୀଙ୍କୁ ଭୁଆଁ ବୁଲେଇବା ପାଇଁ ଏହା ଏକ ନୂଆ ଡ୍ରାମା ବୋଲି ବର୍ତ୍ତମାନ ଚର୍ଚ୍ଚା ପୃଷ୍ଠା-୬

## ଉତ୍କର୍ଷ ଓଡିଶା କନକ୍ଲେଭକୁ ଉଦଘାଟନ କରିବେ ପ୍ରଧାନମନ୍ତ୍ରୀ



**ଭୁବନେଶ୍ୱର, ୧୭।୧୨:** ଆସନ୍ତା ଜାନୁଆରୀ ୨୮ ତାରିଖରୁ ଆରମ୍ଭ ହେବାକୁ ଥିବା ଉତ୍କର୍ଷ ଓଡିଶା କନକ୍ଲେଭରେ ଯୋଗ ଦେବେ ଦେଶ ବିଦେଶର ୫୦ ହଜାରରୁ ଅଧିକ ଶିଳ୍ପ ସଂସ୍ଥା। ରାଜ୍ୟରେ ବ୍ୟାପକ ଶିଳ୍ପାୟନରେ ଏହା ଏକ ମାଇଲଖୁଣ୍ଟ ହେବ। ପୂର୍ବ ଭାରତରେ ଆରମ୍ଭ ହେବାକୁ ଥିବା ଏହି ମହାକୁମ୍ଭକୁ ଉଦଘାଟନ କରିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ଜାନୁଆରୀ ୨୮ ତାରିଖରେ ଉଦଘାଟନୀ ଉତ୍ସବରେ ପ୍ରଧାନମନ୍ତ୍ରୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏଥିପାଇଁ ପ୍ରଧାନମନ୍ତ୍ରୀଙ୍କୁ ନିମନ୍ତ୍ରଣ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଉତ୍କର୍ଷ ଓଡ଼ିଶା ସମ୍ମିଳନୀ ଏକ କାର୍ଯ୍ୟକ୍ରମ ନୁହେଁ, ଏକ ଆନ୍ଦୋଳନ ହେବ। ସମୃଦ୍ଧ ଓଡ଼ିଶା ଗଠନ ଦିଗରେ ମାଇଲଖୁଣ୍ଟ ହେବ ଉତ୍କର୍ଷ ଓଡ଼ିଶା ସମ୍ମିଳନୀ। ଏହି ସମ୍ମିଳନୀରେ ଭାଗ ନେବେ ୫୦୦ରୁ ଅଧିକ ବିଦେଶୀ ନିବେଶକଙ୍କ ସହ ୫୦ ହଜାର ନିବେଶକ। ଆଜି ଭୁବନେଶ୍ୱରରେ ଉତ୍କର୍ଷ ଓଡ଼ିଶା ମେକ ଇନ୍ ଓଡ଼ିଶା କନକ୍ଲେଭ ୨୦୨୫ର ଅଫିସିଆଲ ୱେବସାଇଟ୍ ଉନ୍ମୋଚନ କରି ଏହା କହିଛନ୍ତି ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ। ରାଜ୍ୟର ସବୁ ଶିଳ୍ପସଂଘ ପ୍ରତିନିଧିଙ୍କ ଉପସ୍ଥିତିରେ ଉନ୍ମୋଚନ ହେଲା ପୃଷ୍ଠା-୬



## କାନ ଡେରିଥା

ଅପରାଧୀଙ୍କର ତାଲିମ କେନ୍ଦ୍ର
ପାଲଟିଯାଇଛି ଜେଲ୍
ଅପରାଧୀ ସେଠି ଛୋଟ ଚୋରକୁ
କରି ଦେଉଅଛି ବେଲ୍
ବେଲ୍‌ରୁ ଆସି ଅପରାଧୀ ବୁଦ୍ଧିରେ
ଛୋଟ ଚୋର ଖୋଲେ
ପୋଲିସ ବାହିନୀ ଭେଲ୍

# ଚର୍ଚ୍ଚା ପରେ ମୁହଁ ଖୋଲିଲେ ବିଜେଡି ସାଂସଦ


ନବୀନଙ୍କ ସହ ଅଛୁ, ରହିବୁ

**ନୂଆଦିଲ୍ଲୀ, ୧୭।୧୨:** ବିଜେଡ଼ିରୁ ଦୁଇଜଣ ସାଂସଦ ଇସ୍ତଫା ଦେଇ ବିଜେପିରେ ମିଶି ପୁଣି ଥରେ ରାଜ୍ୟସଭାକୁ ନିର୍ବାଚିତ ହେବା ପରେ ଏବେ ଆଉ ଜଣେ ସାଂସଦ ଲବିରେ ଥିବା ଚର୍ଚ୍ଚା ଜୋର ଧରିଥିବା ବେଳେ ଆଜି ଦିଲ୍ଲୀରେ ଦଳର ୭ଜଣ ଯାକ ସାଂସଦ ଏକ ମିଳିତ ସାମ୍ବାଦିକ ସମ୍ମିଳନୀ କରିଛନ୍ତି। ବିଜେଡିର ୭ ରାଜ୍ୟସଭା ସାଂସଦ ଏକାଠି ହୋଇ ସାମ୍ବାଦିକ ସମ୍ମିଳନୀ କରି ସେମାନଙ୍କ ବିରୋଧରେ ହେଉଥିବା ଚର୍ଚ୍ଚା ବିରୋଧରେ କ୍ଷୋଭ ଝାଡିଛନ୍ତି। ଦଳକୁ ନେଇ ଅପପ୍ରଚାର କରାଯାଉଥିବା କହିଛନ୍ତି ସମସ୍ତ ସାଂସଦ। ଆମେ ୭ ସାଂସଦ ଏକାଠି ଅଛୁ ଆଉ ବିଜେଡି ସହ ସବୁବେଳେ ରହିଥିବୁ। ନବୀନ ବାବୁଙ୍କ ସହ ଦୃଢ ଭାବେ ଛିଡା ହୋଇଛୁ। ଯେଉଁ ଅପପ୍ରଚାର କରାଯାଉଛି ତାକୁ ସେମାନେ ନିନ୍ଦା କରିଛନ୍ତି। ବିଜେଡି ସାଂସଦମାନଙ୍କର ବିଜେପି ଯିବା ଚର୍ଚ୍ଚା ଉପରେ ବିଜେଡି ରାଜ୍ୟସଭା ସାଂସଦମାନେ କହିଛନ୍ତି ଆମେ ଏକ ଅଛୁ, ନବୀନଙ୍କ ନେତୃତ୍ୱରେ ଅଛୁ। ଗଣମାଧ୍ୟମରେ ଯେଉଁ ଚର୍ଚ୍ଚା ହେଉଛି ତାହା ମିଥ୍ୟା ଏବଂ ଭ୍ରମାତ୍ମକ, କପୋଳକଳ୍ପିତ ପୃଷ୍ଠା-୬

## ଠାକୁର ଘରେ କିଏ ମୁଁ କଦଳୀ ଖାଇନି



**ଭୁବନେଶ୍ୱର, ୧୭।୧୨ (ସଂଚାର ବ୍ୟୁରୋ):** ଦିଲ୍ଲୀରେ ବିଜେଡି ଏମ୍ପିଙ୍କ ଖବରଦାତା ସମ୍ମିଳନୀକୁ କାଉଣ୍ଟର କରିଛି ବିଜେପି। ରାଜ୍ୟ ଭାଜପା ସଭାପତି କାଉଣ୍ଟର କରି କହିଛନ୍ତି, ଠାକୁର ଘରେ କିଏ ନାଁ ମୁଁ କଦଳୀ ଖାଇନି। ଏମିତି କିଛି କହି ତାଚ୍ଛଲ୍ୟ କରିଛନ୍ତି। ସେମାନେ ପ୍ରେସମିଟ କରି ନିଜର ଅପପ୍ରଚାର କରୁଛନ୍ତି। ବିଜେଡି ସଂଗଠନ ଉପରେ ଏମ୍ପି, ବିଧାୟକଙ୍କ ଭରସା ଦରକାର।ବିଶ୍ୱାସ ନାହିଁ ବୋଲି ପ୍ରେସମିଟ, ତାଙ୍କ ଦଳ ଭାଙ୍ଗିବ, ଆମେ କଣ କରିବୁ ବୋଲି ମନମୋହନ କହିଛନ୍ତି। ପ୍ରେସମିଟ କାହିଁକି କଲା ବିଜେଡି ବୋଲି ପ୍ରଶ୍ନ କରିଛନ୍ତି ମନମୋହନ ସେମାନେ ଏପରି ସାମ୍ବାଦିକ ସମ୍ମିଳନୀ କରି ନିଜର ଅପପ୍ରଚାର କରୁଛନ୍ତି। କେହି ଏପରି କହିନାହାନ୍ତି ଏଣୁ କାହିଁକି ବିଜେଡି ମନରେ ଏମିତି ଆଶଙ୍କା ବୋଲି ସେ ପ୍ରଶ୍ନ କରିଛନ୍ତି। ଦଳ ଉପରେ ଓ କାର୍ଯ୍ୟକର୍ତ୍ତାଙ୍କ ଉପରେ ପୃଷ୍ଠା-୬

# ଜିଲ୍ଲାପାଳଙ୍କ ଗାଡ଼ି ସମ୍ମୁଖରେ ଶୋଇ ଗୁହାରି ଜଣାଇଲେ ଚାଷୀ

**ରାଜକନିକା, ୧୭।୧୨ (ସଂଚାର ବ୍ୟୁରୋ) :** ରାଜକନିକା ବ୍ଲକର ୫ରୁ ୬ ପୃଥକ ପୃଥକ ପଞ୍ଚାୟତର କେତୋଟି ଗାଁ ମଧ୍ୟରୁ ପେଗରପଡା, ନରସିଂହପୁର, ଦେଉଳସାହି, ଓଳାଭର, ଉଜାଙ୍ଗ ଓ ଆଗପଡା ଗାଁର ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ଚାଷୀ ପାଖାପାଖି ୫ରୁ ୬ଶହ ଏକର ଜମିରେ ଡାଲୁଅ ଧାନ ଚାଷ କରିଛନ୍ତି । ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ଚଢେଇଖିଆ ନାଳ ଉପରେ ପୋଲ ନିର୍ମାଣ ପାଇଁ ବନ୍ଧ କରି ଜଳକୁ ଅଟକାଇଥିବାରୁ । ହାହାକାର ଡାକୁଛନ୍ତି ଚାଷୀ । ଏହାକୁ ନେଇ ଚାଷୀମାନେ ଏକତ୍ରିତ ହୋଇ ସୋମବାର ବାଘବୁଦା ପଞ୍ଚାୟତ ପରିସରରେ ଅନୁଷ୍ଠିତ ରାଜକନିକା ବ୍ଲକ ଯୁଗ୍ମ ଜନ ଅଭିଯୋଗ ଶୁଣାଣୀ ଶିବିରରେ କେନ୍ଦ୍ରାପଡା ଜିଲ୍ଲାପାଳ ସ୍ମୃତିରଞ୍ଜନ ପ୍ରଧାନଙ୍କୁ ଭେଟି ଲିଖିତ ଅଭିଯୋଗ କରି ଗୁହାରୀ କରିଥିଲେ। ହେଲେ ଜିଲ୍ଲାପାଳ ଶିବିରରୁ ଫେରିବା ବାଟରେ ଜଣେ ଚାଷୀ ହଠାତ୍ ତାଙ୍କ ଗାଡ଼ି ସମ୍ମୁଖରେ ଶୋଇ ଆମ୍ଭମାନଙ୍କୁ ବଞ୍ଚାଇ ଦିଅ ବୋଲି ଗୁହାରି କରିଥିଲେ । କହିଥିଲେ ଆମେ ସମସ୍ତ ଚାଷୀ କୋଉଠି ନା କୋଉଠି ଋଣ କରି ଚାଷ କରିଛୁ, ଯଦି ଗୁହାରି ନ ଶୁଣିବେ ଆତ୍ମହତ୍ୟା ଭଳି ଚେତାବନୀ ଦେଇଥିଲେ। ଜିଲ୍ଲାପାଳ ତୁରନ୍ତ ଗାଡିରୁ ଓହ୍ଲାଇ ଆସି ଚାଷୀ ଜଣଙ୍କୁ ଉଠାଇ ସମସ୍ୟାର ଖୁବଶିଘ୍ର ସମାଧାନ ପ୍ରତିଶୃତି ଦେଇ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା କରାଯାଇଥିବା ନାଳ ଖୋଲିବାକୁ ଶିବିରରେ ଉପସ୍ଥିତ ଥିବି ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ।



ସୂଚନାଯୋଗ୍ୟ ପାଖାପାଖି ୫ର ୬ଶହ ଏକର ଜମିରେ ଚାଷ ହୋଇଥିବା ଡ଼ାଲୁଅ ଧାନ ପାଣି ଅଭାବରୁ ବିଲ ଫାଟି ଆଁ ହୋଇଗଲାଣି । ଜଳବନ୍ଦୀ ଯୋଗୁଁ ଚାଷ ପ୍ରଭାବିତ ହୋଇ ଗଜା ମରୁଡ଼ି ହେବାକୁ ବସିଛି । ନାଳରେ ହୋଇଥିବା କୃତ୍ରିମ ବନ୍ଧକୁ ଖୋଲା ନ ଗଲେ ଚାଷୀ ଚାଷ ହରାଇବା ବୋଲି କହିଥିଲେ ଚାଷୀ । ଯଦି ଆମକୁ ଦିନେ ଦୁଇଦିନ ମଧ୍ୟରେ ଜଳ ଯୋଗାଇ ଦିଆ ନ ଯାଏ, ତେବେ ଆତ୍ମହତ୍ୟା କରିବାକୁ ଚାଷୀ ପୃଥ୍ୱୀରାଜ ମହାନ୍ତି, ରାକେଶ ଦାସ, ଅଶ୍ୱିନୀ ବାରିକ୍, ସତ୍ୟାନନ୍ଦ ଦାସ, ରଶ୍ମିରଞ୍ଜନ ବେହୁରା, ରମାକାନ୍ତ ପରିଡା, କୈଳାସ ଚନ୍ଦ୍ର ନାୟକ, ସୌମ୍ୟ ପଲାଇ ପ୍ରମୁଖ ଚେତାବନୀ ଦେଇଥିଲେ ।

# ରାସନ୍ ଓ ଭତ୍ତାରୁ ବଞ୍ଚିତ ଦିବ୍ୟାଙ୍ଗ ଅରୁଣ

**ମହାକାଳପଡ଼ା, ୧୭।୧୨ (ସଂଚାର ବ୍ୟୁରୋ) :** ଜଣେ ୯୦% ଦିବ୍ୟାଙ୍ଗ ସରକାରଙ୍କ ଭତ୍ତା ଯୋଜନାରୁ ବଞ୍ଚିତ ଅଛନ୍ତି। ହାତର ଟିପ ବାଇଓମେଟ୍ରିକ ମେସିନ ରେ କାମ କରୁନି ବୋଲି ଆଧାର କାର୍ଡ ହୋଇ ପାରୁନି। ଆଧାର କାର୍ଡ ନଥିବାରୁ ରାସନ୍ କାର୍ଡ ରେ ନାମ ଥାଇ ମଧ୍ୟ ଚାଉଳ ଦେବାକୁ ମନା କରୁଛନ୍ତି ଡିଲର। ଦଇବ ତାଙ୍କୁ ସମ୍ପୂର୍ଣ୍ଣ ଅକାମି କରି ଦେଇଥିବା ବେଳେ ପ୍ରଶାସନିକ ବ୍ୟବସ୍ଥା ତାଙ୍କୁ ସାମାଜିକ ସୁରକ୍ଷା ଯୋଜନାରୁ ବଞ୍ଚିତ ରଖିଛି। ଯାହାକୁ ନେଇ ସେ ନିଜ ଭାଗ୍ୟକୁ ଦୋଷ ଦେଇଛନ୍ତି। ସଂଚାରକୁ ସେ ଏମିତି ଘଟଣା ବିଷୟରେ କହିବା ସମୟରେ ତାଙ୍କର ଲୁହଭରା ଆଖି ହିଁ ପ୍ରମାଣ କରୁଥିଲା ତାଙ୍କର ସ୍ଥିତି ଓ ପରିସ୍ଥିତି ସମ୍ପର୍କରେ। ତାଙ୍କ ଲୁହର ପ୍ରତ୍ୟକ ବିନ୍ଦୁ ଆମକୁ ଘଟଣା ଭିତରକୁ ଅଧିକ ଟାଣି ନେଉଥିଲା। ଏମିତି ଏକ ସମ୍ବେଦନଶୀଳ ଘଟଣା ସମ୍ପର୍କରେ ଜାଣିଲେ ଆପଣଙ୍କ ଆଖି ମଧ୍ୟ ଭିଜିଯିବ ନିଶ୍ଚୟ।

## ଟିପ ଚିହ୍ନ ନେଉନି ବୋଲି ହେଉନି ଆଧାର କାର୍ଡ

## ମହାକାଳପଡ଼ାରେ ଏମିତି ଚାଲିଛି ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ

ଏଭଳି ଘଟଣା ଦେଖିବାକୁ ମିଳିଛି କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡା ବ୍ଲକ ବାରଡାଙ୍ଗ ଗ୍ରାମପଞ୍ଚାୟତ ଅନ୍ତର୍ଗତ ନନ୍ତାର ଗ୍ରାମର ଅମିୟ ଷଡ଼ଙ୍ଗୀଙ୍କ ୪୯ ବର୍ଷୀୟ ଦିବ୍ୟାଙ୍ଗ ପୁଅ ଅରୁଣ ଷଡଙ୍ଗୀଙ୍କ ପାଖରେ । ଅରୁଣ ସୁନ୍ଦରଗଡ଼ରେ ପୂଜାପାଠ କରି ପରିବାର ପ୍ରତିପୋଷଣ କରୁଥିଲେ।ଏକ ସଡ଼କ ଦୁର୍ଘଟଣାର ଶିକାର ହୋଇ ମୁଣ୍ଡ ଓ ଶରୀରରେ ଗଭୀର ଆଘାତ ଲାଗିବାରୁ ସେ ଅଚଳ ହୋଇପଡିଛନ୍ତି। ହାତ ଗୋଡ଼ର ସ୍ନାୟୁ କାମ କରୁନି। ମୁଣ୍ଡର ସନ୍ତୁଳନ ନରହିବାରୁ କଥା କହିବା କଷ୍ଟ ହେଉଛି। ତାଙ୍କର ଏମିତି



ପରିସ୍ଥିତିରେ ନିଜର ପତ୍ନୀ ମଧ୍ୟ ପାଖରେ ନାହିଁ। ନିଜର ବୁଢ଼ି ମାଆ ସହିତ ପଡ଼ି ରହିଛନ୍ତି। ୨୦୨୩ ମସିହାରୁ ମେଡିକାଲ୍ ତରଫରୁ ପରୀକ୍ଷା କରାଯାଇ ତାଙ୍କୁ ୯୦% ଭିନ୍ନକ୍ଷମ ପ୍ରମାଣପତ୍ର ମଧ୍ୟ ମିଳିଛି। ହେଲେ ବିଡ଼ମ୍ବନାର ବିଷୟ ଏହିଯେ, ଆଧାର କାର୍ଡ ନଥିବାରୁ ଭତ୍ତା ପାଇବାରୁ ବଞ୍ଚିତ ଅଛନ୍ତି। ମାସକୁ ଯେଉଁ ୫ କିଲୋ ଚାଉଳ ମିଳୁଥିଲା ବାଇଓମେଟ୍ରିକ ବ୍ୟବସ୍ଥା ପରେ ସେତକ ବି ଡିଲର ଦେଉନି। ଏମିତି ଦୟନୀୟ ଅବସ୍ଥାରେ ଭାଗ୍ୟକୁ ଆଦରି ଜୀବନ କାଟୁଛନ୍ତି ଦିବ୍ୟାଙ୍ଗ ଅରୁଣ।

ସରକାର ଦିବ୍ୟାଙ୍ଗ ମାନଙ୍କ ଶସକ୍ତିକରଣ ପାଇଁ ନାନା ଯୋଜନା ପ୍ରସ୍ତୁତ କରି ସୁବିଧା ସୁଯୋଗ ଯୋଗାଇ ଦେବାକୁ କର୍ମଚାରୀ ମାନଙ୍କୁ ପରାମର୍ଶ ଦେଉଥିବା ବେଳେ ଏଠି ଜଣେ ଦିବ୍ୟାଙ୍ଗ ସରକାରଙ୍କ ଯୋଜନାରୁ ବଞ୍ଚିତ ରହିଛନ୍ତି। ସାଧାରଣ ଲୋକଙ୍କ ଟିକସ ପଇସାରେ ମୋଟା ଅଙ୍କର ଦରମା ନେଉଥିବା ସରକାରୀ ବାବୁ ମାନେ ଏତେ ପରିଶ୍ରମ କରୁଛନ୍ତି ଯେ, ସାଧାରଣ ଲୋକଙ୍କ ସମସ୍ୟା ସମାଧାନ କରିବାକୁ ତାଙ୍କ ପାଖରେ ସମୟ ହେଉନି। ଯଦି ଏମିତି ଅସହାୟ ଦିବ୍ୟାଙ୍ଗ ବ୍ୟକ୍ତି ସରକାରୀ ଯୋଜନାରୁ ବଞ୍ଚିତ ହେଉଛନ୍ତି ତେବେ ମହାକାଳପଡ଼ା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଜାଣି ପାରୁନି କେମିତି? ପ୍ରଶାସନ ତରଫରୁ ତୁରନ୍ତ ଏହି ଘଟଣାରେ ଦୃଷ୍ଟି ଦେଇ ଦିବ୍ୟାଙ୍ଗଙ୍କୁ ଭତ୍ତା, ରାସନ୍ ଓ ଅନ୍ୟାନ୍ୟ ସୁବିଧା ଯୋଗାଇ ଦେବାକୁ ମହାକାଳପଡ଼ା ୟୁଥ୍ ଗ୍ରୁପ୍ ତରଫରୁ ଦାବି ହେଉଛି।

# ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ଅଗ୍ନିବିପନ୍ନଙ୍କୁ ସହାୟତା

**ରାଜନଗର, ୧୭।୧୨ (ସଂଚାର ବ୍ୟୁରୋ) :** ନଭେମ୍ବର ୨୭ ତାରିଖରେ ରାଜନଗର ବ୍ଲକ ଇଶ୍ୱରପୁର ପଞ୍ଚାୟତ ଅନ୍ତର୍ଗତ ଦିଘି ଗ୍ରାମର ଧନେଶ୍ୱର ସ୍ୱାଇଁଙ୍କ ଘରେ ଆକସ୍ମିତ ଭାବେ ନିଆଁ ଲାଗି ସମ୍ପୂର୍ଣ୍ଣ ପୋଡି ପାଉଁଶ ହୋଇଯାଇଛି। ଧନେଶ୍ୱର ସ୍ୱାଇଁ ଜଣେ ଭୂମିହୀନ ପକ୍ଷାଘାତ ରୋଗି ଏକ ଦୋକାନ କରି ନିଜର ପରିବାର ପ୍ରତିପୋଷଣ କରନ୍ତି। ଘର ପୋଡିଯିବା ପରେ ସେ ପଡୋଶୀଙ୍କ ଘରେ ଆଶ୍ରୟ ନେଇଛନ୍ତି। ଏହି ଖବର ଜାଣିବା ପରେ କେନ୍ଦ୍ରାପଡ଼ା ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ କଳିଙ୍ଗ ନବଦିଗନ୍ତ ସାମାଜିକ ସଂଗଠନର ସଭାପତି ବିଜୟ ଦାସ, ସମ୍ପାଦକ ପ୍ରକାଶ ଚନ୍ଦ୍ର ମହାନ୍ତି, କୋଷାଧ୍ୟକ୍ଷ ଦାଶରଥି ସାହୁ, ସୋମନାଥ ବାରିକ, କୁଳମଣି ଦାଶ, ଅଖିଳ ସୁତାର, ରଶ୍ମୀ ରଞ୍ଜନ ସାମଲ, ଶିଶିର ଓଝା ପ୍ରମୁଖ ଧନେଶ୍ୱରଙ୍କ ଘର ନିକଟରେ ପହଁଚି ସମବେଦନା ଜଣାଇବା ସହ ୫ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯିବା ସହ ପଲିଥିନ ପ୍ରଦାନ କରାଯାଇଛି। ଏଥିସହ ଭୂମିହୀନ ଧନେଶ୍ୱରଙ୍କ ପରିବାରକୁ ୪ ଡେସିମିଲ ଘରଡିହ, ଜୀବିକା ନିର୍ବାହ କରିବା ପାଇଁ ରେଡକ୍ରସ ପାଣ୍ଠିରୁ ୫୦ହଜାର ଟଙ୍କା ସହ ପ୍ରଧାନମନ୍ତ୍ରୀ ଆବାଶ ପ୍ରଦାନ କରିବାକୁ ସରକାରଙ୍କୁ ଦାବୀ କରାଯାଇଛି।




## ଜିଲ୍ଲାସ୍ତରୀୟ ଯୁବ ଉତ୍ସବ

# ଛାତ୍ରଛାତ୍ରୀଙ୍କ ଦ୍ୱାରା କଳା ପ୍ରଦର୍ଶନ

**କେନ୍ଦ୍ରାପଡା, ୧୭।୧୨ (ସଂଚାର ବ୍ୟୁରୋ) :** ଜିଲ୍ଲା ପ୍ରଶାସନ (ଜିଲ୍ଲା ସଂସ୍କୃତି ପରିଷଦ), ନେହେରୁ ଯୁବ କେନ୍ଦ୍ର ତଥା ଜାତୀୟ ସେବା ଯୋଜନାର ମିଳିତ ଆନୁକୁଲ୍ୟରେ ସାନ୍ଧ୍ୟ ସ୍ନାତକ ମହାବିଦ୍ୟାଳୟ ଓ ଜିଲ୍ଲା ସଂସ୍କୃତି ଭବନଠାରେ ଜିଲ୍ଲାସ୍ତରୀୟ ଯୁବ ଉତ୍ସବ କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି । ଏଥିରେ ଅଧ୍ୟକ୍ଷା ଆଦ୍ୟାରଶ୍ମି ମହାପାତ୍ର ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥିଭାବେ ଅତିରିକ୍ତ ଜିଲ୍ଲାପାଳ ନୀଲୁ ମହାପାତ୍ର ଯୋଗଦେଇ କାର୍ଯ୍ୟକ୍ରମକୁ ଶୁଭ ଉଦଘାଟନ କରିଥିଲେ ।

କାର୍ଯ୍ୟକ୍ରମରେ ସମ୍ମାନନୀୟ ଅତିଥିଭାବେ ଜିଲ୍ଲା କ୍ରୀଡା ଅଧିକାରୀ ଲୋକନାଥ ପାଣିଗ୍ରାହୀ, ନେହେରୁ ଯୁବ କେନ୍ଦ୍ରର ଜିଲ୍ଲା ଯୁବ ଅଧିକାରୀ ଗୋଲି ତିରୁପତି ରେଡ୍ଡୀ, ଡିପିଓ ଏନ ଏସ ଏସ ପଦ୍ମଜା କବି ଶତପଥୀ ପ୍ରମୁଖ ଯୋଗଦାନ କରି ଯୁବଶକ୍ତିର ପ୍ରଶଂସା କରିବା ସହ କଳା, ସାହିତ୍ୟ ଓ ସଂସ୍କୃତିକୁ ବଞ୍ଚାଇ ରଖିବାରେ ଯୁବକ ମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ବକ୍ତବ୍ୟ ରଖିଥିଲେ । ପ୍ରାୟତଃ ୧୦ଟି ମହାବିଦ୍ୟାଳୟରୁ ଅନ୍ୟୁନ ୩୦୦ ଛାତ୍ର ଛାତ୍ରୀଙ୍କୁ ନେଇ ହିନ୍ଦୀ,ଇଂରାଜୀ ଔପଚାରିକ ବକ୍ତୃତା, ଚିତ୍ରାଙ୍କନ, ଫଟୋ ୱାର୍କସପ, ଦଳଗତ ତଥା ଏକକ ଲୋକନୃତ୍ୟ, ଦଳଗତ ତଥା ଏକକ




ଲୋକସଙ୍ଗୀତ, କବିତା ଓ ଗଳ୍ପ ଲିଖନ, ଓ ବିଜ୍ଞାନ ପ୍ରଦର୍ଶନୀ ଆଦି ଆୟୋଜନ କରାଯାଇଥିଲା। ଅପରାହ୍ନ ଉଦଯାପନୀ ଉତ୍ସବରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶୋକ ବଳିଆରସିଂହ, ଜିଲ୍ଲା ସଂସ୍କୃତି ଅଧିକାରୀ ତ୍ରିଭୁବନ ଜୟସିଂହ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବିଜୟ କେତନ ସାହୁ ପ୍ରମୁଖ ଯୋଗଦାନ କରି କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ । ଏହି କାର୍ଯ୍ୟକ୍ରମରେ ପୂର୍ବତନ ଏନ ଏସ ଏସ ଡିପିଓ ତଥା ଅଧ୍ୟାପକ ଶିଶିର କାନ୍ତ ମହାପାତ୍ର ସଂଯୋଜନା କରିଥିବା ବେଳେ ଜାତୀୟ ସେବା ଯୋଜନାର ଅଧିକାରୀ ମୃତ୍ୟୁଞ୍ଜୟ ମହାନ୍ତି ଓ ନେହେରୁ ଯୁବ କେନ୍ଦ୍ରର କର୍ମୀ ଲକ୍ଷ୍ମୀକାନ୍ତ ଜେନା ଧନ୍ୟବାଦ ଅର୍ପଣ କରିଥିଲେ । ମହାବିଦ୍ୟାଳୟର କର୍ମକର୍ତ୍ତା ଅଧ୍ୟାପକ, ଅଧ୍ୟାପିକା, ଜିଲ୍ଲା କର୍ଯ୍ୟାଳୟର କର୍ମଚାରୀବୃନ୍ଦ ଓ ସ୍ୱେଚ୍ଛାସେବୀ ପ୍ରଭାତ ବେହେରା, ଅଭିଷେକ ସାହୁ, ଶୁଭଶ୍ରୀ କର୍‌ଅ, ସିପ୍ରା ବିଶ୍ୱାଳ, ପୂଜାରାଣୀ, ସିତୁ ନନ୍ଦୀ ପ୍ରମୁଖ ସହଯୋଗ କରିଥିଲେ ।



# ଖୋଲିଲା ଟ୍ରିଷ୍ଟି ବେକରୀ

**କେନ୍ଦ୍ରାପଡା, ୧୭।୧୨ (ସଂଚାର ବ୍ୟୁରୋ) :** ଆଜି କେନ୍ଦ୍ରାପଡା ପୌରାଞ୍ଚଳ ଅନ୍ତର୍ଗତ କେଶପୁର ବଜାର ଟିଭିଏସ୍ ସୋରୁମ୍ କଡରେ କେନ୍ଦ୍ରାପଡାର ସେକ୍ ଦିଲସାନଙ୍କର ସବୁଠୁ ବଡ ଟ୍ରିଷ୍ଟି ବେକରୀ କେକ୍ ସପ୍ ଗ୍ରାଣ୍ଡ୍ ଓପନିଙ୍ଗ୍ ପୌରପାଳିକା ସରୀତା ସାହୁ ନାଲି ଫିତାକାଟି ଶୁଭ ଉଦ୍ଘାଟନ କରିଥିବା ଦେଖିବାକୁ ମିଳିଥିଲା । କେନ୍ଦ୍ରାପଡା ସହରରେ ଏହା ଏକ ପ୍ରଥମ୍ ବିଶେଷ୍ଟ କେକ୍ ସପ୍ ଭାବେ ଗ୍ରାହାକ ମାନଙ୍କୁ ଅତ୍ୟାଧୁନିକ ଏବଂ ଉନ୍ନତ ମାନର କେକ୍, ବିସ୍କୁଟ୍, ସାଣ୍ଡୁସ୍, ବ୍ରେଡ୍, ପିଜା, ପାସ୍ତା, ବର୍ଗର, ନୁଡୁଲସ୍, ଚିକେନ୍ ମନଚୁରିଆନ୍, ଚିକେନ୍ ଚିଲ୍ଲି, ଚିଲ୍ଲି ପଟ୍ଟାଟୋ, ପନିଆର୍ ଚିଲ୍ଲି ଓ ମଶ୍ରୁମ୍ ଚିଲ୍ଲି ଭଳି ବିଭିନ୍ନ ସୁସ୍ୱାଦୁ ଭିଜେଟେବ୍ଲ୍ ଏବଂ ନନ ଭିଜେଟେବ୍ଲ୍ ଖାଦ୍ୟ ପଦାର୍ଥ ମାନ ସୁଲଭ ମୂଲ୍ୟରେ ମିଳୁଥିବା ଦୋକାନର ମାଲିକ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ।

# ଧାନ କ୍ରୟ ପାଇଁ ଜିଲ୍ଲାରେ ବୁଲିବ ସଚେତନତା ରଥ

**କେନ୍ଦ୍ରାପଡା, ୧୭।୧୨ (ସଂଚାର ବ୍ୟୁରୋ) :** ଆସନ୍ତା ଜାନୁଆରୀ ମାସ ୧୦ ତାରିଖ ଠାରୁ ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ କେନ୍ଦ୍ରାପଡା ଜିଲ୍ଲାରେ ଧାନ କିଣା ଆରମ୍ଭ ହେବ । ଖରିଫ ୨୦୨୪-୨୫

## ଉଦ୍‌ଘାଟନ କଲେ ଜିଲ୍ଲାପାଳ

ବର୍ଷ ନିମନ୍ତେ ୧୧୮ ଗୋଟି ପ୍ରାଥମିକ କୃଷି ସମବାୟ ସମିତି ମାଧ୍ୟମରେ ମଣ୍ଡି ଖୋଲାଯାଇ ଧାନ କ୍ରୟ କରାଯିବ ବୋଲି ଜିଲ୍ଲା ପ୍ରଶାସନ ଚଳିତ ବର୍ଷ ନିଷ୍ପତି ନେଇଛି । ଏନେଇ ନିୟନ୍ତ୍ରିତ ବଜାର କମିଟି ପରିସରରେ ୨ଟି ସଚେତନତା ରଥ ଜିଲ୍ଲାପାଳ ସ୍ମୃତି ରଂଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଉଦ୍‌ଘାଟିତ ହୋଇଯାଇଛି । ଚାଷୀ ମାନଙ୍କୁ ସଚେତନ କରି ଏଫଏକ୍ୟୁ ଧାନ ଚାଷିମାନେ ବିକ୍ରୟ କରିବେ ଓ ସରକାରଙ୍କ ପ୍ରଦତ ଏହି ମାନର ଧାନ



ମୂଲ୍ୟ କ୍ୱିଣ୍ଟାଲ ମୂଲ୍ୟ ୨୩୦୦ ଟଙ୍କା ଓ ଇନପୁଟ ସହାୟତା କ୍ୱିଣ୍ଟାଲ ପ୍ରତି ୮୦୦ ଟଙ୍କା ମୋଟ୍ ୩୧୦୦ ଟଙ୍କା ପାଇବେ ସେନେଇ ସଚେତନ କରିବ । ଧାନ ଗୁଡିକ ବ୍ୟବସାୟ ଓ ବ୍ୟବହାର ଉପଯୋଗୀ ତଥା ଶୁଖିଲା, ପରିଷ୍କାର, ସମରଙ୍ଗା, ସମ ଆକାର ଓ ଦୁର୍ଗନ୍ଧ ମୁକ୍ତ ହୋଇଥିବା ଆବଶ୍ୟକ । ଚାଷିମାନେ ଯଥେଷ୍ଟ ଆଗରୁ ନିଜ ନିଜ ପ୍ୟାକ୍ସରୁ ଟୋକନ ସଂଗ୍ରହ କରି ସକାଳ ୮ଟା ରୁ ଦିନ ୨ଟା ପର୍ଯ୍ୟନ୍ତ ଧାନ ବିକ୍ରୟ କରିପାରିବେ । ଆଜିର କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର, ସମବାୟ ସମିତି ସମୂହର ଉପ ନିବନ୍ଧକ ସନ୍ତୋଷ କୁମାରଦାସ, ଯୋଗାଣ ଅଧିକାରୀ ଶ୍ରୀନିବାସ ସାହୁ, ସଂପାଦକ ସଚ୍ଚିଦାନନ୍ଦ ଜେନା, ଅମର କୁମାର ନାୟକ, ବିକାଶ ମଲିକ, ପ୍ରକାଶ ସାହୁ ଉପସ୍ଥିତ ଥିଲେ ।

# ଅର୍ବାନ ବ୍ୟାଙ୍କ ପକ୍ଷରୁ ଅଗ୍ନି ବିପନ୍ନଙ୍କୁ ସହାୟତା

**ଡେରାବିଶ, ୧୭।୧୨ (ସଂଚାର ବ୍ୟୁରୋ) :** କେନ୍ଦ୍ରାପଡା ଅର୍ବାନ କୋ ଅପରେଟିଭ ବ୍ୟାଙ୍କ ପକ୍ଷରୁ ଡେରାବିଶ ବ୍ଲକ ନହଙ୍ଗ ପଂଚାୟତ ର ବଡ ସରାଦେଇପୁର ଗ୍ରାମର ଅଗ୍ନି ବିପନ୍ନ ପରିବାରକୁ ସହାୟତା ପ୍ରଦାନ କରାଯାଇଛି । ସେହି ଗ୍ରାମର କୁଳମଣି ମଲିକଙ୍କ ବାସଗୃହ ଆକସ୍ମିକ ଅଗ୍ନିକାଣ୍ଡରେ ସଂପୂର୍ଣ୍ଣ ପୋଡି ପାଉଁଶ ହୋଇ ଯାଇଥିବା ବେଳେ ତାଙ୍କ ରୋଜଗାର ର ଏକ ମାତ୍ର ମାଧ୍ୟମ ସିଲେଇ ମେସିନ ମଧ୍ୟ ପୋଡି ଯାଇଛି । ସ୍ଥାନୀୟ ଅଂଚଳରେ କୂଳମଣି ଦରଜି କାମ କରି ପରିବାର ଚଳାଉ ଥିଲେ । ବ୍ୟାଙ୍କର ସଭାପତି ଗୁରୁ ପ୍ରସାଦ ମହାନ୍ତି କୌଣସି ସୂତ୍ରରୁ ଖବର ପାଇ ସମବେଦନା ଜଣାଇବା ସହ ସେହି ପରିବାରକୁ ସହାୟତା କରିବା ପାଇଁ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଶ୍ରୀମତୀ ଭାଗ୍ୟଲକ୍ଷ୍ମୀ ପଣ୍ଡାଙ୍କ ମାଧ୍ୟମରେ ଏକ ନୂଆ ସିଲାଇ ମେସିନ ପ୍ରଦାନ କରିଛନ୍ତି । ଏହି ପ୍ରଦାନ ସମୟରେ ବ୍ୟାଙ୍କ ଅଧିକାରୀ ରାଜୀବ ଲୋଚନ ପଣ୍ଡା, ସୁରେଶ ଚନ୍ଦ୍ର ପରିଡା, ଭଞ୍ଜ କିଶୋର ଜେନା ପ୍ରମୁଖ ଉପସ୍ଥିତ ଥିଲେ ।



# ରାଜ୍ୟସ୍ତରୀୟ ଭାରୋତ୍ତୋଳନ ପ୍ରତିଯୋଗୀତାରେ କେନ୍ଦ୍ରାପଡ଼ା ଛାତ୍ରୀମାନଙ୍କ କୃତିତ୍ୱ



**କେନ୍ଦ୍ରାପଡ଼ା, ୧୭।୧୨ (ସଂଚାର ବ୍ୟୁରୋ) :** ଏହି ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ ଠାରେ ଚଳିତ ମାସ ୧୪ ଓ ୧୫ ତାରିଖ ଦୁଇ ଦିନ ଧରି ପ୍ରଥମ ଓଡ଼ିଶା ଆନ୍ତଃ ତୃଣମୂଳ ସ୍ତରୀୟ ( ୧୪ ବର୍ଷରୁ କମ୍) ରାଜ୍ୟ ସ୍ତରୀୟ ଭାରୋତ୍ତୋଳନ ପ୍ରତିଯୋଗୀତା ଓଡ଼ିଶା ଭାରୋତ୍ତଳନ ସଂଘ ଏବଂ ରାଜ୍ୟ ସରକାର କ୍ରୀଡା ଓ ଯୁବସେବା ବିଭାଗ ତରଫରୁ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଅଛି। ଏହି ରାଜ୍ୟସ୍ତରୀୟ ପ୍ରତିଯୋଗୀତାରେ ଅଂଶ ଗ୍ରହଣ କରିବା ପାଇଁ କେନ୍ଦ୍ରାପଡ଼ା ବହୁମୁଖୀ ଭବନ (ଏମ୍.ପି.ଆଇ.ଏସ୍.) ତରଫରୁ ଭାରୋତ୍ତୋଳନ ପ୍ରଶିକ୍ଷିକ ସୂର୍ଯ୍ୟପ୍ରଭା ମହାନ୍ତିଙ୍କ ତତ୍ତ୍ୱାବଧାନରେ ୨ଜଣ ଛାତ୍ର ଓ ୩ ଜଣ ଛାତ୍ରୀ ଅଂଶ ଗ୍ରହଣ କରିଥିଲେ । ସେମାନଙ୍କ ମଧ୍ୟରୁ ୧୪ ବର୍ଷରୁ କମ୍ ବାଳିକା (୪୯ କେ.ଜି.) ବର୍ଗରେ କୁମାରୀ ଇସାସିହ୍ନା - ୩ୟ ସ୍ଥାନ ଏବଂ ୧୪ ବର୍ଷରୁ କମ୍ ବାଳିକା ୫୫ କେଜି. ବର୍ଗରେ ମଧୁଶ୍ରୀ ସାହୁ ମଧ୍ଯ ଥିବା ୩ୟ ସ୍ଥାନ ଅଧିକାରକାରୀ କାଂସ୍ୟ ପଦକ ପାଇଥିଲେ । କ୍ରୀଡ଼ା ବିଭାଗର ପ୍ରମୁଖ ସଚିବ ଭାସ୍କର ଜ୍ୟୋତି ଶର୍ମା କୃତି ପ୍ରତିଯୋଗୀମାନଙ୍କୁ ମାନପତ୍ର ଓ ପଦକ ପ୍ରଦାନ କରିଥିଲେ । ଅର୍ପିତା ମହାରଣା, ଆୟନ ଜେନା ଏବଂ କୀର୍ତି କୁମାର ସାହୁ ପ୍ରଭୃତି ଅଂଶ ଗ୍ରହଣ କରିଥିଲେ । ଛାତ୍ରୀମାନଙ୍କର ଏହି କୃତିତ୍ୱ ପାଇଁ କେନ୍ଦ୍ରାପଡ଼ା ଜିଲ୍ଲାର ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନିଲୁ ମହାପାତ୍ର ଏବଂ ଜିଲ୍ଲା କ୍ରୀଡ଼ା ଅଧିକାରୀ ଲୋକନାଥ ପାଣିଗ୍ରାହୀ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି ।

# ବନବିଭାଗର ଢିଲାପଣ ପାଇଁ ବିପଦରେ ପଡ଼ିବେ ଅଲିଭରିଡଲେ କଇଁଛ !

**ରାଜନଗର/ମହାକାଳପଡ଼ା, ୧୭।୧୨ (ସଂଚାର ବ୍ୟୁରୋ) :**ବେଆଇନ୍ ଭି.ଏଚ.ଏଫ କୁ ନେଇ ଏବେ ସନ୍ଦେହ ଘେରକୁ ଆସିଛି ବନବିଭାଗ। ବନକର୍ମଚାରୀଙ୍କ ଘରେ ବେଆଇନ ଭି.ଏଚ. ଏଫ ଲଗାଇ ସିଧାସଳଖ ଖବର ପାଉଛନ୍ତି ନିଷିଦ୍ଧାଞ୍ଚଳରେ ମାଛ ମାରୁଥିବା ଘରୋଇ ବୋଟ୍ ଡ୍ରାଇଭର ଓ ବୋଟ୍ ମାଲିକ। ବୋଟ୍ ମାଲିକ ଓ ବନକର୍ମଚାରୀଙ୍କ ସଲାସୁତୁରାରେ ଏ କୁଚକ୍ରି ମଣିଷର ସିନା ପକେଟ ପୁରୁଛି ହେଲେ ପରିବେଶର ସନ୍ତୁଳନ ରକ୍ଷା କରୁଥିବା ଅଲିଭ ରିଡ଼ଲେ କଇଁଛଙ୍କ ବଂଶ ବିସ୍ତାର ରେ ବ୍ୟାପକ ବାଧା ସୃଷ୍ଟି ହେଉଛି।

ଅଲିଭରିଡ଼ଲେ କଇଁଛ ଅଣ୍ଡା ଦେବା ପାଇଁ ହଜାର ହଜାର ଦୂରତା ଅତିକ୍ରମ କରି ଶ୍ରୀଲଙ୍କାର ଜାଫନା ଉପକୂଳରୁ ଗହୀରମଥାକୁ ଆସୁଛନ୍ତି। କଇଁଛ ପ୍ରଜନନ ପାଇଁ ସରକାରଙ୍କ ତରଫରୁ ନଭେମ୍ବର ୧ ତାରିଖ ଠାରୁ ମେ ୩୧ ତାରିଖ ଦୀର୍ଘ ୭ ମାସ ଧରି ଗହୀରମଥା ଅଭୟାରଣ୍ୟ ସମେତ ଧାମରା ମୁହାଣରୁ ଦେବୀ ମୁହାଣ ଯାଏଁ କୂଳ ଠାରୁ ୨୦ କି.ମି ପର୍ଯ୍ୟନ୍ତ ନିଷିଦ୍ଧାଞ୍ଚଳ ଘୋଷଣା କରାଯାଇଛି। ହେଲେ କର୍ମଚାରୀଙ୍କ ବୋଟ୍ ମାଲିକ ଓ ଡ୍ରାଇଭରଙ୍କ ସହ କଳା ସମ୍ପର୍କ ପାଇଁ ପେଟ୍ରୋଲିଂ ପୂର୍ବରୁ ଭି.ଏଚ.ଏଫ ମାଧ୍ୟମରେ ଖବର ପହଞ୍ଚାଇ ଦିଆଯାଉଛି। ଯାହାଫଳରେ ସେମାନେ ନିଷିଦ୍ଧାଞ୍ଚଳରେ ପଶି ମାଛ ମାରୁଛନ୍ତି। ଦୂରଦୂରାନ୍ତରୁ ଆସୁଥିବା ଅତିଥି କଇଁଛ ଏହି



**ଆଶଙ୍କା ସୃଷ୍ଟି କରିଛି ବେଆଇନ୍ ଭି.ଏଚ.ଏଫ**

**ସୁରକ୍ଷା ପାଇଁ ୪ ଦଫା ଦାବି ଜଣାଇଲା ଉତ୍କଳମଣି ଯୁବକ ସଂଘ**

ବେଆଇନ ବୋଟ ଓ ଜାଲରେ ମାଡ଼ ହୋଇ ମୃତ୍ୟୁ ବରଣ କରନ୍ତି ଓ ସେମାନଙ୍କ ଅଣ୍ଡା ଦେବା ପ୍ରକ୍ରିୟାରେ ବାଧା ସୃଷ୍ଟି ହୁଏ। ସେହିପରି ନିକଟରେ ବଙ୍ଗଭାଷାଭାଷୀ ଲୋକ ରହୁଥିବାରୁ ବାଂଲା ଅନୁପ୍ରବେଶକାରୀଙ୍କ ପ୍ରବେଶ ଉପରେ ମଧ୍ୟ ଆଶଙ୍କା ସୃଷ୍ଟି ହୋଇଛି।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଗୋଟିଏ ଭି.ଏଚ.ଏଫ ୭୦ରୁ ୮୦ ନାଟିକେଲ ମାଇଲ ପର୍ଯ୍ୟନ୍ତ ଆବୃତ୍ତି ଛାଡ଼ି ପାରିବ। ଯାହା କେବଳ ସରକାରଙ୍କ ବ୍ୟବସ୍ଥା ମଧ୍ୟରେ ରହିଥାଏ। ଏ ସମସ୍ତ ଘଟଣା ସମ୍ପର୍କରେ ସମ୍ପୁର୍ଣ୍ଣ ଅବଗତ ହୋଇ ମଧ୍ୟ ବନବିଭାଗ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବା ଏବେ ସବୁଠାରୁ ବଡ଼ ପ୍ରଶ୍ନ ସୃଷ୍ଟି କରିଛି। ଏ ସମ୍ପର୍କରେ ୪ ଦଫା ସମ୍ବଳିତ ପ୍ରସ୍ତାବ ଉଚ୍ଚ ସ୍ତରୀୟ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ପାଇଁ ଚିଠି ମାଧ୍ୟମରେ ଜଣାଇଛନ୍ତି କେନ୍ଦ୍ରାପଡ଼ା ଜିଲ୍ଲାର ଅଗ୍ରଣୀ ସାମାଜିକ ସଙ୍ଗଠନ ଉତ୍କଳମଣି ଯୁବକ ସଂଘ। ସଙ୍ଘର ସଭାପତି ଗୌତମ ବେହେରା ଖବରକାଗଜରେ ପ୍ରକାଶିତ ଖବର ଆଧାରରେ ଓଡ଼ିଶାର ମୁଖ୍ୟ ଶାସନସଚିବ, ମୁଖ୍ୟମନ୍ତ୍ରୀ, ଜଙ୍ଗଲ ବିଭାଗର ସଚିବ, କେନ୍ଦ୍ରାପଡ଼ା ଜିଲ୍ଲାପାଳ,ଭାରତର ମହାମହିମ ରାଷ୍ଟ୍ରପତିଙ୍କୁ ଘଟଣାରେ ଦୃଷ୍ଟି ଦେଇ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ଦାବି କରିଛନ୍ତି।

ନିଷିଦ୍ଧାଞ୍ଚଳରେ ପଶି ମାଛ ମାରିବାକୁ ଯାଉଥିବା ବ୍ୟକ୍ତି ଯେ କେବଳ ନିୟମ ଉଲଙ୍ଘନ କରୁଛନ୍ତି ତାହା ନୁହେଁ ବରଂ ଇଞ୍ଜିନ ବୋଟ୍ ର ଉତ୍କଟ ଶବ୍ଦ ଓ ଭି.ଏଚ.ଏଫ ର ଆବୃତ୍ତି ଯୋଗୁଁ ଅଣ୍ଡା ଦେବା ପାଇଁ ଆସୁଥିବା କଇଁଛମାନଙ୍କ ଅଣ୍ଡାଦେବା କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି ଓ ଅନେକ ମୃତ୍ୟୁ ବରଣ କରୁଛନ୍ତି। ଆବଶ୍ୟକ ପରିମାଣରେ ସୁରକ୍ଷାକର୍ମୀ ସହିତ ପେଟ୍ରୋଲିଂର ଅଭାବ ହେତୁ କର୍ମଚାରୀ ଓ ଅସାଧୁ ମାଛ ଧରାଳି ମାନଙ୍କ ଉପଦ୍ରବ କମ୍ ହୋଇପାରିବ। ସେହିପରି ନିଷିଦ୍ଧାଞ୍ଚଳରେ ପଶି ମାଛ ମାରୁଥିବା ବ୍ୟକ୍ତି ମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଓ ବେଆଇନ ଭି.ଏଚ.ଏଫ ଲଗାଇଥିବା କର୍ମଚାରୀ ମାନଙ୍କ ପାଇଁ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଶ୍ରୀ ବେହେରା ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି।

# ଜିଲ୍ଲାରେ ବୁଲିବ ପାଣି ପଞ୍ଚାୟତ ସଚେତନତା ରଥ



**କେନ୍ଦ୍ରାପଡା, ୧୭।୧୨ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା ସ୍ତରୀୟ ପାଣି ପଂଚାୟତ ସଚେତନତା ରଥ ଜିଲ୍ଲାର ୯ଟି ବ୍ଲକ ପରିକ୍ରମା କରିବ । ଏନେଇ ଆଜି ଏକ ପ୍ରସ୍ତୁତି ବୈଠକ ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର, ଜଳ ସମ୍ପଦ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ଉମେଶ ଚନ୍ଦ୍ର ସେଠୀ, ଡ୍ରେନେଜ୍ ଡିଭିଜନର ଅଧିକ୍ଷଣ ଯନ୍ତ୍ରୀ ଇଂ ସିଦ୍ଧାର୍ଥ ଶେଖର, ଉଦ୍ୟାନ କୃଷି ବିଭାଗର ଦେବଦାସ ଦତଙ୍କ ସମେତ କୃଷି ବିଭାଗ, ଉଦ୍ୟାନ କୃଷି ବିଭାଗ, ଉଠା ଜଳ ସେଚନ ବିଭାଗ ପ୍ରଭୃତିର ବିଭାଗୀୟ ଅଧିକାରୀ ମାନେ ପ୍ରସ୍ତୁତି ବୈଠକରେ ଉପସ୍ଥିତ ଥିଲେ । ଚାଷୀ ମାନଙ୍କ ପାଇଁ ଏହି ସଚେତନତା ରଥ ପାଣି ପଂଚାୟତ ର ଆବଶ୍ୟକତା, ଉପାଦେୟତା ତଥା ଜଳର ସୁଷମ ବଣ୍ଟନ ଏବଂ ତଳମୁଣ୍ଡରେ ଥିବା ଜମିକୁ କିଭଳି ଚାଷ ପାଇଁ ଜଳ ଯାଇ ପାରିବ ସେ ଦିଗରେ ପାଣି ପଂଚାୟତର ସଦସ୍ୟମାନେ ଗୁରୁତ୍ୱ ଦେଇ କାର୍ଯ୍ୟ କରିବେ ସେ ବିଷୟରେ ଆଲୋଚନା କରାଯାଇ ଥିଲା । ଏହି ୨ଟି ରଥ ୭ଦିନ କାଳ ଜିଲ୍ଲାର ୯ଟି ବ୍ଲକ ବୁଲି ଚାଷୀ ମାନଙ୍କୁ ସଚେତନ କରିବ ବୋଲି ଜଣା ପଡିଛି ।

# ଆଜିଠୁ ରାଜ୍ୟସ୍ତରୀୟ ସର୍ଗିଫୁଲ ଉତ୍ସବ

**ଭୁବନେଶ୍ୱର, ୧୭।୧୨(ସଂଚାର ବ୍ୟୁରୋ):** ଆରମ୍ଭହେବାକୁଯାଉଛି ରାଜ୍ୟସ୍ତରୀୟ ସର୍ଗିଫୁଲ ଉତ୍ସବ ୨୦୨୪ । ଭୁବନେଶ୍ୱର ୟୁନିଟ୍-୯ ସ୍ଥିତ ଆଦିବାସୀ ପଡ଼ିଆଠାରେ ଡିସେମ୍ବର ୧୮ ରୁ ୨୦ ତାରିଖ ଯାଏଁ ତିନିଦିନବ୍ୟାପୀ ଏହି ଉତ୍ସବର ଆୟୋଜନ କରାଯାଉଛି । ଚଳିତ ବର୍ଷ ୩୦ ଟି ଜିଲ୍ଲାରୁ ୩୫୧ ଜଣ ଛାତ୍ର, ୭୩୧ ଜଣ ଛାତ୍ରୀ ଯୋଗଦେବାକୁ ଥିବା ବେଳେ ୧୩୯ ଜଣ କ୍ରୀଡ଼ା ଶିକ୍ଷକ ଏବଂ ମାର୍ଗଦର୍ଶୀ ଶିକ୍ଷକ ଭାଗ ନେବାର କାର୍ଯ୍ୟକ୍ରମ ରହିଛି । ଏଥିସହିତ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ ବିଭାଗ ଅନ୍ତର୍ଗତ ୧୦୦ ଜଣ ଛାତ୍ରଛାତ୍ରୀଙ୍କୁ ଦଶମ ବୋର୍ଡ ପରୀକ୍ଷାରେ ସର୍ବଶ୍ରେଷ୍ଠ ପ୍ରଦର୍ଶନ ନିମନ୍ତେ ସମ୍ମାନିତ କରାଯିବାକୁ ଥିବା ବେଳେ ବୋର୍ଡ ପରୀକ୍ଷାରେ ଶ୍ରେଷ୍ଠ ପ୍ରଦର୍ଶନ ଦେଖାଇଥିବା ୫୦ ଟି ଉଚ୍ଚ ବିଦ୍ୟାଳୟକୁ ସମ୍ମାନିତ କରାଯିବ । ଛାତ୍ରଛାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ପତ୍ରିକା 'ସର୍ଗିଫୁଲ- ୨୦୨୪' ଲୋକାର୍ପିତ କରାଯିବାର କାର୍ଯ୍ୟକ୍ରମ ରହିଛି । ଉଦଘାଟନୀ ସମାରୋହରେ ମାନ୍ୟବର ମନ୍ତ୍ରୀ, ପଞ୍ଚାୟତିରାଜ ଏବଂ ପାନୀୟ ଜଳ, ଗ୍ରାମ୍ୟ ଉନ୍ନୟନ ରବି ନାରାୟଣ ନାଏକ ଯୋଗଦେବାକୁ ଥିବା ବେଳେ ଉଦଯାପନୀ ସମାରୋହରେ ମାନ୍ୟବର ମନ୍ତ୍ରୀ, ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ ଶ୍ରୀଯୁକ୍ତ ନିତ୍ୟାନନ୍ଦ ଗଣ୍ଡ ଏବଂ ମାନ୍ୟବର ମନ୍ତ୍ରୀ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ଏବଂ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ଶ୍ରୀଯୁକ୍ତ ଗଣେଶ ରାମ ସିଂ ଖୁଣ୍ଟିଆ ଯୋଗ ଦେବାକୁ କାର୍ଯ୍ୟକ୍ରମ ରହିଛି । ଚଳିତ ବର୍ଷ ରାଜ୍ୟସ୍ତରୀୟ ସର୍ଗିଫୁଲରେ କନିଷ୍ଠ ଓ ବରିଷ୍ଠ ବର୍ଗରେ ପୃଥକ ଭାବେ ପ୍ରାୟ ୨୪ ପ୍ରକାର ପ୍ରତିଯୋଗିତାର ଆୟୋଜନ କରାଯିବ। ସାଧାରଣଜ୍ଞାନ, ସଙ୍ଗୀତ, ନୃତ୍ୟ, ବାଦ୍ୟଯନ୍ତ୍ର ବାଦନ, ବିଜ୍ଞାନ ପ୍ରଦର୍ଶନୀ, ଶିଶୁ ସାମ୍ବାଦିକ, ବକ୍ତୃତା, ଅଭିନୟ, ସୃଜନଶୀଳ ଲେଖନ, ଚିତ୍ରାଙ୍କନ, ନାଟ୍ୟଶାଳା ଆଦି ବିଭିନ୍ନ ପ୍ରତିଯୋଗିତା ଏବଂ କର୍ମଶାଳାର ଆୟୋଜନ କରାଯିବ । ଏଥିସହ ପ୍ରତିଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯିବ ।

# ପୋଲାଭରମ କାର୍ଯ୍ୟକୁ ଗତି ଦେଉଛି ଆନ୍ଧ୍ର




**ଭୁବନେଶ୍ୱର, ୧୭।୧୨(ସଂଚାର ବ୍ୟୁରୋ):** ପୋଲାଭରମ ପ୍ରକଳ୍ପକୁ ନେଇ ଆନ୍ଧ୍ର ସରକାରଙ୍କ ତତ୍ପରତା ଏବେ ଓଡ଼ିଶାର ମୁଣ୍ଡବିନ୍ଧାର କାରଣ ପାଲଟିଛି । ଦୀର୍ଘଦିନ ଧରି ଥମିଯାଇଥିବା କାମ ଏବେ ପୁଣିଥରେ ଟ୍ରାକକୁ ଫେରିଛି । ଆନ୍ଧ୍ରର ପ୍ରକଳ୍ପ ପାଇଁ ମାଲକାନଗିରିର ଅନେକ ଗାଁ ବୁଡିବାକୁ ଯାଉଥିବା ବେଳେ ଓଡ଼ିଶାରେ ବିଜେଡି-ବିଜେପି କାଦୁଅ ଫିଙ୍ଗା ରାଜନୀତିରେ ମାତିଛନ୍ତି । ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁଙ୍କ ଏହି ପୋଷ୍ଟ ଧୀମା ପଡିଥିବା ପୋଲାଭରମ ପ୍ରକଳ୍ପକୁ ବଳ ଦେଇଛି । ପୋଲାଭରମ ବ୍ୟାକ ଅନ ଟ୍ରାକ ଲେଖି ଚନ୍ଦ୍ରବାବୁ ସଂକେତ ଦେଇଛନ୍ତି, ଏ ପ୍ରକଳ୍ପ ଏବେ ଜୋରସୋରରେ ଚାଲିବ। କେନ୍ଦ୍ର ସହାୟତାରେ ୨୦୨୬ ଅକ୍ଟୋବର ସୁଦ୍ଧା ପୋଲାଭରମ ପ୍ରକଳ୍ପ ସମ୍ପୂର୍ଣ୍ଣ କରିବାକୁ ଡେଡଲାଇନ ରଖିଛନ୍ତି ନାଇଡୁ । ଯାହାଦ୍ୱାରା ଆନ୍ଧ୍ରର ଲକ୍ଷ ଲକ୍ଷ ଚାଷୀ ଉପକୃତ ହେବେ । କାରଣ ଆନ୍ଧ୍ରର ଲାଇଫଲାଇନ କୁହାଯାଉଥିବା ଏହି ପ୍ରକଳ୍ପ ଆନ୍ଧ୍ର ପାଇଁ ଆଶୀର୍ବାଦ ସାଜିବାକୁ ଯାଉଥିବା ବେଳେ ଓଡ଼ିଶା ପାଇଁ ଅଭିଶାପ ପାଲଟିବ । କାରଣ ଏହି ପ୍ରକଳ୍ପ ପୂର୍ଣ୍ଣାଙ୍ଗ ରୂପ ନେଲେ ଜଳସମାଧି ନେବ ମାଲକାନଗିରିର ଅନେକ ଗାଁ । ପୋଲାଭରମ ପ୍ରକଳ୍ପକୁ ନେଇ ନାଇଡୁ ସରକାର ଅନଟ୍ରାକରେ ଚାଲିଥିବା ବେଳେ ଓଡ଼ିଶା ଅଫ ଟ୍ରାକରେ ଚାଲିଛି କହି କଟାକ୍ଷ କରିଛନ୍ତି ସୁଦର୍ଶନ ଦାସ । ପୋଲାଭରମ ପ୍ରକଳ୍ପକୁ ନେଇ ଆନ୍ଧ୍ରର ତତ୍ପରତା ଭିତରେ ଓଡ଼ିଶାରେ ତେଜିଛି ରାଜନୀତି । ବିଜେଡିର ଏକ ଟିମ୍ ଦିଲ୍ଲୀ ଯାଇ ସିଡବ୍ଲୁସି ଓ କେନ୍ଦ୍ର ଜଳଶକ୍ତି ମନ୍ତ୍ରୀଙ୍କ ନିକଟରେ ପ୍ରକଳ୍ପକୁ ନେଇ ଓଡ଼ିଶାର ଦାବି ଦୋହରାଇଛନ୍ତି । ଜାନୁଆରୀରୁ ଏହି ପ୍ରସଙ୍ଗକୁ ନେଇ ବିଜେଡି ମୁଖିଆ ନବୀନ ପଟ୍ଟନାୟକ ଆନ୍ଦୋଳନ ଡାକରା ଦେଇଛନ୍ତି । ପୋଲାଭରମ ପ୍ରକଳ୍ପର ଅଗ୍ରଗତି ପାଇଁ ବିଜେପିକୁ ଦାୟୀ କରିଛି ବିଜେଡି । ଅନ୍ୟପଟେ ଆଇନଗତ ଲଢେଇର ଦ୍ୱାହି ଦେଇ ନିଜ ଉପରୁ ଦୋଷ ଝାଡିଛନ୍ତି ଓଡ଼ିଶା ସରକାର । କେନ୍ଦ୍ରର ଏନଡିଏ ସରକାରରେ ଚନ୍ଦ୍ରବାବୁ ନାଇଡୁ ସହଯୋଗୀ ଥିଲେ ମଧ୍ୟ ପ୍ରକଳ୍ପ କାମ ବନ୍ଦ କରିବାକୁ କେନ୍ଦ୍ରକୁ କହିବାକୁ ରାଜ୍ୟ ବିଜେପିକୁ ଜୁଟାଇ ପାରିନି । ବିଜେଡିର ଆନ୍ଦୋଳନ ଡାକରା ଓ ବିଜେପିର ଆଇନଗତ ଲଢେଇ ବାହାନା ଭିତରେ ପ୍ରକଳ୍ପ ସାରିବାକୁ ସବୁ ପ୍ରସ୍ତୁତି ଶେଷ କରିଛି ଆନ୍ଧ୍ର । ଦେଖିବାକୁ ବାକି ରହିଲା ନ୍ୟାୟିକ ଲଢେଇ ଭିତରେ ବଳି ପଡିଯିବନି ତ ଓଡ଼ିଶାର ସ୍ୱାର୍ଥ ।

## ଟ୍ୱିନ୍ ସିଟି କ୍ରାଇମ୍

### ଚୋରି ମୋବାଇଲ ଫେରାଇଲେ ପିନାକ





**ଭୁବନେଶ୍ୱର, ୧୭।୧୨(ସଂଚାର ବ୍ୟୁରୋ):** ଆଜି ଭୁବନେଶ୍ୱର ଡିସିପି ଶ୍ରୀ ପିନାକ ମିଶ୍ର (ଆଇପିଏସ), ନିଜ କାର୍ଯ୍ୟାଳୟଠାରେ ୨୫ ଗୋଟି ଦାମୀ ମୋବାଇଲ ଫୋନ ଗୁଡିକୁ ସେମାନଙ୍କର ପ୍ରକୃତ ମାଲିକ ମାନଙ୍କୁ ହସ୍ତାନ୍ତର କରିଥିଲେ। ଏହି ଚୋରୀ/ଲୁଟ କିମ୍ବା ହଜିଯାଇଥିବା ମୋବାଇଲଫୋନ ଗୁଡିକୁ ପାହାଳ ଥାନା ଦ୍ୱାରା ଉଦ୍ଧାର କରାଯାଇଥିଲା। ଗତ ତା ୩୦.୧୧.୨୦୨୪ ରିଖରେ ଜେକି ନଖରା ଅଞ୍ଚଳରେ ମକେପ ଆର୍ଟିଷ୍ଟ ଭାବେ କାମ କରୁଥିବା ଅଭିଯୋଗକାରୀ ରାକେଶ କୁମାର ଖୁଣ୍ଟିଆଙ୍କ ଆଇଫୋନ ୧୫ ପ୍ରୋ ମୋବାଇଲ ଫୋନ ଚୋରୀ ହୋଇଯାଇଥିଲା। ଏନେଇ ସେ ପାହାଳ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ପାହାଳ ଥାନା ପୁଲିସ ମାମଲା ଆଧାରରେ ତଦନ୍ତ କରି ଅଭିଯୁକ୍ତ ମନୋଜ କୁମାର ନାୟକଙ୍କୁ ଗିରଫ କରିବାରେ ସକ୍ଷମ ହୋଇଥିବା ବେଳେ ଚୋରୀ ହୋଇଥିବା ମୋବାଇଲକୁ ଜବତ କରିଥିଲେ। ସେହିପରି ଗତ ତା ୦୬.୧୧.୨୦୨୪ ରିଖ ରେ ଭୀମପୁର ଅଞ୍ଚଳରେ ଥିବା ଏକ ଇକମ୍ ଏକ୍ସପ୍ରେସ କମ୍ପାନିରୁ ମୋବାଇଲ ଫୋନ ଏବଂ ଅନ୍ୟାନ୍ୟ ଜିନିଷ ଚୋରୀ ହୋଇଥିବାର ନେଇ ପାହାଳ ଥାନାରେ ଅଭିଯୋଗ ହୋଇଥିଲା। ପୁଲିସ ମାମଲା ଆଧାରରେ ତଦନ୍ତ କରି ଅଭିଯୁକ୍ତ ତପନ କୁମାର ସାମଲ ଓ ପ୍ରଭାତ କୁମାର ସାହୁଙ୍କୁ ଗିରଫ କରିବାରେ ସକ୍ଷମ ହୋଇଥିଲେ ଓ ତାଙ୍କ ହେପାଜତରୁ ଚୋରୀ ହୋଇଥିବା ୧୨ ଟି ମୋବାଇଲ କୁ ଜବତ କରିଥିଲେ। ସେହିପରି ଅନ୍ୟ ମୋବାଇଲ ଫୋନ ଗୁଡିକ ଭୁବନେଶ୍ୱର ସହରର ବିଭିନ୍ନ ଅଞ୍ଚଳ ତଥା ଅନ୍ୟ ଜିଲ୍ଲା ମାନଙ୍କରୁ ତଦନ୍ତ ସମୟରେ ଉଦ୍ଧାର କରାଯାଇଥିଲା ଓ ଉଦ୍ଧାର କରାଯାଇଥିବା ମୋବାଇଲଫୋନ ଗୁଡିକର ମାଲିକାନା ଯାଞ୍ଚ ପରେ ସେମାନଙ୍କର ପ୍ରକୃତ ମାଲିକ ମାନଙ୍କୁ ଯୋଗାଯୋଗ କରାଯିବା ସହ ଆଜି ଡିସିପିଙ୍କ କାର୍ଯ୍ୟାଳୟ ଠାରେ ସେଗୁଡିକୁ ହସ୍ତାନ୍ତର କରାଯାଇଥିଲା। ଉଲ୍ଲେଖଯୋଗ୍ୟ ଯେ, ଚଳିତ ୨୦୨୪ ମସିହାରେ ଭୁବନେଶ୍ୱର ସହରାଞ୍ଚଳ ପୁଲିସ ତରଫରୁ ମୋଟ ୯୪୬ ଟି ମୋବାଇଲ ଫୋନ ଉଦ୍ଧାର କରାଯାଇଥିବା ବେଳେ, ସେଥିମଧ୍ୟରୁ ମୋଟ ୮୯୧ ଟି ମୋବାଇଲଫୋନ ସେମାନଙ୍କ ପ୍ରକୃତ ମାଲିକମାନଙ୍କୁ ଫେରସ୍ତ ଦିଆଯାଇ ପାରିଛି।

### ଧାରା ପଡିଲା ଏସି ତାର ଚୋର



**ଭୁବନେଶ୍ୱର, ୧୭।୧୨(ସଂଚାର ବ୍ୟୁରୋ):** ଖାରବେଳନଗର ଥାନା ପୁଲିସ ଅଭିଯୋଗକାରୀ ମଙ୍ଗଳମୋହନ ଟୁଡୁଙ୍କ ଅଭିଯୋଗ କ୍ରମେ ମାମଲାର ତଦନ୍ତ କରିବା ସହିତ ନିମ୍ନୋକ୍ତ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି । ସୂଚନା ଯୋଗ୍ୟ ଯେ, ଅଭିଯୋଗକାରୀ ଜଣେ ବ୍ୟାଙ୍କ କର୍ମଚାରୀ ଓ ସେ ରାମ ମନ୍ଦିର ଛକ ଅଞ୍ଚଳରେ ଥିବା ଏକ ବ୍ୟାଙ୍କ ରେ ମ୍ୟାନେଜର ଭାବରେ କାର୍ଯ୍ୟରତ । ଗତ ତା. ୧୪.୧୨.୨୦୨୪ ରିଖ ଦିନ ପ୍ରାୟ ୨.୫୦ ସମୟରେ ଅଭିଯୁକ୍ତ ଜଣକ ଉକ୍ତ ବ୍ୟାଙ୍କ ରେ ଲାଗିଥିବା ସିସିଟିଭି କ୍ୟାମେରାକୁ ବୁଲାଇ ଦେଇଥିଲେ ଓ ବ୍ୟାଙ୍କ ଭିତରେ ଲାଗିଥିବା ଏସି ରୁ ତାର ଚୋରିକରି ନେଇଯାଇଥିଲେ। ଏନେଇ ଅଭିଯୋଗକାରୀ ଖାରବେଳନଗର ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୁଲିସ ମାମଲାର ତଦନ୍ତ କରିବା ସହିତ ଅଭିଯୁକ୍ତ ଶେଖ ହବିବୁଲ୍ଲାଙ୍କୁ ଜୟ କିଶାନ ମାର୍କେଟ ଅଞ୍ଚଳରୁ ଗିରଫ କରିବା ସହିତ ତାଙ୍କ ନିକଟରୁ ଚୋରୀ ଯାଇଥିବା ଏସି ତାର ଜବତ କରିଥିଲେ। ପଚରାଉଚରା ବେଳେ ଅଭିଯୁକ୍ତ ଜଣକ ନିଜ ଅପରାଧ ସ୍ୱୀକାର କରିଥିଲେ । ତଦନ୍ତ ସମୟରେ ଅଭିଯୁକ୍ତଙ୍କ ନାମରେ ପୂର୍ବରୁ ଖାରବେଳନଗର ଥାନାରେ ୨ ଟି ଏବଂ କଟକ ଜିଆରପି ଥାନାରେ ଗୋଟିଏ ଅପରାଧିକ ମାମଲା ରହିଥିବାର ଜଣାପଡିଛି ।

### ବିଶ୍ୱାସରେ ଦେଇଦେଲା ବିଷ



**ଭୁବନେଶ୍ୱର, ୧୭।୧୨(ସଂଚାର ବ୍ୟୁରୋ):** ଲକ୍ଷ୍ମୀସାଗର ଥାନା ପୁଲିସ ଅଭିଯୋଗକାରୀଙ୍କ ଅଭିଯୋଗ କ୍ରମେ ମାମଲାର ତଦନ୍ତ କରିବା ସହିତ ନିମ୍ନୋକ୍ତ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି । ସୂଚନାଯୋଗ୍ୟ ଯେ, ଗତ ୨୦୧୯ ମସିହାରେ ଅଭିଯୋଗକାରିଣୀଙ୍କର ଆର୍ଥିକ ସମସ୍ୟା ହେତୁ ତାଙ୍କର ୧୦ ଲକ୍ଷ ଟଙ୍କା ଆବଶ୍ୟକ ରହିଥିଲା ଓ ସେ ଏଥି ନିମନ୍ତେ ଜଣେ ସ୍ଥାନୀୟ ଲୋକ ସହାୟତାରେ ଅଭିଯୁକ୍ତ ବିଭୁ ସହିତ ଯୋଗାଯୋଗ ରେ ଆସିଥିଲେ। ବିଭୁ ନିଜର ପରିଚୟ ଦେବା ସହ ସେ ଓ ତାଙ୍କର ସହଯୋଗୀ ଆଶୁତୋଷ ଙ୍କର ଅନେକ ଅଫିସର ଓ ବ୍ୟାଙ୍କ ମ୍ୟାନେଜର ଙ୍କ ସହିତ ଭଲ ସମ୍ପର୍କ ରହିଥିବା ଏବଂ ସେମାନେ ଅନେକ ଲୋକ ମାନଙ୍କୁ ଲୋନ ଯୋଗାଇ ଦେବାରେ ସାହାଯ୍ୟ କରିଥିବା ଦର୍ଶାଇଥିଲେ। ଅଭିଯୋଗକାରିଣୀ ଓ ତାଙ୍କର ସ୍ୱାମୀ ବିଶ୍ୱାସ କରି ଅଭିଯୁକ୍ତ ବିଭୁ ଙ୍କ ସହିତ ଅଭିଯୁକ୍ତ ଆଶୁତୋଷ ଙ୍କ ଘରକୁ ଯାଇଥିଲେ ଓ ସେଠାରେ ଆଶୁତୋଷ ସେମାନଙ୍କୁ ଜମି ବାବଦକୁ ବ୍ୟାଙ୍କ ରୁ ଲୋନ କରାଇଦେବା ପାଇଁ ନିଶ୍ଚିତ କରାଇଥିଲେ । ଅଭିଯୋଗକାରିଣୀ ଉଭୟ ଅଭିଯୁକ୍ତ ଙ୍କୁ ବିଶ୍ୱାସ କରି ସେମାନେ ଜମି ର ଦଲିଲ ଦେଇଥୁଲେ ଓ ତା ସହିତ ଅଭିଯୁକ୍ତ ମାନେ ପୂର୍ବରୁ ଯୋଜନା କରି ରଖୁବା ଦସ୍ତାବିଜ ରେ ଦସ୍ତଖତ ମଧ୍ୟ କରିଥିଲେ । ଏହି ଘଟଣା ର କିଛି ଦିନ ପରେ ଅଭିଯୁକ୍ତ ଆଶୁତୋଷ ଅଭିଯୋଗକାରିଣୀ ଙ୍କୁ ବ୍ୟାଙ୍କ କୁ ଲୋନ କରାଇ ଦେବା ପାଇଁ ଡ଼ାକିଥିଲେ ଓ ଗତ ତା ୨୫.୦୧.୨୦୧୯ ରେ ଅଭିଯୁକ୍ତ ଆଶୁତୋଷ ଅଭିଯୋଗକାରିଣୀ ଙ୍କ ସ୍ୱାମୀ ଙ୍କ ନାମରେ ୧୦ଲକ୍ଷ ଟଙ୍କା ର ଏକ ଚେକ ଦେଇଥିଲେ । ଗତ ତା ୧୮.୦୬.୨୦୨୦ ରିଖରେ ପୁନର୍ବାର ଅଭିଯୁକ୍ତ ଦୁହେଁ ଅଭିଯୋଗକାରିଣୀ ଙ୍କର ଘରକୁ ଆସିଥିଲେ ଓ ସେମାନେ ନେଇଥିବା ଲୋନ ର ସୁଧହାର ଦୁଇ ଗୁଣ ହୋଇଯିବାର ଭୟ ଦେଖାଇ ସେମାନଙ୍କୁ ପୁନର୍ବାର ବ୍ୟାଙ୍କ ଯାଇ କିଛି ଦସ୍ତଖତ କରିବା ପାଇଁ ବାଧ୍ୟ କରିଥିଲେ। ଉଭୟ ଅଭିଯୁକ୍ତ ଙ୍କର ନିର୍ଦ୍ଦେଶ ଅନୁସାରେ ଅଭିଯୋଗକାରିଣୀ ସନ୍ଧ୍ୟା ରେ ବ୍ୟାଙ୍କ ଯାଇ ସେଠାରେ ବିଭିନ୍ନ ଦସ୍ତାବିଜ ରେ ଦସ୍ତଖତ କରିଥିଲେ ।

# ଇ.ଏସ୍.ଆଇ ନିର୍ଦ୍ଦେଶାଳୟ ଅଧିନରେ ୧୩ ଜଣଙ୍କୁ ନିଯୁକ୍ତି ପତ୍ର



**ଭୁବନେଶ୍ୱର, ୧୭।୧୨(ସଂଚାର ବ୍ୟୁରୋ):** ଆଜି ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ତରଫରୁ ଇ.ଏସ୍.ଆଇ ନିର୍ଦ୍ଦେଶାଳୟରେ ନୂତନଭାବେ ଯୋଗଦାନ କରିବାକୁ ଯାଉଥିବା ୧୩ ଜଣ କର୍ମଚାରୀଙ୍କୁ ଲୋକ ସେବା ଭବନର ସମ୍ମିଳନୀ କକ୍ଷଠାରେ ନିଯୁକ୍ତିପତ୍ର ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶ୍ରମ ଓ କର୍ମଚାରୀ ରାଜ୍ୟବୀମା ମନ୍ତ୍ରୀ ଶ୍ରୀ ଗଣେଶ ରାମ ସିଂଖୁଣ୍ଟିଆ କହିଲେ ଯେ, ଆଜି ଯେଉଁମାନେ ଏହି ବିଭାଗ ଅଧୀନରେ ଥିବା ଇ.ଏସ୍.ଆଇ ନିର୍ଦ୍ଦେଶାଳୟରେ ନୂତନଭାବେ କନିଷ୍ଠ ସହାୟକ, ଟାଇପିଷ୍ଟ ଓ କ୍ଷିପ୍ରଲେଖକଭାବେ ଯୋଗଦାନ କରିବାକୁ ଯାଉଛନ୍ତି, ସେମାନେ ସମସ୍ତେ ପ୍ରତିଯୋଗିତାମୂଳକ ପରୀକ୍ଷା ଦେଇ ଯୋଗ୍ୟ ବିବେଚିତ ହୋଇଛନ୍ତି । ରାଜ୍ୟ ତଥା ରାଜ୍ୟବାସୀଙ୍କ ସ୍ୱାର୍ଥକୁ ଆଖି ଆଗରେ ରଖି ସମସ୍ତେ ନିଷ୍ଠାପର ଭାବରେ ସାଧୁତାର ସହ କାମ କରିବେ । ଓଡ଼ିଶା ହେଉଛି ଏକ ଶ୍ରମିକ ବହୁଳ ରାଜ୍ୟ ଏବଂ ଓଡ଼ିଶାର ଅର୍ଥନୈତିକ ଓ ସାମଗ୍ରିକ ଉନ୍ନତି ଦିଗରେ ଶ୍ରମିକ ଭାଇଭଉଣୀମାନଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ତେଣୁ ଶ୍ରମ ବିଭାଗ ଅଧିନରେ ଯୋଗଦାନ କରି ଆପଣମାନେ ସମସ୍ତେ ନିଶ୍ଚିତଭାବେ ଓଡ଼ିଶାର ଲକ୍ଷ ଲକ୍ଷ ଶ୍ରମଜୀବିମାନଙ୍କର ସାମଗ୍ରିକ ବିକାଶରେ ସହାୟକ ହେବେ ବୋଲି ସେ ଆଶାପୋଷଣ କରିଥିଲେ । ଏହି ଅବସରରେ ପ୍ରଭାଗୀୟ ଶ୍ରମ ଆୟୁକ୍ତମାନଙ୍କର କାର୍ଯ୍ୟାବଳୀ ସମ୍ବନ୍ଧୀୟ ରାଜ୍ୟସ୍ତରୀୟ ସମୀକ୍ଷା ବୈଠକ ଆୟୋଜିତ ହୋଇଥିଲା ।

# ପୂର୍ବତଟ ରେଳ ଡିଭିଜନକୁ ଦୁର୍ବଳ ନକରିବାକୁ ସ୍ମାରକପତ୍ର



**ଭୁବନେଶ୍ୱର, ୧୭।୧୨(ସଂଚାର ବ୍ୟୁରୋ):** ପୂର୍ବତଟ ରେଳବାଇ ବିଭାଗକୁ ବିଭାଜନ ନ କରିବା ବାବିରେ ଆଇଏନ୍‌ଟିୟୁସିର ରାଷ୍ଟ୍ରୀୟ ସମ୍ପାଦକ ମାନସ ଚୌଧୁରୀଙ୍କ ନେତୃତ୍ୱରେ ମଙ୍ଗଳବାର ଏକ ପ୍ରତିନିଧି ମଣ୍ଡଳୀ ବିକ୍ଷୋଭ ଶୋଭାଯାତ୍ରାରେ ପୂର୍ବତଟ ରେଳବାର ମୁଖ୍ୟ କାର୍ଯ୍ୟାଳୟକୁ ଯାଇଥିଲେ ଏବଂ ସେଠାରେ କେନ୍ଦ୍ର ରେଳମନ୍ତ୍ରୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ ଉଦ୍ଦେଶ୍ୟରେ ଜେନେରାଲ ମ୍ୟାନେଜରଙ୍କୁ ସାକ୍ଷାତ କରିବା ପାଇଁ ଅନୁରୋଧ କରିଥିଲେ । ପ୍ରତିନିଧିମଣ୍ଡଳୀ ଆସିଷ୍ଟାଣ୍ଟ ଜେନେରାଲ ମ୍ୟାନେଜର ଶ୍ରୀ ଚୌଧୁରୀଙ୍କ ଠାରୁ ସ୍ମାରକ ପତ୍ର ଗ୍ରହଣ କରିଥିଲେ । ୱାଲଟିୟର ଡିଭିଜନକୁ ଦକ୍ଷିଣ ପୂର୍ବ ରେଳବାଇ ଜୋନ ସହ ମିଶାଇବା ନିଷ୍ପତ୍ତି ଶ୍ରୀ ଚୌଧୁରୀ ପ୍ରତିବାଦ କରି କହିଥିଲେ ଯେ, ରେଳମନ୍ତ୍ରୀ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓଡ଼ିଶାରୁ ନିର୍ବାଚିତ ହୋଇ ସଂସଦକୁ ଯାଇଛନ୍ତି। କିନ୍ତୁ ସେ ଓଡ଼ିଶାର ସ୍ୱାର୍ଥବିରୋଧୀ ହୋଇଛନ୍ତି । ୱାଲଟିୟର ଡିଭିଜନ ପୂର୍ବତଟ ରେଳବାଇର ମୁକୁଟ ସଦୃଶ। ୱାଲଟିୟର ଡିଭିଜନକୁ କାଟିଦେଲା ପରେ ପୂର୍ବତଟ ରେଳବାଳ ପ୍ରତିବର୍ଷ ୧୦ ହଜାର କୋଟି ଟଙ୍କା ରାଜସ୍ୱ ହରାଇବ । ସୁତରାଂ ରେଳମନ୍ତ୍ରୀ ଓଡ଼ିଶା ସ୍ୱର୍ଥର ପରିପନ୍ଥୀ । କଳାପାହାଡ଼ ଯେପରି ଓଡ଼ିଶାର ପ୍ରାଚୀନ କୀର୍ତିରାଜି ଏବଂ ମନ୍ଦିର ସବୁ ଭାଙ୍ଗି ଦେଇଥୁଲା, ସେହପରି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ପୂର୍ବତଟ ରେଳବାଇକୁ ଭାଙ୍ଗି ଦେଉଛନ୍ତି । ସ୍ମାରକପତ୍ରରେ କୁହାଯାଇଛି ଯେ, ପୂର୍ବତଟ ରେଳ ଜୋନ୍‌ର ୧୧୦୬ କି.ମି. ରାସ୍ତାରୁ ୪୫୦ କି.ମି ବିଜୟୱାଡ଼ା ରେଳ ବିଭାଗ ସହିତ ମିଶ୍ରଣ ପାଇଁ ପ୍ରସ୍ତାବ ଦିଆଯାଇଛି । ଯାହା ନୂତନ ଭାବରେ ଗଠିତ ଆନ୍ଧ୍ରରେ ଥିବା ଦକ୍ଷିଣତଟ ରେଳବାଇ ଅଧୁନରେ ଆସୁଛି । ଏହାଦ୍ୱାରା ପୂର୍ବତଟ ରେଳବାଇ ଏହାର ସବୁଠାରୁ ଅଧିକ ରୋଜଗାରକ୍ଷମ ୪୫୦ କି.ମି. ରାସ୍ତା ହରାଇବ । ଯାହାକି ରାଜ୍ୟକୁ ବିପୁଳ ରାଜସ୍ୱ ଓ ରୋଜଗାର ପ୍ରଦାନ କରିବା ସହ ଉତ୍ତମ ପରିବହନ ବିଶାଖା ପାଟଣା ପର୍ଯ୍ୟନ୍ତ ଯୋଗାଇ ଆସୁଛି । ପୂର୍ବତଟ ରେଳବାଇ ଭାଇଜଗ ଇସ୍ପାତ କାରଖାନା, ବିଶାଖାପାଟଣା ବନ୍ଦର, କନୋର, ଏନ୍‌ଟିପି ସିଏଲ୍ ଏବଂ ଗଙ୍ଗାଇରମ ବନ୍ଦର ଜଳି ରାଜସ୍ ଅର୍ଜନ କରୁଥିବା ଉସକୁ ମଧ୍ୟ ହରାଇବ । ଏହି ସ୍ମାରକପତ୍ରରେ ରେଳମନ୍ତ୍ରୀଙ୍କ ବିଗର ପାଇଁ କେତୋଟି ପ୍ରସ୍ତାବ ରଖାଯାଇଛି । ସେଥିମଧ୍ୟରେ ୱାଲଟିୟର ଡିଭିଜନ ମିଶ୍ରଣ ବିନା ଦକ୍ଷିଣତଟ ରେଳ ଜୋନ୍ ଗଠନରେ ଅସୁବିଧା ନାହିଁ । ପୂର୍ବତଟ ରେଳବାଇ ସହିତ ରାଉରକେଲା, ଝାରସୁଗୁଡ଼ା, ଆଇବି, ବ୍ରଜରାଜନଗର, ବାଲେଶ୍ୱରର ମିଶ୍ରଣ ।

# ଅବହେଳିତ ଶିଶୁଙ୍କ ସାମଗ୍ରିକ ବିକାଶ ହିଁ ଜାଗୋର ମୁଖ୍ୟ ଉଦ୍ଦେଶ୍ୟ



**ଭୁବନେଶ୍ୱର, ୧୭।୧୨(ସଂଚାର ବ୍ୟୁରୋ):** ଜାଗୋ ଏକ ଆହ୍ୱାନ। ଏହା ଆରମ୍ଭ ହେବା ସମୟ ରୁ ହିଁ ସମାଜର ଅବହେଳିତ ଶିଶୁମାନଙ୍କର ଉନ୍ନତି କ୍ଷେତ୍ରରେ କାର୍ଯ୍ୟ କରିଆସୁଛି। ଏହି ଶିଶୁମାନଙ୍କର ସାମଗ୍ରିକ ବିକାଶ ହିଁ ଜାଗୋର ମୁଖ୍ୟ ଉଦ୍ଦେଶ୍ୟ ବୋଲି କହିଛନ୍ତି ଶିକ୍ଷା ଓ ଅନୁସନ୍ଧାନ (ସୋଆ)ର ଉପସଭାପତି ଶ୍ରୀମତି ଶାଶ୍ୱତୀ ଦାସ। ସୋଆରେ ନାମ ଲେଖାଇଥିବା ନୂତନ ଛାତ୍ରଛାତ୍ରୀମାନଙ୍କୁ ଜାଗୋକୁ ନେଇ ଦିଗ୍‌ଦର୍ଶନ ଦେବାର କାର୍ଯ୍ୟକ୍ରମ ଅବସରରେ ସୋମବାର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ୍ ଏଜୁକେସନ୍ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର)ର ବାଂଶୁରୀଗୁରୁ ପ୍ରେକ୍ଷାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶ୍ରୀମତି ଦାସ ଛାତ୍ରଛାତ୍ରୀମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ବର୍ତ୍ତମାନ ପାଠ ପଢୁଥିବା ଛାତ୍ରଛାତ୍ରୀ ଏବଂ ପୂର୍ବତନ ଛାତ୍ରଛାତ୍ରୀମାନଙ୍କୁ ଜାଗୋରେ ସାମିଲ ହୋଇ ଅନେକ ଜନହିତକର କାର୍ଯ୍ୟ ହାତକୁ ନେଇଥିବାରୁ ସାଧୁବାଦ ଜଣାଇଥିଲେ। ସୋଆ ନିଜର ଉତ୍କର୍ଷତାର ୩୦ ବର୍ଷର ଯାତ୍ରାରେ ଏକ ଉଜ୍ଜ୍ୱଳ ଭବିଷ୍ୟତ ଦିଗରେ ଅଗ୍ରସର ହେଉଥିବା ବେଳେ ଏଥି ନିମନ୍ତେ ବିଶ୍ୱବିଦ୍ୟାଳୟର ଫ୍ୟାକଲ୍ଟି, କର୍ମଚାରୀ ଓ ଛାତ୍ରଛାତ୍ରୀମାନଙ୍କର ଅବଦାନ ବିଷୟରେ ଶ୍ରୀମତି ଦାସ ଉଲ୍ଲେଖ କରିଥିଲେ।

# ସାତ ଦିନ ହେଲା ମଣ୍ଡିରେ ପଡିଛି ଧାନ

**ସମ୍ବଲପୁର, ୧୭।୧୨(ସଂଚାର ବ୍ୟୁରୋ):** ଆଜିକୁ ୭ ଦିନ ହେଲାଣି ମଣ୍ଡିରେ ପଡିଛି ଧାନ। ଧାନ କିଣିବାକୁ ନା ଆସୁଛନ୍ତି ମିଲର, ନା ଆସୁଛନ୍ତି କୌଣସି ଏଜେନ୍ସି। ନା ଦେଖା ମିଳୁଛି ନୋଡାଲ ଆଫିସରଙ୍କର। ଯାହାକୁ ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏପରି ଚିତ୍ର ଦେଖିବାକୁ ମିଳିଛି ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ ଅଞ୍ଚଳରେ। ରେଢ଼ାଖୋଲ ବ୍ଲକ୍‌ରେ ରହିଛି ବଡମାଲ ଧାନ ମଣ୍ଡି। ଏଠାରେ ଧାନ ବିକିବା ପାଇଁ ୨୭ ଜଣ ଚାଷୀ ଆଜିକୁ ୭ ଦିନ ତଳେ ପ୍ରାୟ ୩୧୦୦ କ୍ୱିଣ୍ଟାଲ୍ ଧାନ ଧରି ଆସିଥିଲେ। ହେଲେ ଆଜି ପର୍ଯ୍ୟନ୍ତ ଧାନ କିଣିବା ପାଇଁ ନିୟୋଜିତ ମିଲରଙ୍କ ଦେଖା ଦର୍ଶନନାହିଁ। ଯାହାଫଳରେ ଚାଷୀ ବିଚରା ଦିନରାତି ଶୀତ କାକରରେ ମଣ୍ଡିର ଟିଣ ପିଣ୍ଡି ଘର ତଳେ ପଡିଛନ୍ତି। ରାତିର କାକର ପାଣି ଧାନ ଉପରେ ପଡିଥିବା ପାଲରେ ଜମି ରହୁଛି। ଶୀଘ୍ର ନଉଠିଲେ ଧାନ ନଷ୍ଟହେବାର ସମ୍ଭାବନା ରହିଛି। ମଣ୍ଡିରୁ ଧାନ ଉଠାଇବା ପାଇଁ ଅଭିଯୋଗ କଲେ କେହି ଶୁଣୁନଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଏପର୍ଯ୍ୟନ୍ତ ବିଭାଗୀୟ ଅଧିକାରୀ, ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ, ସମବାୟ ସମିତି ଅଧିକାରୀଙ୍କ ଦେଖାନାହିଁ। ତେବେ ଏନେଇ ବଡମାଲ ସମବାୟ ସମିତି ସମ୍ପାଦକ କହିଛନ୍ତି, ମୁଁ ସମସ୍ୟା ସମ୍ପର୍କରେ ଜଣାଇଛି। ହେଲେ ଧାନ ଉଠାଇବା ପାଇଁ କେହି ଏପର୍ଯ୍ୟନ୍ତ ଆସିନାହାଁନ୍ତି। ବୋଧହୁ ଆସନ୍ତାକାଲି ମଣ୍ଡି ତାରିଖ ଥିବାରୁ ମିଲର ଆସିଲେ ଧାନ ଉଠିବ ବୋଲି ସମ୍ପାଦକ କହିଛନ୍ତି।



# ପଦ୍ମ ଧରିଲେ ୨୦ ସରପଞ୍ଚ




**ଭୁବନେଶ୍ୱର, ୧୭।୧୨(ସଂଚାର ବ୍ୟୁରୋ):** ବିଜେପିର ନୂଆ ସରକାରକୁ ନେଇ ଓଡ଼ିଶାବାସୀଙ୍କ ମନ ଭିତରେ ଉତ୍ସାହପୂର୍ଣ୍ଣ ବାତାବରଣ ସୃଷ୍ଟି ହୋଇଛି। ପ୍ରତିଦିନ ବିଜେପିର ସାଂଗଠନିକ ଶକ୍ତି ବୃଦ୍ଧି ପାଉଛି। ବିଜେପି ସରକାର ଉପରେ ଓଡ଼ିଶାବାସୀଙ୍କ ଆସ୍ଥା ଓ ବିଶ୍ୱାସ ବୃଦ୍ଧି ପାଇବାରେ ଲାଗିଛି। ବିଜେଡି, କଂଗ୍ରେସ ଉପରୁ ଆସ୍ଥା ହରାଇ ଆଜି କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ବ୍ଲକର ୨୦ ଜଣ ସରପଞ୍ଚ ଗୋବିନ୍ଦ ନାଏକ, ବିକାଶ ପ୍ରଧାନ, ଅଙ୍କିତା ବେହେରା, ରମେଶ ନାଏକ, ଗୌରି ମିଶ୍ର, ପ୍ରମୋଦ ଯୋଶୀ, ଉର୍ମିଳା ଜାନି, ଗୀତାଞ୍ଜଳି ସାହୁ, ଆଦିତ୍ୟ କୁମାର ନାଏକ, ପ୍ରିୟାଙ୍କିନୀ ନାଏକ, ଲକ୍ଷ୍ମୀ ମାଝୀ, ସୁଷମା ସେନାପତି, ତପସ୍ୱିନୀ ସାହୁ, ବିଷ୍ଣୁପ୍ରିୟା ଦୁର୍ଗା, ରବିନାରାୟଣ ବେହେରା, ଯୁଦ୍ଧେଷ୍ଟି ନାଏକ, ମୁରଲୀ ପ୍ରଧାନ, ଦାସମତି ବେମାଲ, ଜ୍ୟୋର୍ତିମୟୀ ମାଝୀ, ଦିଗାମ୍ବର ଲୁହା ବିଜେପିରେ ସାମିଲ ହୋଇଥିଲେ। ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ମିଶ୍ରଣ ପର୍ବରେ ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲ ସମସ୍ତ ନୂତନ ସଦସ୍ୟଙ୍କୁ ଟୋପି ଓ ଉତରୀୟ ପ୍ରଦାନ କରି ସ୍ୱାଗତ ଜଣାଇଥିଲେ। ଏହି ମିଶ୍ରଣ ପର୍ବରେ ପୂର୍ବତନ ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକ, ବରିଷ୍ଠ ନେତା ରଞ୍ଜନ ପଟେଲ, ରାଜ୍ୟ ସମ୍ପାଦକ ସରୋଜ କର ପ୍ରମୁଖ ଉପସ୍ଥିତ ଥିଲେ।

# ସୂଚନା ଅଧିକାର ଆଇନ ପ୍ରଶିକ୍ଷଣ ଓ ଜନ ସଚେତନତା ଶିବିର



**ଭୁବନେଶ୍ୱର, ୧୭।୧୨(ସଂଚାର ବ୍ୟୁରୋ):** ସୂଚନା ଅଧିକାର କର୍ମୀ ତଥା ସାମ୍ବାଦିକ ଗୁରୁ ଓପ୍ରସାଦ ମହାପାତ୍ର ଓ ସୂଚନା ଅଧିକାର କର୍ମୀ ବସନ୍ତ ଜେନାଙ୍କ ନେତୃତ୍ୱରେ ଗତ ରବିବାର ଦିନ ବାରଙ୍ଗ ବ୍ଲକ ସାଇଁସୋ ପଞ୍ଚାୟତ କଲ୍ୟାଣ ମଣ୍ଡପଠାରେ ଓଡ଼ିଶା ସୂଚନା ଅଧିକାର ଅଭିଯାନ (ଓସା) ବାରଙ୍ଗ ଓ କଣ୍ଟାପଡ଼ା ବ୍ଲକ ତରଫରୁ ସୂଚନା ଅଧିକାର ଆଇନ ସଂପର୍କରେ ଏକ ପ୍ରଶିକ୍ଷଣ ଓ ଜନ ସଚେତତା ଶିବିର ଆୟୋଜିତ ହୋଇଯାଇଅଛି। ଏହି ପ୍ରଶିକ୍ଷଣ ଶିବିରରେ ବାରଙ୍ଗ ଓ କଣ୍ଟାପଡ଼ା ବ୍ଲକରୁ ୧୦୦ ରୁ ଉର୍ଦ୍ଧ୍ୱ ଲୋକ ଅଂଶ ଗ୍ରହଣ କରିଥିଲେ। ଏହି ତାଲିମ ଶିବିରରେ ସୂଚନା ଅଧିକାର ଅଭିଯାନ(ଓସା)ର ରାଜ୍ୟ ଆବାହକ ପ୍ରଦୀପ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେବା ସହିତ ବରିଷ୍ଠ ଆଇନ୍ ଯିବି ସୁଧୀର ମହାନ୍ତି, ବରିଷ୍ଠ ସାମାଜିକ କର୍ମୀ ସଂଯୁକ୍ତା ପାଣିଗ୍ରାହୀ, ଅବସପ୍ରାପ୍ତ ପ୍ରଶାସନିକ ଅଧିକାରୀ ଆଜାଦ୍ ହିନ୍ଦ୍ ପାଣିଗ୍ରାହୀ, ଓସାର ଯୁଗ୍ମ ଆବାହକ ଶ୍ରୀକାନ୍ତ ପାକଳ, କେନ୍ଦ୍ରାପଡ଼ା ଜିଲ୍ଲାର ଆବାହକ ପ୍ରତାପ ମହାନ୍ତି ଯୁବ ଆଇନଜୀବୀ ତଥା ସୂଚନା ଅଧିକାର କର୍ମୀ ପ୍ରକାଶ ଦାସ ଓ କଟକ ଆମ୍ବେଦକର ଲୋହିଆ ବିଚାର ମଞ୍ଚର ସଦସ୍ୟ ତଥା ସୂଚନା ଅଧିକାର କର୍ମୀ ନବ ଦାସ ବହୁ ପ୍ରମୁଖ ଯୋଗ ଦେଇଥିଲେ । ଏହି ପ୍ରଶିକ୍ଷଣ ଶିବିରରେ ଓସା ର ରାଜ୍ୟ ଆବାହକ ପ୍ରଦୀପ ପ୍ରଧାନ ବିସ୍ତୃତ ଭାବରେ ସୂଚନା ଅଧିକାର ଆଇନ ପାଇଁ ହୋଇଥିବା ଜନଆନ୍ଦୋଳନ ଉପରେ ମତ ରଖିଥିଲେ । ସୂଚନା ଅଧିକାର ଆଇନ କିଭଳି ସାଧାରଣ ଲୋକଙ୍କ ଅଧିକାର ଓ କ୍ଷମତା କୁ ଅଧିକ ଶାଣିତ କରୁଛି ଓ ସଶକ୍ତ କରୁଛି ତାହା ଉପରେ ବକ୍ତବ୍ୟ ଦେଇଥିଲେ ।ଏହି ଆଇନ୍ କୁ ନେଇ ନାଗରିକ ମାନେ କିଭଳି ବ୍ୟକ୍ତିଗତ ଜୀବନରେ ବ୍ୟବହାର କରିପାରିବେ ଓ ସରକାରୀ ଅଫିସ ମାନଙ୍କରେ ଏହି ଅଧିକାର ବଳରେ ନିଜର ଅଧିକାର ଜାହିର କରିପାରିବେ , ସରକାରୀ ଅଧିକାରୀଙ୍କୁ ବିଭିନ୍ନ ଯୋଜନା ଉପରେ ପ୍ରଶ୍ନ କରିପାରିବେ ତାହା ଉପରେ ଆଲୋଚନା କରିଥିଲେ।ଏହି ଆଇନ୍ କୁ ବ୍ୟବହାର କରି କିଭଳି ୨୪ ବର୍ଷ ଧରି ଦୁର୍ନୀତିରେ ଲିପ୍ତ ରହିଥିବା ପୂର୍ବ ରାଜ୍ୟ ସରକାରଙ୍କ ସମସ୍ତ ଦୁର୍ନୀତି ପର୍ଦାଫାଶ କରିଛନ୍ତି ଓ ଶେଷରେ ସରକାର ପରିବର୍ତନ ପାଇଁ ସୂଚନା ଅଧିକାର କର୍ମୀ ମାନେ ପରିବର୍ତ୍ତନର ମାଧ୍ୟମ ହୋଇପାରିଛନ୍ତି ତାହା ଉପରେ ଆଲୋଚନା କରିଛନ୍ତି। ଏହି ଶିବିରରେ ସୂଚନା ଅଧିକାର ଅଭିଯାନର ଉପଦେଷ୍ଟା ସୁଧୀର ମହାନ୍ତି ସୂଚନା ଅଧିକାର ଆଇନ କାର୍ଯ୍ୟକାରୀ ଉପରେ ଅନେକ ପ୍ରତିବନ୍ଧକ ଓ ସାହସର ସହ ଲଢେଇ ପାଇଁ ମତ ରଖିଥିଲେ ।

# ୧୫ ଲକ୍ଷ ଟଙ୍କିଆ ରାସ୍ତା ମଝିରେ ଦୁବ ଘାସ !



**ଡେଲାଙ୍ଗ, ୧୭।୧୨(ସଂଚାର ବ୍ୟୁରୋ):** ଦୀର୍ଘ ୨୦ ବର୍ଷର ଦାବି ପରେ କେନାଲ ବନ୍ଧ ରାସ୍ତା ହୋଇଛି। ରାସ୍ତାରେ ୧୫ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ହେଲେ ଦିନଟିଏ ବି ରାସ୍ତା କାମ ଦେଖିବାକୁ ଆସିନାହାନ୍ତି ବିଭାଗୀୟ ଯନ୍ତ୍ରୀ। ତେଣୁ ଠିକାଦାର ମନ ଇଚ୍ଛା କାମ କରିଥିବା ଅଭିଯୋଗ ହୋଇଛି। ବିନା ମେଷ୍ଟାଲରେ ଗୁଣ୍ଡ ମୋରମରେ ବାଲି ମିଶାଇ ଛିଆ ଯାଇଛି। ସେ ସବୁ ପକାଇବା ବେଳେ ରୋଲର ମଧ୍ୟ ବ୍ୟବହାର ହୋଇନାହିଁ! ବିନା ସୂଚନା ଫଳକରେ କେନାଲ ବନ୍ଧ ନିର୍ମାଣ ହୋଇଥିବାରୁ ଦୁର୍ନୀତିର ଗନ୍ଧ ବାରିଛନ୍ତି ପୁରୀ ଡେଲାଙ୍ଗ ବ୍ଲକ ଗୁଡୁପାଇଲ ଗ୍ରାମବାସୀ। ଗୁଡୁପାଇଲ ଗାଁରେ ୫୦ରୁ ଅଧିକ ପରିବାର ବସବାସ କରନ୍ତି। ବହୁ ବର୍ଷର ଅପେକ୍ଷା ପରେ ରାସ୍ତା ତିଆରି କରାଯାଇଛି। ଦେଖିକି ଲାଗୁଥିଲା ଆଉ ଗମନାଗମନରେ ଅସୁବିଧା ହେବନାହିଁ। କିନ୍ତୁ ରାସ୍ତା କାମ ଏମିତି ହୋଇଛି ଯେ ଲୋକ ଆଙ୍ଗୁଠିରେ ଖୋଳି ଦେଲେ ଦୁବ ଘାସ ଦେଖାଯାଉଛି। ଅସରାଏ ବର୍ଷା ହେଲେ ପୂରା ରାସ୍ତା ଧୋଇ ହୋଇଯିବାର ଆଶଙ୍କା ରହିଛି।

# ମହିଳାଙ୍କ ପ୍ରତି ଅପରାଧରେ

## ଦଣ୍ଡ ବିଧାନ କମ୍



**ଭୁବନେଶ୍ୱର, ୧୭।୧୨:** ମହିଳାମାନଙ୍କ ପ୍ରତି ଘଟିଥିବା ଅପରାଧ କ୍ଷେତ୍ରରେ ଓଡ଼ିଶାରେ ଦଣ୍ଡବିଧାନ ହାର କମ୍ ରହୁଥିବା ଘେନି ଖୋଦ୍ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ବେଗ ପ୍ରକାଶ କରିଥିବା ବେଳେ ଏଭଳି ସମ୍ବେଦନଶୀଳ ମାମଲାଗୁଡ଼ିକରେ ବିଚାର ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ଅଧିକ ସ୍ୱତନ୍ତ୍ର କୋର୍ଟ ଖୋଲିବା ଓ ଦଣ୍ଡବିଧାନ ହାର ବୃଦ୍ଧି ଉପରେ ଗୁରୁତ୍ୱ ଦେଇଥିବା ପରିପ୍ରେକ୍ଷୀରେ ଏ ପ୍ରସଂଗରେ ବିଭାଗୀୟ କର୍ତ୍ତୃପକ୍ଷ ତତ୍ପରତା ପ୍ରକାଶ କରୁଛନ୍ତି। ପୁଲିସ ବୃତ୍ତିଗତ ପ୍ରତିଯୋଗିତା ଉଦ୍‌ଯାପନ ସମାରୋହରେ ମହିଳା ହିଂସା ବିରୋଧରେ ରାଜ୍ୟ ସରକାର ଶୂନ୍ୟ ସହନଶୀଳତା ନୀତି ଅବଲମ୍ବନ କରୁଥିବା ବେଳେ ଅତୀତରେ ତଦନ୍ତ ଓ ମାମଲା ପରିଚାଳନାରେ ଦୁର୍ବଳତା ଏବଂ ରାଜନୈତିକ ଇଚ୍ଛା ଶକ୍ତି ଅଭାବରୁ ଓଡ଼ିଶାରେ ମହିଳା ହିଂସାରେ ଦଣ୍ଡବିଧାନ ହାର ସର୍ବ ଭାରତୀୟ ହାର ତୁଳନାରେ ଢେର କମ୍ ରହିଥିବା ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଥିଲେ। ଏହାପରେ ଏ ପ୍ରସଂଗରେ ଘାଣ୍ଟଚକଟ ଆରମ୍ଭ ହୋଇଛି। କେନ୍ଦ୍ର ସରକାରଙ୍କ ଜାତୀୟ କ୍ରାଇମ୍ ରେକର୍ଡ ବ୍ୟୁରୋ ପକ୍ଷରୁ ପ୍ରକାଶ ପାଉଥିବା ବାର୍ଷିକ 'କ୍ରାଇମ୍ ଇନ୍ ଇଣ୍ଡିଆ' ରିପୋର୍ଟରେ ଏ କ୍ଷେତ୍ରରେ ଓଡ଼ିଶାର ନୈରାଶ୍ୟଜନକ ପ୍ରଦର୍ଶନ ଚିନ୍ତା ବଢ଼ାଇଛି। ୨୦୧୬ର କ୍ରାଇମ୍ ଇନ୍ ଇଣ୍ଡିଆ ରିପୋର୍ଟରେ ଏହିବର୍ଷ ଶେଷ ସୁଦ୍ଧା ମହିଳାମାନଙ୍କ ପ୍ରତି ଘଟିଥିବା ୮୨, ୩୬୪ଟି ମାମଲା ବିଚାରାଧୀନ ଥିବାବେଳେ ଉକ୍ତ ବର୍ଷରେ ୬, ୩୦୪ ମାମଲା ଫଇସଲା ହୋଇଥିଲା। ସେଥିରୁ ମାତ୍ର ୩୯୨ଟିରେ ଦଣ୍ଡବିଧାନ ହୋଇଥିବା ବେଳେ ୫,୯୧୨ଟି ଅଭିଯୁକ୍ତ ଦୋଷମୁକ୍ତ ହୋଇଥିଲେ। ଉକ୍ତ ବର୍ଷରେ ଏଭଳି ସମ୍ବେଦନଶୀଳ ମାମଲାରେ ଓଡ଼ିଶାରେ ଦଣ୍ଡବିଧାନ ହାରମାତ୍ର ୬.୨ ପ୍ରତିଶତ ଥିଲା। ୨୦୨୩ ଡିସେମ୍ବର ମାସରେ ପ୍ରକାଶ ପାଇଥିବା କ୍ରାଇମ୍ ଇନ୍ ଇଣ୍ଡିଆ-୨୦୨୨ ରିପୋର୍ଟର ତଥ୍ୟ ମୁତାବକ ୨୦୨୨ ବର୍ଷରେ ଓଡ଼ିଶାରେ ୭, ୩୯୩ଟି ମହିଳାଙ୍କ ପ୍ରତି ଘଟିଥିବା ଅପରାଧିକ ମାମଲାର ଫଇସଲା ହୋଇଥିବା ବେଳେ ସେଥିରୁ ୬୭୧ଟିରେ ଦଣ୍ଡବିଧାନ ହୋଇଥିଲା ଏବଂ ୬୬୧୩ଟି ମାମଲାରେ ଅଭିଯୁକ୍ତମାନେ ଦୋଷମୁକ୍ତ ହୋଇଥିଲେ। ଅର୍ଥାତ୍ ଏହିବର୍ଷରେ ଏଭଳି ମାମଲାରେ ଦଣ୍ଡବିଧାନ ହାର ଥିଲା ୯.୨ ପ୍ରତିଶତ। ମୋଟାମୋଟି ଭାବେ ୨୦୨୩ ଆରମ୍ଭ ବେଳକୁ ଓଡ଼ିଶାରେ ୧, ୬୯, ୫୭୨ଟି ମହିଳାଙ୍କ ପ୍ରତି ଅପରାଧିକ ମାମଲା ବିଚାରାଧୀନ ରହିଥିଲା। (ତଥ୍ୟ)

ଜୀବନ ଅମୃତ ଅନୁଚିନ୍ତା

ସମର୍ପଣ-କ୍ଷିପ୍ର ବେଗଧାରୀ ନଦୀ ଶେଷରେ ଯେପରି ନତମସ୍ତକ ହୋଇ ସାଗର ଗର୍ଭରେ ଲୀନ ହୋଇଯାଏ,ଠିକ ସେହିପରି ସଂସାରର ବିତ୍ତଶାଳୀ ଓ କ୍ଷମତାଶାଳୀ ଅଂହଯୁକ୍ତ ବ୍ୟକ୍ତି ପରିଶେଷରେ ନିର୍ବିକାର ସ୍ଥିତପ୍ରଜ୍ଞ ପୁରୁଷଙ୍କ ନିକଟରେ ସମର୍ପିତ ହୋଇଯାନ୍ତି।

SANCHAR
ସଂଚାର

୪ | ବୁଧବାର ୧୮ ଡିସେମ୍ବର ୨୦୨୪, ଭୁବନେଶ୍ୱର
Wednesday 18 December 2024 Bhubaneswar

# ବିରୋଧୀ ମେଣ୍ଟରେ ଇଭିଏମ ଝଡ଼

ନେତୃତ୍ୱ ପ୍ରଶ୍ନକୁ ନେଇ ଇଣ୍ଡିଆ ବ୍ଲକରେ ଗୁରୁତର ବିବାଦ ଏବଂ ମତପାର୍ଥକ୍ୟ ସୃଷ୍ଟି ହୋଇଥିବା ବେଳେ ଏବେ ଇଭିଏମ ପ୍ରସଙ୍ଗରେ ମେଣ୍ଟରେ ଝଡ଼ ସୃଷ୍ଟି ହୋଇଛି। ହରିୟାନା ଓ ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ପରାଜିତ ହେବା ପରେ କଂଗ୍ରେସ ଏହି ପ୍ରସଙ୍ଗକୁ ଉଜ୍ଜୀବିତ କରିଛି। କିନ୍ତୁ ମେଣ୍ଟର ପ୍ରମୁଖ ଅଂଶୀଦାର ଦଳମାନେ କଂଗ୍ରେସର ଆଭିମୁଖ୍ୟକୁ ନାପସନ୍ଦ କରୁଛନ୍ତି। ପ୍ରଥମେ ଜାମ୍ମୁ-କାଶ୍ମୀର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ଏବଂ ପରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏହି ପ୍ରସଙ୍ଗରେ କଂଗ୍ରେସକୁ ସମାଲୋଚନା କରିଛନ୍ତି। ଓମାର ଏହି ପ୍ରସଙ୍ଗରେ କଂଗ୍ରେସ ଦୋମୁହାଁ ନୀତି ଅବଲମ୍ବନ କରୁଛନ୍ତି ବୋଲି କହୁଥିବା ବେଳେ ମମତା କଂଗ୍ରେସକୁ ସମାଲୋଚନା କରି ଇଭିଏମ ଟାମ୍ପରିଂ ପ୍ରମାଣିତ କରି ଦେଖାଇବାକୁ ଆହ୍ୱାନ କରିଛନ୍ତି। ବିନା ପ୍ରମାଣରେ କଂଗ୍ରେସ ନିଜ ଦୋଷ ଲୁଚାଇବାକୁ ଅଯଥା ଇସ୍ୟୁ ଉଠାଉଛି ବୋଲି ସେ କହିଛନ୍ତି। ମହାରାଷ୍ଟ୍ର ଓ ହରିୟାନାରେ କଂଗ୍ରେସ କାହିଁକି ହାରିଲା ସେ ସମ୍ପର୍କରେ କଂଗ୍ରେସ ଆତ୍ମସମୀକ୍ଷା କରିବା ପରିବର୍ତ୍ତେ ଇଭିଏମକୁ ଦୋଷ ଦେବା ହାସ୍ୟସ୍ପଦ ବୋଲି ସେ କହିଛନ୍ତ। ଯେଉଁ ରାଜ୍ୟରେ କଂଗ୍ରେସ ବିଜୟୀ ହେଉଛି ସେଠାରେ ଇଭିଏମ ଠିକ କାମ କରୁଛି, ଯେଉଁଠି ପରାଜିତ ହେଉଛି, ସେଠାରେ ଇଭିଏମ ହରାଇଦେଲା ବୋଲି କଂଗ୍ରେସ କହୁଛି। ଏହା ଉପରେ କଂଗ୍ରେସ ନିଜର ସ୍ଥିର ନୀତି ନିର୍ଦ୍ଧାରଣ କରିବା ଉଚିତ ବୋଲି ଓମାର କହିଛନ୍ତି। ଭାରତରେ ଅନେକ ବର୍ଷ ହେବ ବାଲଟ ପେପର ପରିବର୍ତ୍ତେ ନିର୍ବାଚନରେ ଇଲେକ୍ଟ୍ରୋନିକ୍ସ ଭୋଟିଂ ମେସିନ (ଇଭିଏମ) ବ୍ୟବହାର ହୋଇଆସୁଛି। ଏହା ଦ୍ୱାରା ମତଦାନ ତ୍ୱରିତ ହୋଇପାରୁଛି, କାହାର ଭୋଟ ଖଣ୍ଡେ ନାକଚ ହେଉନି, ଗଣତି ପ୍ରକ୍ରିୟା ମଧ୍ୟ ଶୀଘ୍ର ଶେଷ ହେଉଛି। ଗଣତିରେ କିଛି ଭୁଲ ଭଟକା ରହୁନି। ପୂର୍ବରୁ କାଗଜ ଖଣ୍ଡ ଖଣ୍ଡ କରି ଏକାଠି କରି ବିଡ଼ା ବନ୍ଧା ଯାଉଥିଲା ଏବଂ ଏହାକୁ ଗଣତି କରାଯାଉଥିଲା। ଏବେ ମେସିନ ସୁଇଚ ଟିପିଲେ କାହାକୁ କେତେ ଭୋଟ ମିଳିଛି ତାହା ମୁହୂର୍ତ୍ତକ ମଧ୍ୟରେ ସ୍ପଷ୍ଟ ହୋଇଯାଉଛି। ପୂର୍ବରୁ ଭୋଟ ଗଣତି ସରିବାକୁ ଦୁଇଦିନ ଲାଗିଯାଉଥିଲା। ଏବେ ଭୋଟ ଗଣତି ଦିନ ସବୁ ଆସନର ଫଳାଫଳ ପ୍ରକାଶ ପାଇଯାଉଛି। ଇଭିଏମ ବ୍ୟବହାରକୁ ମୂଳରୁ ସମସ୍ତେ ସ୍ୱାଗତ କରୁଥିଲେ। କିନ୍ତୁ ୨୦୧୪ରେ ଯେବେଠାରୁ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଦେଶରେ ବିଜେପି କ୍ଷମତାସୀନ ହୋଇଛି, ସେବେଠାରୁ ଇଭିଏମ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଯେତେବେଳେ ଯେଉଁ ଦଳ ନିର୍ବାଚନରେ ପରାଜିତ ହେଉଛି, ସେତେବେଳେ ସେହି ଦଳ ପରାଜ୍ୟ ନିମନ୍ତେ ଇଭିଏମକୁ ଦାୟୀ କରୁଛି। ଯେଉଁ ଦଳ ଇଭିଏମ ଟାମ୍ପରିଂ ଅଭିଯୋଗ କରୁଛନ୍ତି, ସେହି ଦଳ ଯେତେବେଳେ ନିର୍ବାଚନରେ ଜିତୁଛି ସେତେବେଳେ ଇଭିଏମ ଉପରେ ପ୍ରଶ୍ନବାଚୀ ଉଠାଉନି। ଉଦାହରଣ ସ୍ୱରୂପ ଆମ ଆଦମୀ ପାର୍ଟୀ ସବୁ ବେଳେ ଇଭିଏମ ଟାମ୍ପରିଂ ଅଭିଯୋଗ ଉଠାଉଛି। କିନ୍ତୁ ଏହି ଦଳ ଦିଲ୍ଲୀ ବିଧାନସଭା ନିର୍ବାଚନରେ ବାରମ୍ବାର ବିଜୟ ହାସଲ କରି କ୍ଷମତା ଦଖଲ କରିଛି। ପଞ୍ଜାବରେ ମଧ୍ୟ ଏହା କ୍ଷମତାସୀନ ରହିଛି। କଂଗ୍ରେସ ହରିୟାନାରେ ଇଭିଏମ ଟାମ୍ପରିଂ ଅଭିଯୋଗ ଆଣିଛି। କିନ୍ତୁ ଏହି ଦଳ ଝାଡ଼ଖଣ୍ଡ, କର୍ଣ୍ଣାଟକ, ତେଲେଙ୍ଗାନା, ହିମାଚଳ ପ୍ରଦେଶରେ ବିଜୟ ହାସଲ କରି କ୍ଷମତାସୀନ ରହିଛି। ଏବେ ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ବିଜେପି ନେତୃତ୍ୱାଧିନ ମହାୟୁତିର ବିପୁଳ ବିଜୟ ପରେ କଂଗ୍ରେସ ଓ ଶିବସେନା(ଉଦ୍ଧବ)ର କିଛି ନେତା ନିର୍ବାଚନ ଫଳାଫଳ ନେଇ ସନ୍ଦେହ ପ୍ରକାଶ କରିଛନ୍ତି। ଇଭିଏମ ଟାମ୍ପରିଂ ଏବଂ ନିର୍ବାଚନରେ ପୁନର୍ବାର ବାଲଟ ପେପର ବ୍ୟବହାର ଦାବି କରି ସୁପ୍ରିମକୋର୍ଟରେ ଅନେକ ଥର ପିଟିସନ ଦାଖଲ ହୋଇଛି। ଏହାକୁ ସୁପ୍ରିମକୋର୍ଟ ନିୟମିତ ଖାରଜ କରି ଚାଲିଛନ୍ତି। ଇଭିଏମ ଟାମ୍ପରିଂ ଅସମ୍ଭବ ବୋଲି ଭାରତର ନିର୍ବାଚନ କମିଶନର ବାରମ୍ବାର କହିଛନ୍ତି। ଇଭିଏମ ଟାମ୍ପରିଂ ଅଭିଯୋଗକୁ ପ୍ରମାଣିତ କରି ଦେଖାଇବା ନିମନ୍ତେ ନିର୍ବାଚନ କମିଶନ ଆହ୍ୱାନ କରିଛନ୍ତି। କିନ୍ତୁ ଏହା ବିଫଳ ହୋଇଛି। ତଥାପି କିଛି ଲୋକଙ୍କ ମନରେ ଇଭିଏମକୁ ନେଇ ସନ୍ଦେହ ଦୂର ହୋଇନି। ଇଭିଏମ ଟାମ୍ପରିଂ ସନ୍ଦେହକୁ ଦୂର କରିବା ନିମନ୍ତେ ଏବେ ଭିଭିପାଟ ବ୍ୟବସ୍ଥା ହୋଇଛି। ଜଣେ ଭୋଟର ଯାହାକୁ ଭୋଟ ଦେଲେ ତାଙ୍କ ଭୋଟ ସେହିଦଳ ବା ପ୍ରାର୍ଥୀଙ୍କ ସପକ୍ଷରେ ଯାଉଛି ବୋଲି ଭିଭିପାଟରୁ ପ୍ରମାଣିତ ହେଉଛି। ଭୋଟ ଗଣତି ବେଳେ କିଛି ବୁଥର ଇଭିଏମ ଏବଂ ଭିଭିପାଟରୁ ମିଳିଥିବା ଭୋଟକୁ ମିଳାଯାଉଛି। ତଥାପି ସନ୍ଦେହ ଦୂର ହେଉନି। ଆବଶ୍ୟକ ପଡ଼ିଲେ ଇଭିଏମ ପ୍ରକ୍ରିୟାରେ ଆହୁରି ଅନେକ ସଂସ୍କାର ଅଣାଯାଇପାରିବ ଏବଂ ଏହାକୁ ଶତ ପ୍ରତିଶତ ସନ୍ଦେହମୁକ୍ତ କରାଯାଇପାରିବ। କିଛି ଅଭିଯୋଗକାରୀ ଦର୍ଶାଉଛନ୍ତି ଯେ, ଇଭିଏମରେ ଟାମ୍ପରିଂ ଆଶଙ୍କାକୁ ଦୃଷ୍ଟିରେ ରଖି କେତେକ ଦେଶରେ ପୁନର୍ବାର ବାଲଟ ପେପର ବ୍ୟବସ୍ଥା କାର୍ଯ୍ୟକାରୀ ହେଲାଣି। କିନ୍ତୁ ଭାରତ ଏବଂ ବିଶ୍ୱର ଅନ୍ୟ ଦେଶ ମଧ୍ୟରେ ଅନେକ ତଫାତ ରହିଛି। ଭାରତର ବିଶାଳ ଜନସଂଖ୍ୟା ଦୃଷ୍ଟିରୁ ଲକ୍ଷ ଲକ୍ଷ ବୁଥରେ ବାଲଟ ପେପର ବ୍ୟବହାର ଏବଂ ଏହାର ଗଣତି ଅତି କଷ୍ଟସାଧ୍ୟ। ବାଲଟ ପେପର ବ୍ୟବହାର ଦ୍ୱାରା ଜାଲିଆତିର ଅଧିକ ଆଶଙ୍କା ରହିଥାଏ। ଏଥିରେ ଅଧିକ ମାନବ ସମ୍ବଳର ଆବଶ୍ୟକତା ରହିଛି, ଅଧିକ ସମୟ ସାପେକ୍ଷ। ତେଣୁ ବାଲଟ ପେପରରେ ଭୋଟ ଗ୍ରହଣ ଯୁକ୍ତି ଏବେ ଗ୍ରହଣୀୟ ମନେ ହେଉନି। ଦିଲ୍ଲୀ, କୋଲକାତା, ମୁମ୍ବାଇ ଭଳି ମହାନଗରୀର ଜନସଂଖ୍ୟା ଯାହା ୟୁରୋପର ଅଧିକାଂଶ ଦେଶର ଜନସଂଖ୍ୟା ତାହାଠାରୁ କମ। ତେଣୁ ସେଠାରେ କ'ଣ ହେଉଛି ତାହା ଭାରତ ପାଇଁ ଗ୍ରହଣୀୟ ନହୋଇପାରେ। ଇଭିଏମ ପରିବର୍ତ୍ତେ ର୍ବାଚନରେ ପୁନର୍ବାର ବାଲଟ ପେପର ବ୍ୟବହାର ଦାବି କରି ଏକ ପିଟିସନକୁ ସୁପ୍ରିମକୋର୍ଟ ଅଗ୍ରାହ୍ୟ କରି କହିଛନ୍ତି ଯେ, ଯେତେବେଳେ ନିର୍ବାଚନରେ ଜିତୁଛ, ସେତେବେଳେ ଇଭିଏମ ଟାମ୍ପରିଂ ହେଉନି, ଯେତେବେଳେ ପରାଜିତ ହେଉଛ, ସେତେବେଳେ ଇଭିଏମ ଉପରେ ସବୁ ଦୋଷ ଲଦି ଦିଆଯାଉଛି। ଏହା ଗ୍ରହଣୀୟ ନୁହେଁ। ଅତୀତରେ ଓଡ଼ିଶାରେ ବିଜେପି ମଧ୍ୟ ଜନାଦେଶକୁ ଯନ୍ତ୍ରାଦେଶ ବୋଲି କହୁଥିଲା। ଏବେ ସେହି ଦଳ ପୁଣି କିପରି ନିର୍ବାଚନରେ ବିଜୟୀ ହୋଇ କ୍ଷମତା ଦଖଲ କରିଛି? ପଶ୍ଚିମବଙ୍ଗରେ ମମତା ବାନାର୍ଜୀ କ୍ରମାଗତ ଭାବେ ନିର୍ବାଚନରେ ବିଜୟ ହାସଲ କରୁଛି। ସେଠାରେ କେନ୍ଦ୍ର ସରକାର କାହିଁକି ଇଭିଏମ ଟାମ୍ପରିଂ କରିପାରୁ ନାହାଁନ୍ତି। ଏକଦା ୟୁପିରେ ଅଖିଳେଶ ଯାଦଦବ କ୍ଷମତାସୀନ ଥିଲେ। ସେତେବେଳେ ନିର୍ବାଚନରେ ବିଜେପି ବିଜୟୀ ହେଲା। ସେତେବେଳେ ଅଖିଳେଶ ସରକାର କାହିଁକି ଇଭିଏମ ଟାମ୍ପରିଂ କରିପାରିଲେ ନାହିଁ। କାରଣ ରାଜ୍ୟ ପ୍ରଶାସନ ସବୁ ବେଳେ ରାଜ୍ୟରେ କ୍ଷମତାସୀନ ଦଳ ହାତରେ ରହିଥାଏ। ଅତୀତରେ ଟିଡିପି ମୁଖ୍ୟ ଚନ୍ଦ୍ରବାବୁ ନାଇଡ଼ଉ ଇଭିଏମ ଟାମ୍ପରିଂ ଅଭିଯୋଗ ଉଠାଇଥିଲେ। ଏବେ ସେହି ଦଳ ରାଜ୍ୟରେ ନିର୍ବାଚନ ଜିତି କ୍ଷମତାସୀନ ହୋଇଛି। ଦକ୍ଷିଣ ଭାରତର କେବଳ ଆନ୍ଧ୍ରକୁ ବାଦ ଦେଲେ ବାକି ସବୁ ରାଜ୍ୟରେ ଅଣ ଏନଡିଏ ମେଣ୍ଟ କ୍ଷମତାସୀନ ରହିଛି। ଦକ୍ଷିଣ ଭାରତରେ କାହିଁକି ଇଭିଏମ ଟାମ୍ପରିଂ ହୋଇପାରୁନି? ଏବେ ଏହି ପ୍ରସଙ୍ଗରେ ବିତର୍କର ଅନ୍ତ ହେବା ଉଚିତ। କିନ୍ତୁ ଇଭିଏମକୁ ଶତ ପ୍ରତିଶତ ସନ୍ଦେହମୁକ୍ତ କରିବା ନିମନ୍ତେ ସବୁ ପ୍ରୟାସ କରାଯିବା ଉଚିତ।

# ଟଙ୍ଗାହାତ କଡ଼ାଦଣ୍ଡ



ସତୀଶ ବିଶ୍ୱାଳ

ଦେଶ ସ୍ୱାଧୀନ ହେବା ପୂର୍ବରୁ ଅତ୍ୟାଚାରୀ ରାଜା ମାନଙ୍କ ମଧ୍ୟରେ ଚର୍ଚ୍ଚାରେ ଥିଲେ ଢେଙ୍କାନାଳର ରାଜା ଶଙ୍କର ପ୍ରସାଦ ମହେନ୍ଦ୍ର ବାହାଦୂର। ଢେଙ୍କନାଳ ଚଢେଇହଡା ଡାକବଙ୍ଗଳା ଏବଂ ଯତନନଗର ଥିଲା ଏହି ଅତ୍ୟାଚାରର ମୁକ ସାକ୍ଷୀ। ଏଠାରେ ଇଂରେଜ ସରକାରଙ୍କ ମେଜର ବେଜେଲଗେଟ ଏବଂ ରାଜାଙ୍କ କର୍ମଚାରୀ ନନ୍ଦ ପେଷ୍କାର ପ୍ରଜା ମାନଙ୍କୁ ସମସ୍ତ ପ୍ରକାର ନାହିଁ ନଥିବା ଅତ୍ୟାଚାର ଦେବାରେ ଅସରନ୍ତି ଆନନ୍ଦ ପାଉଥିଲେ। ଏପରିକି ଯୁବତୀ ଝିଅ ଏବଂ ବୋହୁମାନେ ଏହି ଅତ୍ୟାଚାରର ଶୀକାର ହେଉଥିଲେ। ଏହି ସମୟରେ ଶାସକଙ୍କ ମାନବିକତାର ସବୁ ସୀମା ଉଲଂଘନ ନିକଟରେ ପାଶବିକତା ଠାରୁ ବି ଢେର ଅଧିକ ଥିଲା।

ପୁରାଣ, ଇତିହାସ ଓ ବର୍ତ୍ତମାନ ସମୟରେ ଅତ୍ୟାଚାର ଓ ଶୋଷଣ ବିରୋଧରେ ଯୁଗେ ଯୁଗେ ପ୍ରତିବାଦର ଆନ୍ଦୋଳନ ମୁଣ୍ଡ ଟେକିଛି। ଢେଙ୍କାନାଳ ରାଜାଙ୍କ ସହ ଇଂରେଜ ଶାସନ କଳର ମହାମେଣ୍ଟ ଯେତିକି ଅତ୍ୟାଚାରୀ ହୋଇଥିଲା, ପ୍ରଜା ମାନଙ୍କ ମଧ୍ୟରେ ପ୍ରତିବାଦର ସ୍ୱର ସେତିକି ଜାଗ୍ରତ ହୋଇଥିଲା। ବିଶ୍ୱର ସର୍ବକନିଷ୍ଠ ସଂଗ୍ରାମୀ ବାଜି ରାଉତ ସହିଦ ହେବା ପରେ ଏହି ପ୍ରତିବାଦର ନିଆଁ ଅଧିକ ଜାଗ୍ରତ ହେଲା। ଫଳ ସ୍ୱରୂପ ୧୯୩୮ ମସିହାରେ ଢେଙ୍କାନାଳ ପ୍ରଜା ଆନ୍ଦୋଳନ ସମଗ୍ର ଗଡ଼ଜାତ ଏବଂ ରାଜା ରାଜୁଡା ଅତ୍ୟାଚାର ବିରୋଧରେ ଏକ ପ୍ରେରଣା ଭାବେ ଉଭା ହେଲା। ଅତ୍ୟାଚାର ଯେତିକି ବଢୁଥିଲା ତଦନୁସାରେ ଢେଙ୍କାନାଳ ମାଟିରେ ସଂଗ୍ରାମୀଙ୍କ ସଂଖ୍ୟା ମଧ୍ୟ ବଢୁଥିଲା। ସେମାନଙ୍କ ମଧ୍ୟରେ ଭିନ୍ନ ଏକ ସ୍ୱାଧୀନତା ସଂଗ୍ରାମୀ ଥିଲେ ଶ୍ରୀଧର ସାହୁ। ୧୯୧୫ ମସିହା ଡିସେମ୍ବର ମାସ ୧୮ ତାରିଖରେ ଢେଙ୍କାନାଳ ଜିଲ୍ଲା ନିହଲପ୍ରସାଦ ଗ୍ରାମରେ ପିତା ମଧୁସୂଦନ ଏବଂ ମାତା ଆଶାଲତା ଦେବୀଙ୍କ ଔରଶରୁ ଜନ୍ମ ଗ୍ରହଣ କରିଥିଲେ ଶ୍ରୀଧର।

ନିମ୍ନ ମଧ୍ୟବିତ କୃଷକ ପରିବାରରେ ଜନ୍ମ ଗ୍ରହଣ କରିଥିବା ଶ୍ରୀଧର ଇଂରେଜ ଏବଂ ରାଜାଙ୍କ ଶାସନ ବିରୋଧରେ ଗଢି ଉଠିଥିବା ପ୍ରଜା ଆନ୍ଦୋଳନର ଜଣେ ଆଗ ଧାଡିର ନେତା ହୋଇଥିଲେ। ଏଥିପାଇଁ ଢେଙ୍କାନାଳ ରାଜାଙ୍କ ଅତ୍ୟାଚାରର ଶୀକାର ହେଲେ। ତାଙ୍କର ବହୁ ଜମିବାଡି ରାଜା ଛଡାଇ ନେଲେ। ଢେଙ୍କାନାଳ ରାଜାଙ୍କ କୁଶାସନକୁ ସହି ନପାରି ସେ ସମୟରେ ଝିଅ, ବୋହୁଙ୍କୁ ନେଇ ବହୁ ପରିବାର ରାଜାଙ୍କ ଶାସନ ପରିସରରେ ନଥିବା ଯାଜପୁର ଜିଲ୍ଲା ଅଞ୍ଚଳକୁ ଚାଲି ଯାଉଥିଲେ। ଏହି ଧାରାରେ ଶ୍ରୀଧର ମଧ୍ୟ ସଂଗ୍ରାମୀ ମାନଙ୍କ ତାଲିମ ପାଇଁ ନିହଲପ୍ରସାଦ ନିକଟରେ ଥିବା ଯାଜପୁର ଜିଲ୍ଲା ଧର୍ମଶାଳା ବ୍ଲକର 'କଲାଣ୍ଡ'ରେ ନିଜ କ୍ୟାମ୍ପ ପ୍ରତିଷ୍ଠା କରିଥିଲେ। ଏହି କ୍ୟାମ୍ପକୁ ନିୟମିତ ନବକୃଷ୍ଣ ଚୌଧୁରୀ ଏବଂ ମାଳତୀ ଚୌଧୁରୀ ଆସୁଥିଲେ। ଢେଙ୍କାନାଳ ଏବଂ ଯାଜପୁର ଜିଲ୍ଲାର ସ୍ୱାଧୀନତା ଆନ୍ଦୋଳନକୁ ଉଜ୍ଜିବିତ କରିବାରେ ଏହି କ୍ୟାମ୍ପର ଭୂମିକା ଥିଲା। ଏଠାରେ ଢେଙ୍କାନାଳ ରାଜା ଏବଂ ତାଙ୍କ ସେନା ବାହିନୀ ପ୍ରବେଶ କରି ପାରୁ ନଥିବାରୁ ଶ୍ରୀଧର ଏଠାରୁ ପ୍ରଜା ଆନ୍ଦୋଳନର ସମସ୍ତ ଗୋଟି ଚାଳନା କରୁଥିଲେ ଏବଂ ନୂଆ ସଂଗ୍ରାମୀ ସୃଷ୍ଟି କରିବା ପାଇଁ ତାଲିମ ଦେଉଥିଲେ।



ଢେଙ୍କାନାଳର ସ୍ୱାଧୀନତା ସଂଗ୍ରାମୀ ଶ୍ରୀଧର ସାହୁଙ୍କୁ ଶ୍ରଦ୍ଧାଞ୍ଜଳୀ

ଏହାସତ୍ତ୍ୱେ ବି ଢେଙ୍କାନାଳ ରାଜ୍ୟ ଭିତରକୁ ମହାତ୍ମାଗାନ୍ଧୀଙ୍କ ନେତୃତ୍ୱରେ ଭାରତଛାଡ ଆନ୍ଦୋଳନ ଓ ପ୍ରଜା ଆନ୍ଦୋନ ପ୍ରସ୍ତୁତି ପାଇଁ ଗୁପ୍ତରେ ଯାଉଥିବା ବେଳେ ଧରାପଡ଼ି ଶ୍ରୀଧର ଗିରଫ ହେଲେ। ଢେଙ୍କାନାଳ ଜେଲରେ ବନ୍ଦୀ ଜୀବନ ବିତାଇବା ବେଳେ କଏଦୀ ମାନଙ୍କୁ ମାଟି ଖପରାରେ ଖାଇବାକୁ ଦିଆ ଯାଉଥିଲା। ଗୋଟିଏ ପାଇଖାନାରେ କଏଦୀ ମାନେ ଲମ୍ବା ଧାଡିରେ ଠିଆ ହୋଇ ଶୌଚ ହେଉଥିଲେ। କଏଦୀ ମାନଙ୍କୁ ବହିପତ୍ର ଏବଂ ଖବର କାଗଜ ପଢ଼ିବାର ସୁଯୋଗ ଦିଆ ଯାଉ ନଥିଲା। ଏହା ବିରୋଧରେ କଏଦୀ ଶ୍ରୀଧର ଜେଲ ଭିତରେ ଆନ୍ଦୋଳନ ଆରମ୍ଭ କର ୨୧ ଦିନ ଅନଶନ କରିଥିଲେ। ଏହି ଆନ୍ଦୋଳନକୁ ଦମନ କରିବା ପାଇଁ ଶ୍ରୀଧରଙ୍କୁ 'ଟଙ୍ଗାହାତ କଡାଦଣ୍ଡ' ଦଣ୍ଡ ଦିଆ ଯାଇଥିଲା। ଢେଙ୍କାନାଳ ରାଜାଙ୍କ ଏହି ଦଣ୍ଡ ଅତ୍ୟନ୍ତ ଅମାନୁଷିକ ଏବଂ ହୃଦୟ ବିଦାରକ। ଏହି ଦଣ୍ଡ ବ୍ୟବସ୍ଥାରେ କଏଦୀଙ୍କ ଗୋଡକୁ ଜେଲ ଛାତରେ ଥିବା କଡିରେ ବନ୍ଧି ଦେଇ ମୁଣ୍ଡ ତଳକୁ କରି ଟଙ୍ଗି ଦିଆଯାଏ। ଏହାପରେ ଢେଙ୍କାନାଳ ରାଜାଙ୍କ ନନ୍ଦ ପେଷ୍କାର ଏବଂ ମେଜର ବେଜଲଗେଟଙ୍କ ନିର୍ଦ୍ଦେଶରେ ଚାବୁକରେ ନିର୍ଘୁମ ପ୍ରହାର କରାଯାଏ। ଚାବୁକ ପ୍ରହାରରେ ଶରୀର ରକ୍ତ ଜୁଡୁବୁଡୁ ହେବା ପରେ ବି ପ୍ରହାର କରା ଚାଲିଥାଏ। ଏହାପରେ ବି ଶ୍ରୀଧର ଆନ୍ଦୋଳନରୁ ବିରତ ହୋଇ ନଥିଲେ। ଶେଷକୁ ଜେଲରେ ମାଟି ପାତ୍ର ବଦଳରେ ପିତଳ ପାତ୍ରରେ ଖାଦ୍ୟ ପ୍ରଦାନ, ପାଇଖାନା ସଂଖ୍ୟା ୧୨ କୁ ବୃଦ୍ଧି କରାଯିବା ସହ କଏଦୀଙ୍କୁ ପୁସ୍ତକ ପଢ଼ିବାର ଅନୁମତି ପ୍ରଦାନ କରାଗଲା। ହେଲେ ଖବର କାଗଜ ପ୍ରଦାନ କରାଗଲା ନାହିଁ। ସେତେବେଳେ ଦେଶ ସ୍ୱାଧୀନ ପାଇଁ ହେଉଥିବା ଆନ୍ଦୋଳନ ସମ୍ବନ୍ଧରେ କଏଦୀ ମାନେ ଖବର କାଗଜରୁ ଜାଣିବାକୁ ପାଇଲେ, ସେମାନେ ଅଧିକ ଉତ୍ସାହିତ ହେବା ଆଶଙ୍କାରେ ଖବର କାଗଜ ପଢ଼ିବାର ସୁଯୋଗ ଦିଆଯାଉ ନଥିଲା। ଦେଶ ସ୍ୱାଧୀନ ହେବା ପରେ ସେ ଅନୁଗୁଳ ଠାରେ ଥିବା ବାଜି ରାଉତ ଛାତ୍ରାବାସ ସହିତ ପ୍ରତ୍ୟକ୍ଷ ସଂକର୍ପରେ ରହି ଅନେକ କାର୍ଯ୍ୟକୁ ସଫଳତାର ସହ କାର୍ଯ୍ୟକାରୀ କରିଛନ୍ତି। ହରିଜନ ମାନଙ୍କୁ ମନ୍ଦିର ପ୍ରବେଶ, ଗୋପାଳ ମାନଙ୍କ ଠାରୁ କାନ୍ଧିଆ ଉଚ୍ଛେଦ ଆନ୍ଦୋଳନ ସଫଳତା ଥିଲା ତାଙ୍କ ଜୀବନର ବଡ କାର୍ଯ୍ୟ। ଓଡ଼ିଶା ଦଳିତ ଜାତି ସଂଘର ଜଣେ ସ୍ୱତନ୍ତ୍ର ସଭ୍ୟ ଭାବରେ ଢେଙ୍କାନାଳ ଓ ଯାଜପୁର ଜିଲ୍ଲାରେ ଅନେକ ସଂସ୍କାର ମୂଳକ କାର୍ଯ୍ୟ ପାଇଁ ସେ ଚିରସ୍ମରଣୀୟ। କେନ୍ଦ୍ର ସରକାରଙ୍କ ଠାରୁ ସମ୍ମାନ ସୂଚକ ତାମ୍ର ଫଳକ, ଓଡ଼ିଶାର ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ସ୍ୱାଧୀନତା ସଂଗ୍ରାମୀ ସ୍ୱୀକୃତି ସମ୍ମାନ ପାଇଛନ୍ତି। ସେ ଢେଙ୍କାନାଳର ସଂଗ୍ରାମୀ ସାରଙ୍ଗଧର ଏବଂ ଲୌହ ମାନବୀ ନନ୍ଦିନୀ ଶତପଥୀଙ୍କ ଘନିଷ୍ଠ ଥିଲେ। ତାଙ୍କର ୧୯୯୩ ମସିହା ମେ ୫ ତାରିଖରେ ମୃତ୍ୟୁ ହୋଇଥିଲା। ତାଙ୍କର ପରଲୋକ ପରେ ପୁଅ ଗୋକୁଳିଚନ୍ଦ୍ର ସାହୁ ତାଙ୍କ ଜୀବନିକୁ ନେଇ ନାଟକ ପୁସ୍ତକ 'ସୂର୍ଯ୍ୟାସ୍ତ ଏକ ଅତ୍ୟାଚାରୀ ରାଜତନ୍ତ୍ରର' ରଚନା କରିଥିଲେ। ଯାଜପୁର ଜିଲ୍ଲା କଲାଣ୍ଡ ନିକଟସ୍ଥ ରେଖିଦେଇପୁରରେ ଗତ ୨୧ ମେ ୨୦୧୭ ରେ ଏହି ନାଟକ ମଞ୍ଚସ୍ଥ ହେବା ବେଳେ ପ୍ରାୟ ୫ ହଜାର ଦର୍ଶକ ଏକାଠି ହୋଇଥିଲେ। ତତ୍କାଳୀନ କେନ୍ଦ୍ରମନ୍ତ୍ରୀ ଭଜମନ ବେହେରା ଏହି ନାଟକ ଉତ୍ସବକୁ ଉଦଘାଟନ କରିଥିଲେ। ହେଲେ ସ୍ୱାଧୀନତା ସଂଗ୍ରାମର ସଂକେତ ସାଜିଥିବା କଲାଣ୍ଡ କ୍ୟାମ୍ପ ରାଜନୈତିକ ଇଚ୍ଛାଶକ୍ତିର ଅଭାବରୁ ନିଜର ସତା ହରାଇଛି।

ସଂଗ୍ରାମର ଏହି ଅଭୂଲା ସ୍ମୃତି ଭିତରେ ଏବେ ବି ଢେଙ୍କାନାଳ ରାଜାଙ୍କ ଚଢେଇରଗଡ଼ା ବଙ୍ଗଳା, ଯତନନଗର ଅତ୍ୟାଚାର ସହ ଜେଲରେ ଦିଆଯାଉ ଥିବା 'ଟଙ୍ଗାହାତ କଡାଦଣ୍ଡ' ର ପାଶବିକ ଯନ୍ତ୍ରଣା ଶାସନର କୁରତା ଓ ପାଶବିକତାର ସଂକେତ ହୋଇ ରହିଛି। ଆଜି ୧୮ ଡିସେମ୍ବର ୨୦୨୪ ରିଖରେ ମହାନ ସ୍ୱାଧୀନତା ସଂଗ୍ରାମୀ ଶ୍ରୀଧର ସାହୁଙ୍କ ୧୦୯ ତମ ଜୟନ୍ତି ଅବସରରେ ଜଣାଉଛୁ ଗଭୀର ଶ୍ରଦ୍ଧାଞ୍ଜଳୀ।

ଭୁବନପୁର, ଗଡ଼ମଧୁପୁର, ଧର୍ମଶାଳା, ଯାଜପୁର
ମୋବାଇଲ୍‌୯୪୩୭୦୧୯୧୧୭

# ନୀଳାଚଳନାଥ: ଶ୍ରୀରାମ



ଡାକ୍ତର ଦିଲ୍ଲୀପ କୁମାର ମହାରଣା

ତ୍ରେତୟା ଯୁଗର କଥା। ଭଗବାନ ରାମ ତାଙ୍କର ଲୀଳା ଖେଳା ଶେଷ କରି ପରମ ଧାମକୁ ପ୍ରତ୍ୟାବର୍ତ୍ତନ କରିବାକୁ ଯୋଜନା କଲେ। ସଙ୍ଗରେ ଭାଇମାନଙ୍କୁ, ସୁଗ୍ରୀବ ଓ ବାନର ମାନଙ୍କୁ ନେବାକୁ ନିଶ୍ଚୟ କରି ଜାମ୍ବମାନ, ବିଭୀଷଣ, ହନୁମାନ, ମୈନ୍ଦ, ଦ୍ୱିବିନ୍ଦ - ଏହି ପାଞ୍ଚ ଜଣଙ୍କୁ ମର୍ତ୍ତ୍ୟରେ ଛାଡ଼ି ଦେଇ ଗଲେ। ସେ ରାକ୍ଷାସଧିସ ଲଙ୍କେଶ ବିଭୀଷଣକୁ ପାଖକୁ ଡାକି କହିଲେ, ହେ ମହାବଳୀ ରାକ୍ଷାସ ରାଜ ସେତେ ଦିନ ପର୍ଯ୍ୟନ୍ତ ଚନ୍ଦ୍ର ଓ ସୂର୍ଯ୍ୟ ରହିଥିବେ, ସେତେଦିନ ପର୍ଯ୍ୟନ୍ତ ଏ ଧରାପୃଷ୍ଠରେ ତିଷ୍ଠି ରହିଥିବ ଓ ଯେତେଦିନ ପର୍ଯ୍ୟନ୍ତ ସଂସାରରେ ମୋ କଥା ପ୍ରଚଳିତ ଥିବ, ସେତେଦିନ ତୁମେ ରାଜୁତି କରିବ। ଏତିକି କହିସାରି ପୁଣି ସେ କହିଲେ ତୁମକୁ ଆଉ ଗୋଟିଏ କଥା କହିବାକୁ ଚାହୁଁଛି। ଆମ ଇକ୍ଷାକୁ କୁଳର ଦେବତା ହେଉଛନ୍ତି ପ୍ରଭୁ ଜଗନ୍ନାଥ। ଇନ୍ଦ୍ରାଦି ଦେବତାମାନେ ତାଙ୍କୁ ନିରନ୍ତର ଆରାଧନା କରନ୍ତି। ତୁମେ ବି ସଦାସର୍ବଦା ତାଙ୍କର ପୂଜା କରୁଥିବ। 'ଆରାଧୟ ଜଗନ୍ନାଥଃ ଇକ୍ଷାକୁ କୁଳଦୈବତମ୍, ଆରାଧନୀୟମନିଶଂ ଦେବୈରପି ସଦା ସବୈଃ।' ଭଗବାନ ରାମଚନ୍ଦ୍ରଙ୍କ ଆଜ୍ଞାକୁ ଶିରୋଧାର୍ଯ୍ୟ କରି ଲଙ୍କାରେ ବିଭୀଷଣ ରାଜୁତି କରିବାକୁ ଲାଗିଲେ। କିନ୍ତୁ ସେ ପ୍ରତିଦିନ ଆସି ଜଗନ୍ନାଥ ମହାପ୍ରଭୁଙ୍କୁ ଦର୍ଶନ କରି ଯାଆନ୍ତି। ସେଥିପାଇଁ ପୁରୀ ଶ୍ରୀମନ୍ଦିର ଉପରି ଭାଗରେ ଦକ୍ଷିଣ ଦିଗକୁ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା ତ୍ରିମୂର୍ତ୍ତି ଶୋଭା ପାଉଛନ୍ତି। କାରଣ ଲଙ୍କା ରାଜ୍ୟ ଭାରତର ଦକ୍ଷିଣ ଦିଗରେ ଅବସ୍ଥିତ।

ହଜାର ହଜାର ବର୍ଷ ପୂର୍ବରୁ ମହର୍ଷି ବାଲ୍ମିକୀ ଯାହା ଲିପିବଦ୍ଧ କରିଯାଇଛନ୍ତି, ଆଜିକାଲି ବି ପୁରୀରେ ଲୋକମୁଖରେ ବିଭୀଷଣ ପ୍ରତିଦିନ ଜଗନ୍ନାଥ ମହାପ୍ରଭୁଙ୍କୁ ଦର୍ଶନ କରୁଥିବାର ପ୍ରବାଦ ଶୁଣିବାକୁ ମିଳେ। ଏ ବିଷୟରେ ଏଠାରେ ଉତ୍ଥାପନ କରିବାର କାରଣ ହେଉଛି ନୀଳାଚଳନାଥ ନୀଳାଦ୍ରି ବିହାରୀ ନୀଳ ଶୈଳାଧିପତି ହେଉଛନ୍ତି ଦାରୁବ୍ରହ୍ମ ଜଗନ୍ନାଥ ମହାପ୍ରଭୁ। ସେହି ହେଉଛନ୍ତି ଇକ୍ଷାକୁ ସୂର୍ଯ୍ୟକୁଳ ଜାତ ପୁରୁଷୋତ୍ତମ ରାମଚନ୍ଦ୍ର। ସେଥିପାଇଁ ଏ କ୍ଷେତ୍ରକୁ ପୁରୁଷୋତ୍ତମ କ୍ଷେତ୍ର ବା ପୁରସ୍ତମ ବା ସଂକ୍ଷେପରେ ପୁରୀ କୁହାଯାଏ।

ପୁରୁଷୋତ୍ତମ କ୍ଷେତ୍ରର ମାହାତ୍ମ୍ୟ ଯୁଗେ ଯୁଗେ ରହି ଆସିଅଛି। ନୀଳାଚଳ ହେଉଛି ପରମାତ୍ମାଙ୍କର ନିତ୍ୟ ଲୀଳାକ୍ଷେତ୍ର। ଜଗନ୍ନାଥ ମହାପ୍ରଭୁ ହେଉଛନ୍ତି ପରମ ଅବତାରି। ସେ ସବୁ ଅବତାର ମଧ୍ୟରେ ଶ୍ରେଷ୍ଠ। ସେ ହିଁ ସକଳ ତତ୍ତ୍ୱର ସକଳ ସତ୍ୟର ସତ୍ୟ ଓ ସକଳ ପ୍ରକାଶର ପ୍ରକାଶ। ନୀଳାଦ୍ରି ବା ପୁରୁଷୋତ୍ତମ ଧାମ ହେଉଛି ତୀର୍ଥସାର। ଜଗନ୍ନାଥ ମହାପ୍ରଭୁ ଓ ରାମଚନ୍ଦ୍ର ଉଭୟ ଇକ୍ଷାକୁ କୁଳ ସଂଭୂତ ହୋଇଥିବାରୁ ତ୍ରେତୟାର ଭଗବାନ ରାମଚନ୍ଦ୍ର ଓ କଳିର ଜଗନ୍ନାଥ ମହାପ୍ରଭୁ ଏକ ଓ ଅଭିନ୍ନ। ଏଥିରେ ସନ୍ଦେହ ନାହିଁ। ଆହୁରି ମଧ୍ୟ ସେତେବେଳେ ରାମଚନ୍ଦ୍ର ପିତୃ ଆଜ୍ଞା ପାଳନ କରି ବନ ଗମନ କରିଥିଲେ, ସେତେବେଳେ ଆଗରେ ରାମଚନ୍ଦ୍ର, ମଝିରେ ସୀତା ଓ ପଛରେ ଲକ୍ଷ୍ମଣ ଚାଲୁଥିଲେ। ସନ୍ଥ ତୁଳସୀ ଦାସଙ୍କ ଭାଷାରେ - 'ଆଗେ ରାମ ଅନୁଜ ପୁନି ପାଛେଁ। ମୁନିବର ବେଷ ବନେ ଅତି କାଛେଁ।। ଉଭୟ ବୀଚ ଶ୍ରୀ ସୋହଇ କୈସୀ। ବ୍ରହ୍ମ ଜୀବ ବିଚ ମାୟା ଜୈସୀ।' ମୁନିବେଶ ଧାରଣ କରି ରାମଚନ୍ଦ୍ର ଆଗରେ, ପଛରେ ଲକ୍ଷ୍ମଣ ଓ ମଝିରେ ସୀତା। ସୀତାଙ୍କୁ ଲକ୍ଷ୍ୟ କରି ତୁଳସୀ ଦାସ କହିଛନ୍ତି - ବ୍ରହ୍ମ ଓ ଜୀବ ମଧ୍ୟରେ ସୀତା ଶୋଭା ପାଉଛନ୍ତି। ଶକ୍ତି ରୂପିଣୀ ସୀତା ମାୟା ରୂପରେ ବ୍ରହ୍ମ ଓ ଜୀବ ମଧ୍ୟରେ ସଂଯୋଗ ସ୍ଥାପନ କରୁଛନ୍ତି। ସାଧାରଣତଃ ମାୟା ଦୁଇ ପ୍ରକାର, ବିଦ୍ୟା ମାୟା, ଓ ଅବିଦ୍ୟା ମାୟା। ବିଦ୍ୟା ମାୟାକୁ ମଧ୍ୟ ଯୋଗମାୟା କୁହାଯାଏ। ବିଦ୍ୟା ମାୟା ବ୍ରହ୍ମ ଓ ଜୀବ ମଧ୍ୟରେ ସଂଯୋଗ ସ୍ଥାପନ କରି ଜୀବକୁ ଭଗବତମୁଖୀ କରାଏ। ଅପର ପକ୍ଷରେ ଅବିଦ୍ୟା ମାୟା। ଜୀବକୁ ଭଗବାନ ଠାରୁ ଦୂରେଇ ଦେଇ ତାକୁ ବିଷୟାଭିମୁଖୀ କରାଏ। କିନ୍ତୁ ଏ କ୍ଷେତ୍ରରେ ସୀତା ହେଉଛନ୍ତି ବିଦ୍ୟା ମାୟା। ଏହି ଦୃଷ୍ଟିରୁ ଆମେ ଯଦି ରତ୍ନ



ସିଂହାସନ ଉପରେ ଅଧିଷ୍ଠିତ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କୁ ଲକ୍ଷ୍ୟ କରିବା ତାହାହେଲେ ଜାଣି ପାରିବା ଜଗନ୍ନାଥ ଓ ବଳଭଦ୍ର ମଧ୍ୟରେ ଶକ୍ତି ସ୍ୱରୂପିଣୀ ସୁଭଦ୍ରା ମାତା ଅଧିଷ୍ଠିତା। ସେ ହେଉଛନ୍ତି ଜୀବ ଓ ବ୍ରହ୍ମ ମଧ୍ୟରେ ସଂଯୋଗକାରଣୀ ଆଦିଶକ୍ତି।

ଶ୍ରୀମନ୍ଦିରକୁ ପ୍ରବେଶ କଲାବେଳେ କୁରୁମ ବେଢ଼ା ଦୁଆର ଉପରେ ରାମ ତିଳକ ଶୋଭ ପାଉଛି। ଏହା ବ୍ୟତୀତ ପ୍ରଧାନ ମନ୍ଦିର ଉପରେ ଦଧି ନଉତି ପାଖରେ ପୂର୍ବ ଦିଗକୁ ମଧ୍ୟ ରାମ ତିଳକ ଦେଖିବାକୁ ମିଳେ। ଏହି ସଂକେତରୁ ସ୍ପଷ୍ଟ ପ୍ରମାଣ ମିଳୁଛି ଯେ ଜଗନ୍ନାଥ ମହାପ୍ରଭୁ ହିଁ ସ୍ୱୟଂ ରାମଚନ୍ଦ୍ର ଭଗବାନ। ଦ୍ୱାଦଶ ଶତାବ୍ଦୀରେ ବୈଷ୍ଣବାଚାର୍ଯ୍ୟ ବିଷ୍ଣୁ, ସ୍ୱାମୀ ରାମଙ୍କୁ ବିଷ୍ଣୁଙ୍କର ପୂର୍ଣ୍ଣ ଅବତାର ରୂପରେ ଗ୍ରହଣ କରିଥିଲେ। ସେ ଜଗନ୍ନାଥଙ୍କୁ ରାମଚନ୍ଦ୍ରଙ୍କର ପରିପୂର୍ଣ୍ଣ ମୂର୍ତ୍ତି ରୂପେ ପରିକଳ୍ପନା କରିଥିଲେ। ୧୪ଶ ଶତାବ୍ଦୀରେ ରାମାନନ୍ଦ ମଧ୍ୟ ରାମଙ୍କୁ ପୂର୍ଣ୍ଣ ବ୍ରହ୍ମ ରୂପେ ଗ୍ରହଣ କରିଥିଲେ। ସେ ଜଗନ୍ନାଥଙ୍କ ମଧ୍ୟରେ ରାମଙ୍କୁ ଦର୍ଶନ କରିଥିଲେ। ୧୫ଶ ଶତାବ୍ଦୀରେ ଶେଷ ଭାଗରେ ଜଗନ୍ନାଥ ମହାପ୍ରଭୁଙ୍କର ଅନନ୍ୟ ଭକ୍ତ ପଞ୍ଚସଖା ମଧ୍ୟରୁ ଅନ୍ୟତମ ବଳରାମ ଦାସ ଜଗନ୍ନାଥଙ୍କ ଠାରେ ରାମଙ୍କୁ କଳ୍ପନା କରି ଶ୍ରୀମନ୍ଦିରସ୍ଥିତ ଜଗମୋହନ ମଣ୍ଡପରେ ଦାଣ୍ଡି ବୃତ୍ତରେ ରାମାୟଣ ରଚନା କରିଥିଲେ। ଏହାକୁ ଜଗମୋହନ ରାମାୟଣ କୁହାଯାଏ। ୧୬ଶ ଶତାବ୍ଦୀରେ ସନ୍ଥ ତୁଳସୀ ଦାସ ଜଗନ୍ନାଥ ମହାପ୍ରଭୁଙ୍କୁ ରାମଚନ୍ଦ୍ରଙ୍କ ଅବତାର ମନେକରି ଦର୍ଶନ କରିବାକୁ ଚାଲି ଚାଲି ପୁରୀ ଆସିଥିଲେ। ସେ ପୁରୀରେ ପହଞ୍ଚି ପାଣି ପାଦ ହୀନ ବିକୃତ ଜଗନ୍ନାଥ ରୂପକୁ ଦେଖି ତାଙ୍କ ମନରେ ବିକାର ଉଦୟ ହେଲା। ତାଙ୍କର ସନ୍ଥ ପଥ ଶ୍ରମ ବୃଥା ହେଲା ଭାବି ମନସ୍ତାପରେ ଫେରିଯାଇ ତୁଳସୀ ଚଉଁରା ଗ୍ରାମ (ପୁରୀ ନିକଟବର୍ତ୍ତୀ)ରେ ଥିବା ଗୋଟିଏ ଚଉତରା ଉପରେ ରାତ୍ରି ଯାପନ କଲେ। ଅଖିଆ ଅପିଆ ସେ ଦିନ ରାତି ଅଧରେ ସିଏ ଶୋଇଥିବା ଅବସ୍ଥାରେ ସ୍ୱପ୍ନରେ ଜଣେ କିଏ ଦିବ୍ୟ ଜ୍ୟୋତିର୍ମୟ ପୁରୁଷ ତାଙ୍କୁ ବେତ ବାଡ଼ିରେ କେଞ୍ଚି ଉଠାଇଲା। ତାଙ୍କ ପାଖରୁ ସବୁ ବିବରଣୀ ଶୁଣି ତୁଳସୀ ଦାସଙ୍କୁ କହିଲେ ବାବୁ! ଏହା ନୀଳାଚଳ ଧାମ। ଏଠି ଭୋକ ଓପାସରେ କେହି ରହନ୍ତି ନାହିଁ। ପ୍ରଭୁଙ୍କ ଆନନ୍ଦ ବଜାର ସବୁବେଳେ ଖୋଲା। ଜଗନ୍ନାଥ ମହାପ୍ରଭୁଙ୍କ ଦୁଆର ସାହାଣ ମେଲା। ତୁମେ ମୋ କଥା ମାନି ପୁରୀ ଫେରିଯାଅ ମହାପ୍ରସାଦ ଗଣ୍ଡିଏ ଖାଇଦେବ। ସକାଳୁ ସକାଳୁ ନୀଳାଦ୍ରି ବିହାରୀ ନୀଳାଚଳ ନାଥଙ୍କୁ ଦର୍ଶନ କଲେ ତୁମର ମନସ୍କାମନା ପୂର୍ଣ୍ଣ ହେବ।

ତୁଳସୀ ଦାସଙ୍କ ନିଦ ଚାଉଁକିନା ଭାଙ୍ଗିଗଲା। ନିଦରୁ ଉଠି ଚାରି ଆଡ଼କୁ ଅନେଇଲେ। ପାଖରେ କାହାକୁ ଦେଖିବାକୁ ପାଇଲେ ନାହିଁ। ବିଶ୍ୱାସ ଓ ଅର୍ଦ୍ଧବିଶ୍ୱାସରେ ସେ ଭୋରୁ ଭୋରୁ ଶ୍ରୀମନ୍ଦିର ଆଡ଼େ ପାଦ ବଢ଼ାଇଲେ। ଚୁମ୍ବକ ଟାଣିଲା ପରି ପାଦ ଆଗକୁ ଚାଲିଥାଏ। ମନ୍ଦିରରେ ମଙ୍ଗଳ ଆରତୀ ଚାଲିଛି - ଘଣ୍ଟାଧ୍ୱନି, କାହାଳୀ ତୁରୀ। ତୁଳସୀ ଦାସ ଗରୁଡ଼ ଖମ୍ବ ପାଖରେ ଠିଆ ହୋଇ ରତ୍ନ ସିଂହାସନକୁ ଦୃଷ୍ଟିପାତ କଲେ। ସେ ଦେଖିଲେ ନବ ନୀରଦ ବପୁଧାରୀ ଧନୁର୍ଦ୍ଧାରୀ ରାମ ରତ୍ନ ସିଂହାସନ ଉପରେ ଠିଆ ହୋଇ ହସୁଛନ୍ତି। ତାଙ୍କ ପାଖରେ ଜାନକୀ ଓ ଅନୁଜ ଲକ୍ଷ୍ମଣ। ଭକ୍ତ ବତ୍ସଳ ଭଗବାନ ଭକ୍ତିର ଅଳି ରଖିଲେ। ଆନନ୍ଦରେ ତୁଳସୀଙ୍କ ଆଖିରୁ ଧାର ଧାର ଲୁହ ବୋହି ଯାଉଥାଏ। ଭଗବାନ ଭାବଗ୍ରାହୀ। ଭକ୍ତର ଭାବ ଅନୁସାରେ ସେ ରୂପ ଧାରଣ କରନ୍ତି। ଗୀତାରେ ଭଗବାନ କହିଛନ୍ତି - ଯେ ଯଥା ଯାଂ ତାଂସ୍ତଥୈବ ଭଜାମ୍ୟହମ। ଅତଏବ ତ୍ରେତୟାର ଭଗବାନ ରାମ ଓ କଳିର ନୀଳାଦ୍ରି ବିହାରୀ ନୀଳାଚଳ ନାଥ, ନୀଳମଣି, ନୀଳମାଧବ, ଜଗନ୍ନାଥ ମହାପ୍ରଭୁଙ୍କ ଭଗବାନ ରାମ ରୂପରେ ଦର୍ଶନ କଲାପରେ ସନ୍ଥ ତୁଳସୀ ଦାସ ଏତେ ଦୂର ପ୍ରଭାବିତ ହୋଇଯାଇଥିଲେ ଯେ ସେ ପରବର୍ତ୍ତୀ କାଳରେ ଯେତେବେଳେ ରାମ ରଚିତ ମାନସ ରଚନା କଲେ, ସେତେବେଳେ ରାମଚନ୍ଦ୍ରଙ୍କ ରୂପ ବର୍ଣ୍ଣନା କରି ଲେଖିଛନ୍ତି - 'ନୀଳ ସରୋରୁହ ନୀଳମଣି ନୀଳ ନୀରଧର ଶ୍ୟାମ' ଏହିଥିରୁ ସ୍ପଷ୍ଟ ସ୍ଫୁରିତ ହୁଏ, ଜଗନ୍ନାଥ ଓ ରାମଚନ୍ଦ୍ର ଉଭୟଙ୍କର ସ୍ୱରୂପ ନୀଳ କେନ୍ଦ୍ରିକ।

ଶିଖରପୁର ଉପରସାହି, କଟକ



ଡାକ୍ତର ଶୁଭଶ୍ରୀ ମିଶ୍ର

# ଗର୍ଭାବସ୍ଥାରେ ରକ୍ତଚାପ ନିୟନ୍ତ୍ରଣ

ମହିଳା ମାନଙ୍କ ଜୀବନର ସବୁଠାରୁ ବଡ଼ ଆନନ୍ଦ ରହିଥାଏ ଗର୍ଭାବସ୍ଥାକୁ ନେଇ। ତେବେ ଗର୍ଭାବସ୍ଥାରେ ରକ୍ତଚାପ ସମସ୍ୟା ସେମାନଙ୍କ ଶାରୀରିକ ଯନ୍ତ୍ରଣାକୁ ଆହୁରି ବଢ଼ାଇ ଦେଇଥାଏ। ସବୁଠାରୁ ବଡ଼ କଥା ହେଉଛି ଅନେକ ମହିଳା ସେମାନଙ୍କ ଶରୀରରେ ଏହି ରକ୍ତଚାପ ସମସ୍ୟାଟିକୁ ଭଲ ଭାବେ ବୁଝି ପାରିନଥାନ୍ତି। ଅନେକଙ୍କ ଭିତରେ ଏହାକୁ ମାମୁଲି ଦୁର୍ବଳତା ଭାବି ପ୍ରାଥମିକ ଚିକିତ୍ସା କରିଥାନ୍ତି ଓ କେତେକଙ୍କ କ୍ଷେତ୍ରରେ ପରିସ୍ଥିତି ଜଟିଳ ହେବା ପରେ ସେମାନେ ଡାକ୍ତରଙ୍କୁ ଦେଖାଇବା ପାଇଁ ନିଷ୍ପତ୍ତି ନେଇଥାନ୍ତି ଯାହାଦ୍ୱାରା ସମସ୍ୟାଟି ଦ୍ୱିଗୁଣିତ ହୋଇଯାଇଥାଏ। ହାଇପରଟେନସନ ବା ଉଚ୍ଚ ରକ୍ତଚାପ ହେଉଛି ଏଭଳି ଏକ ଶାରୀରିକ ଅବସ୍ଥା ଯେଉଁଥିରେ ରକ୍ତ ସଞ୍ଚାଳନ କରୁଥିବା ଧମନୀ ଗୁଡ଼ିକର ପାର୍ଶ୍ୱଭାଗରେ ରକ୍ତ ଅଧିକ ବଳ ପକାଇଥାଏ। ଏହି ଅବସ୍ଥା ହୃଦଘାତ ଓ ମସ୍ତିଷ୍କଘାତ ପରି ସ୍ୱାସ୍ଥ୍ୟ ସଂକଟ ଆଣିଥାଏ। ଗର୍ଭାବସ୍ଥା ବେଳେ ମହିଳାମାନଙ୍କ ଠାରେ ହାଇପରଟେନସନ ଦେଖାଦେବାର ଆଶଙ୍କା ଅଧିକ ଥାଏ, ଯାହାକୁ ପ୍ରିକ୍ଲାମ୍ପସିଆ ବା ଜେଷ୍ଟେସନାଲ ହାଇପରଟେନସନ କୁହାଯାଏ। ଏହାର ସୁପରିଚାଳନା ନକଲେ ତାହା ଉଭୟ ଗର୍ଭବତୀ ଓ ଗର୍ଭସ୍ଥ ଭ୍ରୁଣ ପ୍ରତି ବିପଦ ସୃଷ୍ଟି କରିପାରେ। ପ୍ରିକ୍ଲାମ୍ପସିଆ ଦେଖାଦେଲେ କିପରି ଏକ ନିରାପଦ ତଥା ସୁସ୍ଥ ଗର୍ଭଧାରଣ ସହ କୌଣସି ପ୍ରକାର ସ୍ୱାସ୍ଥ୍ୟ ଜଟିଳତାକୁ ଦୂର କରିହେବ ସେ ସମ୍ପର୍କିତ କିଛି ସହଜ ଉପାୟ ବାବଦରେ ଆଲୋଚନା କରିବା। ପ୍ରଥମତଃ ଗର୍ଭାବସ୍ଥାର ନିୟମିତ ଡାକ୍ତରୀ ନିରୀକ୍ଷଣ କରାଇବା ଜରୁରୀ।



ଏହାଦ୍ୱାରା ସମ୍ଭାବ୍ୟ ଉଚ୍ଚ ରକ୍ତଚାପ ବାବଦରେ ସୂଚନା ମିଳିପାରିବ ଏବଂ ତଦନୁଯାୟୀ ପ୍ରତିକାର ମଧ୍ୟ କରାଯାଇପାରିବ। ଘରେ ଥାଇ ମଧ୍ୟ ନିୟମିତ ରକ୍ତଚାପ ମାପିବା ଏକ ଭଲ ଅଭ୍ୟାସ। ଏହାଦ୍ୱାରା ଆଗୁଆ କୌଣସି ପ୍ରକାର ଅହେତୁକ ରକ୍ତଚାପ ବୃଦ୍ଧିକୁ ଠଉରାଇହେବ। ଏବଂ ସମ୍ଭାବ୍ୟ ଜଟିଳତାକୁ ଦୂର କରିହେବ। ଗର୍ଭବତୀମାନେ ବିଭିନ୍ନ ଫଳମୂଳ, ପନିପରିବା ଓ ସମ୍ପୂର୍ଣ୍ଣ ଦାନାଯୁକ୍ତ ଶସ୍ୟ ସମ୍ବଳିତ ସୁଷମ ଖାଦ୍ୟ ଖାଇବା ଦରକାର। ଏହା ସମଗ୍ର ସ୍ୱାସ୍ଥ୍ୟରେ ଉନ୍ନତି ଆଣି ରକ୍ତଚାପକୁ ମଧ୍ୟ ନିୟନ୍ତ୍ରିତ କରିଥାଏ। ଗର୍ଭବତୀମାନେ କମ ପରିମାଣର ଲୁଣ ଖାଇବା ଉଚିତ। କାରଣ ଲୁଣରେ ଥିବା ସୋଡ଼ିଅମ୍ ଖଣିଜର ସ୍ୱଳ୍ପତା ରକ୍ତଚାପ କମାଇବା ସହ ହୃତପିଣ୍ଡ ସ୍ୱାସ୍ଥ୍ୟକୁ ଉନ୍ନତ କରିପାରିବ। ପ୍ରଚୁର ପରିମାଣର ପାଣି ପିଇବା ଦ୍ୱାରା ରକ୍ତ ପ୍ରବାହ ସୁଗମ ହୋଇଥାଏ। ଗର୍ଭବତୀମାନେ ନିୟମିତ ମୃଦୁ ବ୍ୟାୟାମ କରିବା ଆବଶ୍ୟକ। ଏହା ରକ୍ତ ସଞ୍ଚାଳନକୁ ଉନ୍ନତ କରିଥାଏ ଏବଂ ରକ୍ତଚାପକୁ ନିୟମିତ କରିବା ସହ ମାନସିକ ଚାପ କମାଇଥାଏ। ସେହିପରି ଗଭୀର ଶ୍ୱାସକ୍ରିୟା ଓ ଦୈନିକ ଯୋଗାଭ୍ୟାସ ସହ ଯଥେଷ୍ଟ ପରିମାଣର ବିଶ୍ରାମ ଓ ନିଦ୍ରା ମଧ୍ୟ ଯିବା ଦରକାର। ସର୍ବୋପରି ଧୂମପାନ ଓ ମଦ୍ୟପାନରୁ ନିବୃତ୍ତ ରହିବା ସହ ବିଶେଷଜ୍ଞ ଡାକ୍ତରଙ୍କ ପରାମର୍ଶରେ ନିର୍ଦ୍ଧାରିତ ଔଷଧ ସେବନ କରିବା ବାଞ୍ଛନୀୟ। ସବୁଠାରୁ ବଡ଼କଥା ହେଉଛି ସରକାରୀ ବ୍ୟବସ୍ଥାର ଡାକ୍ତରୀ ସେବାର ସୁଯୋଗ ନିଅନ୍ତୁ। କୌଣସି ପରିସ୍ଥିତିରେ ମଧ୍ୟ ଦେଶୀ ଚିକିତ୍ସା ବା ତୁଟୁକା ତୁଟୁକି ଚିକିତ୍ସାକୁ ଗୁରୁତ୍ୱ ଦିଅନ୍ତୁ ନାହିଁ।

ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ
ମୋବାଇଲ୍:୯୮୬୧୪୬୩୪୦୬

# ଆଗତ ହେଲା 'ଗୋଟିଏ ଦେଶ, ଗୋଟିଏ ନିର୍ବାଚନ' ବିଲ୍

**ନୂଆଦିଲ୍ଲୀ, ୧୭।୧୨:** ଆଜି ସଂସଦରେ ଆଗତ ହୋଇଛି ବହୁ ଚର୍ଚ୍ଚିତ 'ୱାନ୍ ନେସନ୍ ୱାନ୍ ଇଲେକ୍ସନ୍' ବିଲ୍। ପ୍ରବଳ ହଙ୍ଗାମା ମଧ୍ୟରେ କେନ୍ଦ୍ର ଆଇନ୍ ମନ୍ତ୍ରୀ ଅର୍ଜ୍ଜୁନ ରାମ ମେଘୱାଲ ଆଜି ଏହି ବିଧେୟକକୁ ଲୋକସଭାରେ ଆଗତ କରିଛନ୍ତି। ବିଲ୍ ଆଗତ ହେବା ପରେ ଏହାକୁ ନେଇ ଲୋକସଭାରେ ଆରମ୍ଭ ହୋଇଛି ପ୍ରବଳ ହଙ୍ଗଗୋଳ। ବିପକ୍ଷ ନେତା ଏହାକୁ ତୀବ୍ର ବିରୋଧ କରିଛନ୍ତି। ଚର୍ଚ୍ଚା ଆରମ୍ଭରୁ କଂଗ୍ରେସ ଏହାକୁ ବିରୋଧ କରିଥିବା ବେଳେ କଂଗ୍ରେସ ନେତା ମନିଷ ତିୱାରୀ କଡ଼ା ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ସେ କହିଛନ୍ତି ଏହି ବିଲ୍ ସମ୍ବିଧାନର ମୂଳ ଢାଞ୍ଚା ଉପରେ କୁଠାରଘାତ । ସମାଜବାଦୀ ସାଂସଦ ଧର୍ମେନ୍ଦ୍ର ଯାଦବ ବି ଏହି ବିଲ୍‌କୁ ବିରୋଧ କରିଛନ୍ତି।

ତୃଣମୂଳ କଂଗ୍ରେସ ଏମ୍‌ପି କଲ୍ୟାଣ ବାନାର୍ଜୀ କହିଛନ୍ତି, ଏହି ବିଧେୟକ ଏକ ଅଲଟ୍ରା ଭାଇରସ ହୋଇଥିବା ବେଳେ ଏହା ସମ୍ବିଧାନର ମୂଳ ଢାଞ୍ଚାକୁ



## ଆରମ୍ଭରୁ ପ୍ରବଳ ହଙ୍ଗଗୋଳ

ଭାଙ୍ଗିବାକୁ ଉଦ୍ଦିଷ୍ଟ । କିଛି ଦିନ ତଳେ ଏକକ ନିର୍ବାଚନ ବିଲ୍‌କୁ ମିଳିଥିଲା କେନ୍ଦ୍ର କ୍ୟାବିନେଟର ମଞ୍ଜୁରୀ । ଆଜି ବିଲ୍ ଆଗତ ହୋଇଥିବା ବେଳେ ପରେ ଏହା ଜଏଣ୍ଟ ପାର୍ଲାମେଣ୍ଟାରି କମିଟିକୁ ପଠାଯାଇପାରେ। ଜେପିସିରେ ଥିବା ସବୁ ରାଜନୀତିକ ଦଳର ସଦସ୍ୟ ଏହା ଉପରେ ବିସ୍ତୃତ ଆଲୋଚନା କରି ଆବଶ୍ୟକ ପ୍ରସ୍ତାବ ଦେବେ। ବିଧେୟକ ପାରିତ ହେବା ନିମନ୍ତେ ଆଜି ଏକ ଗୁରୁତ୍ୱପୂର୍ଣ୍ଣ ଦିନ ହୋଇଥିବାରୁ ବିଜେପି ନିଜ ଦଳର ସମସ୍ତ ସାଂସଦଙ୍କୁ ଆଜି ଗୃହରେ ଉପସ୍ଥିତ ରହିବାକୁ ହ୍ୱିପ ଜାରି କରିଛି। ଚୂଡ଼ାନ୍ତ ବିଲ ପୁଣି ଗୃହରେ ଉପସ୍ଥାପନ କରାଯିବା ପୂର୍ବରୁ ସରକାର ବିଭିନ୍ନ ଅଂଶୀଦାରଙ୍କୁ ମଧ୍ୟ ସାମିଲ କରିବାକୁ ଯୋଜନା କରିଛନ୍ତି। ବୁଦ୍ଧିଜୀବୀ, ବିଶେଷଜ୍ଞ, ସାମାଜିକ ସଂସ୍ଥାର ସଦସ୍ୟ ଓ ସମସ୍ତ ରାଜ୍ୟର ବିଧାନସଭା ବାଚସ୍ପତିମାନେ ମଧ୍ୟ 'ଗୋଟିଏ ଦେଶ, ଗୋଟିଏ ନିର୍ବାଚନ' ବିଲ୍ ଉପରେ ନିଜର ମତ ରଖିବେ। ଅତିରିକ୍ତ ଭାବେ ବିଲ୍‌କୁ ଆଇନରେ ପରିଣତ କରିବା ପୂର୍ବରୁ ସରକାର ସାଧାରଣ ଲୋକଙ୍କ ମତ ମଧ୍ୟ ନେବେ। ସରକାର ସମସ୍ତଙ୍କୁ ସାମିଲ କରି 'ଗୋଟିଏ ଦେଶ, ଗୋଟିଏ ନିର୍ବାଚନ' ବ୍ୟବସ୍ଥା ଲାଗୁ କରିବାକୁ ଲକ୍ଷ୍ୟ ରଖିଛନ୍ତି।

## ଚର୍ଚ୍ଚାରେ ପ୍ରିୟଙ୍କାଙ୍କ ବ୍ୟାଗ୍




**ନୂଆଦିଲ୍ଲୀ, ୧୭।୧୨:** ଦିନକ ତଳେ କଂଗ୍ରେସ ସାଂସଦ ପ୍ରିୟଙ୍କା ଗାନ୍ଧି ଭଦ୍ରା ପାଲେଷ୍ଟାଇନ ଲେଖାଥିବା ବ୍ୟାଗ ଧରି ସଂସଦରେ ପହଞ୍ଚିବାରୁ ବିଜେପି ଏହାକୁ କଡ଼ା ସମାଲୋଚନା କରିଥିଲା। ଏବେ ଏହି ବିବାଦକୁ ଖାତିର ନ କରି ଆଜି ସେ ଆଉ ଏକ ନୂଆ ବ୍ୟାଗ ଧରି ସଂସଦରେ ପହଞ୍ଚିଛନ୍ତି। ଏହି ବ୍ୟାଗରେ ବାଂଲାଦେଶରେ ସଂଖ୍ୟାଲଘୁ ହିନ୍ଦୁଙ୍କ ବିରୋଧରେ ହେଉଥିବା ଅତ୍ୟାଚାର ବିରୋଧରେ ସ୍ଲୋଗାନ ରହିଛି। ଏହାକୁ ଧରି ପ୍ରିୟଙ୍କା ସଂସଦରେ ପହଞ୍ଚିବା ସହ ଗତକାଲି ପାଲେଷ୍ଟାଇନ ବ୍ୟାଗ ଧରିବା ପାଇଁ ତାଙ୍କୁ ସମାଲୋଚନା କରୁଥିବା ଲୋକଙ୍କ ମୁହଁ ବନ୍ଦ ହୋଇଯାଇଛି। ପ୍ରିୟଙ୍କା ଧରିଥିବା ବ୍ୟାଗରେ ଲେଖାଯାଇଛି ଯେ "ବାଂଲାଦେଶୀ ହିନ୍ଦୁ ଓ ଖ୍ରୀଷ୍ଟିୟାନଙ୍କ ସହ ଆମେ ଛିଡ଼ା ହୋଇଛୁ।" ବାଂଲାଦେଶରୁ ଶେଖ ହସିନା ବିତାଡ଼ିତ ହେବା ପରେ ସଂଖ୍ୟାଲଘୁଙ୍କ ଉପରେ ହେଉଥିବା ଅତ୍ୟାଚାରକୁ ବିରୋଧ କରି ପ୍ରିୟଙ୍କା ଏପରି ବ୍ୟାଗ ଧରି ସଂସଦରେ ଆଜି ପହଞ୍ଚିଥିଲେ। ପ୍ରିୟଙ୍କା ଗାନ୍ଧି ଏପରି ବ୍ୟାଗ ଧରିଥିବାରୁ ତାଙ୍କ ଠାରୁ ଅନୁପ୍ରାଣିତ ହୋଇ ଅନ୍ୟ ବିରୋଧୀ ଦଳର ସଦସ୍ୟମାନେ ମଧ୍ୟ ସମାନ ବ୍ୟାଗ ଧରି ସଂସଦ ବାହାରେ ବିକ୍ଷୋଭ କରିଛନ୍ତି। ସୋମବାର ଲୋକସଭାର ଶୂନ୍ୟକାଳରେ ନିଜର ମତ ରଖୁଥିବା ବେଳେ ପ୍ରିୟଙ୍କା ଗାନ୍ଧି ବାଂଲାଦେଶୀ ସଂଖ୍ୟାଲଘୁଙ୍କ ବିରୋଧରେ ଚାଲିଥିବା ଅତ୍ୟାଚାର ପ୍ରସଙ୍ଗ ଉଠାଇଥିଲେ। ସରକାର ଏହି ପ୍ରସଙ୍ଗ କୂଟନୀତିକ ସ୍ତରରେ ଢାକା ସହ ଆଲୋଚନା କରନ୍ତୁ ବୋଲି ସେ ପ୍ରସ୍ତାବ ଦେଇଥିଲେ। ଆଜି ସେ ବାଂଲାଦେଶୀ ହିନ୍ଦୁଙ୍କ ସପକ୍ଷରେ ଲେଖାଥିବା ସ୍ଲୋଗାନ ବ୍ୟାଗ ଧରି ସଂସଦ ଆସିଛନ୍ତି।

## ଆଇଏଏସ୍ ସଞ୍ଜୀବ ହଂସଙ୍କ ଅଡୁଆ ବଢ଼ିଲା, ୨୩ କୋଟିର ସମ୍ପତ୍ତି ଜବତ

**ପାଟନା, ୧୭।୧୨:** ବିହାରର ଦୁର୍ନୀତିଗ୍ରସ୍ତ ଆଇଏଏସ୍ ଅଧିକାରୀ ସଞ୍ଜୀବ ହଂସଙ୍କ ଅଡୁଆ ଦିନକୁ ଦିନ ବଢ଼ିବାରେ ଲାଗିଛି। ସଞ୍ଜୀବ ହଂସ ଏବେ ଗିରଫ ହୋଇ ଜେଲ୍‌ରେ ଥିବା ବେଳେ ଇଡି ତାଙ୍କ ସମ୍ପତ୍ତି ଜବତ କରିବାରେ ଲାଗିଛି। ଇଡି ପକ୍ଷରୁ ୩ଟି ସ୍ଥାନରେ ଥିବା ତାଙ୍କ ଜାଗା ଓ କୋଠା ଜବତ ହୋଇଥିବା ବେଳେ ଏହାର ପରିମାଣ ୨୩ କୋଟି ୭୨ ଲକ୍ଷ ଟଙ୍କା ହେବ ବୋଲି ଜଣାଯାଇଛି। ଆଇଏଏସ୍ ସଞ୍ଜୀବ ହଂସଙ୍କର ଉତ୍ତରପ୍ରଦେଶର ନାଗପୁରରେ ୩ଟି ପ୍ଲଟ, ଦିଲ୍ଲୀରେ ଏକ ଫ୍ଲାଟ, ଜୟପୁରରେ ତିନିଟି ଫ୍ଲାଟ ଜବତ କରିଛି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ। ସଞ୍ଜୀବ ହଂସ ନିଜେ ଏହି ସବୁ ସମ୍ପତ୍ତି ମାଲିକ ହୋଇ ନ ଥିବା ବେଳେ ନିଜ ସମ୍ପର୍କୀୟ ତଥା ଷ୍ଟାଫଙ୍କ ନାମରେ ଏହି ସବୁ ସମ୍ପତ୍ତିକୁ ସେ ରେଜିଷ୍ଟର କରାଇଥିଲେ।

ଏହି ମାମଲାର ତଦନ୍ତ କରି ଗତ ୩ ତାରିଖରେ ଇଡି ପକ୍ଷରୁ ଦିଲ୍ଲୀ, ଗୁରଗ୍ରାମ, କୋଲକତା, ଜୟପୁର,ନାଗପୁରରେ ଚଢ଼ାଉ କରାଯାଇଥିଲା। ଗତ ୬ ତାରିଖରେ ଇଡି ପକ୍ଷରୁ ସଞ୍ଜୀବଙ୍କ ପତ୍ନୀ ମୋନା ହଂସ ଓ ତାଙ୍କ ଶଳାଙ୍କୁ ବି ପଚରାଉଚରା କରାଯାଇଥିଲା। ପାଟନାସ୍ଥିତ ଇଡି କାର୍ଯ୍ୟାଳୟରେ ଉଭୟଙ୍କୁ ପ୍ରାୟ ୩ ଘଣ୍ଟା କାଳ ପଚରାଉଚରା କରାଯାଇଥିଲା। ପରେ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ସମ୍ପତ୍ତି ଆଟାଚ କରାଯାଉଛି। ଆୟ ବର୍ହିଭୂତ ସମ୍ପତ୍ତି ମାମଲାରେ ସଞ୍ଜୀବ ହଂସ ଓ ତାଙ୍କ ବିଜନେସ୍ ପାର୍ଟନର ଗୁଲାବ ଯାଦବଙ୍କୁ ବାନ୍ଧି ସାରିଛି ଇଡି। ଏହାପରେ ଇଡି ପକ୍ଷରୁ ଠିକାଦାର ପ୍ରବୀଣ ଚୌଧୁରୀ ଓ ପୁଷ୍ପରାଜ ବଜାଜ ବି ଏହି ମାମଲାରେ ଗିରଫ ହୋଇଛନ୍ତି। ସମସ୍ତେ ଏବେ ପାଟନାର ବେଉର ଜେଲ୍‌ରେ ବନ୍ଦୀ ଜୀବନ କାଟୁଛନ୍ତି। ଏହି ମାମଲାରେ ଏଯାବତ ଇଡି ସଞ୍ଜୟ ହଂସଙ୍କ ପରିବାର ସଦସ୍ୟଙ୍କ ନାମରେ ଥିବା ବିପୁଳ ସମ୍ପତ୍ତିର ଟେର ପାଇ ପାରିଛି। ସଞ୍ଜୟ ହଂସଙ୍କ ପରିବାର ସଦସ୍ୟଙ୍କ ନାମରେ ଥିବେ ୬୦ କୋଟି



ଟଙ୍କାର ଶେଆର ସହ ୭୦ଟି ବ୍ୟାଙ୍କ ଆକାଉଣ୍ଟରେ ଥିବା ୬ କୋଟି ଟଙ୍କା ଜବତ କରାଯାଇଛି। ଏହାପରେ ଏହି ସବୁ ସମ୍ପତ୍ତିକୁ ଫ୍ରିଜ୍ କରି ଦିଆଯାଇଛି। ଏହି ମାମଲାରେ ଏଯାବତ ୮୦ ଲକ୍ଷ ଟଙ୍କାର ଅଳଙ୍କାର ସିଜ୍ ହୋଇ ସାରିଥିବା ବେଳେ ସଞ୍ଜୟଙ୍କ ଦିଲ୍ଲୀ ଓ ପାଟଣାସ୍ଥିତ ଘରୁ ୬୫ ଲକ୍ଷ ଟଙ୍କାର କ୍ୟାସ୍ ଜବତ ହୋଇଛି। ଏଥିସହ ୧୧ ଲକ୍ଷ ମୂଲ୍ୟର ୧୩ କେଜି ଓଜନ ବିଶିଷ୍ଟ ରୂପା ବିସ୍କୁଟ, ୧କୋଟି ୨୫ ଲକ୍ଷ ଟଙ୍କା ମୂଲ୍ୟ ବିଶିଷ୍ଟ ସୁନା ବିସ୍କୁଟ ଜବତ ହୋଇଛି। ଏଥିସହ ତାଙ୍କ କର୍ମଚାରୀଙ୍କ ବାସଭବନରୁ ୨୦ ଲକ୍ଷ ଟଙ୍କା ଜବତ ହୋଇଥିବା ବେଳେ ତାଙ୍କ ନିକଟରୁ ୧.୦୭ କୋଟି ଜବତ ହୋଇଛି। ଏହି ଟଙ୍କା କେଉଁଠୁ ଆସିଲା ସେ ନେଇ ସଞ୍ଜୟ ହଂସ ଇଡି ଅଧିକାରୀଙ୍କୁ ସଠିକ୍ ଉତ୍ତର ଦେଇ ପାରି ନାହାନ୍ତି।

## ସମ୍ପତ୍ତି ପାଇଁ ଗାର୍ଲଫ୍ରେଣ୍ଡ ସହ ମିଶି ବାପାଙ୍କୁ ଜୀବନ୍ତ ଜାଳି ଦେଲା

**ଲକ୍ଷ୍ନୌ, ୧୭।୧୨:** ବାପାଙ୍କୁ ଜୀବନ୍ତ ଜାଳି ହତ୍ୟା କରିଛି ୨୬ ବର୍ଷୀୟ ପୁଅ। ସମ୍ପତ୍ତି ପାଇଁ ଗର୍ଲଫ୍ରେଣ୍ଡ ସହ ମିଶି ଯୁବକ ଜଣକ ଏପରି କାଣ୍ଡ ଘଟାଇଛି। ଉତ୍ତର ପ୍ରଦେଶର ରାମପୁର ଗାଁରେ ଏପରି ଘଟଣା ଘଟିଛି। ପୁଲିସ୍ ଏହି ଘଟଣାରେ ହତ୍ୟାକାରୀ ପୁଅ ଧର୍ମେଶ ରାୱତ ଓ ତା'ର ଗର୍ଲଫ୍ରେଣ୍ଡ ସଂଗୀତାକୁ ଗିରଫ କରିଛି। ଗୁରୁବାର ଦିନ ୪୪ ବର୍ଷୀୟ ରାମୁ ରାୱତ ରାତ୍ର ଭୋଜନ ପରେ ନିଜ ଫସଲ ଜଗିବାକୁ ଘରୁ ବାହାରି ଯାଇଥିଲେ। କିନ୍ତୁ ଶୁକ୍ରବାର ସକାଳୁ ତାଙ୍କ ପୋଡ଼ା ମୃତଦେହ ଚାଷ ଜମିରେ ଥିବା ୩୦ ଫୁଟ ଗଭୀର ବରୱେଲ ମଧ୍ୟରୁ ମିଳିଥିଲା। ରାମୁଙ୍କୁ କେହି ପୋଡ଼ି ମାରି ଦେଇଥିବା ଅଭିଯୋଗ କରି ତାଙ୍କ ଝିଅ ଜୁଲି ପ୍ରଥମେ ପୁଲିସ୍‌ରେ ଅଭିଯୋଗ କରିଥିଲେ। ପୁଲିସ୍ ତଦନ୍ତ ବେଳେ ପୁଅ ଧର୍ମେଶ ସନ୍ଦେହ ଘେରକୁ ଆସିଥିଲା। ତା' ସହ ଆଉ କିଛି ଲୋକଙ୍କୁ ମଧ୍ୟ ପୁଲିସ୍ ଅଟକ ରଖି ଜେରା କରିଥିଲା। ପ୍ରଥମେ ପୁଲିସକୁ ବିଭ୍ରାନ୍ତ କରିବାକୁ ଚେଷ୍ଟା କରିଥିବା ଧର୍ମେଶ ଶେଷରେ ନିଜର ଅପରାଧକୁ ସ୍ୱୀକାର କରିଛି। ପୁଲିସ୍ ତଦନ୍ତରୁ ଜଣା ପଡ଼ିଛି ଯେ ଧର୍ମେଶ ଆଶଙ୍କା କରୁଥିଲା ଯେ ବାପା ରାମୁ ତା'କୁ ପରିବାର ମାଲିକାନାରେ ଥିବା ୨.୫ ଏକର ଚାଷ ଜମିରୁ କିଛି ବି ଦେବେ ନାହିଁ। ତେବେ ସମ୍ପତ୍ତି ହାତେଇବା ପାଇଁ ସେ ଗର୍ଲଫ୍ରେଣ୍ଡ ସଂଗୀତା ସହ ମିଶି ଷଡ଼ଯନ୍ତ୍ର କରିଥିଲା।

## ମସ୍କୋରେ ଭୟଙ୍କର ବିସ୍ଫୋରଣ

### ଟଳି ପଡ଼ିଲେ ଆଣବିକ ସୁରକ୍ଷା ବାହିନୀ ମୁଖ୍ୟ





**ମସ୍କୋ, ୧୭।୧୨:** ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କୁ ଲାଗିଛି ଶକ୍ତ ଝଟକା। ରାଜଧାନୀ ମସ୍କୋରେ ଆଜି ସକାଳେ ଏକ ଭୟଙ୍କର ବିସ୍ଫୋରଣ ହୋଇଛି। ଏହି ବିସ୍ଫୋରଣରେ ଦେଶର ପରମାଣୁ, ଜୈବିକ ଓ ରସାୟନିକ ସୁରକ୍ଷା ବଳ ପ୍ରମୁଖ ଜେନେରାଲ ଇଗୋର କିରିଲଭଙ୍କ ମୃତ୍ୟୁ ହୋଇଛି। କିରିଲଭଙ୍କ ସମେତ ତାଙ୍କର ଜଣେ ସହଯୋଗୀ ବି ଏଥିରେ ପ୍ରାଣ ହରାଇଛନ୍ତି। ଯୋଜନାବଦ୍ଧ ଭାବେ ଏହି ହତ୍ୟାକାଣ୍ଡ କରାଯାଇଥିବା ଅଭିଯୋଗ ହୋଇଛି। ପୁଲିସ୍ ଏହାର ତଦନ୍ତ ଆରମ୍ଭ କରିଛି। କ୍ରିମଲିନ୍ ସହରରେ ଥିବା ଏକ ଆପାର୍ଟମେଣ୍ଟ ବାହାରେ ଆଜି ସକାଳେ ଏକ ଇଲେକ୍ଟ୍ରି ସ୍କୁଟର ବ୍ଲାଷ୍ଟ ହୋଇଥିଲା। ଏହି ବିସ୍ଫୋରଣରେ କିରିଲଭଙ୍କ ସମେତ ତାଙ୍କର ଜଣେ ସହଯୋଗୀଙ୍କ ମୃତ୍ୟୁ ଘଟିଛି। ଖବର ପାଇ ପୁଲିସ୍ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ବେଳେ ଉଭୟଙ୍କ ରକ୍ତାକ୍ତ ମୃତଦେହ ଚଟାଣରେ ଛିଟିକି ପଡ଼ିଥିଲା। ଉକ୍ତ ସ୍କୁଟରରେ ବୋମା ଲୁଚାଇ ରଖାଯାଇଥିବା ବେଳେ ତାହା ବିସ୍ଫୋରଣ ହୋଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି।

କିରିଲଭ ରାଷ୍ଟ୍ରପତି ପୁଟିନ୍‌ଙ୍କ ବେଶ୍ ବିଶ୍ୱସ୍ତ ହୋଇଥିବା ବେଳେ ତାଙ୍କର ଏପରି ମୃତ୍ୟୁ ପୁଟିନଙ୍କୁ ଧକ୍କା ଦେଇଛି। ୟୁକ୍ରେନରେ ନିଷିଦ୍ଧ ରାସାୟନିକ ଅସ୍ତ୍ର ବ୍ୟବହାର ଅଭିଯୋଗର ଶୁଣାଣି ଚାଲିଥିବା ବେଳେ କିରିଲଭ ଅନୁପସ୍ଥିତ ରହିଥିଲେ। ଏହାର ଦିନକ ପରେ ଏହି ଘଟଣା ଘଟିଛି। ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ନିଜ କ୍ୟାରିଅରରେ ଇଗୋର କିରିଲଭ ଭିନ୍ନ ଭିନ୍ନ ପଦରେ ଅଧିଷ୍ଠିତ ହୋଇ ପାରିଥିଲେ। ଏପରିକି ବିପଦପୂର୍ଣ୍ଣ ବିକିରଣ, ରାସାୟନିକ ଓ ବାୟୋଲୋଜିକାଲ ପ୍ରତିରକ୍ଷା ଗ୍ରୁପ୍‌ରେ ବି ସେ କାମ କରି ନିଜ ଦକ୍ଷତା ପ୍ରତିପାଦିତ କରିଛନ୍ତି।

## ଭୂକମ୍ପରେ ଥରିଲା ଅଷ୍ଟ୍ରେଲିଆର ଭାନୁଆତୁ ଦ୍ୱୀପ

**କାନବେରା, ୧୭।୧୨:** ଉତ୍ତର ଅଷ୍ଟ୍ରେଲିଆରେ ଥିବା ଭାନୁଆତୁ ଦ୍ୱୀପ ଆଜି ଭୟଙ୍କର ଭୂକମ୍ପରେ ଥରି ଉଠିଛି। ରିକ୍ଟର ସ୍କେଲରେ ଏହାର ତୀବ୍ରତା ୭.୩ ରେକର୍ଡ କରାଯାଇଛି। ଏହାଦ୍ୱାରା ଭାନୁଆତୁର ରାଜଧାନୀ ପୋର୍ଟ ଭିଲାରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ଅନେକ ଲୋକ ଲୋକ ଏହି ଭୂକମ୍ପ ଯୋଗୁ ପ୍ରାଣ ହରାଇଛନ୍ତି। ବଡ଼ବଡ଼ ଅଟାଳିକା ଭୁଶୁଡ଼ି ପଡ଼ିଛି। ସେହିପରି ଭୂକମ୍ପ ବେଳର ଦୃଶ୍ୟ ମଧ୍ୟ ସିସିଟିଭିରେ କଏଦ ହୋଇଛି। ଆମେରିକା ଜିଓଲୋଜିକାଲ ସର୍ଭେର ସୂଚନା ଅନୁସାରେ, ମଙ୍ଗଳବାର ସ୍ଥାନୀୟ ସମୟ ଦିନ ୧୨.୪୭ରେ ଭୂକମ୍ପ ଅନୁଭୂତ ହୋଇଛି। ମୁଖ୍ୟ ଦ୍ୱୀପ ଇଫାଟେ ଠାରୁ ୩୦ କିମି ଦୂରରେ ଭୂକମ୍ପର କେନ୍ଦ୍ରସ୍ଥଳ ରହିଛି। ସେହିପରି ଏହା ଭୂପୃଷ୍ଠରୁ ୫୭ କିମି ଗଭୀରରେ ସୃଷ୍ଟି ହୋଇଥିଲା। ଭୂକମ୍ପ ଝଟକା ଅନୁଭୂତ ହେବା ବେଳର ଏକାଧିକ ଭିଡିଓ ଏବେ ସୋଶାଲ ମିଡିଆରେ ଭାଇରାଲ ହେବାରରେ ଲାଗିଛି। ଏଥିରେ ଦେଖିବାକୁ ମିଳୁଛି ଯେ ଗୋଟିଏ ଜଙ୍କୟାର୍ଡ ପ୍ରଥମେ ଧୀରେ ହଲିବା ପରେ ଜୋରରେ ଦୋହଲିବାରେ ଲାଗୁଛି। ନିଜକୁ ବଞ୍ଚାଇବା ପାଇଁ ଜଣେ ବ୍ୟକ୍ତି ଝଟକା ମଧ୍ୟରେ ଜଙ୍କୟାର୍ଡରୁ ବାହାରକୁ ଦୌଡୁ ଥିବା ଦୃଶ୍ୟ ସାମ୍ନାକୁ ଆସିଛି। ଆଉ ଏକ ଭିଡିଓରେ ଭୂକମ୍ପ ପରେ



ବଡ଼ ବଡ଼ ବିଲଡିଂ କେମିତି କ୍ଷତିଗ୍ରସ୍ତ ହୋଇଛି, ସେସବୁ ଦେଖିବାକୁ ମିଳୁଛି। ଆମେରିକା, ବ୍ରିଟେନ ଓ ଫ୍ରାନ୍ସ ଦୂତାବାସ ବିଲଡିଂ ଭୂକମ୍ପ ଝଟକାରେ ଭାଙ୍ଗି ଯାଇଛି। ରାସ୍ତା ମଝିରେ ବଡ଼ବଡ଼ ଗଛ ଓ ଖୁଣ୍ଟି ସବୁ ଉପୁଡ଼ି ଯାଇ ପଡ଼ି ରହିଛି। ଆମେରିକା ଦୂତାବାସର ପ୍ରଥମ ମହଲା ଭାଙ୍ଗି ଯାଇଥିବା ବେଳେ ଏହା ମଧ୍ୟରେ ଅନେକ ଲୋକ ଫସି ରହିଥିବା କୁହାଯାଉଛି। ପୋର୍ଟ ଭିଲାରେ ଥିବା କେୟାର ଇଣ୍ଟରନ୍ୟାଶନାଲର ଅଫିସ ସଂପୂର୍ଣ୍ଣ ଭାଙ୍ଗି ଯାଇଥିବା ଆଉ ଏକ ଭିଡିଓରେ ଦେଖାଯାଉଛି। ରାଜଧାନୀରେ ଭୂକମ୍ପ ପ୍ରଳୟ ରଚିଥିବାରୁ ବିଦ୍ୟୁତ ଓ ପାଣି ଯୋଗାଣ ବନ୍ଦ ହୋଇଯାଇଛି। ସେହିପରି ରାସ୍ତାରେ ଅନେକ ଲୋକଙ୍କ ମୃତଦେହ ପଡ଼ି ରହିଥିବା ଦୃଶ୍ୟ ବି ସାମ୍ନାକୁ ଆସିଛି। ହେଲେ ପ୍ରକୃତରେ ଭୂକମ୍ପ ଯୋଗୁ କେତେ ଲୋକ ପ୍ରାଣ ହରାଇଛନ୍ତି, ସେକଥା ପ୍ରଶାସନ ପକ୍ଷରୁ ସ୍ପଷ୍ଟ ଭାବେ କୁହାଯାଇ ନାହିଁ।

ଅନ୍ୟପକ୍ଷରେ ଭୂକମ୍ପ ଝଟକା ପରେ ପ୍ୟାସିଫିକ ସୁନାମୀ ୱାର୍ଣ୍ଣିଂ ସେଣ୍ଟର ପକ୍ଷରୁ ଭାନୁଆତୁ ପାଇଁ ୱାର୍ଣ୍ଣିଂ ଜାରି କରାଯାଇଥିଲା। ସମୁଦ୍ର ଜୁଆର ୧ ମିଟର ଯାଏ ଉଠି ପାରେ ବୋଲି କୁହାଯାଇଥିଲା। ହେଲେ ପରବର୍ତ୍ତୀ ଅବସ୍ଥାରେ ସତର୍କ ସୂଚନାକୁ ପ୍ରତ୍ୟାହାର କରି ନିଆଯାଇଛି।

## ଏଣିକି ରୁଷ ଯିବାକୁ ଲାଗିବନି ଭିସା !

**ମସ୍କୋ, ୧୭।୧୨:** ଏଣିକି ରୁଷ ଯିବାକୁ ଲାଗିବନି ଭିସା । ଖୁବଶୀଘ୍ର ବିନା ଭିସାରେ ଯାଇ ହେବ ରୁଷିଆ। ଆସନ୍ତାବର୍ଷ ଠାରୁ ଭାରତୀୟ ନାଗରିକଙ୍କ ପାଇଁ ରୁଷକୁ ଭିସା-ଫ୍ରି ଟ୍ରାଭେଲ୍ ବା ବିନା ଭିସାରେ ଯାତ୍ରା ସୁବିଧା ମିଳିପାରେ। ଏନେଇ ଭାରତ ଓ ରୁଷ ମଧ୍ୟରେ ଆଲୋଚନା ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଥିବା ସୂଚନା ମିଳିଛି। ୨୦୨୫ ମାର୍ଚ୍ଚ ସୁଦ୍ଧା ଏହି ସୁବିଧା ମିଳିପାରେ ବୋଲି ଜାତୀୟ ଗଣମାଧ୍ୟମରେ ଖବର ପ୍ରକାଶ ପାଇଛି। ଅଗଷ୍ଟ ୨୦୨୩ ଠାରୁ ଭାରତୀୟ ମାନେ ଇ-ଭିସା ଜରିଆରେ ରୁଷ ଯାଇପାରୁଛନ୍ତି, ଯାହାକି ଆବେଦନର ମାତ୍ର ୪ ଦିନ ମଧ୍ୟରେ ମିଳିପାରୁଛି। ତେବେ ଆଗକୁ ଭିସା-ଫ୍ରି ଘୋଷଣା ହେଲେ ଏହାର ମଧ୍ୟ ଆବଶ୍ୟକତା ପଡ଼ିବ ନାହିଁ । ଏଭଳି ହେଲେ ଦୁଇ ଦେଶ ମଧ୍ୟରେ ପର୍ଯ୍ୟଟନ ସଂପର୍କ ସୁଦୃଢ଼ ହେବ ବୋଲି ଆଶା ରଖାଯାଇଛି । ଏବେ ଭାରତୀୟ ପାସପୋର୍ଟ ଥିଲେ ବିଶ୍ୱର ୬୨ଟି ଦେଶକୁ ବିନା ଭିସାରେ ଯାତ୍ରା କରିହେଉଛି। ସେପଟେ ଏବେ ରୁଷକୁ ଚୀନ୍ ଓ ଇରାନ ନାଗରିକ ମାନେ ବିନା ଭିସାରେ ଯାଇପାରୁଛନ୍ତି।

## ପତ୍ନୀଙ୍କ ପ୍ରେମିକକୁ ପିଟି ପିଟି ମାରିଦେଲେ

**ନୂଆଦିଲ୍ଲୀ, ୧୭।୧୨:** ପରକୀୟା ପ୍ରୀତିରେ ମାତିଥିଲେ ପତ୍ନୀ। ସ୍ୱାମୀଙ୍କ ପିଠି ପଛପଟେ ପ୍ରେମିକ ସହ ଚଳାଇଥିଲେ ରାସଲୀଳା। ମାତ୍ର ସ୍ୱାମୀଙ୍କ ହାବୁଡ଼ରେ ପଡ଼ିବା ପରେ ଘଟିଲା ଭୟଙ୍କର କାଣ୍ଡ। ଉଭୟ ପତ୍ନୀ ଓ ତାଙ୍କ ପ୍ରେମିକଙ୍କୁ ସେ ନିର୍ଘୃମ ପିଟିବା ସହ ଦେଇଥିଲେ ଭୟଙ୍କର ନିର୍ଯାତନା। ଏଥିରେ ଗୁରୁତର ପ୍ରେମିକଜଣକ ମେଡିକାଲରେ ଛଟପଟ ହୋଇ ଆଖିବୁଜିଥିବା ଜଣାଯାଇଛି। ଏପରି ଏକ ଘଟଣା ରାଜଧାନୀ ଦିଲ୍ଲୀର ଶାସ୍ତ୍ରୀ ପାର୍କ ଅଞ୍ଚଳରେ ଘଟିଛି। ମୃତକ ରତିକ ବର୍ମା ବୋଲି ଜଣାଯାଇଛି। ପୁଲିସ୍ ସୂଚନା ଅନୁଯାୟୀ, ସୋମବାର ସକାଳେ ଅଭିଯୁକ୍ତଜଣକ ନିଜ ଘରେ ନ ଥିବା ବେଳେ ରତିକ ସେଠାକୁ ଯାଇଥିଲେ। ସେ ତାଙ୍କ ପତ୍ନୀଙ୍କ ସହ ପ୍ରେମରେ ମାତି ଯାଇଥିଲେ। ଉକ୍ତ ସମୟରେ ଅଭିଯୁକ୍ତଜଣକ ଘରେ ପହଞ୍ଚି ନିଜ ପତ୍ନୀ ଓ ରିତିକଙ୍କୁ ଆପତ୍ତିଜନକ ଅବସ୍ଥାରେ ଦେଖିଥିଲେ। ଏହାପରେ ସେ ନିଜ ହିତାହିତ ଜ୍ଞାନ ଭୁଲି ଉଭୟଙ୍କୁ ନିର୍ଘୃମ ପିଟିଥିଲେ । ଏତିକିରେ ମନ ଶାନ୍ତ ନ ହେବାରୁ ଅଭିଯୁକ୍ତଜଣକ ରତିକଙ୍କ ଆଙ୍ଗୁଠିରୁ ନଖ ଉପାଡ଼ି ଦେଇଥିବା ବେଳେ ତାଙ୍କୁ ପ୍ରବଳ ମାଡ଼ ମାରିଥିଲେ। ଖବର ପାଇ ରତିକଙ୍କ ପରିବାର ଲୋକେ ପହଞ୍ଚି ତୁରନ୍ତ ତାଙ୍କୁ ମେଡିକାଲରେ ଭର୍ତ୍ତି କରିଥିଲେ। ମାତ୍ର ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ଘଟିଛି। ଏନେଇ ପରିବାର ଲୋକଙ୍କ ଅଭିଯୋଗକ୍ରମେ ପୁଲିସ୍ ଅଭିଯୁକ୍ତଙ୍କୁ ବାନ୍ଧିଛି।

## ସ୍କୁଲ ଭିତରେ ଆଖିବୁଜା ଗୁଳି ମାଡ଼, ୫ ମୃତ

**ୱାଶିଂଟନ, ୧୭।୧୨:** ଖ୍ରୀଷ୍ଟମାସ୍ ପୂର୍ବରୁ ଆମେରିକାରେ ଘଟିଛି ଦୁଃଖଦ ଘଟଣା। ଏକ ସ୍କୁଲ ଭିତରେ ଆଖିବୁଜା ଗୁଳି ମାଡ଼ ଘଟଣାରେ ୫ ଜଣଙ୍କ ମୃତ୍ୟୁ ହୋଇଛି। ଏଥିରେ ୬ ଜଣ ଗୁରୁତର ହୋଇଛନ୍ତି। ଗୁଳି ମାଡ଼ କରିଥିବା ନାବାଳକଜଣକ ପୁଲିସ୍ ଏନକାଉଣ୍ଟରରେ ଆଖି ବୁଜିଥିବା ଜଣାଯାଇଛି। ଏହି ଘଟଣା ସମଗ୍ର ଦେଶରେ ଚାଞ୍ଚଲ୍ୟ ଖେଳାଇଥିବା ବେଳେ ଶୁଟରଙ୍କ ପରିଚୟ ମିଳି ପାରିନି। ପୁଲିସ୍ ସୂଚନା ଅନୁଯାୟୀ, ୱିସ୍କୋସିନ୍‌ସ୍ଥିତ କ୍ରିଷ୍ଟିୟନ ନାମକ ଘରୋଇ ସ୍କୁଲରେ ଆଖିବୁଜା ଫାୟାରିଂ ହେଉଥିବା ନେଇ ସୂଚନା ମିଳିଥିଲା। ଖବର ପାଇ ପୁଲିସ୍ ସ୍କୁଲରେ ପହଞ୍ଚିବା ବେଳକୁ ବହୁ ଛାତ୍ରଛାତ୍ରୀ ଗୁଳି ମାଡ଼ରେ ଆହତ ହୋଇ ଛଟପଟ ହେଉଥିବା ଦେଖିବାକୁ ମିଳିଥିଲା। ପୁଲିସ୍ ତୁରନ୍ତ ଗୁରୁତର ୬ ଜଣଙ୍କୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଛି। ଏଥିସହ ୫ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ପୁଲିସ୍ ତଦନ୍ତରୁ ଜଣାଯାଇଛି, ଜଣେ ଛାତ୍ର ଏହି ଭୟଙ୍କର କାଣ୍ଡ ଘଟାଇଛନ୍ତି। ଛାତ୍ରଜଣକ ନିଜ ସହ ଏକ ବନ୍ଧୁକ ଧରି ସ୍କୁଲରେ ପଶିଥିଲେ।

## ବାଇକ୍‌ରେ ବସିଥିବା ବେଳେ ହୃଦଘାତ, ଯୁବକ ମୃତ

**ଭୋପାଳ, ୧୭।୧୨:** ବାଇକ୍‌ରେ ବସିଥିବା ବେଳେ ହଠାତ୍ ଆସିଲା ହାର୍ଟ ଆଟାକ୍। ଆଉ ବାଇକ୍‌ରୁ ଗଳି ପଡ଼ିଲେ ଯୁବକ । ଦେଖୁ ଦେଖୁ ଚାଲିଗଲା ଜୀବନ । ଏପରି ଏକ ଘଟଣା ମଧ୍ୟପ୍ରଦେଶର ବୈତୁଲ ଜିଲ୍ଲାରେ ଘଟିଛି। ଏହି ଦୃଶ୍ୟ ସିସିଟିଭିରେ କଏଦ ହୋଇଛି। ମୃତକଜଣଙ୍କ ୪୨ ବର୍ଷୀୟ ଉଦୟ ସିଂହ ରାଜପୁର ବୋଲି ଜଣାଯାଇଛି। ସେ ସ୍ୱାସ୍ଥ୍ୟ ବିଭାଗରେ ସୁପରଭିଜନ ଫିଲ୍ଡ ୱାର୍କର ଭାବେ କାମ କରୁଥିଲେ। ସିସିଟିଭିରେ ଦେଖାଯାଉଛି, ଉଦୟ ସିଂହ ନିଜ ବାଇକ୍‌ରେ ବସିଥିବା ବେଳେ ହଠାତ୍ ତଳକୁ ଖସି ପଡ଼ିଲେ। ଖବର ପାଇ ପୁଲିସ୍ ତୁରନ୍ତ ପହଞ୍ଚି ତାଙ୍କୁ ଉଠାଇବାକୁ ଚେଷ୍ଟା କରୁଥିବା ବେଳେ ଉଦୟଙ୍କ ଫୋନ୍ ରିଙ୍ଗ୍ ହୋଇଥିଲା। ଅପରପାର୍ଶ୍ୱରୁ ଉଦୟଙ୍କ ପତ୍ନୀ ଫୋନ୍ କରିଥିବା ବେଳେ ସ୍ୱାମୀଙ୍କ ଏପରି ଅବସ୍ଥା ଶୁଣି ହତବାକ ହୋଇ ଯାଇଥିଲେ। ତୁରନ୍ତ ତାଙ୍କୁ ହସ୍ପିଟାଲ ନିଆଯାଇଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ହୃଦଘାତରୁ ଉଦୟଙ୍କ ମୃତ୍ୟୁ ହୋଇଥିବା ପ୍ରାଥମିକ ଅନୁସନ୍ଧାନରୁ ଡାକ୍ତର ସୂଚନା ଦେଇଛନ୍ତି। ଉଦୟଙ୍କ ଏକ ଛୋଟ ପୁଅ ଥିବା ବେଳେ ତାଙ୍କ ବାପା ଜଣେ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ବୋଲି ଜଣାଯାଇଛି। ତେବେ ଉଦୟଙ୍କ ଏପରି ମୃତ୍ୟୁକୁ ପରିବାର ଲୋକେ ସହଜେ ଗ୍ରହଣ କରି ପାରୁ ନ ଥିବା ବେଳେ ସେମାନଙ୍କ ଆଖିରୁ ଲୁହ ଶୁଖୁନି।

## ବୃଦ୍ଧ ଦମ୍ପତିଙ୍କ ଦୁଃଖ ବୁଝିଲେନି ଅଧଘଣ୍ଟା ଛିଡ଼ା ହେବାକୁ ନିର୍ଦ୍ଦେଶ ଦେଲେ ଅଧିକାରୀ

**ଲକ୍ଷ୍ନୌ, ୧୭।୧୨:** ନିଜ ସମସ୍ୟାର ସମାଧାନ ନିମନ୍ତେ ବୃଦ୍ଧ ଦମ୍ପତି ସରକାରୀ କାର୍ଯ୍ୟାଳୟ ଦୌଡ଼ି ଦୌଡ଼ି ନୟାନ୍ତ ହେଲେ। ଘଣ୍ଟା ଘଣ୍ଟା ଧରି ଛିଡ଼ା ହୋଇ ଗୁହାରୀ କଲେ ବି ହେଲାନି ସମାଧାନ । ଅଧିକାରୀମାନେ ବୃଦ୍ଧ ଦମ୍ପତିଙ୍କ ସମସ୍ୟାକୁ କର୍ଣ୍ଣପାତ କଲେନି। ସିସିଟିଭିରେ ଏହା ଦେଖୁଥିବା ଆଇଏଏସ୍ ଅଧିକାରୀଜଣକ ଶେଷରେ ନିଜ କର୍ମଚାରୀଙ୍କୁ ଶୁଣାଇଲେ ଦଣ୍ଡ। ଅଧ ଘଣ୍ଟା ପର୍ଯ୍ୟନ୍ତ ଛିଡ଼ା ହୋଇ କାମ କରିବାକୁ ଦେଲେ ନିର୍ଦ୍ଦେଶ। ଏପରି ଏକ ରୋଚକ ଘଟଣା ଉତ୍ତରପ୍ରଦେଶର ନୋଏଡାରେ ଘଟିଛି। ଏକ ବୟସ୍କ ଦମ୍ପତି ନିଜ ସମସ୍ୟାର ସମାଧାନ ଆଶାରେ କର୍ତ୍ତୃପକ୍ଷଙ୍କ ଆବାସିକ ଭୂଖଣ୍ଡ ବିଭାଗ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେଠାରେ ଘଣ୍ଟା ଘଣ୍ଟା ଛିଡ଼ା ହୋଇ ଅପେକ୍ଷା କରିବା ସତ୍ତ୍ୱେ କେହି ସେମାନଙ୍କ ସମସ୍ୟା ଶୁଣିଲେ ନାହିଁ। ନିଜ କାର୍ଯ୍ୟାଳୟରେ ଲାଗିଥିବା ସିସିଟିଭିରେ ନୋଏଡା ପ୍ରାଧିକରଣ ସିଇଓ ଲୋକେଶ ଏମ୍ ଏହା ଦେଖିଥିଲେ। ଏନେଇ ସେ ଗଭୀର ଅସନ୍ତୋଷ ପ୍ରକାଶ କରିବା ସହ ତୁରନ୍ତ ସେମାନଙ୍କ ସମସ୍ୟା ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। କିଛି ସମୟ ପରେ ସିଇଓ ପୁଣି ଥରେ ସିସିଟିଭି ଯାଞ୍ଚ କରି ବୃଦ୍ଧ ଦମ୍ପତି ପୂର୍ବ ପରି ଛିଡ଼ା ହୋଇଥିବା ଦେଖିବାକୁ ପାଇଥିଲେ। ଏହାଦେଖି ସେ ନିଜ କାର୍ଯ୍ୟାଳୟରେ ପହଞ୍ଚି ଅଧିକାରୀ ଓ କର୍ମଚାରୀଙ୍କୁ ଟ୍ୟୁସନ୍ କରିଥିଲେ। ଏଥିସହ ତୁରନ୍ତ ଛିଡ଼ା ହୋଇ ଅଧ ଘଣ୍ଟା ପର୍ଯ୍ୟନ୍ତ କାମ କରିବାକୁ କାର୍ଯ୍ୟାଳୟରେ ଉପସ୍ଥିତ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏନେଇ ସେ କହିଥିଲେ, 'ଆପଣମାନେ ନିଜେ ଛିଡ଼ା ହୋଇ କାମ କଲେ ଉକ୍ତ ବୟସ୍କ ଦମ୍ପତିଙ୍କ କଷ୍ଟ ବୁଝିପାରିବେ। ଏହାପରେ କେବେ ବି ଏପରି ଭୁଲ୍ କରିବେ ନାହିଁ।' ସିଇଓଙ୍କ ଏପରି ନିର୍ଦ୍ଦେଶ ପରେ କର୍ମଚାରୀମାନେ ନିଜ ନିଜ ସିଟ୍ ପାଖରେ ଛିଡ଼ା ହୋଇ କାମ କରିଥିଲେ। ଏହାର ଭିଡିଓ ଏବେ ସୋଶାଲ ମିଡିଆରେ ଭାଇରାଲ ହେଉଛି।

## ନିଖୋଜ ନାବାଳକଙ୍କୁ ୧୭ ଖଣ୍ଡ କରି ବିଭିନ୍ନ ସ୍ଥାନରେ ପୋତିଥିଲେ

**ଲକ୍ଷ୍ନୌ, ୧୭।୧୨:** ସାମ୍ନାକୁ ଆସିଛି ଅତ୍ୟନ୍ତ ଭୟଙ୍କର ଘଟଣା। ନିଖୋଜ ଥିବା ଜଣେ ୧୫ ବର୍ଷୀୟ ପିଲାର ଶରୀର ବିଭିନ୍ନ ଅଂଶକୁ ପୁଲିସ୍ ମାଟିତଳୁ ଉଦ୍ଧାର କରିଛି। ପିଲାଟି ଗୋଟିଏ ଫାର୍ମରେ କାମ କରୁଥିବା ବେଳେ ହାର୍ଭେଷ୍ଟରରେ ଚାପି ହୋଇ ପ୍ରାଣ ହରାଇଥିଲା। ଏହାପରେ ମୃତଦେହକୁ ସମସ୍ତଙ୍କ ଅଜାଣତରେ ୧୭ ଖଣ୍ଡ କରି ବିଭିନ୍ନ ସ୍ଥାନରେ ପୋତି ଦିଆଯାଇଥିଲା। ଅପରାଧ ଲୁଚାଇବାକୁ ପୂରା ଉଦ୍ୟମ କରାଯାଇଥିଲେ ହେଁ ପୁଲିସ୍ ଏବେ ଘଟଣା ଉପରୁ ପରଦା ହଟାଇଛି।

ଉତ୍ତର ପ୍ରଦେଶରୁ ଏପରି ଘଟଣା ସାମ୍ନାକୁ ଆସିଛି। ବାହାରିଚର ଗାୟତ୍ରୀ ନଗର ଅଞ୍ଚଳରେ ପିଲାଟି ରହୁଥିବା ବେଳେ ୧୦ ଦିନ ହେଲା ନିଖୋଜ ରହିଥିଲା। ଏବେ ପୁଲିସ୍ ବିଭିନ୍ନ ସ୍ଥାନରୁ ତା'ର ମୃତଦେହକୁ ଖଣ୍ଡବିଖଣ୍ଡିତ ଅବସ୍ଥାରେ ଉଦ୍ଧାର କରିଛି। ଏହି ଘଟଣାରେ ୨୪ ବର୍ଷୀୟ ସଞ୍ଜୟ ବର୍ମା ଓ ୧୮ ବର୍ଷୀୟ ଲବକୁଶକୁ ପୁଲିସ୍ ଗିରଫ କରିଛି। ଏସ୍‌ପି ବ୍ରିନ୍ଦା ଶୁକ୍ଳା କହିଛନ୍ତି, ଡିସେମ୍ବର ୬ରେ



୧୫ ବର୍ଷୀୟ ବିକ୍ରମ ନିଖୋଜ ହୋଇ ଯାଇଥିଲା। ସେ ସଞ୍ଜୟ ବର୍ମାକୁ ଜମି କାମରେ ସାହାଯ୍ୟ କରିବା ବେଳେ ନିଖୋଜ ହୋଇଯାଇଥିବା ଖବର ମିଳିଥିଲା। ତଦନ୍ତରୁ ଜଣାପଡ଼ିଛି ଯେ ଟ୍ରାକ୍ଟର ଚଳାଉଥିବା ବେଳେ ବିକ୍ରମ ପଡ଼ି ଯାଇଥିଲା ଓ ହାର୍ଭେଷ୍ଟରରେ ଫସି ଯିବାରୁ ଗୁରୁତର ଆହତ ହୋଇଥିଲା। ହସ୍ପିଟାଲ ନେବା ବଦଳରେ ତଳେ ପଡ଼ି ଛଟପଟ ହେଉଥିବା ବିକ୍ରମକୁ ଅଭିଯୁକ୍ତ ଜଣକ ହାର୍ଭେଷ୍ଟର ଦ୍ୱାରା ଘୋଷାଡ଼ି ଅନ୍ୟତ୍ର ପକାଇ ଦେଇଥିଲା। ଫଳରେ ଘଟଣା ସ୍ଥଳରେ ସେ ପ୍ରାଣ ହରାଇଥିଲା। ଏହାପରେ ଅଭିଯୁକ୍ତ ସଞ୍ଜୟ ଓ ସହଯୋଗୀ ଲବକୁଶ ମୃତଦେହକୁ ୧୭ ଖଣ୍ଡ କରି ଜମିର ବିଭିନ୍ନ ସ୍ଥାନରେ ପୋତି ଦେଇଥିଲେ। ସେହିପରି ତା'ର ପୋଷାକ ଓ ଚପଲକୁ ପୋଖରୀରେ ଫିଙ୍ଗି ଦେଇଥିଲେ। ଡିସେମ୍ବର ୯ରେ ପରିବାର ପକ୍ଷରୁ ବିକ୍ରମର ନିଖୋଜ ସମ୍ପର୍କରେ ଅଭିଯୋଗ କରାଯାଇଥିଲା। ପୁଲିସ୍ ଏହାର ତଦନ୍ତ କରୁଥିବା ବେଳେ ଡିସେମ୍ବର ୧୫ରେ ପୋଖରୀରୁ ବିକ୍ରମର ପୋଷାକ ଓ ଚପଲ ମିଳିଥିଲା। ଅଧିକ ଯାଞ୍ଚ ପରେ ପୁଲିସ୍ ସଞ୍ଜୟ ଓ ଲବକୁଶକୁ ଜେରା ଆରମ୍ଭ କରିଥିଲା। ଜେରା ବେଳେ ଉଭୟ ସେମାନଙ୍କ ଅପରାଧକୁ ସ୍ୱୀକାର କରିଛନ୍ତି। ସେମାନଙ୍କ ସୂଚନା ପରେ ପୁଲିସ ଦିନ ତମାମ ପୂରା ଜମିକୁ ଖୋଳି ବିକ୍ରମଙ୍କ ଖଣ୍ଡବିଖଣ୍ଡିତ ମୃତଦେହକୁ ଉଦ୍ଧାର କରିଥିବା ସେ କହିଛନ୍ତି।

# ଚମତ୍କାର କଲେ ବୁମରା ଓ ଆକାଶ ଦୀପ

## ନାଟକୀୟ ଢଙ୍ଗରେ ଫଲୋଅନ୍ ଏଡ଼ାଇଲେ



**ବ୍ରିସବେନ, ୧୭।୧୨:** ବାରମ୍ବାର ବର୍ଷା ଯୋଗୁ ମ୍ୟାଚ୍‌କୁ ବନ୍ଦ କରିବାକୁ ପଡୁଥିଲା। ଭାରତ ମଧ୍ୟ ନିୟମିତ ଢଙ୍ଗରେ ୱିକେଟ ହରାଇ ଚାଲିଥିଲା। ଲାଗୁଥିଲା ଗାବାରେ ପରାଜୟ ସୁନିଶ୍ଚିତ। କାରଣ ଭାରତ ଫଲୋଅନ ଖାଇବା ଏକପ୍ରକାରର ନିଶ୍ଚିତ ହୋଇଯାଇଥିଲା। ଭାରତ ୨୧୩ ରନରେ ୯ମ ୱିକେଟ ମଧ୍ୟ ହରାଇଥିଲା। ଏହି ସମୟରେ ଫଲୋଅନ ଏଡ଼ାଇବାକୁ ୩୩ ରନର ଆବଶ୍ୟକ ରହିଥିଲା। ଏତିକି ବେଳେ ଶେଷ ୱିକେଟ ପାଇଁ ଚମତ୍କାର କରିଥିଲେ ଯଶପ୍ରୀତ ବୁମରା ଓ ଆକାଶ ଦୀପ। ଉଭୟ ଅଷ୍ଟ୍ରେଲିଆର ଦୁଇ ଦ୍ରୁତ ବୋଲର ପାଟ କମିନ୍ସ ଓ ମିଚେଲ ଷ୍ଟାର୍କଙ୍କୁ ଘାଇଲା କରିଥିଲେ। ଶେଷ ୱିକେଟ ପାଇଁ ଅପରାଜିତ ୩୯ ରନ ଯୋଡ଼ି ଭାରତକୁ ଫଲୋଅନରୁ ବେଶ ନାଟକୀୟ ଢଙ୍ଗରେ ଉଦ୍ଧାର କରିଥିଲେ।

ଫଲୋଅନ ଏଡ଼ାଇବାକୁ ୪ ରନ ବାକି ଥିବା ବେଳେ କମିନ୍ସଙ୍କୁ ଆକାଶ ଦୀପ ଗଲି ଅଞ୍ଚଳରେ ଚୌକା ମାରିଥିଲେ। ଏହି ସମୟରେ ଗାବାରେ ଥିବା ସମସ୍ତ ଦର୍ଶକ ଓ ଭାରତୀୟ ଟିମର ସଦସ୍ୟମାନେ ବେଶ ଉତ୍ସାହିତ ହୋଇ ଉଠିଥିଲେ। ଉତ୍ସାହ ଏତିକିରେ ସୀମିତ ରହିଥିଲେ। ଫଲୋଅନ ଏଡ଼ାଇବା ପରେ କମିନ୍ସଙ୍କୁ ଆକାଶ ଦୀପ ମିଡ ୱିକେଟ ଅଞ୍ଚଳରେ ପୁଣି ଗୋଟିଏ ବିରାଟ ଛକା ମାରିଥିଲେ। ଉଭୟ ୧୦ମ ୱିକେଟ ପାଇଁ ୩୯ ରନ ଯୋଡ଼ି ୪ର୍ଥ ଦିନର ଖେଳ ଶେଷ ସୁଦ୍ଧାର ଭାରତର ସ୍କୋରକୁ ୨୫୨ ରନରେ ପହଞ୍ଚାଇ ଦେଇଛନ୍ତି। ଭାରତ ଏବେ ବି ଅଷ୍ଟ୍ରେଲିଆର ପ୍ରଥମ ଇନିଂସ ସ୍କୋର ଠାରୁ ୧୯୩ ରନ ପଛରେ ରହିଛି। ହେଲେ ପରାଜୟ ଆଶଙ୍କାକୁ କିଛି ମାତ୍ରାରେ ଟାଳି ଦେଇଛି। ଷ୍ଟମ୍ପ ଅପସାରଣ ବେଳକୁ ବୁମରା ୧୦ ରନ ଓ ଆକାଶ ଦୀପ ୨୭ ରନ କରି ଅପରାଜିତ ରହିଛନ୍ତି। ଉଭୟ ଆସନ୍ତାକାଲି ପୁଣି ବ୍ୟାଟିଂ କରିବେ।

ଆଜି ୪ର୍ଥ ଦିନ ବେଶ ନାଟକୀୟ ଢଙ୍ଗରେ ଆରମ୍ଭ ହୋଇଥିଲା। ଗତକାଲି ଅପରାଜିତ ଥିବା କେଏଲ ରାହୁଲ ୩୩ ରନରୁ ଇନିଂସ ଆରମ୍ଭ କରିଥିଲେ। ହେଲେ ପ୍ରଥମ ବଲରେ ସେ କ୍ୟାଚ୍ ଦେଇଥିଲେ ହେଁ ଏହାକୁ ସ୍ଲିପ ଅଞ୍ଚଳରେ ଛିଡ଼ା ହୋଇଥିବା ଷ୍ଟିଭ ସ୍ମିଥ ହାତ ଛଡ଼ା କରି ଦେଇଥିଲେ। ଗତକାଲିର ଅନ୍ୟତମ ଅପରାଜିତ ବ୍ୟାଟର ତଥା ଭାରତୀୟ ଟିମର ଅଧିନାୟକ ରୋହିତ ଶର୍ମା ପୁଣି ସମସ୍ତଙ୍କୁ ନିରାଶ କରିଥିଲେ। ସେ ମାତ୍ର ୧୦ ରନ କରି କମିନ୍ସଙ୍କ ବଲରେ ଆଉଟ ହୋଇଥିଲେ। ଭାରତ ୭୪ ରନରେ ରୋହିତଙ୍କୁ ହରାଇଥିଲା। ହେଲେ ଏତିକି ବେଳେ ରାହୁଲ ଓ ଜାଡେଜା ସ୍ଥିତି ସମ୍ଭାଳିଥିଲେ। ରାହୁଲଙ୍କ ବ୍ୟାଟରୁ ମଧ୍ୟ ଆଉ ଏକ ଅର୍ଦ୍ଧଶତକ ଦେଖିବାକୁ ମିଳିଥିଲା। କିନ୍ତୁ ସେ ୮୪ ରନ କରିଥିବା ବେଳେ ତାଙ୍କୁ ନାଥନ ଲାୟନ ଆଉଟ କରି ଦେଇଥିଲେ।

ନୀତୀଶ କୁମାର ରେଡ୍ଡୀଙ୍କ ସହ ମିଶି ଜାଡେଜା ଦଳୀୟ ସ୍କୋରକୁ ୧୯୪ ରନରେ ପହଞ୍ଚାଇଥିଲେ। କିନ୍ତୁ କମିନ୍ସଙ୍କୁ କଟ ମାରିବାକୁ ଯାଇ ନୀତୀଶ କୁମାର ୧୬ ରନରେ ଆଉଟ ହୋଇଯାଇଥିଲେ। ଲଞ୍ଚ ପରେ ଜାଡେଜାଙ୍କ ବ୍ୟାଟରୁ ଅର୍ଦ୍ଧଶତକ ଦେଖିବାକୁ ମିଳିଥିଲା। ୯ମ ସ୍ଥାନରେ ବ୍ୟାଟିଂ କରିବାକୁ ଆସିଥିବା ମହମ୍ମଦ ସିରାଜ କେବଳ ୧ ରନ କରିଥିଲେ। ଜାଡେଜା ବ୍ୟକ୍ତିଗତ ୭୭ ରନରେ ଥିବା ବେଳେ କମିନ୍ସଙ୍କ ବଲରେ ଆଉଟ ହୋଇଯାଇଥିଲେ। ଏହି ସମୟରେ ଭାରତର ସ୍କୋର ୨୧୩ ରନ ରହିଥିଲା। ଲାଗୁଥିଲା ଭାରତ ଫଲୋଅନ ଏଡ଼ାଇ ପାରିବ ନାହିଁ। କାରଣ ଦଳ ହାତରେ କେବଳ ଗୋଟିଏ ୱିକେଟ ରହିଥିଲା। କିନ୍ତୁ ସବୁ ପ୍ରତିକୂଳ ପରିସ୍ଥିତିକୁ ମାତ ଦେଇ ବୁମରା ଓ ଆକାଶ ଦୀପ କମାଲ କରିଥିଲେ। ଉଭୟ ଭାରତକୁ ନିଶ୍ଚିତ ବିପଦରୁ ଉଦ୍ଧାର କରିବା ସହ ଖରାପ ଆଲୁଅ ପାଇଁ ମ୍ୟାଚ୍ ବନ୍ଦ ହେବା ଯାଏ ଆଉ କୌଣସି ବିପର୍ଯ୍ୟୟ ଘଟାଇବାକୁ ଦେଇ ନଥିଲେ।



## ବୁମ୍‌ରାଙ୍କୁ କ୍ଷମା ମାଗିଲେ ଈଶା

**ବ୍ରିସବେନ, ୧୭।୧୨:** ଭାରତୀୟ ଦ୍ରୁତ ବୋଲର ଯଶପ୍ରୀତ୍ ବୁମ୍‌ରାଙ୍କ ପ୍ରତି ଆକ୍ଷେପମୂଳକ ମନ୍ତବ୍ୟ ଦେଇଥିବା ପୂର୍ବତନ ଇଂଲଣ୍ଡ ମହିଳା କ୍ରିକେଟର୍ ଈଶା ଗୁହା ଶେଷରେ ଏଥି ପାଇଁ କ୍ଷମା ମାଗି ନେଇଛନ୍ତି। ବୁମ୍‌ରାଙ୍କୁ ପ୍ରଶଂସା କରିବାକୁ ଯାଇ ମୁଁ ଯେଉଁ ଶବ୍ଦଟି ବ୍ୟବହାର କରିଥିଲି ଏହାକୁ ବିଭିନ୍ନ ଭାବେ ବ୍ୟାଖ୍ୟା କରାଯାଇପାରିବ। ଏହା କାହାରିକୁ ବାଧିଥିଲେ କ୍ଷମା ମାଗି ନେଇଛି। ଅନ୍ୟମାନଙ୍କୁ ସମ୍ମାନ ଦେବାକୁ ମୁଁ ଅଗ୍ରାଧିକାର ଦେଇଥାଏ। ଏକ ଭୁଲ ଶବ୍ଦକୁ ଚୟନ କରିଥିବାରୁ ଦୁଃଖିତ। କାହାରିକୁ ବାଧିବା ଉଦ୍ଦେଶ୍ୟରେ ଏହା ବ୍ୟବହାର ହୋଇ ନଥିଲା।

ରବିବାର ଗାବା ଟେଷ୍ଟର ଦ୍ୱିତୀୟ ଦିନ ସକାଳେ ବୁମ୍‌ରାଙ୍କ ୫ ୱିକେଟ୍ ସଫଳତା ଅବସରରେ ପୂର୍ବତନ ଅଷ୍ଟ୍ରେଲୀୟ ବୋଲର ବ୍ରେଟ୍ ଲି ଉଚ୍ଚ ପ୍ରଶଂସା କରିଥିଲେ। ଫକ୍ସ କ୍ରିକେଟ୍ ପାଇଁ ଆଲୋଚନା କରି ଲି ତାଙ୍କୁ ପ୍ରଶଂସା କରିଥିଲେ। ଏହି ସମୟରେ ଅନ୍ୟତମ ଭାଷ୍ୟକାର ଈଶା ଗୁହା ତାଙ୍କୁ ଏମ୍‌ଭିପି ଅଭିହିତ କରିଥିଲେ ମଧ୍ୟ ଏହାକୁ ବ୍ୟାଖ୍ୟା କରି ମୋଷ୍ଟ୍ ଭ୍ୟାଲୁଏବଲ୍ ପ୍ରାଇମେଟ୍ କହିଥିଲେ। ପ୍ଲେୟର୍ ବଦଳରେ ସେ ଜାଣିଶୁଣି ପ୍ରାଇମେଟ୍ କହିଥିଲେ। ଏହାକୁ ନେଇ ବିବାଦର ସୂତ୍ରପାତ ହୋଇଥିଲା। କାରଣ ପ୍ରାଇମେଟ୍‌ର ଅର୍ଥ ମାଙ୍କଡ଼ ଆକୃତି ମଣିଷକୁ ବୁଝାଇଥାଏ। ଏହି ଆକ୍ଷେପ ପରେ ଗୁହାଙ୍କୁ ପ୍ରଶଂସକମାନେ ସାମାଜିକ ଗଣମାଧ୍ୟମରେ ଛାଡ଼ିନଥିଲେ। ଗୁହାଙ୍କୁ ଅନେକ କଟୁ ସମାଲୋଚନା କରିଥିଲେ। ଏହି ଘଟଣା ୨୦୦୮ ମସିହାର ମଙ୍କିଗେଟ୍ ବିବାଦକୁ ମନେପକାଇ ଦେଇଥିଲା। ସେତେବେଳେ ଆଣ୍ଡ୍ରିଉ ସାଇମଣ୍ଡଙ୍କୁ ହରଭଜନ ସିଂହ ମଙ୍କି ଡାକିବାରୁ ଏହା 'ମଙ୍କିଗେଟ୍' ବିବାଦ ରୂପେ ଚହଳ ସୃଷ୍ଟି କରିଥିଲା।



## କ୍ରିକେଟ୍‌ରେ ବିରଳ ଡବଲ୍ ହ୍ୟାଟ୍ରିକ୍

**ନୂଆଦିଲ୍ଲୀ, ୧୭।୧୨:** କ୍ରିକେଟ୍‌ରେ ନିୟମିତ ନହେଲେ ବି ଡବଲ୍ ହ୍ୟାଟ୍ରିକ ଖୁବ୍ ବିରଳ। ଆଇସିସିର ପୂର୍ଣ୍ଣ ସଦସ୍ୟ ହୋଇ ନଥିବା ଆର୍ଜେଣ୍ଟିନାର ଜଣେ ବୋଲର ଏବେ ଏହି କ୍ଲବ୍‌ରେ ସାମିଲ ହୋଇଯାଇଛନ୍ତି। ୩୭ ବର୍ଷୀୟ ଦ୍ରୁତ ବୋଲର୍ ହର୍ମାନ୍ ଫେନେଲ୍ ଆଇସିସି ପୁରୁଷ ଟ୍ୱେଣ୍ଟି-୨୦ ବିଶ୍ୱକପ୍ ସବ୍ ରିଜିଅନ୍ କ୍ୱାଲିଫାୟାର୍ ପ୍ରତିଯୋଗିତାରେ ଏହି ସଫଳତା ପାଇଛନ୍ତି। କେମ୍ୟାନ୍ ଆଇଲାଣ୍ଡସ ବିପକ୍ଷରେ ଲଗାତାର ୪ ବଲ୍‌ରେ ସେ ଟ୍ରୟ ଟେଲର୍, ଆଲିଷ୍ଟର୍ ଇଫିଲ୍, ରୋନାଲ୍ଡ ଇବ୍ୟାଙ୍କ୍ସ ଓ ଆଲେକଜାଣ୍ଡ୍ରୋ ମୋରିସ୍‌ଙ୍କୁ ଆଉଟ୍ କରି ୫/୧୪ ବୋଲିଂ ଚିତ୍ର ପାଇଛନ୍ତି। ଅନ୍ତର୍ଜାତୀୟ ଟ୍ୱେଣ୍ଟି-୨୦ କ୍ରିକେଟ୍‌ରେ ଫେନେଲ୍ ଷଷ୍ଠ ବୋଲର ଭାବେ ଏହି ବିରଳ କ୍ଲବ୍‌ରେ ସାମିଲ ହୋଇଛନ୍ତି। ପୂର୍ବରୁ ଶ୍ରୀଲଙ୍କାର ଲସିଥ୍ ମାଲିଙ୍ଗା, ଆଫଗାନିସ୍ତାନର ରସିଦ୍ ଖାନ୍, ଆୟର୍ଲାଣ୍ଡର କର୍ଟିସ କ୍ୟାମ୍ଫର୍, ୱେଷ୍ଟଇଣ୍ଡିଜ୍‌ର ଜାସନ୍ ହୋଲ୍ଡର୍, ଲିସୋଥୋର ୱାସିମ୍ ୟାକୁବ୍ ଏଭଳି ସଫଳତା ପାଇଥିଲେ। ଏକାଧିକ ଥର ହ୍ୟାଟ୍ରିକ୍ ଅର୍ଜନ କରିବାରେ ଫେନେଲ୍ ମଧ୍ୟ ଷଷ୍ଠ ବୋଲର ହୋଇଛନ୍ତି। ୱାସିମ୍ ଆବାସ (ମାଲଟା), ପ୍ୟାଟ୍ କମିନ୍ସ (ଅଷ୍ଟ୍ରେଲିଆ), ମାର୍କ ପାଭଲୋଭିକ୍ (ସର୍ବିଆ), ଟିମ୍ ସାଉଦି (ନ୍ୟୁଜିଲାଣ୍ଡ), ଲସିଥ୍ ମାଲିଙ୍ଗା (ଶ୍ରୀଲଙ୍କା) ଏହି କ୍ଲବ୍‌ରେ ଥିଲେ।

## ହକି ଇଣ୍ଡିଆ ଲିଗ୍: ଓହରିଲେ ୨୯ ବିଦେଶୀ ଖେଳାଳି

**ଭୁବନେଶ୍ୱର, ୧୭।୧୨:** ଅକ୍ଟୋବରରେ ଅନୁଷ୍ଠିତ ହକି ଇଣ୍ଡିଆ ଲିଗ୍(ଏଚ୍‌ଆଇଏଲ୍) ଖେଳାଳି ନିଲାମରେ ୮ ପୁରୁଷ ଓ ୪ ମହିଳା ଫ୍ରାଞ୍ଚାଇଜ୍ ୯୬ ଜଣ ଖେଳାଳିଙ୍କୁ କିଣିଥିଲେ। ପ୍ରତିଯୋଗିତା ଆରମ୍ଭ ହେବାକୁ ଆଉ ମାତ୍ର ୧୨ ଦିନ ଥିବାବେଳେ ଆୟୋଜକ ହକି ଇଣ୍ଡିଆକୁ ବଡ଼ ଝଟ୍‌କା ଲାଗିଛି। ପାଖାପାଖି ୨୯ଜଣ ନାମୀଦାମୀ ବିଦେଶୀ ଖେଳାଳି ପ୍ରତିଯୋଗିତାରୁ ଓହରିଯାଇଛନ୍ତି। ଏଥିରେ ୮ ଜଣ ମହିଳା ଖେଳାଳି ବି ଅଛନ୍ତି। ଆରମ୍ଭ ପୂର୍ବରୁ ଏଚ୍‌ଆଇଏଲ୍ ଛାଡ଼ିଥିବା ଖେଳାଳିଙ୍କ ମଧ୍ୟରେ ସର୍ବାଧିକ ନେଦରଲାଣ୍ଡ୍‌ସ, ଜର୍ମାନୀ, ବ୍ରିଟେନ୍ ଓ ଅଷ୍ଟ୍ରେଲିଆର ଥିବା ଜଣାପଡ଼ିଛି। ଖେଳାଳି ଓହରିବା ପଛରେ କମ୍ ପାରିଶ୍ରମିକ, ଖ୍ରୀଷ୍ଟମାସ ଓ ନୂଆ ବର୍ଷ ଛୁଟି ଭଣ୍ଡୁର ହେବା ତଥା ପ୍ରତିଯୋଗିତା ଆୟୋଜନ କରୁଥିବା ସହର ହିଁ ମୂଳ କାରଣ ପାଲଟିଥିବା ଖେଳାଳି ଦର୍ଶାଇଛନ୍ତି।

ରାଉରକେଲାରେ ଏହି ପ୍ରତିଯୋଗିତା ଡିସେମ୍ବର ୨୮ ତାରିଖରୁ ଖେଳାଯିବ। ଅର୍ଥାତ୍ ଖ୍ରୀଷ୍ଟମାସର ଦିନକ ପରେ ଏବଂ ନୂଆବର୍ଷର ଦୁଇଦିନ ପୂର୍ବରୁ ଏହି ପ୍ରତିଯୋଗିତା ଆରମ୍ଭ ହେଉଥିବାରୁ ଛୁଟି ନଷ୍ଟହୋଇଯିବ। ଏଣୁ ପରିବାର ସହ ସମୟ କାଟିବାକୁ ଖେଳାଳି ନିଷ୍ପତ୍ତି ନେଇଥିବା ଏକ ଜାତୀୟ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇଛନ୍ତି। ଏହାସହ ଖେଳାଳିଙ୍କୁ କମ୍ ପାରିଶ୍ରମିକ ହିଁ ସେମାନେ ଓହରିବାର ଅନ୍ୟତମ କାରଣ ବୋଲି ସଙ୍କେତ ଦେଇଛନ୍ତି। ଏବର୍ଷର ନିଲାମରେ ଭାରତୀୟ ଖେଳାଳି ଚଢ଼ା ଦରରେ ବିକ୍ରି ହୋଇଥିଲେ। ଅପରପକ୍ଷରେ ବିଦେଶୀ ଖେଳାଳିଙ୍କ ମୂଲ୍ୟ ଆଶାନୁରୂପ ହୋଇନଥିଲା। ଜର୍ମାନୀର ତାରକା ଖେଳାଳି ଖ୍ରୀଷ୍ଟୋଫର ରୁର୍ ଗତ ୨୦୧୬ ନିଲାମରେ ପାଖାପାଖି ୬୩ ଲକ୍ଷରେ ବିକ୍ରି ହୋଇଥିଲେ। ଏବେ କିନ୍ତୁ ତାଙ୍କୁ ଦିଲ୍ଲୀ ଏସ୍‌ଜି ପାଇପର୍ସ ୧୮ ଲକ୍ଷ ଟଙ୍କାରେ କିଣିଛି। ସେହିଭଳି ନେଦରଲାଣ୍ଡ୍‌ସ ଅଲିମ୍ପିକ ସ୍ୱର୍ଣ୍ଣ ପଦକ ବିଜେତା ସେଭେ ଭାନ୍ ଆସ୍‌ଙ୍କୁ ଗତଥର ଉତ୍ତରପ୍ରଦେଶ ୱିଜାର୍ଡ୍ସ ୩୩ ଲକ୍ଷ ଟଙ୍କାରେ କ୍ରୟ କରିଥିବାବେଳେ ଏଥର ୟୁପି ରୁଦ୍ରାସ୍ ୧୦ ଲକ୍ଷ ଟଙ୍କାରେ କିଣିଛି। ଅପରପକ୍ଷରେ ଭାରତୀୟ ଖେଳାଳି ହର୍ମନପ୍ରୀତ ସିଂହ (୭୮ ଲକ୍ଷ), ଅଭିଷେକ (୭୨ ଲକ୍ଷ), ହାର୍ଦ୍ଦିକ ସିଂହ (୭୦ ଲକ୍ଷ), ଅମିତ ରୋହିଦାସ (୪୮ ଲକ୍ଷ), ଯୁଗରାଜ ସିଂହ (୪୮ ଲକ୍ଷ), ସୁମିତ ବାଲ୍ମିକୀ (୪୬ ଲକ୍ଷ), ସମସେର୍ ସିଂହ (୪୨ ଲକ୍ଷ) ପ୍ରମୁଖ ଚଢ଼ାଦରରେ ବିକ୍ରି ହୋଇଛନ୍ତି। ଭାରତୀୟ ଖେଳାଳିଙ୍କ ଚଢ଼ା ଦର ପଛରେ ନ୍ୟାଯ୍ୟ ଯୁକ୍ତି ବି ରହିଛି। ବିଶେଷକରି ଗତ ୭/୮ ବର୍ଷ ହେଲା ଭାରତୀୟ ହକି ସଫଳତାର ଶୀର୍ଷରେ ପହଞ୍ଚିଥିବାରୁ ଖେଳାଳିଙ୍କ ବ୍ୟକ୍ତିଗତ ପ୍ରଦର୍ଶନ ମଧ୍ୟ ଉଚ୍ଚମାନର ରହିଛି।

**ଜାତୀୟ ମହିଳା ଦିନିକିଆ**

## ଓଡ଼ିଶାର ଚତୁର୍ଥ ବିଜୟ



**ସୁଶ୍ରୀ, ଜାନକୀଙ୍କ ଅଲ୍‌ରାଉଣ୍ଡ ପ୍ରଦର୍ଶନ**

**କଟକ, ୧୭।୧୨:** ଚଳିତ ଜାତୀୟ ମହିଳା ଦିନିକିଆ କ୍ରିକେଟ୍ ପ୍ରତିଯୋଗିତାରେ ଓଡ଼ିଶା ସୋମବାର ଚତୁର୍ଥ ବିଜୟ ପାଇଛି। ହ୍ୟାଟ୍ରିକ୍ ବିଜୟ ପରେ ଗତ ମ୍ୟାଚ୍‌ରେ ମୁମ୍ବାଇଠୁ ହାରିଥିବା ଓଡ଼ିଶା ପୁଣି ଥରେ ଲୟକୁ ଫେରିଛି। ଅହମଦାବାଦରେ ସୋମବାର ଖେଳାଯାଇଥିବା ମ୍ୟାଚ୍‌ରେ ସୁଶ୍ରୀ ଦିବ୍ୟଦର୍ଶିନୀ ଓ ଜାନକୀ ରେଡ୍ଡୀଙ୍କ ଅଲ୍‌ରାଉଣ୍ଡ ପ୍ରଦର୍ଶନ ବଳରେ ଓଡ଼ିଶା ୫୬ ରନ୍‌ରେ ହାଇଦ୍ରାବାଦକୁ ମାତ୍ ଦେଇଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ୮ ୱିକେଟ୍ ହରାଇ ୧୯୯ ରନ୍ କରିଥିଲା। ଓଡ଼ିଶା ଅଧିନାୟିକା ସୁଶ୍ରୀ (୫୭, ୮୬ ବଲ୍, ୪ ଚୌକା) ଅର୍ଦ୍ଧଶତକ ଅର୍ଜନ କରିଥିଲା ବେଳେ ଜାନକୀ ରେଡ୍ଡୀ ୪୨ ଓ ମାଧୁରୀ ମେହେଟ୍ଟା ୨୩ ରନ୍‌ର ଉପଯୋଗୀ ପାଳି ଖେଳିଥିଲେ। ଜବାବରେ ହାଇଦ୍ରାବାଦ ୪୩.୨ ଓଭରରେ ୧୪୩ ରନ୍‌ରେ ଅଟକି ଯାଇଥିଲା। ଓଡ଼ିଶା ପକ୍ଷରୁ ଜାନକୀ ରେଡ୍ଡୀ ୩ ଏବଂ ଜ୍ୟୋତି କୁମାରୀ ପ୍ରସାଦ ଓ ସୁଶ୍ରୀ ୨ ଲେଖାଏଁ ୱିକେଟ୍ ନେଇଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### କେଜିରୁ ...

ସାନ୍ତାଳୀ ଲେଖକ ମାନେ ନିଜର ଲେଖନୀ ବଳରେ ଜାତିର ଭାଷା, ସଂସ୍କୃତି, ପରମ୍ପରା ଓ ଶିକ୍ଷାର ବହୁଳ ପ୍ରଚାର ପ୍ରସାର ପାଇଁ ନିସ୍ୱାର୍ଥପର ଓ ଉତ୍ସର୍ଗୀକୃତ ମନୋଭାବ ନେଇ କାର୍ଯ୍ୟ କରିବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଥିଲେ। ବିଭିନ୍ନ ଭାଷାରେ ଲିଖିତ ପ୍ରସିଦ୍ଧ ପୁସ୍ତକକୁ ସାନ୍ତାଳୀରେ ଓ ସାନ୍ତାଳୀ ଭାଷାରେ ଲିଖିତ ବିଭିନ୍ନ ଶିକ୍ଷଣୀୟ ପୁସ୍ତକକୁ କିପରି ଅନ୍ୟ ଭାଷାକୁ ଅନୁବାଦ ହୋଇ ପାରିବ ସେଥି ନିମନ୍ତେ ଉଦ୍ୟମ କରିବାକୁ ଲେଖକ ମାନଙ୍କୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। କାରଣ ଭାଷାର ବହୁଳ ପ୍ରଚାର ପ୍ରସାର ପାଇଁ ଅନୁବାଦ ସାହିତ୍ୟ ଏବଂ ଯୁଗୋପଯୋଗୀ ସାହିତ୍ୟ ସୃଷ୍ଟି କରିବା ପ୍ରତ୍ୟେକ ଲେଖକଙ୍କର ପ୍ରାଥମିକତା ହେବା ଆବଶ୍ୟକ। ଆଦିବାସୀ ମାନଙ୍କ ସାମୂହିକ ବିକାଶ ପାଇଁ ସମସ୍ତଙ୍କୁ ଏକ ହୋଇ ନିଜର ଭାଷା, ସଂସ୍କୃତି ଓ ପରମ୍ପରାକୁ ବଜାୟ ରଖି ଶିକ୍ଷାର ସ୍ରୋତରେ ସାମିଲ ହେବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଥିଲେ। ଏହାଦ୍ୱାରା "ବିକଶିତ ଓଡିଶା ୨୦୩୬"ରେ ଆଦିବାସୀ ସମାଜ ଏକ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରଖିପାରିବ ବୋଲି ସେ କହିଥିଲେ। ଏକ ବିକଶିତ ଓଡିଶା ତଥା ବିକଶିତ ଭାରତ ଗଠନରେ ଆଦିବାସୀ ସମ୍ପ୍ରଦାୟ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ସଂଘର ଉପଦେଷ୍ଟା ସ୍ୱର୍ଗତ କାନ୍ଦ୍ରା ମୁର୍ମୁ ଏବଂ ସଂଘର ପୂର୍ବତନ ସଭାପତି ସ୍ୱର୍ଗତ ରୂପଚାନ୍ଦ ହାଁସଦାଃଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ସଙ୍ଗେସଙ୍ଗେ ତାଙ୍କ ପରିବାର ବର୍ଗଙ୍କୁ ସମବେଦନା ଜଣାଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ସଂଘର ସାହିତ୍ୟ ପତ୍ରିକା ତଥା ସ୍ମରଣିକା ଉନ୍ମୋଚନ କରିଥିଲେ। ସାନ୍ତାଳୀ ସାହିତ୍ୟରେ ବିଶେଷ ଅବଦାନ ନିମନ୍ତେ ଶ୍ରୀ ସୁରେଶ କୁମାର ହେମ୍ବ୍ରମ ତାଙ୍କର ପୁସ୍ତକ " ସୋନାଲି ଘାଟଂଜ୍" ପାଇଁ ଶ୍ୟାମ ସୁନ୍ଦର ହେମ୍ବ୍ରମ ସମ୍ମାନ ୨୦୨୪, ଶ୍ରୀ ଦୁର୍ଗା ସୋରେନଙ୍କୁ ତାଙ୍କ କ୍ଷୁଦ୍ର ଗଳ୍ପ- "ଉନି କୁଳିଦ ଅକୟ ?" ପାଇଁ ଯୁବ ପୁରସ୍କାର, ଶ୍ରୀମତୀ ଆର୍ସୁ ହାଁସଦାଃ ଙ୍କୁ ତାଙ୍କ କବିତା ପୁସ୍ତକ "ଆର୍‌ସି" ପାଇଁ ଯଦୁମଣି ବେଶ୍ରା ସମ୍ମାନ ଏବଂ ଜୀବନ ବ୍ୟାପୀ ସାହିତ୍ୟ ସାଧନା ପାଇଁ ବିଶିଷ୍ଟ ଲେଖକ ତଥା ସମାଜସେବୀ ଶ୍ରୀ ଲକ୍ଷ୍ମଣ ମାର୍ଣ୍ଡିଙ୍କୁ ମୁଖ୍ୟମନ୍ତ୍ରୀ ସମ୍ମାନିତ କରିଥିଲେ।

ଏଥି ସହିତ, ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ତୃଣମୂଳ ସ୍ତରରେ ସାନ୍ତାଳୀ ଲେଖକ ମାନଙ୍କୁ ଉତ୍ସାହିତ କରିବା ପାଇଁ ଶ୍ରୀ ଭାଗବତ ହେମ୍ବ୍ରମ, ଶ୍ରୀ ଗୋବିନ୍ଦ ହାଁସାଦାଃ, ଶ୍ରୀ ମୋହନ ସୋରେନ୍, ଶ୍ରୀ ମଧୁସୂଦନ ମୁର୍ମୁ ଓ ଶ୍ରୀ ଜ୍ୟୋତିଲାଲ୍ ହେମ୍ବ୍ରମ ପ୍ରମୁଖଙ୍କୁ ସମ୍ମାନୀତ କରିଥିଲେ। ଏହି ଅବସରରେ ମନ୍ କି ବାତ୍‌ରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ଦ୍ୱାରା ପ୍ରଶଂସିତ ସାନ୍ତାଳୀ ଲିପିର ଟାଇପ୍ ବୋର୍ଡର ପ୍ରଚଳନ ପାଇଁ ଶ୍ରୀ ରାମଜିତ୍ ଟୁଡୁ ଏବଂ ୟୁଟ୍ୟୁବର ଶ୍ରୀ ଲବ ହାଁସଦାଃଙ୍କୁ ମଧ୍ୟ ମୁଖ୍ୟମନ୍ତ୍ରୀ ସମ୍ମାନୀତ କରିଥିଲେ। ଏହି ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ସାରଶକଣା ବିଧାୟକ ଶ୍ରୀ ଭାଦବ ହାଁସଦାଃ, ବାରିପଦା ବିଧାୟକ ଶ୍ରୀ ପ୍ରକାଶ ସୋରେନ୍, ସାନ୍ତାଳୀ ସାହିତ୍ୟ ଏକାଡେମୀ ନୂଆ ଦିଲ୍ଲୀର ପୂର୍ବତନ ସଂଯୋଜକ ଶ୍ରୀ ମଦନ ମୋହନ ସୋରେନ୍ ଏବଂ ପଦ୍ମଶ୍ରୀ ଦମୟନ୍ତୀ ବେଶ୍ରା ପ୍ରମୁଖ ଯୋଗଦେଇ ନିଜର ମତାମତ ରଖିଥିଲେ। ଶ୍ରୀ ସରୋଜ କୁମାର ସୋରେନ୍‌ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ସଂଘର ଅଧ୍ୟକ୍ଷ ଶ୍ରୀ ସୁନାରାମ୍ ମାଣ୍ଡି ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ ଏବଂ ସମ୍ପାଦକ ଶ୍ରୀ ଅର୍ଜୁନ ମାଣ୍ଡି ବିବରଣୀ ପାଠ କରିଥିଲେ । କାର୍ଯ୍ୟକ୍ରମକୁ ସହସମ୍ପାଦକ ଶ୍ରୀ ମହେଶ୍ୱର ସୋରେନ୍ ସଂଯୋଜନା କରିଥିଲେ ଓ ଶେଷରେ ସଂଘର ଉପସଭାପତି ଶ୍ରୀ ସିଙ୍ଗରାୟ ମୁର୍ମୁ ଧନ୍ୟବାଦ ଅର୍ପଣ କରିଥିଲେ। କେଉଁଝରର ସାନ୍ତାଳୀ ସାହିତ୍ୟ ଓ ସାଂସ୍କୃତିକ ସଂଘ ଦ୍ୱାରା ବିଭିନ୍ନ ସାନ୍ତାଳୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

### ଆଜି ସିବିଆଇରେ...

ମିଶ୍ରଙ୍କ ହାତରେ ଦେଇଛନ୍ତି। ଶ୍ରୀ ମିଶ୍ର ନିକଟରେ କେନ୍ଦ୍ରରୁ ଓଡିଶାକୁ ଫେରିଥିଲେ। ଅନୁରୂପ ଭାବେ ଆନ୍ତଃରାଜ୍ୟ ଡେପୁଟେସନରେ ଓଡିଶା ଆସିଥିବା ୨୦୦୬ ବ୍ୟାଚ୍ ଆଇଏଏସ୍ ଅଫିସର ମନୋଜ କୁମାର ସାହୁଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଦପ୍ତରରେ ସ୍ୱତନ୍ତ୍ର ସଚିବ ଭାବେ ନିଯୁକ୍ତି ମିଳିଛି। ଉଲ୍ଲେଖନୀୟ ଯେ କେନ୍ଦ୍ରୀୟ ନିର୍ମାଣକାରୀ ସଂସ୍ଥା ବ୍ରିଜ୍ ଆଣ୍ଡ ରୋଡ୍ ଲିମିଟେଡ ଅଧିକାରୀଙ୍କ ଲାଞ୍ଚ କାରବାରରେ ଆଇଏଏସ୍ ବିଷ୍ଣୁପଦ ସେଠୀଙ୍କୁ ଜେରା ପାଇଁ ସିବିଆଇ ସମନ କରିଥିବାବେଳେ ଇତି ମଧ୍ୟରେ ତାଙ୍କ ଡ୍ରାଇଭର ଜେରାର ସମ୍ମୁଖୀନ ହୋଇଛନ୍ତି। ବିଷ୍ଣୁପଦ ତିନି ଦିନ ଧରି ସିବିଆଇକୁ ଏଡାଇ ଯାଉଥିବାବେଳେ ରାଜ୍ୟ ସରକାରଙ୍କ ଆଭିମୁଖ୍ୟ ଉପରେ ସମସ୍ତଙ୍କର ନଜର ଥିଲା। ତେବେ ରାଜ୍ୟ ସରକାର ଆଜି ବିଷ୍ଣୁଙ୍କୁ ପଦରୁ ହଟାଇବା ପରେ ସେ ସିବିଆଇ ଦପ୍ତରରେ ହାଜର ହେବା ଏକ ପ୍ରକାର ନିଶ୍ଚିତ ହୋଇଛି।

### ମନୋଜ ସାହୁ...

ସିଙ୍ଗାରପୁର ଗ୍ରାମର ବାସିନ୍ଦା। ସେ ବିଭିନ୍ନ ସମ୍ବେଦନଶୀଳ ଜିଲ୍ଲାରେ ଜିଲ୍ଲାପାଳ ଭାବେ କାର୍ଯ୍ୟ କରିବା ସହ କେନ୍ଦ୍ର ଜଳ ଶକ୍ତି ମନ୍ତ୍ରଣାଳୟରେ ହର ଘର୍ ଜଲ୍ରେ କାମ କରି ଖୁବ୍ ପ୍ରଶଂସିତ ହୋଇଛନ୍ତି । ସୂଚନାଥାଉକି, ମୋହନ ଚରଣ ମାଝୀ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବା ପରଠାରୁ ଏହି ଆଇଏଏସ ଓଡ଼ିଶା ଆସିବା ନେଇ ଚର୍ଚ୍ଚା ହେଉଥିଲା । ଗୁରୁତ୍ୱପୂର୍ଣ୍ଣ ଉପନିର୍ବାଚନ କମିଶନର ପଦବୀ ସମ୍ଭାଳିବାରେ ସେ ହେଉଛନ୍ତି ସର୍ବକନିଷ୍ଠ ଓଡ଼ିଆ।

### ଶିକ୍ଷା...

ଅନୁସୂଚିତ ଭାଷାରେ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ପାଇଁ ଡିଜିଟାଲ ବହି ଉପଲବ୍ଧ ହୋଇଛି। ବିଗତ ୧୦ ବର୍ଷ ମଧ୍ୟରେ ସ୍କୁଲ ବୋର୍ଡରେ ଗୁଣାତ୍ମକ ଓ ମାତ୍ରାତ୍ମକ ଉନ୍ନତି ଘଟିଛି। ୨୦୧୩-୧୪ରେ ଦଶମ ଶ୍ରେଣୀର ପାସ୍ ହାର ୫୮% ଥିବା ବେଳେ ଆଜି ତାହା ୯୫.୫%କୁ ବୃଦ୍ଧି ପାଇଛି। ଦଶମ ଶ୍ରେଣୀର ପାସ୍ ଅନୁପାତରେ ୬୪% ବୃଦ୍ଧି ଘଟିଛି। ଦଶମ ଶ୍ରେଣୀରେ ଛାତ୍ରୀଙ୍କ ପାସ୍ ଅନୁପାତରେ ୭୨% ବୃଦ୍ଧି ଘଟିଛି। ଗତ ୧୦ ବର୍ଷ ମଧ୍ୟରେ ମହିଳା ଶିକ୍ଷୟିତ୍ରୀଙ୍କ ସଂଖ୍ୟା ୩୦ ପ୍ରତିଶତରୁ ଅଧିକ ବୃଦ୍ଧି ପାଇଛି। ସେହିପରି ପିଏମ୍ ପୋଷଣରେ କେନ୍ଦ୍ର ସରକାରଙ୍କ ନିବେଶ ଯଥେଷ୍ଟ ବୃଦ୍ଧି ପାଇଛି। ଏହି ଯୋଜନାରେ ୨୦୧୪-୨୦୨୪ ମଧ୍ୟରେ ୧.୦୪ ଲକ୍ଷ କୋଟିରୁ ଅଧିକ ଆବଣ୍ଟନ କରାଯାଇଛି, ଯାହା ପୂର୍ବ ଦଶନ୍ଧିରେ ୭୧,୫୨୫ କୋଟି ଟଙ୍କା ଥିଲା। ପ୍ରାଥମିକ ଓ ବାଲବାଟିକା ଶ୍ରେଣୀ ପାଇଁ ଭୋଜନର ସାମଗ୍ରୀ ମୂଲ୍ୟ ୫.୪୫ ଟଙ୍କାରୁ ୬.୧୯ ଟଙ୍କା କରାଯାଇଛି ଏବଂ ଉଚ୍ଚ ପ୍ରାଥମିକ ଶ୍ରେଣୀ ପାଇଁ ୮.୧୭ ଟଙ୍କାରୁ ୯.୨୯ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଏହି ବୃଦ୍ଧି ଯୋଗୁଁ ୨୪-୨୫ ଆର୍ଥିକ ବର୍ଷରେ କେନ୍ଦ୍ର ସରକାର ୪୨୫.୬୨ କୋଟି ଟଙ୍କାର ଅତିରିକ୍ତ ଖର୍ଚ୍ଚ ବହନ କରିବେ।

ଉଚ୍ଚ ଶିକ୍ଷା କ୍ଷେତ୍ର ଉପରେ ଆଲୋକପାତ କରି ଶ୍ରୀ ପ୍ରଧାନ କହିଛନ୍ତି ଯେ ମୋଦୀ ସରକାରରେ ଦେଶରେ ଉଚ୍ଚ ଶିକ୍ଷାନୁଷ୍ଠାନର ସଂଖ୍ୟା ୧୪% ବୃଦ୍ଧି ପାଇଛି। ୨୦୧୪-୧୫ ଶିକ୍ଷାବର୍ଷରେ ଉଚ୍ଚ ଶିକ୍ଷାନୁଷ୍ଠାନ ସଂଖ୍ୟା ୫୧,୫୩୪ ଥିବା ବେଳେ ୨୦୨୨-୨୩ରେ ଏହି ସଂଖ୍ୟା ରହିଛି ୫୮,୬୩୪ । ୨୦୧୪ରୁ ୨୦୨୪ ମଧ୍ୟରେ ୮ ଟି ନୂଆ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, ୭ ଟି ନୂଆ ଆଇଆଇଟି, ୮ ଟି ନୂଆ ଆଇଆଇଏମ୍, ୨ଟି ଆଇଜର ଏବଂ ଆଇଆଇଏସସି, ଗୋଟିଏ ଲେଖାଁଏ ଏନଆଇଟି ଏବଂ ଆଇଆଇଇଏସଟି ଏବଂ ୧୬ଟି ଟ୍ରିପଲ ଆଇଆଇଟି ସ୍ଥାପିତ ହୋଇଛି। ଗତ ୧୦ ବର୍ଷ ମଧ୍ୟରେ ମୋଟ ୪୨ଟି ନୂତନ କେନ୍ଦ୍ରୀୟ ଅନୁଦାନପ୍ରାପ୍ତ ଉଚ୍ଚ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା କରାଯାଇଛି।

ଉଚ୍ଚଶିକ୍ଷାରେ ଛାତ୍ରଛାତ୍ରୀଙ୍କ ନାମଲେଖାରେ ୩୦% ବୃଦ୍ଧି ଘଟିଛି। ପୂର୍ବରୁ ୨୦୧୪-୧୫ରେ ଏହି ସଂଖ୍ୟା ୩.୪୨ କୋଟି ଥିବା ବେଳେ ୨୦୨୨-୨୩ରେ ଏହା ୪.୪୬ କୋଟିକୁ ବୃଦ୍ଧି ପାଇଛି। ମହିଳା ନାମଲେଖା .୫୭ କୋଟିରୁ ୨.୧୮ କୋଟିକୁ ବୃଦ୍ଧି ପାଇଛି ତଥା ୩୮.୪% ଅଭୂତପୂର୍ବ ସଫଳତା ହାସଲ କରିଛି। ସେହିପରି ଷ୍ଟେମ୍ ପାଠ୍ୟକ୍ରମରେ ମହିଳା ନାମଲେଖା ୩୫.୧୪ ଲକ୍ଷରୁ ୪୩.୦୩ ଲକ୍ଷକୁ ବୃଦ୍ଧି ପାଇଛି, ଯାହା କି ୨୩% ବୃଦ୍ଧି ପାଇଛି। ଶିଳ୍ପ-ଶିକ୍ଷା ସହଯୋଗ ବୃଦ୍ଧି ହୋଇଛି। ୬ଟି ରିସର୍ଚ୍ଚ ପାର୍କ ପ୍ରତିଷ୍ଠା, ୧୩ଟି ନୂଆ ଗବେଷଣା ପାର୍କ ନିର୍ମାଣାଧୀନ ରହିଛି। ଶିକ୍ଷା କ୍ଷେତ୍ରରେ ବୃଦ୍ଧି ଉପରେ ବିଶ୍ୱସ୍ତରୀୟ ସ୍ୱୀକୃତି ମିଳିଛି। କ୍ୟୁଏସ୍ ୱାର୍ଲ୍ଡ ୟୁନିଭର୍ସିଟି ରାଙ୍କିଙ୍ଗ ୨୦୨୫ରେ ୪୬ ଜଣ ଭାରତୀୟ ଉଚ୍ଚଶିକ୍ଷାନୁଷ୍ଠାନ ସ୍ଥାନ ପାଇଛି। ୨୦୧୫ ତୁଳନାରେ ୩୧୮% ବୃଦ୍ଧି ହୋଇଛି। ଭାରତ ସରକାରଙ୍କ ଶିକ୍ଷା ନୀତିରେ ଭାରତୀୟ ଭାଷା ଓ ମାତୃଭାଷାକୁ ପ୍ରାଥମିକତା ଦିଆଯାଇଛି। ଆଜି ଆମର ପ୍ରବେଶିକା ପରୀକ୍ଷା ଆସାମୀ, ବଙ୍ଗାଳି, ଗୁଜରାଟୀ, ହିନ୍ଦୀ, କନ୍ନଡ, ମାଲାୟାଲମ, ମରାଠି, ପଞ୍ଜାବୀ, ଓଡ଼ିଆ, ତାମିଲ, ତେଲୁଗୁ, ଉର୍ଦ୍ଦୁ ଏବଂ ଇଂରାଜୀ ଭଳି ୧୩ଟି ଭାଷାରେ ଅନୁଷ୍ଠିତ ହେଉଅଛି। ଏକାଡେମିକ ବ୍ୟାଙ୍କ୍ ଅଫ୍ କ୍ରେଡିଟ୍, ସ୍ୱୟମ, ସମର୍ଥ, ସାଥୀ, ଏନଆଇଆରଏଫ ରାଙ୍କିଂ ଭଳି ପଦକ୍ଷେପର ଶୁଭାରମ୍ଭ ସହ ପୁସ୍ତକକୁ ପ୍ରୋତ୍ସାହନ ଓ ପ୍ରଧାନମନ୍ତ୍ରୀଙ୍କ ପରିକଳ୍ପନାରେ ସ୍ମାର୍ଟ ଇଣ୍ଡିଆ ହାକାଥନର ଶୁଭାରମ୍ଭ ହୋଇଛି ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ କହିଛନ୍ତି।

### ଉତ୍କର୍ଷ...

ଉତ୍କର୍ଷ ଓଡ଼ିଶା ୱେବସାଇଟ।

ଆସନ୍ତା ଜାନୁଆରୀ ୨୮-୨୯ ରେ ଉତ୍କର୍ଷ ଓଡ଼ିଶା ମେକ୍ ଇନ୍ ଓଡ଼ିଶା କନକ୍ଲେଭ ଅନୁଷ୍ଠିତ ହେବ। ୱେବସାଇଟରେ ଉତ୍କର୍ଷ ଓଡ଼ିଶା ସମ୍ମିଳନୀରେ ଯୋଗଦାନ ଓ ବିଭିନ୍ନ କ୍ଷେତ୍ରରେ ପୁଞ୍ଜିନିବେଶ ପାଇଁ ନାମ ପଞ୍ଜିକରଣ ବ୍ୟବସ୍ଥା ତଥା ସମ୍ମିଳନୀ ସମ୍ପର୍କିତ ସମସ୍ତ ତଥ୍ୟ ଉପଲବ୍ଧ ଅଛି। ୱେବସାଇଟରେ ନିବେଶକଙ୍କ ଲାଗି ନିବେଶ ଆଗ୍ରହ ନେଇ ପଞ୍ଜିକରଣ ବ୍ୟବସ୍ଥା ସହ ସରକାରୀ ଅଧିକାରୀଙ୍କ ସହ ଆଲୋଚନା ପାଇଁ ବ୍ୟବସ୍ଥା ରହିଛି। ଯାହାକି ଶିଳ୍ପ ସଂସ୍ଥାଙ୍କ ଲାଗି ରାଜ୍ୟରେ ପୁଞ୍ଜିନିବେଶ ପାଇଁ ଦୀର୍ଘମିଆଦୀ ନିୟୋଜନ ସହ ପୁଞ୍ଜି ନିବେଶକୁ ଅଧିକ ସରଳ ଓ ସ୍ୱଚ୍ଛ କରିବ। ୱେବସାଇଟରେ ପଞ୍ଜିକରଣ ପରେ କ୍ୟୁଆର କୋଡ ସ୍କାନ କରି ଉତ୍କର୍ଷ ଓଡ଼ିଶା ସମ୍ପର୍କିତ ସମସ୍ତ ତଥ୍ୟ ପାଇପାରିବେ ନିବେଶକ ଓ ଅଂଶଗ୍ରହଣକାରୀ। ସିଆଇଆଇ ଏଥର ଉତ୍କର୍ଷ ଓଡ଼ିଶା କନକ୍ଲେଭର ନ୍ୟାସନାଲ ଇଣ୍ଡଷ୍ଟ୍ରି ପାର୍ଟନର ରହିଛି। ୧୨ ରାଷ୍ଟ୍ର ରହିବେ କଣ୍ଟ୍ରି ଇନ୍ ଫୋକସ। ନୂଆ ସରକାର ଆସିବା ପରେ ରୋଡ ସୋ ଜରିଆରେ ବର୍ତ୍ତମାନ ସୁଦ୍ଧା ରାଜ୍ୟକୁ ୧ ଲକ୍ଷ ୮୦ ହଜାର କୋଟି ଟଙ୍କାର ପୁଞ୍ଜିନିବେଶ ଆସିଛି।

### ଚର୍ଚ୍ଚା...

ବୋଲି କହିଛନ୍ତି ବିଜେଡି ସାଂସଦମାନେ। ଆମେ ଏକାଠି ଅଛୁ। ନବୀନ ଆମର ଧ୍ରୁବତାରା। ସଂସଦରେ ଉପରାଷ୍ଟ୍ରପତି ରାଜ୍ୟସଭାର ସଭାପତି, ଏହା ଏକ ସାମ୍ବିଧାନିକ ପଦ। ତାଙ୍କ ସହ ଦେଖା କରିବାରେ କୌଣସି ଭୁଲ ନାହିଁ। ଆମେ ଆମର ଦାବି ନେଇ ଭେଟିଥିଲୁ କିନ୍ତୁ ସେହି ଫୋଟୋକୁ ଦେଖାଇ ଗଣମାଧ୍ୟମ ମିଥ୍ୟା ଖବର ପ୍ରସାରଣ କରିବା ଦୁର୍ଭାଗ୍ୟଜନକ ବିଷୟ। ଆମେ ବିଜେଡି ରେ ଅଛୁ ଏବଂ ନବୀନଙ୍କ ନେତୃତ୍ୱରେ ଓଡ଼ିଶାର ସ୍ୱାର୍ଥ ପାଇଁ ସଂସଦରେ ସ୍ୱର ଉଠେଇଛୁ ଆଗକୁ ମଧ୍ୟ ଉଠେଇବୁ। ଆଜି ଗଣମାଧ୍ୟମ ନିଜ କର୍ତ୍ତବ୍ୟରୁ ଓହରି ଯାଇଛି। ଏହା ଠିକ୍ ନୁହେଁ। ଗଣମାଧ୍ୟମ ଖବର ପ୍ରସାରଣ ପୂର୍ବରୁ ଆମର ମତାମତ ନେବା ମଧ୍ୟ ଆବଶ୍ୟକତା ଥିଲା। ଯଦି ଆବଶ୍ୟକ ପଡେ ଆମେ ୧୦୦୦ କୋଟିର ମାନହାନି ମକଦ୍ଦମା ମଧ୍ୟ କରିବୁ ବୋଲି କହିଲେ ସାଂସଦ ନିରଂଜନ ବିଶି। ବିଜେଡିର ସାଂସଦ ବିଜେଡିରେ ହିଁ ରହିବେ। କେହି ବିଜେଡି ଛାଡୁ ନାହାନ୍ତି। ବିଜେଡି ସାଂସଦ ଏକ ଅଛନ୍ତି। ନବୀନଙ୍କ ନେତୃତ୍ୱରେ ଓଡ଼ିଶାର ସ୍ୱାର୍ଥ ପାଇଁ କାମ କରୁଛୁ। ଆମେ ନା ଏନ୍ ଡି ଏ ସହିତ ଅଛୁ ନା ଇଣ୍ଡିଆ ସହିତ ଅଛୁ। ଆମେ ଓଡ଼ିଶାର ସ୍ୱାର୍ଥ ପାଇଁ କାମ କରୁଛୁ। ଆଗାମୀ ସମୟରେ ମଧ୍ୟ କରିବୁ।

### ପିନାକଙ୍କ...

ଜୋର ଧରିଛି। କାରଣ ଗୋଟିଏ ପଟେ ଥାନାରେ ପୋଲିସ କର୍ମଚାରୀ ନାହାନ୍ତି। ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଲେ ପର୍ଯ୍ୟାପ୍ତ ପରିମାଣରେ ପୋଲିସ ପହଁଚି ପାରୁନାହାନ୍ତି। ଅପରାଧ ଦମନ କଥା ନକହିବା ଭଲ। ନୀତିଦିନ ଖଣ୍ଡା, ଭୁଜାଲି ଧରି ଦୁର୍ବୃତ୍ତ ବୁଲୁଛନ୍ତି। ସଞ୍ଜ ନଇଁଲେ ମହିଳାଙ୍କୁ ଦୁର୍ବ୍ୟବହାର ସହ ସୁନା ଚେନ ମୋବାଇଲ ଲୁଟୁଛନ୍ତି। ଲୁଟ ପାଇଁ ଜୀବନ ନେବାକୁ ମଧ୍ୟ ପଛାଉ ନାହାନ୍ତି। କିଛିଦିନ ତଳେ ଲୋକଙ୍କ ଆଇଓ୍ୱାଶ କରିବା ପାଇଁ ନାଇଟ ପେଟ୍ରୋଲିଂ ନାଁ ରେ ଠିକ ଏହିଭଳି ରାଜରାସ୍ତାରେ ବୁଲିଥିଲା ଭ୍ୟାନ। ଗୋଟିଏ ଗାଡ଼ିରେ ବସି କମିଶନର, ଅତିରିକ୍ତ କମିଶନର ଓ ଡିସିପି ସାଇରନ ବଜାଇ ବୁଲିଥିଲେ। କିନ୍ତୁ ଠିକ ସେହିଦିନ ଗଳି କନ୍ଦିରେ ହୋଇଥିଲା ଚୋରି ଓ ଗଣ୍ଡଗୋଳ। କିନ୍ତୁ ଏଭଳି ସମୟରେ ସେହି ସମାନ ଅଫିସରଙ୍କୁ ନେଇ କେବଳ ଗୋଟିଏ ପରେ ଗୋଟିଏ ନାଁ ବଦଳାଇ ରାଜଧାନୀ ବାସୀନ୍ଦାଙ୍କୁ ପ୍ରହେଳିକା ଭିତରକୁ ଡିସିପି ଠେଲି ଦେଉଥିବା ନେଇ ଚର୍ଚ୍ଚା ବଢ଼ିଛି। କେବଳ ସେତିକି ନୁହେଁ, ବିଧାନସଭା ଚାଲୁଥିବା ବେଳେ ନିନ୍ଦା ଅପବାଦରୁ ବଞ୍ଚିବା ପାଇଁ ଡିସିପି ପିନାକ ମିଶ୍ର ନାଁ ବଦଳାଇ ପ୍ରହସନ ଚଳାଇଥିବା ଖୋଦ ପୋଲିସ ମହଲରେ ଏବେ ଚର୍ଚ୍ଚା ଜୋର ଧରିଛି।

### ବଇଁଶୀ...

କାଳେ ନବୀକରଣ କରିଦେଲେ ଭୋଟ ଦେବେନାହିଁ, ସେଥିପାଇଁ ଝୁଲାଇ ରଖିଲେ। ନିର୍ବାଚନ ପରକୁ ଗଡାଇ ଦେଲେ। ସବୁକିଛି ଗୁପ୍ତ ରହିଥିଲା। ଯେହେତୁ କାହ୍ନୁଙ୍କ ଘରଣୀ ମହିଳାଙ୍କ ମାଲିକାଣି ସାଜିଥିଲେ କଥା ପଦାକୁ ବାହାରିଲା ନାହିଁ। ନିର୍ବାଚନରେ ହାରିବାପରେ ଏବେ ମୁଖଲଜ୍ଜା ରକ୍ଷା ପାଇଁ ନିଜ ଅନୁଚରମାନଙ୍କୁ ଲଗାଇ ବିଜେପି ସରକାରକୁ ବଦନାମ କରିବାକୁ ବାହାରିଥିଲେ। ହେଲେ ସରକାର ପୁରା ପୋଲ୍ ଖୋଲିଦେଲେ। କାହ୍ନୁ ଧରାପଡିଗଲେ। ମହିଳାମାନେ ଦେଖିଲେ ଯାହାକୁ ସେମାନେ କାହ୍ନୁ ବୋଲି ଭାବିଥିଲେ ସେ କିଭଳି ବଇଂଶୀ ବଜେଇ ଦେଇଛି।

କାହ୍ନୁ ନିଜ ଭବିଷ୍ୟତ ସୁରକ୍ଷା ପାଇଁ ସନ୍ୟାସୀ ପାଲଟି ଯାଇଛନ୍ତି। ହେଲେ ମହିଳାମାନେ ଏବେ କେଉଁ କୂଳର ହେଉନାହାନ୍ତି। ଖରା କାକରରେ ଆସି ରାଜଦାନୀରେ ଆନ୍ଦୋଳନରେ ମାତିଥିଲେ। ହେଲେ ଅସଲ କଥା ଜାଣିବାପରେ ପାଦତଳୁ ମାଟି ଖସିଯିବା ଅବସ୍ଥା। ଏବେ ନୂଆ ସରାକର ଭରସାରେ ଅଛନ୍ତି। ଅନେକ ଏବେ କହୁଛନ୍ତି କାହ୍ନୁ ଯେବେ ହାବୁଡରେ ପଡିବ ସେତେବେଳେ ଅସଲ ବଇଁଶୀ ବାଜିବ।

### ଠାକୁର ଘରେ...

ସେମାନଙ୍କର ଭରସା ରହିବା ଦରକାର। ବିଜେଡି ସଂଗଠନ ଉପରେ ସାଂସଦ ଓ ବିଧାୟକମାନଙ୍କ ଉପରେ ଭରସା ରହିବା ଦରକାର। ନିଜ ଉପରେ ବିଶ୍ୱାସ ନାହିଁ ବୋଲି ସାମ୍ବାଦିକ ସମ୍ମିଳନୀ କରିଛନ୍ତି ବିଜେଡି ସାଂସଦମାନେ। ଭାଙ୍ଗିବତ ତାଙ୍କ ଦଳ ଭାଙ୍ଗିବ, ଏଥିରେ ଆମେ କଣ କରିବୁ। ରାଜ୍ୟ ବିଜେପି କେବଳ ନିଜର ସାଙ୍ଗଠନିକ କାର୍ଯ୍ୟ କରୁଛି ଅନ୍ୟ କିଛି କରୁନି।

# ସୁଭଦ୍ରାରୁ ବଞ୍ଚିତ ୫୧୩୬ ମହିଳା

**କାକଟପୁର/ଅସ୍ତରଙ୍ଗ, ୧୭।୧୨ (ସଂଚାର ବ୍ୟୁରୋ) :** ଗତ ଅକ୍ଟୋବର ୧୭ତାରିଖରେ ଆରମ୍ଭ ହୋଇଛି ସୁଭଦ୍ରା ଯୋଜନା। ଏହାକୁ ଶତ ପ୍ରତିଶତ ସଫଳ କରିବାକୁ ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ଦିନ ରାତି ଏକ କରିଦେଇଛି। ମହିଳା ମାନେ ଆବେଦନ ସମୟରେ ବହୁ ସମସ୍ୟାର ସମ୍ମୁଖୀନ ହେଉଥିଲେ ବି ସମସ୍ତ ଯୋଗ୍ୟ ମହିଳାଙ୍କୁ ସୁଭଦ୍ରା ଯୋଜନା ରେ ସାମିଲ କରାଯିବ ବୋଲି ବିଭାଗୀୟ ମନ୍ତ୍ରୀ ତଥା ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା କହିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକରେ ମୋଟ ୨୨ହଜାର ୯ଶହ ୧୭ଜଣ ସୁଭଦ୍ରା ଆବେଦନକାରୀ ଥିଲେ। ସେମାନଙ୍କ ମଧ୍ୟରୁ

**ସଂଶୋଧନ ପାଇଁ ୧୫ଜଣିଆ ଟିମ୍**

**୪୯୮ଆବେଦନ ଫର୍ମ ନାକଚ**

୧୭ହଜାର ୭ଶହ ୧୦ ଜଣ ମହିଳାଙ୍କ ଆକାଉଣ୍ଟ କୁ ପ୍ରଥମ କିସ୍ତିରେ ଟଙ୍କା ଯାଇସାରିଥିବା ବେଳେ ୫ହଜାର ୧ଶହ ୩୬ ଜଣକୁ ଏଯାବତ ପ୍ରଥମ କିସ୍ତି ମିଳିନାହିଁ। ଆବେଦନକାରୀ ଙ୍କ ମଧ୍ୟରୁ କେତେକ ବୈଷୟିକ କାରଣ ପାଇଁ ୪୯୮ଜଣଙ୍କ ପଞ୍ଜିକରଣ ନାକଚ ହୋଇଥିବା ବେଳେ ୭୧ଜଣ ନିଜ ଆଡୁ ଓହରି ଯାଇଛନ୍ତି।ମୋଟ ଉପରେ ସୁଭଦ୍ରା ଯୋଜନା ଟଙ୍କା ଅପେକ୍ଷାରେ ୫ହଜାର ୧ଶହ ୩୬ଜଣ ଆବେଦନକାରୀ ଅଛନ୍ତି। ଏହାକୁ ନେଇ ସେମାନେ ଆଧାର କେନ୍ଦ୍ରକୁ ଦୌଡ଼ି ଦୌଡ଼ି ନୟାନ୍ତ ହେବା ସହିତ ଖର୍ଚ୍ଚାନ୍ତ ହେଉଛନ୍ତି। ଏଥିପାଇଁ ଅସ୍ତରଙ୍ଗ ବ୍ଲକ ପ୍ରଶାସନ ପକ୍ଷରୁ ପ୍ରତି ୩ଜଣଙ୍କୁ ନେଇ ୧୫ଟି ଟିମ୍ ପ୍ରସ୍ତୁତ କରାଯାଇ ବାତିଲ ଏବଂ ବାଦ ପଡ଼ିଥିବା ମହିଳା ମାନଙ୍କ ଘରକୁ ଯାଇ ସଂଶୋଧନ କାର୍ଯ୍ୟ ଆରମ୍ଭ କରାଯାଇଛି।ତେବେ ଯେଉଁ ମାନଙ୍କ ଫର୍ମ ସମ୍ପୂର୍ଣ୍ଣ ନାକଚ ଓ ବାତିଲ ହୋଇଛି ସେଥିପ୍ରତି ବିଭାଗ ଦୃଷ୍ଟି ଦେବାକୁ ଦାବୀ ହୋଇଛି।

# ଓଷ୍ଟା ପକ୍ଷରୁ ବ୍ଲକସ୍ତରୀୟ ଶିଶୁ ଉତ୍ସବ




**ବାଲିଅନ୍ତା, ୧୭।୧୨ (ସଂଚାର ବ୍ୟୁରୋ):** ବାଲିଅନ୍ତା ବ୍ଲକ ଅଧୀନ ଭିଙ୍ଗାରପୁର ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଓଷ୍ଟା ପକ୍ଷରୁ ବ୍ଲକସ୍ତରୀୟ ଶିଶୁ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ସାଧାରଣ ଜ୍ଞାନ, କବିତା ରଚନା, ବୁଦ୍ଧି ପରୀକ୍ଷା, ନୃତ୍ୟ, ସଙ୍ଗୀତ , ତର୍କ . ଗଳ୍ପ ଲିଖନ , ଏକକ ଅଭିନୟ, ଚିତ୍ରାଙ୍କନ ଆଦି ୧୦ଟି ପ୍ରତିଯୋଗିତାରେ ବାଲିଅନ୍ତା ବ୍ଲକର ଶତାଧିକ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ପୂର୍ବାହ୍ନ ଓ ଅପରାହ୍ନ ଅଧିବେସନରେ ଖୋର୍ଦ୍ଧା ଜିଲ୍ଲା ଶିକ୍ଷା ଅଧିକାରୀ ବିଶ୍ୱନାଥ ତରାଇ, ରାଜ୍ୟ ଓଷ୍ଟାର ସାଧାରଣ ସଂପାଦକ ରଞ୍ଜନ କୁମାର ଦାଶ, ବ୍ଲକ ଶିକ୍ଷା ଅଧିକାରୀ ପ୍ରଜ୍ଞା ପାରମିତା ଜେନା, ଡ. ରାଧାନାଥ ପ୍ରହରାଜ, ଜିଲ୍ଲା ଓଷ୍ଟାର ଯୁଗ୍ମ ସଂପାଦକ ଘନଶ୍ୟାମ ସ୍ୱାଇଁ, ବାଲିପାଟଣା ବ୍ଲକ ଓଷ୍ଟା ସଭାପତି ବିଜୟ କୁମାର ବେହେରା, ସଂପାଦକ ଶରତ ଚନ୍ଦ୍ର ଆଚାର୍ଯ୍ୟ, ଯୁଗ୍ମ ସଂପାଦକ ପ୍ରଦୀପ ପ୍ରଧାନ, ଶିକ୍ଷାବିତ କୈଳାଶ ଚନ୍ଦ୍ର ମିଶ୍ର , ନାରାୟଣ ବେହେରା, ପ୍ରଫୁଲ୍ଲ ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଶିଶୁମାନଙ୍କ ମଧ୍ୟରେ ଥିବା ଅନ୍ତର୍ନିହିତ ପ୍ରତିଭାର ବିକାଶ ଲାଗି ଶିଶୁ ମହୋତ୍ସବର ଗୁରୁତ୍ୱ ଉପରେ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ବକ୍ତବ୍ୟ ଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସଂଧ୍ୟାରାଣୀ ଦାସ ଧନ୍ୟବାଦ ପ୍ରଦାନ କରିଥିଲେ। ବାଲିଅନ୍ତା ଓଷ୍ଟାର ସଂପାଦକ ସର୍ବେଶ୍ୱର ସାହୁ ଓ ସଭାପତି ବିନୋଦ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନରେ ସହଯୋଗ କରିଥିଲେ।

## ହରିଶ୍ଚନ୍ଦ୍ର ସହାୟତା ପରେ ବି ମିଳୁଛି ବାର୍ଦ୍ଧକ୍ୟ ଭତ୍ତା

# ମୃତ ବ୍ୟକ୍ତିଙ୍କ ନାଁରେ ଉଠୁଛି ଟଙ୍କା



**ନବରଙ୍ଗପୁର, ୧୭।୧୨ (ସଂଚାର ବ୍ୟୁରୋ):** ସେମାନଙ୍କର ମୃତ୍ୟୁ ହୋଇସାରିଛି। ପରିବାର ଲୋକେ ହରିଶ୍ଚନ୍ଦ୍ର ଯୋଜନାରେ ୩ ହଜାର ଟଙ୍କା ଲେଖାଏଁ ଉଠାଇ ଶୁଦ୍ଧିକ୍ରିୟା କରିଛନ୍ତି । ଏହା ପରେ ବି ମୃତକମନେ ପ୍ରତି ମାସରେ ସ୍ୱର୍ଗରୁ ଫେରି ଟିପଚିହ୍ନ ଦେଇ ଉଠାଉଛନ୍ତି ବାର୍ଦ୍ଧକ୍ୟ ଭତ୍ତା ଆଶ୍ଚର୍ଯ୍ୟ ଲାଗିଲେ ବି କଥାଟା ନିହାତି ସତ। ବର୍ଷବର୍ଷ ଧରି ମୃତକଙ୍କୁ ଜୀବିତ ଦର୍ଶାଇ ହଡ଼ପ କରଯାଇଛି ଲକ୍ଷାଧିକ ଟଙ୍କା। ଏଭଳି ସଙ୍ଗିନ ଅଭିଯୋଗ ଆସିଛି ପପଡ଼ାହାଣ୍ଡି ବ୍ଲକରୁ।

ନୂଆକୋଟ ପଞ୍ଚାୟତର ମହେଶ୍ୱର ହରିଜନ, ରବି ହରିଜନ, ରଘୁନାଥ ଧଙ୍ଗଡ଼ାମାଝୀ ଓ ପୂରଣ ଚାଲାଣ ପ୍ରମୁଖ ଅଭିଯୋଗ କରିଛନ୍ତି ଯେ, ଭତ୍ତା ପାଉଥିବା ୧୫ ଜଣଙ୍କ ମଧ୍ୟରୁ କାହାର ବର୍ଷେ ତଳୁ ତ ଆଉ କାହାର ୨ ବର୍ଷ ତଳୁ ମୃତ୍ୟୁ ହୋଇସାରିଛି। ତଥାପି ସେମାନଙ୍କୁ ଜୀବିତ ଦର୍ଶାଇ ଭତ୍ତା ଟଙ୍କା ଉଠାଯାଉଛି। ପଞ୍ଚାୟତର ଚଇତି ହରିଜନ ୫ ମାସ ତଳୁ ଆଖି ବୁଜିଲେଣି। ତାଙ୍କ ନାଁରେ ପଞ୍ଚାୟତ ତରଫରୁ ଶବଦାହ ଲାଗି ହରିଶ୍ଚନ୍ଦ୍ର ଯେଜନାରେ ୩ ହଜାର ଟଙ୍କା ଦିଆଯାଇଛି। ଆଉ ଜଣେ ହେଲେ ମନସାଇ ଗୌଡ଼। ସେ ବି ବର୍ଷେ ହେଲା ପ୍ରାଣ ହରାଇଲେଣି। ତାଙ୍କ ନାଁରେ ବି ହରିଶ୍ଚନ୍ଦ୍ର ସହାୟତା ଦିଆଯାଇଥିଲେ ବି ଏପର୍ଯ୍ୟନ୍ତ ତାଙ୍କର ୧ ଲକ୍ଷ ୨୦ ହଜାର ଟଙ୍କା ଉଠିସାରିଲାଣି। ସେହିପରି ପଞ୍ଚାୟତର ଅନ୍ୟ ୨୫ ଜଣ ହିତାଧିକାରୀଙ୍କ ମୃତ୍ୟୁ ହୋଇସାରିଥିଲେ ବି ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟରେ ଟଙ୍କା ଜମା ହେଉଛି ।

ସୂଚନାଥାଉ କି, ନୂଆକୋଟ ପଞ୍ଚାୟତରେ ବୃଦ୍ଧ, ବିଧବା ଓ ଭିନ୍ନକ୍ଷମ ଭତ୍ତାଧାରୀଙ୍କ ସଂଖ୍ୟା ୯୫୮। ପଞ୍ଚାୟତ ତରଫରୁ ହରିଶ୍ଚନ୍ଦ୍ର ଯୋଜନାରେ ସହାୟତା ଦିଆଯାଉଛି । ହିତାଧିକାରୀଙ୍କ ଭିତରୁ ଯେଉଁମାନେ ପ୍ରାଣ ହରାଉଛନ୍ତି ସେମାନଙ୍କ ପରିବାରକୁ ଏହି ସହାୟତା ଦିଆଯିବା ପରେ ନାଁ କଟାଯିବା କଥା। ଅଥଚ ତାହା କରାଯାଉନି । ଭାତ ହାଣ୍ଡିରୁ ଏହା ଗୋଟିଏ ଚିପିଲା ପରି। ଏଭଳି ଭାବରେ ଜିଲ୍ଲାର ୧୮୯ ପଞ୍ଚାୟତରେ ହଜାର ହଜାର ହିତାଧିକାରୀ ଥିଲେ ମୃତକଙ୍କ ଆକାଉଣ୍ଟରେ ଟଙ୍କା ଜମା ହେବା ସହ ବାର୍ଦ୍ଧକ୍ୟ ଭତ୍ତା ଦିଆଚାଲିଛି। ଅନୁରୂପ ଭାବେ ଭତ୍ତା ଦିଆଯାଉଛି ମୃତା ପାକଲି ଜାନୀଙ୍କୁ। ଏଭଳି ୧୫ ଜଣ ମୃତକଙ୍କ ନାଁରେ ପ୍ରତିମାସରେ ଭତ୍ତା ଉଠୁଛି। ଏ ଭିତରେ ପଞ୍ଚାୟତରେ ହେଉଥିବା ଏହି ଭତ୍ତା କେଳେଙ୍କାରୀ ସମ୍ପର୍କରେ ପଞ୍ଚାୟତବାସୀ ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ମୃତକଙ୍କ ନାଁରେ ଉଠୁଥିବା ଟଙ୍କା କୁଆଡ଼େ ଯାଉଛି, ଜିଲ୍ଲା ପ୍ରଶାସନ ତୁରନ୍ତ ଏହାର ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହେଉଛି। ଏ ସମ୍ପର୍କରେ ପିଇଓ ଅସିତ ସରକାରଙ୍କ ପଚାରିବାରୁ ତଥ୍ୟ ଅପଡେଟ୍ ହୋଇ ନ ଥିବାରୁ ଏଭଳି ହୋଇଥାଇ ପାରେ ବୋଲି ନିଜ ଭୁଲ ସ୍ୱୀକାର କରିଛନ୍ତି।

## ଡାକ ଟିକେଟରେ ବାଜପେୟୀଙ୍କ ଫଟୋ ଦାବି

**ସାଲେପୁର, ୧୭।୧୨ (ସଂଚାର ବ୍ୟୁରୋ):** ସାଲେପୁର ଭାରତ ରତ୍ନ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳବିହାରୀ ବାଜପେୟୀଙ୍କ ସ୍ମାରକ ଡାକ ଟିକେଟ ପ୍ରଚଳନ ପାଇଁ ଅଟଳସେନା ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କ ଉଦେଶ୍ୟରେ ଦାବିପତ୍ର ପ୍ରଦାନ କରା ଯାଇଅଛି। ଅଟଳସେନାର ରାଜ୍ୟ ସଭାପତି ଦିବାକର ପ୍ରଧାନଙ୍କ ନେତୃତ୍ୱ୍ୟ ଏ ନେଇ ଏକ ସ୍ୱତନ୍ତ୍ର ବୈଠକ ସାଲେପୁର ରେ ଗତ ସୋମବାର ଦିନ ହୋଇଥିଲା। ସ୍ୱର୍ଗତ ଅଟଳବିହାରୀ ବାଜପାୟୀ ଏକାଧାରାରେ ଜଣେ ଦେଶପ୍ରେମୀ ସର୍ବଗୁଣ ସମ୍ପର୍ଣ୍ଣ ବ୍ୟକ୍ତି ଥିଲେ।



ତାଙ୍କ ସ୍ମୃତି କୁ ବଞ୍ଚାଇ ରଖିବା ପାଇଁ, ତାଙ୍କ ଫୋଟଚିତ୍ର ଥିବା ଡାକ ଟିକେଟ ପ୍ରଚଳନ କରିବାକୁ, ଅଟଳ ସେନା ପକ୍ଷରୁ ଉକ୍ତ ସ୍ମାରକ ପତ୍ରରେ ଲିଖିତ ଭାବେ ଦାବି କରାଯାଇଅଛି। ଏହି ବୈଠକ ରେ ଚିନ୍ତନ ପରିଷଦର ରାଜ୍ୟ ଉପାଧ୍ୟକ୍ଷ ଡା. ପ୍ରଭାତ କିଶୋର ନାୟକ, ଅଟଳ ବୁଦ୍ଧିଜୀବୀ ସଙ୍ଗର ରାଜ୍ୟ ସଭାପତି ଡା. ରମେଶ ଚନ୍ଦ୍ର ପତୀ, ଉପଦେଷ୍ଟା ଡା. ପୂର୍ଣଚନ୍ଦ୍ର ଓଝା, ପ୍ରଦୀପ୍ତ କୁମାର ବିଶ୍ୱାଳ, ତପସ୍ୱିନୀ ପ୍ରଧାନ, ବିଜୟଲକ୍ଷ୍ମୀ ଦାଶ, ବିନତି ପ୍ରଧାନ, ରବିନାରାୟଣ ପଟ୍ଟନାୟକ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ।

# ବେଆଇନ ମାଙ୍କଡ଼ା ପଥର ଖଣି ଖନନ ବନ୍ଦ ଦାବି

**ଖୋର୍ଦ୍ଧା, ୧୭।୧୨ (ସଂଚାର ବ୍ୟୁରୋ):** ଖୋର୍ଦ୍ଧା ତହସିଲ ଅଧିନସ୍ଥ କୁମାରବସ୍ତ ମୌଜାରେ ଥିବା ଭୂଆସୁଣୀଙ୍କ ମନ୍ଦିର ଠାରୁ ପ୍ରାୟ ଶହ ଶହ ଏକର ଗୋଚର ଏବଂ ଜଙ୍ଗଲ କିସମ ଜମି ଥିବାବେଳେ ସେହି ଗ୍ରାମର କିଛି ବ୍ୟକ୍ତି ବେଆଇନ ଭାବେ ଦୀର୍ଘ ଦିନ ଧରି ହେବ ସେହି ସ୍ଥାନରୁ ମାଙ୍କଡା ପଥର ଖନନ କରିବା ସହିତ ମୋରମ ଅନ୍ୟତ୍ର ଚୋରା ଚାଲାଣ କରୁଛନ୍ତି। ଯାହାଫଳରେ ସରକାରଙ୍କର କୋଟି କୋଟି ଟଙ୍କାର ରାଜସ୍ୱ କ୍ଷତି ହେବା ସହ ଉକ୍ତ ଖଣିକୁ ଲାଗି ରହିଥିବା ଏକର ଏକର ଚାଷ ଜମିକୁ ପାଣି ନଯିବା ଯୋଗୁଁ ଏହା ପଡିଆ ପଡୁଛି ଏବଂ ଏହିବାଟ ଦେଇ ଏହାର ପଡୋଶୀ ଗ୍ରାମ ମଧୁପୁର ଓ ମହୁଲକୁ ଯାଇଥିବା ଯାତାୟାତ ରାସ୍ତା ସମ୍ପୂର୍ଣ୍ଣ ବନ୍ଦ ହେବାକୁ ବସିଲାଣି। ଲୋକମାନେ ଯାତାୟାତ ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ବର୍ଷାଦିନେ ଉକ୍ତ ଖଣିରେ ପାଣି ଜମି ରହିବା ଫଳରେ ଏହାର ଆଖ ପାଖରେ ଚରୁଥିବା ଗାଈ, ଗୋରୁ ଏବଂ ବନ୍ୟଜନ୍ତୁ ଏହି ଗଭୀର ଗର୍ତ୍ତରେ ପଡି ମୃତ୍ୟୁ ବରଣ କରୁଛନ୍ତି। ଏପରିକି କୁମାରବସ୍ତ ମୌଜାକୁ ଲାଗି ରହିଥିବା ରତନପୁର ଏବଂ ମଧୁପୁର ସଂରକ୍ଷଣ ଜଙ୍ଗଲରେ ଥିବା ମୂଲ୍ୟବାନ ଗଛ ଗୁଡିକୁ ଦୁର୍ବୃତ୍ତ ମାନେ କାଟିବା ସହିତ ଜେସିବି ମେସିନ ସାହାଯ୍ୟରେ ଜଙ୍ଗଲ ଜମିକୁ ସଫା କରି ମାଙ୍କଡା ପଥର ଖନନ କରିବା ସହିତ ମୋରମ ଉତ୍ତୋଳନ କରୁଛନ୍ତି। ଏ ସଂକ୍ରାନ୍ତରେ କୁମାରବସ୍ତ ଗ୍ରାମରେ ଏକ ଗ୍ରାମସଭା ଡକାଯାଇ ଉକ୍ତ କାର୍ଯ୍ୟରୁ ନିବୃତ୍ତ ରହିବା ପାଇଁ ଗ୍ରାମର ସଭାପତିଙ୍କ ସହିତ ଅନ୍ୟ ସଦସ୍ୟମାନେ କହିଥିଲେ ମଧ୍ୟ ମାଙ୍କଡା ପଥର ଓ ମୋରମ ଚୋରା ଚାଲାଣକାରୀ ମାନେ ଏହାକୁ ଭୃକ୍ଷେପ କରୁନାହାନ୍ତି। ଏହାକୁ ନେଇ ଗ୍ରାମରେ ଚାପା ଉତ୍ତେଜନା ଲାଗି ରହିଥିବାବେଳେ ଭବିଷ୍ୟତରେ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବାର ସମ୍ଭାବନାକୁ ଏଡାଇ ଦିଆଯାଇନପାରେ।

ଏ ସମ୍ପର୍କରେ କୁମାରବସ୍ତ ଗ୍ରାମବାସୀମାନେ ଖୋର୍ଦ୍ଧା ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଭାବରେ ଅଭିଯୋଗ କରିବା ସହିତ ବେଆଇନ ଖଣି ଖନନକୁ ସମ୍ପୂର୍ଣ୍ଣ ଭାବରେ ବନ୍ଦ କରିବା ସହିତ ଗୋଚର ଓ ଜଙ୍ଗଲ ଜମିକୁ ସୁରକ୍ଷା ପ୍ରଦାନ କରିବା ନିମନ୍ତେ ଦାବି କରିଛନ୍ତି।



# ୧୯ ପର୍ଯ୍ୟନ୍ତ ବନ୍ଦ ରହିବ ସିଂସାରି-ଧୋତ୍ରା ରାସ୍ତା

**ନବରଙ୍ଗପୁର/ଉମରକୋଟ, ୧୭।୧୨ (ସଂଚାର ବ୍ୟୁରୋ):** ନବରଙ୍ଗପୁର ଜିଲ୍ଲା ଡାବୁଗାଁ ଥାନା ଅନ୍ତର୍ଗତ ସିଂସାରି ଠାରୁ ଧୋତ୍ରା ମଧ୍ୟରେ ଭି ଏସ୍ ପଦର ଗ୍ରାମ ନିକଟରେ ଭାରତମାଳା ପ୍ରକଳ୍ପ ରାସ୍ତାର ଭି ୟୁ ପି(ଓଭର୍ ବ୍ରିଜ)ନିର୍ମାଣ କରାଯିବ। ଏଥିପାଇଁ ସଂସାରୀ ଠାରୁ ଧୋତ୍ରା ରାସ୍ତା ଦେଇ ଯାନବାହାନ ଚଳାଚଳ ୪ଦିନ ପାଇଁ ବନ୍ଦ ରହିବ । ଭାରତମାଳା ରାସ୍ତା କାର୍ଯ୍ୟ କରୁଥିବା ୟୁ ଏମ୍ ଏସ୍ ଏଲ୍ କମ୍ପାନୀ ପକ୍ଷରୁ ଏଥିପାଇଁ ଡାବୁଗାଁ ଥାନା, ଉମରକୋଟ ତହସିଲ, ଉମରକୋଟ ଥାନା କୁ ପୂର୍ବ ସୂଚନା ପ୍ରଦାନ କରାଯାଇଛି। ଚଳିତ ମାସ ୧୬ ରୁ ୧୯ ପର୍ଯ୍ୟନ୍ତ ଏହା ବଳବତ୍ତର ରହିବ । ଓଭରବ୍ରିଜ ନିର୍ମାଣ ହେବାକୁ ଥିବାବେଳେ ଏହି ୪ ଦିନ ଅଂଚଳବାସୀଙ୍କ ସହଯୋଗ କାମନା କରାଯାଇଛି । ନିର୍ମାଣ କାର୍ଯ୍ୟ ସମୟରେ ରାସ୍ତା ଉପରେ ଯାତାୟତ କରୁଥିବା ଲୋକଙ୍କ ପାଇଁ ବିପଦ ଥିବାରୁ ୩୦ ମିଟର ଦୂରରେ କମ୍ପାନୀ ପକ୍ଷରୁ ଏକ ଅସ୍ଥାୟୀ ରାସ୍ତା ନିର୍ମାଣ କରାଯାଇଛି। ଯେଉଁ ରାସ୍ତାରେ ଭାରିଯାନ ବ୍ୟତୀତ ଛୋଟ ଗାଡି ଯିବା ଆସିବା କରି ପାରିବ। ନିର୍ମାଣ କାର୍ଯ୍ୟ ସକାଳ ୧୦ଟାରୁ ଅପରାହ୍ଣ ୩ ଟା ପର୍ଯ୍ୟନ୍ତ ଚାଲିବ ।



ସୂଚନା ଯୋଗ୍ୟ, ରାୟପୁର ଠାରୁ ବିଶାଖାପାଟଣା ପର୍ଯ୍ୟନ୍ତ କେନ୍ଦ୍ର ସରକାରଙ୍କ ଭାରତ ମାଳା ପ୍ରକଳ୍ପ କାର୍ଯ୍ୟ ଦ୍ରୁତ ଗତିରେ ଚାଲିଥିବା ବେଳେ ଅନ୍ତିମ ପର୍ଯ୍ୟାୟରେ ରହିଛି । ରାସ୍ତା ନିର୍ମାଣ ହେଲେ ନବରଙ୍ଗପୁର ଜିଲ୍ଲା ବାସୀ ରାୟପୁର ଓ ବିଶାଖାପାଟଣା କୁ କମ୍ ସମୟରେ ଯିବା ଆସିବା କରିବା ସହ ବାଣିଜ୍ୟ କାରବାର ବଢିବ

## ପଞ୍ଚାୟତ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା ଉଦ୍‌ଘାଟିତ

# ଗ୍ରାମାଞ୍ଚଳରେ ମହୋତ୍ସବ ଭାଇଚାରା ସୃଷ୍ଟି କରିଥାଏ: ଅରୁଣ

**ନୟାଗଡ଼, ୧୭।୧୨ (ସଂଚାର ବ୍ୟୁରୋ):** ନୟାଗଡ଼ ବ୍ଲକ ଅନ୍ତର୍ଗତ ଜେମାଦେଇପୁର ପାଟଣା ରାଜପାଟଣା ମିନି ଷ୍ଟାଡିୟମ ଠାରେ ପଞ୍ଚାୟତ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା ଅନୁଷ୍ଠିତ ହୋଇଛି । ଆଜି ସନ୍ଧ୍ୟା ସମୟରେ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ ଉକ୍ତ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଛନ୍ତି । ନୟାଗଡ଼ ପଞ୍ଚାୟତ ସମିତି ଓ ଓରମାସ ସହାୟତାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି । ଏହି ଅବସରରେ ବିଭିନ୍ନ ପ୍ରଦର୍ଶନୀ ପଲ୍ଲୀଶ୍ରୀ ମେଳା ସହିତ ଦର୍ଶକଙ୍କ ମନୋରଞ୍ଜନ ପାଇଁ ସିନେ ତାରକା ହାସ୍ୟ ଅଭିନେତା ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଛି । ନୟାଗଡ଼ ବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ନୟାଗଡ଼ ବ୍ଲକ ଉପାଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ସାହୁ, ସ୍ଥାନୀୟ ସରପଞ୍ଚ ସଦାଶିବ ନାୟକ, ମୁଥାଗାଡ଼ିଆ ସମିତି ସଭ୍ୟ ଦିଲ୍ଲୀପ କୁମାର ହାତୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ଡ. ସାହୁ ପଞ୍ଚାୟତ ସ୍ତରରେ ଏଭଳି ମହୋତ୍ସବ କରାଯାଇ ପାରୁଥିବାରୁ ମହୋତ୍ସବ କମିଟିର ସମସ୍ତ ସଦସ୍ୟ ମାନଙ୍କୁ ସାଧୁବାଦ ଜଣାଇଥିଲେ । ମହୋତ୍ସବ ମାଧ୍ୟମରେ ଭାଇଚାରା ସୃଷ୍ଟି ହେବା ସହ ଅନେକ ବ୍ୟବସାୟୀ ମାନଙ୍କର ଆର୍ଥୀକ ମେରୁଦଣ୍ଡ ସୁଦୃଢ଼ ହୋଇ ପାରିବ । ପଲ୍ଲୀଶ୍ରୀ ମେଳାରେ ଯୋଗ ଦେଇଥିବା ମା' ମାନଙ୍କର ଆର୍ଥୀକ ମାନ ବୃଦ୍ଧି ପାଇବା ସହିତ ମା' ମାନେ ସ୍ୱାବଲମ୍ବି ହୋଇପାରିବେ ବୋଲି ପ୍ରକାଶ କରିଥିଲେ । ଶ୍ଳିପିକା ଡ୍ୟାନ୍ସ ଗ୍ରୁପ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ପ୍ରଥମ ଦିବସରେ ଲୋକ ମାନଙ୍କର ଭିଡ ଦେଖିବାକୁ ମିଳିଥିଲା । ଆଖପାଖ ଅଞ୍ଚଳରୁ ବହୁ ଦର୍ଶକ ସାଂସ୍କୃତିକ କାର୍ଯ୍ୟକ୍ରମର ମଜା ନେଇଥିଲେ । ସାମ୍ବାଦିକ ପ୍ରଦୀପ୍ତ ରଥ ମଞ୍ଚ ପରିଚାଳନା କରିଥିଲେ । ଅନେକ ସାମ୍ବାଦିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।



## ଅଗ୍ନିକାଣ୍ଡରେ ଜଳିଗଲା ଦୁଇ ବଖରା

**ନାଉଗାଁ, ୧୭।୧୨ (ସଂଚାର ବ୍ୟୁରୋ):** ନାଉଗାଁ ଥାନା ଅଞ୍ଚଳ ଜାମୁଗାଁ ପଞ୍ଚାୟତର ନନ୍ଦିଗ୍ରାମରେ ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କାର ସମ୍ପତି ପୋଡି ପାଉଁଶ । ସୂଚନା ମୁତାବକ ଆଜି ନାଉଗାଁ ଥାନା ଅଞ୍ଚଳର ନନ୍ଦିଗ୍ରାମରେ ଥିବା ସଂଗ୍ରାମ ପରିଡାଙ୍କ ଚାଳ ଘରେ କୌଣସି କାରଣ ବଶତଃ ଅଗ୍ନିକାଣ୍ଡ ଘଟିଥିଲା ତେବେ ଏହାର ସୂଚନା ପାଇବା ପରେ ସ୍ଥାନୀୟ ଗ୍ରାମବାସୀ ମାନେ ନିଆଁ କୁ ଆୟତ୍ତ କରିବାକୁ ଚେଷ୍ଟା କରି ନାଉଗାଁ ଅଗ୍ନିଶମ ବାହିନୀକୁ ସୂଚନା ଦେଇଥିଲେ। ତେବେ ଘଟଣା ସ୍ଥଳରେ ନାଉଗାଁ ଅଗ୍ନିଶମ ବାହିନୀର ଟିମ୍ ପହଞ୍ଚି ନିଆଁ କୁ ଆୟତ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ଲକ୍ଷଧିକ ଟଙ୍କାର ସମ୍ପତି ପୋଡି ପାଉଁଶ ହୋଇଯାଇଛି । ଅନ୍ୟପଟେ ସଂଗ୍ରାମ କୁ ତୁରନ୍ତ ସରକାରୀ ସାହାଯ୍ୟ ଯୋଗାଇ ଦେବା ପାଇଁ ଗ୍ରାମବାସୀମାନେ ପ୍ରଶାସନ ନିକଟରେ ଦାବି ରଖିଛନ୍ତି ।



## ଫାର୍ମହାଉସ୍ ପୋଡି ଦେବାକୁ ନେଇ ଥାନାରେ ଅଭିଯୋଗ

**ନାଉଗାଁ, ୧୭।୧୨ (ସଂଚାର ବ୍ୟୁରୋ):** ନାଉଗାଁ ଥାନା ଅଞ୍ଚଳର କାନୁନଗୋସାହି ଗ୍ରାମର ଜନ୍ମଜୟନ୍ତୀ ମହାନ୍ତିଙ୍କୁ ଜମି ବିକିବା ପାଇଁ ଅବଦଲପୁର ଗ୍ରାମର ବିକାଶ କୁମାର ମହାନ୍ତି ଆଗୁଆ ଟଙ୍କା ନେଇ ଜମି ଅନ୍ୟ କାହାକୁ ବିକିବା ପାଇଁ ଚୁକ୍ତି କରିଥିଲେ। ଯାହାକୁ ନେଇ ଗତ କିଛିଦିନ ତଳେ ଟଙ୍କା ଫେରସ୍ତ କରିବା ପାଇଁ ଦୁଇ ଜଣଙ୍କ ଭିତରେ ତୁ ତୁ ମେ ମେ ହୋଇଥିଲା। ବିକାଶ ମଧ୍ୟ ଜନ୍ମଜୟନ୍ତୀଙ୍କୁ ସେ ଅଳ୍ପ କିଛି ଟଙ୍କା ଫେରସ୍ତ କରି ସମୟ ନେଇ ଆଉ ବକାୟ ଅର୍ଥ ଫେରସ୍ତ କରି ନଥିଲେ। ଯାହାକୁ ନେଇ ଜନ୍ମଜୟନ୍ତୀ ଏକ ଲିଖିତ ଅଭିଯୋଗ ଗତକାଲି ନାଉଗାଁ ଥାନାରେ କରିଥିଲେ । ଅନ୍ୟପଟରେ ଗତକାଲି ବିଳମ୍ବିତ ରାତିରେ ଅବଦଲପୁର ସ୍ଥିତ ଜନ୍ମଜୟନ୍ତୀଙ୍କ ଫାର୍ମ ହାଉସ୍‌ରେ କିଏ ନିଆଁ ଲଗାଇ ପୋଡି ଦେଇଛି। ତେବେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ପୂର୍ବ ରାଗ ରଖି ବିକାଶ ତାଙ୍କ ଅବଦୁଲପୁର ସ୍ଥିତ ଫାର୍ମ ହାଉସ୍ ରେ ନିଆଁ ଲଗାଇ ଫସଲ ନଷ୍ଟ କରି ପାଣି ପାଇପି ଚୋରି କରିଥିବାକୁ ନେଇ ଜନ୍ମଜୟନ୍ତୀ ଏକ ଲିଖିତ ଅଭିଯୋଗ ନାଉଗାଁ ଥାନାରେ କରିଛନ୍ତି । ନାଉଗାଁ ପୋଲିସ ଉକ୍ତ ଅଭିଯୋଗକୁ ଆଧାର କରି ଘଟଣା ବିଷୟରେ ପୁଙ୍ଖାନୁପୁଙ୍ଖ ତଦନ୍ତ କରୁଥିବା ନେଇ ସୂଚନା ମିଳିଛି। ତେବେ ପୋଲିସର ତଦନ୍ତ ପରେ ସତ୍ୟାସତ୍ୟ ଘଟଣା ପଦାକୁ ଆସିବ ବୋଲି ଜଣାପଡ଼ିଛି।



# ବୋରିଗୁମ୍ମାରେ ଧାନମଣ୍ଡି ଉଦ୍‌ଘାଟିତ

**ବୋରିଗୁମ୍ମା, ୧୭।୧୨ (ସଂଚାର ବ୍ୟୁରୋ):** କୋରାପୁଟ ଜିଲ୍ଲା ବୋରିଗୁମ୍ମା ଠାରେ ଖରିଫ ବର୍ଷ ଧାନ ମଣ୍ଡି ମଙ୍ଗଳବାର ପୁରୁଣା ବୋରିଗୁମ୍ମା ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ ପରିସରରେ ଉଦ୍‌ଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗାଣ ଓ ଖାଉଟିକଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ଯୋଗ ଦେଇ ପୂର୍ବରୁ ଚାଷୀମାନେ ଟୋକନ୍ ପାଇବାରେ ଯେଉଁ ଅସୁବିଧାର ସମ୍ମୁଖୀନ ହେଉଥିଲେ ବର୍ତ୍ତମାନ ଆଉ ହେବନାହିଁ, ଯଦି କୌଣସି କାରଣରୁ ଟୋକନଜନିତ କିଛି ଅସୁବିଧା ରହେ ତା'ହେଲେ ଜିଲ୍ଲା ଏବଂ ଜିଲ୍ଲାପାଳଙ୍କ ସ୍ତରରେ ଉକ୍ତ ଅସୁବିଧାର ସମାଧାନ ହୋଇପାରିବ ବୋଲି କହିଛନ୍ତି ମନ୍ତ୍ରୀ ଶ୍ରୀ ପାତ୍ର । ଏହି ଅବସରରେ ସମ୍ମାନିତ ଅତିଥି ଭାବେ କୋରାପୁଟ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ ଯୋଗଦେଇ ବର୍ତ୍ତମାନ ଆଉ ଜିଲ୍ଲାର ଧାନ ଜିଲ୍ଲା ବାହାରକୁ କିମ୍ବା ରାଜ୍ୟ ବାହାରକ ଯାଇପାରିବ ନାହିଁ, କାରଣ ଚଳିତବର୍ଷ ଏସବୁକୁ ରୋକିବାକୁ ଆମ ଜିଲ୍ଲାର ପ୍ରତ୍ୟେକ ସୀମା ଅଞ୍ଚଳରେ ପୁଲିସ ମୁତୟନ ହୋଇଛନ୍ତି ଏବଂ ସିସିଟିଭି କ୍ୟାମେରା ମଧ୍ୟ ଲଗାଯାଇଛି। ସୁରୁଖୁରୁରେ ଧାନକିଣା ଶେଷ ପାଇଁ ସମସ୍ତ ଚାଷୀ, ମିଲର ଏବଂ ପ୍ରଶାସନର ମିଳିତ ସହଯୋଗ ନିତାନ୍ତ ଆବଶ୍ୟକ ଏବଂ ସମସ୍ତଙ୍କ ସହଯୋଗରେ ହିଁ ମଣ୍ଡି ପରିଚାଳନା ସୁରୁଖୁରରେ ହୋଇଥାଏ ବୋଲି କହିବା ସହ ସମସ୍ତଙ୍କ ସହଯୋଗ କାମନା କରିଥିଲେ ଜିଲ୍ଲାପାଳ କୀର୍ତ୍ତି ଭାସନ ।

ସମ୍ମାନୀତ ଅତିଥି ଭାବରେ କୋଟପାଡ଼ ବିଧାୟକ ରୁପୁଭତ୍ରା ଯୋଗ ଦେଇ ଏହି ସରକାର ଆମ ଚାଷୀଙ୍କ ସରକାର ଏଣୁ ଚାଷୀଙ୍କୁ କଥା ଦେଇ କଥା ରଖିଛନ୍ତି। ଅନ୍ୟତମ ଅତିଥ୍ ଭାବରେ ଜିଲ୍ଲା ସଭାପତି ସୁମନ୍ତ ପ୍ରଧାନ, କୃଷକ ମୋର୍ଚ୍ଚା ସଭାପତି ବିପଦ ଭଂଜନ ଦାସ,ବୋରିଗୁମ୍ମା ବିଡ଼ିଓ ସନ୍ଧ୍ୟା ସମରଥ,ଏବିଡ଼ିଓ ମାଧୁରୀ ଆଚାରୀ। ମିଲର ସଂଘ ସଭାପତି ଫିରୋଜ କୁମାର ଶତପଥୀ, ସମ୍ପାଦକ ବାବୁଜି ରାଓ, ବୋରିଗୁମ୍ମା ମଣ୍ଡଳ ସଭାପତି ରାଜସିଂ, ଶଙ୍କର ମହାନ୍ତି, ସାଧାରଣ ସମ୍ପାଦକ ବିଘ୍ନେଶ୍ୱର ଷଡ଼ଙ୍ଗୀ,ପ୍ରମୁଖ ଯୋଗଦେଇଥିଲେ।

## ମହିଳାଙ୍କୁ ବ୍ଲାକ୍‌ମେଲ କରି ଯୁବକ ଗିରଫ

**ଟାଙ୍ଗୀ-ଚୌଦ୍ୱାର, ୧୭।୧୨ (ସଂଚାର ବ୍ୟୁରୋ):** ଡିଜିଟାଲ ପ୍ଲାଟଫର୍ମରେ ଅଶ୍ଳିଳ ଫଟୋ ଭାଇରାଲ କରିଦେବା ଭୟ ଦେଖାଇ ଜନୈକ ମହିଳାଙ୍କୁ ବ୍ଲାକ୍‌ମେଲ କରିବା ଓ ତାଙ୍କ ଠାରୁ ୧୦ଲକ୍ଷରୁ ଉର୍ଦ୍ଧ୍ୱଟଙ୍କା ହଡ଼ପ କରିଥିବା ଅଭିଯୋଗରେ ଚୌଦ୍ୱାର ପୋଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ଅଭିଯୁକ୍ତ ଯୁବକ ଜଣକ ହେଲେ ମହାଙ୍ଗା ଭଦ୍ରେଶ୍ୱର ଥାନା ଅଞ୍ଚଳର ଚିନ୍ମୟ ରାଉତ। ପୋଲିସ୍ ସୂଚନା ଅନୁଯାୟୀ ଅଭିଯୁକ୍ତ ଚିନ୍ମୟ ଡ଼ିଜିଟାଲ ପ୍ଲାଟଫର୍ମ ମାଧ୍ୟମରେ ସମ୍ପୃକ୍ତ ମହିଳାଙ୍କ ମୋବାଇଲ ନମ୍ବର ଯୋଗାଡ଼ କରି ତାଙ୍କ ସହିତ ସମ୍ପର୍କ ପ୍ରତିଷ୍ଠା କରିଥିଲେ। ପରେ ଯୁବକ ଜଣକ ମହିଳାଙ୍କର କିଛି ଆପତ୍ତିଜନକ ଫଟୋ ଯୋଗାଡ଼କରି ତାହାକୁ ସୋସିଆଲ ମେଡ଼ିଆରେ ଭାଇରାଲ କରି ଦେବାର ଧମକ ଦେଇ ତାଙ୍କ ନିକଟରୁ ବାରମ୍ବାର ଟାଙ୍କା ଆଦାୟ କରୁଥିଲେ। ମହିଳା ଜଣକ ଚୌଦ୍ୱାର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଘଟଣାର ତଦନ୍ତ କରି ଅଭିଯୁକ୍ତକୁ ଗିରଫ କରିଥିଲେ।

**ଅକ୍ଷୟ ଉପନ୍ୟାସ ପୁରସ୍କାର-୨୦୨୪**

# 'ଇତର' ପାଇଁ ଶୁଭ୍ରାଂଶୁ ପଣ୍ଡା ସମ୍ମାନିତ

**ଭୁବନେଶ୍ୱର, ୧୭।୧୨ (ସଂଚାର ବ୍ୟୁରୋ):** ଜଣାଶୁଣା କଥାକାର ଶୁଭ୍ରାଂଶୁ ପଣ୍ଡା, ନିଜର ଉପନ୍ୟାସ 'ଇତର' ନିମନ୍ତେ ଚତୁର୍ଥ ଅକ୍ଷୟ ଉପନ୍ୟାସ ପୁରସ୍କାର ଗ୍ରହଣ କରିଛନ୍ତି। ସୋମବାର ସଂଧ୍ୟାରେ ପ୍ରତିଭା ରାୟ ଫାଉଣ୍ଡେସନ୍ ଟ୍ରଷ୍ଟ୍ ପକ୍ଷରୁ ସ୍ଥାନୀୟ ଜୟଦେବ ଭବନରେ ଆୟୋଜିତ ପୁରସ୍କାର ପ୍ରଦାନ ସମାରୋହରେ ଶ୍ରୀ ପଣ୍ଡା ନିଜ ବକ୍ତବ୍ୟରେ କହିଛନ୍ତି ଯେ କୌଣସି ପୁସ୍ତକ ସିଧାସଳଖି ପରିବର୍ତ୍ତନ ଆଣିପାରେ ନାହିଁ। ତେବେ ପୁସ୍ତକ ପରିବର୍ତ୍ତନର ପ୍ରବାହକୁ ପ୍ରଚୋଦିତ କରିବ ଗୋଟିଏ ଉତ୍‌ପ୍ରେରକ ବା କାଟାଲିଷ୍ଟ୍ ଭାବରେ, ଏ ବିଶ୍ୱାସ ମୋର ଅଛି। ହାରିଏଟ ବିଚର୍ ଷ୍ଟୋ'ଙ୍କର 'ଅଙ୍କଲ ଟମ୍ସ କେବିନ୍'ର ଉଦାହରଣ ଦେଇ ସେ କହିଥିଲେ ଯେ ମୁଁ ଷ୍ଟୋ' ନୁହେଁ। ମୋର ଏ ପୁସ୍ତକକୁ ନେଇ ସ୍ୱପ୍ନ ଅତି ଛୋଟ। ସେମାନଙ୍କୁ ତୃତୀୟଲିଙ୍ଗୀ, ଇତର ବୋଲି କହି ଏଡ଼ାଇଯାଉଥିବା ସମାଜ ମୋର ଉପନ୍ୟାସ ପଢ଼ି ଯଦି ସେମାନଙ୍କ ପ୍ରତି ନିଜର ମନୋଭାବ ବଦଳାଇବ, ତାହା ହିଁ ହେବ ମୋ ଉପନ୍ୟାସ ଲେଖାର ସାର୍ଥକତା। ସେ କହିଥିଲେ ଯେ ଆଜି ଏ ପୁରସ୍କାର ଗ୍ରହଣ କଲାବେଳେ ମୁଁ ସେଇ ତୃତୀୟଲିଙ୍ଗୀ ମଣିଷମାନଙ୍କୁ ମନେପକାଉଛି ଏବଂ ଏ ପୁରସ୍କାର ସେଇମାନଙ୍କୁ ଉତ୍ସର୍ଗ କରୁଛି, ଯେଉଁମାନେ ନିଜର ପୀଡ଼ା ଓ ସଂଘର୍ଷକୁ ମୋ ଆଗରେ ବଖାଣିଛନ୍ତି।

ପ୍ରସିଦ୍ଧ କଥାଶିଳ୍ପୀ ପଦ୍ମଭୂଷଣ ଡ. ପ୍ରତିଭା ରାୟଙ୍କ ପ୍ରତିଷ୍ଠିତ ଏହି ପୁରସ୍କାର ୨୦୨୧ ମସିହାଠାରୁ ପ୍ରତିବର୍ଷ ୫୦ ବର୍ଷରୁ କମ ବୟସର ଜଣେ ଓଡ଼ିଆ ଔପନ୍ୟାସିକଙ୍କୁ ଦିଆଯାଇ ଆସୁଛି। ସ୍ଥାନୀୟ ଜୟଦେବ ଭବନରେ ଆୟୋଜିତ ପୁରସ୍କାର ପ୍ରଦାନ ସଭାରେ ପୁରସ୍କାର ସ୍ୱରୂପ ଶ୍ରୀ ପଣ୍ଡାଙ୍କୁ ମାନପତ୍ର, ଉପଢୌକନ ଓ ୫୧,୦୦୦ ଟଙ୍କା ପ୍ରଦାନ କରାଯାଇଛି। ଉତ୍ସବରେ ଡ. ରାୟ ଅଧ୍ୟକ୍ଷତା କରିଥିବାବେଳେ ବିଶିଷ୍ଟ ଲେଖକ, ଔପନ୍ୟାସିକ, ନାଟ୍ୟକାର ଓ ପ୍ରାବନ୍ଧିକ ପ୍ରଫେସର ପ୍ରଫୁଲ୍ଲ କୁମାର ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ବରିଷ୍ଠ କଥାଶିଳ୍ପୀ ଦେବପ୍ରସାଦ ଦାସ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଫାଉଣ୍ଡେସନ୍‌ର ମ୍ୟାନେଜିଂ ଟ୍ରଷ୍ଟୀ ଆଦ୍ୟାଶା ଦାସ ଓ ମୁଖ୍ୟ ଉପଦେଷ୍ଟା ପ୍ରଫେସର ବସନ୍ତ କୁମାର ପଣ୍ଡା ମଧ୍ୟ ମଞ୍ଚାସୀନ ଥିଲେ। ଇତର ଉପନ୍ୟାସ ଓଡ଼ିଶାରେ ହିଞ୍ଜଡ଼ା ବା ଟ୍ରାନ୍ସଓମେନ୍‌ମାନଙ୍କର ଜୀବନ ଯାତ୍ରା ସମ୍ପର୍କରେ ଲିଖିତ। ଯାହା ୨୦୨୧ ମସିହାରେ ପ୍ରକାଶ ପାଇଥିଲା।

ସତ୍ୟ ଘଟଣା, ଗବେଷଣାଲବ୍ଧ ତଥ୍ୟକୁ ନେଇ ପ୍ରସଙ୍ଗ ଭିତ୍ତିକ ଉପନ୍ୟାସ ଲେଖୁଥିବା ଶୁଭ୍ରାଂଶୁ ପଣ୍ଡାଙ୍କର ତିନୋଟି ଉପନ୍ୟାସ ଓ ଦୁଇଟି ଗଳ୍ପ ସଂକଳନ ସମେତ ମୋଟ ୧୦ଟି ପୁସ୍ତକ ପ୍ରକାଶ ପାଇଛି। ଆଜି ପୁରସ୍କାର ଉତ୍ସବ ଅବସରରେ 'ଇତର' ଉପନ୍ୟାସର ତୃତୀୟ ସଂସ୍କରଣ ବଜାରକୁ ଆସିଛି। ଉତ୍ସବରେ ବହୁ ସଂଖ୍ୟାରେ ଲେଖକ, ପାଠକ, ଶୁଭେଚ୍ଛୁ ଓ ପ୍ରଶଂସକଙ୍କ ସମେତ ଟ୍ରାନ୍ସଜେଣ୍ଡର ସମୁଦାୟର ପ୍ରତିନିଧି ମଧ୍ୟ ଉପସ୍ଥିତ ଥିଲେ।



## ବିଶ୍ୱସ୍ତରୀୟ ହେବ ପରିକ୍ରମା ପ୍ରକଳ୍ପ



**ପୁରୀ,୧୭।୧୨(ସଂଚାର ବ୍ୟୁରୋ):** ଆହୁରି ସୌନ୍ଦର୍ଯ୍ୟକରଣ ହେବ ପୁରୀ ଶ୍ରୀମନ୍ଦିର ପରିକ୍ରମା । ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପୁରୁଣା ଡିଜାଇନ ସହ କିଛି ନୂଆ ଡିଜାଇନ କରାଯିବ ବୋଲି କହିଛନ୍ତି ପୂର୍ତ୍ତ ତଥା ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ । ତେବେ ପ୍ରଭୁ ଶ୍ରୀ ଲିଙ୍ଗରାଜଙ୍କ ଏକାମ୍ର ପ୍ରକଳ୍ପ ଓ ପୁରୀ ପ୍ରକଳ୍ପକୁ ବିଶ୍ୱସ୍ତରୀୟ କରିବାକୁ ଉଦ୍ୟମ କରାଯିବ ବୋଲି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ପୃଥ୍ୱୀରାଜ। ସବୁଠାରୁ ବଡ଼କଥା ହେଲା, ଏଥିପାଇଁ ଯାହା ଯାହା ଆବଶ୍ୟକ ତାହା କରାଯିବ ଏବଂ ଏନେଇ ଡ୍ରଇଂ ଡିଜାଇନ୍ ପ୍ରକ୍ରିୟା ଆରମ୍ଭ ହୋଇଛି । ଶୁବଶୀଘ୍ର ଏହାର ସମୀକ୍ଷା କରାଯିବ ବୋଲି କହିଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ।

# ଯାତ୍ରୀ ସେବା ପାଇଁ ନୌପରିବହନ ନୀତି

**ଭୁବନେଶ୍ୱର,୧୭।୧୨(ସଂଚାର ବ୍ୟୁରୋ):** ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀଙ୍କ ନେତୃତ୍ୱରେ ସମସ୍ତ ଜିଲ୍ଲାପାଳ ଓ ଜିଲ୍ଲାପାଳଙ୍କ ସହ ଭର୍ଚୁଆଲ୍ ବୈଠକ କରିଛନ୍ତି। ବୈଠକରେ ସାରା ରାଜ୍ୟରେ ଆଭ୍ୟନ୍ତରୀଣ ଜଳ ପରିବହନରେ ଯାତ୍ରୀଙ୍କ ସୁରକ୍ଷା ବୃଦ୍ଧି ଉଦ୍ଦେଶ୍ୟରେ ସହିଦ ବାଜି ରାଉତ ନୌଯାତ୍ରା ସୁରକ୍ଷା ଯୋଜନା ନାମକ ପ୍ରମୁଖ ପଦକ୍ଷେପ ସମ୍ପର୍କରେ ଜିଲ୍ଲା ପ୍ରଶାସନକୁ ସଚେତନ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଓଡ଼ିଶାର ସର୍ବକନିଷ୍ଠ ସହିଦ ସହିଦ ସାହିଦ ବାଜି ରାଉତଙ୍କ ସମ୍ମାନରେ ନାମିତ ଏହି ଯୋଜନାରେ ରାଜ୍ୟରେ କାର୍ଯ୍ୟରତ ଡଙ୍ଗା ଓ ଲଞ୍ଚକୁ ଲାଇଫ୍‌ୱ, ଲାଇଫ୍ ଜ୍ୟାକେଟ୍ ଓ ଅଗ୍ନି ନିର୍ବାପକ ଯନ୍ତ୍ର ଭଳି ଜୀବନ ରକ୍ଷାକାରୀ ଉପକରଣ ଯୋଗାଇ ଦିଆଯିବ। ଘରୋଇ ଅପରେଟରଙ୍କ ପାଇଁ ଅତ୍ୟାବଶ୍ୟକ ସୁରକ୍ଷା ଉପକରଣ ଉପରେ ୯୫% ସବସିଡି । ସରକାରୀ ଓ ପିଏସୟୁ ଡଙ୍ଗା/ଲଞ୍ଚ ପାଇଁ ମାଗଣାରେ ଉପକରଣ ଯୋଗାଇ ଦିଆଯାଉଛି । ପ୍ରଥମ ପର୍ଯ୍ୟାୟରେ ଜୀବନ ରକ୍ଷାକାରୀ ଉପକରଣ ବଣ୍ଟନ ସଫଳତାର ସହ ଶେଷ ହୋଇଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟ ଏବେ ଚାଲିଛି। ଏହି ବୈଠକରେ ଜିଲ୍ଲାପାଳମାନଙ୍କୁ ଯୋଗ୍ୟତା ମାନଦଣ୍ଡ, କାର୍ଯ୍ୟକାରିତା ପ୍ରୋଟୋକଲ୍ ଏବଂ ଅଧିକାରୀଙ୍କ ଭୂମିକା ଓ ଦାୟିତ୍ୱ ସମେତ



ଯୋଜନାର ମାର୍ଗଦର୍ଶିକା ସମ୍ପର୍କରେ ଅବଗତ କରାଯାଇଥିଲା। ଜିଲ୍ଲା ପ୍ରଶାସନ ଜୀବନ ରକ୍ଷାକାରୀ ଉପକରଣର ଆବଶ୍ୟକତା ଆକଳନ କରି ୭ ଦିନ ମଧ୍ୟରେ ବନ୍ଦର ଓ ଆଭ୍ୟନ୍ତରୀଣ ଜଳ ପରିବହନ ନିର୍ଦ୍ଦେଶାଳୟକୁ ଦାବିପତ୍ର ପ୍ରଦାନ କରିବା ଉପରେ ପ୍ରମୁଖ ଶାସନ ସଚିବ ଗୁରୁତ୍ୱାରୋପ କରିଥିଲେ। ଯୋଜନାର କାର୍ଯ୍ୟକାରିତାରେ ନିରନ୍ତର ଉନ୍ନତି ସୁନିଶ୍ଚିତ କରିବା ପାଇଁ ପ୍ରଥମ ପର୍ଯ୍ୟାୟ ବଣ୍ଟନ ସମ୍ପର୍କରେ ମତାମତ ମଧ୍ୟ ଅନୁରୋଧ କରାଯାଇଥିଲା। ଏହି ଅବସରରେ ଶ୍ରୀମତୀ ପାଢ଼ୀ ଯାତ୍ରୀ ସୁରକ୍ଷା ପ୍ରତି ସରକାରଙ୍କ ଅତୁଟ ପ୍ରତିବଦ୍ଧତା ଉପରେ ଆଲୋକପାତ କରି କହିଲେ, "ସହିଦ ବାଜି ରାଉତ ନୌଯାତ୍ରା ସୁରକ୍ଷା ଯୋଜନା ଆଭ୍ୟନ୍ତରୀଣ ଜଳ ପରିବହନରେ ନିରାପତ୍ତା ମାନରେ ଉନ୍ନତି ଆଣିବା ପାଇଁ ଓଡ଼ିଶା ସରକାରଙ୍କ ସମର୍ପଣକୁ ପ୍ରତିଫଳିତ କରୁଛି। ସ୍ଥାୟୀ ପରିବହନ ଅଭ୍ୟାସକୁ ପ୍ରୋତ୍ସାହିତ କରିବା ସହିତ ଯାତ୍ରୀଙ୍କ ପାଇଁ ସୁରକ୍ଷିତ ଯାତ୍ରା ସୁନିଶ୍ଚିତ କରିବା ପାଇଁ ଆମେ ସମସ୍ତ ଅଂଶୀଦାରଙ୍କୁ ମିଳିତ ଭାବେ କାର୍ଯ୍ୟ କରିବାକୁ ଅନୁରୋଧ କରୁଛୁ। ପରିବହନ ସେବାରେ ଯାତ୍ରୀଙ୍କ ନିରାପତ୍ତା ଓ ନିରନ୍ତରତା ବୃଦ୍ଧି ପାଇଁ ଓଡ଼ିଶା ସରକାର ନିଜର ପ୍ରୟାସରେ ଅଟଳ ରହିଛନ୍ତି ଏବଂ ଏକ ସୁରକ୍ଷିତ ଏବଂ ଅଧିକ ସୁରକ୍ଷିତ ପରିବହନ ଇକୋସିଷ୍ଟମ ପାଇଁ ପ୍ରତିଶ୍ରୁତି ଦେଇଛନ୍ତି।

## ଆରମ୍ଭ ହେଲା ରଥଯାତ୍ରାର ଆଦ୍ୟ ପର୍ବ

### ନୟାଗଡ଼ରେ ପହଞ୍ଚିଲା ଆଜ୍ଞାମାଳ



**ନୟାଗଡ଼,୧୭।୧୨(ସଂଚାର ବ୍ୟୁରୋ):** ଆରମ୍ଭ ହେଲା ରଥଯାତ୍ରାର ଆଦ୍ୟ ପର୍ବ। ଆସନ୍ତା ରଥଯାତ୍ରା ପାଇଁ ଆବଶ୍ୟକ ରଥକାଠ ଆଣିବାକୁ ନୟାଗଡ଼ରେ ପହଞ୍ଚିଲା ଆଜ୍ଞାମାଳ। ଶ୍ରୀମନ୍ଦିର ପ୍ରଶାସନର ୩ ଜଣିଆ ପ୍ରତିନିଧି ଦଳ ମହାପ୍ରଭୁଙ୍କ ଆଜ୍ଞାମାଳ ନେଇ ନୟାଗଡ଼ରେ ପହଞ୍ଚିବା ପରେ ସମସ୍ତଙ୍କୁ ସ୍ୱାଗତ କରାଯାଇଛି। ପରମ୍ପରା ଅନୁସାରେ ଗଣିଆ ବନାଞ୍ଚଳର ବଡ଼ମୂଳସ୍ଥିତ ବନଦେବୀ ବଡ଼ରାଉଳ ଠାକୁରାଣୀଙ୍କ ପୀଠରେ ପୂଜାର୍ଚ୍ଚନା କରାଯାଇଛି। ସକାଳ ୮ଟାରୁ ଦିନ ୨ଟା ପର୍ଯ୍ୟନ୍ତ ହୋମ ଓ ନାମ ସଙ୍କୀର୍ତ୍ତନ କରାଯାଇଥିଲା। ଠାକୁରାଣୀଙ୍କୁ ମହାପ୍ରଭୁଙ୍କ ମାଳ, ମାହାର୍ଦ୍ଧ ସହ ଲାଗି ଖଣ୍ଡୁଆ, ନଡ଼ିଆ ଆଦି ସମର୍ପଣ କରାଯିବା ପରେ ଗଛକଟା ପ୍ରକ୍ରିୟା ଆରମ୍ଭ ହୋଇଥାଏ। ବିଧିଅନୁଯାୟୀ ଶ୍ରୀପଞ୍ଚମୀ ପୂର୍ବରୁ ନୟାଗଡ଼ ବନଖଣ୍ଡ ପକ୍ଷରୁ ପୁରୀକୁ ଦୁଇ ଟ୍ରକ ରରଥକାଠ ପଠାଯାଇଥାଏ । ପୁରୀ ରଥଯାତ୍ରା ପାଇଁ ନୟାଗଡ଼ ବନଖଣ୍ଡକୁ ଚଳିତ ବର୍ଷ ୮୧୪ ଖଣ୍ଡକାଠ ଯୋଗାଇବା ପାଇଁ ନିର୍ଦ୍ଦେଶ ରହିଥିବା ସୂଚନା ମିଳିଛି।

## ଝାଡ଼ଖଣ୍ଡରେ ଜିନତ, କୁଲଡିହାରେ ଯମୁନା

**ଭୁବନେଶ୍ୱର,୧୭।୧୨(ସଂଚାର ବ୍ୟୁରୋ):** ଶିମିଳିପାଳ ଅଭୟାରଣ୍ୟରେ ବ୍ୟାଘ୍ର ବଂଶ ବୃଦ୍ଧି ପାଇଁ ମହାରାଷ୍ଟ୍ରର ତଡବା ଜଙ୍ଗଲରୁ ଆସିଥିଲେ ବାଘୁଣୀ ଜିନତ୍ ଓ ଯମୁନା। ହେଲେ ସମାନେ ଏବେ ଶିମିଳିପାଳ ଅଭୟାରଣ୍ୟରେ ନାହାଁନ୍ତି। ଜିନତ୍ ଝାଡ଼ଖଣ୍ଡ ଜଙ୍ଗଲକୁ ପଳାଇ ଯାଇଥିବା ବେଳେ ଯମୁନା କୁଲଡିହା ଅଭୟାରଣ୍ୟକୁ ପଳାଇଛି। ସେମାନେ ଖୁବ୍‌ଶୀଘ୍ର ଫେରିବେ ବୋଲି ଦମ୍ଭୋକ୍ତି ଦେଖାଇଛି ବନ ବିଭାଗ। ତଥାପି ସେମାନଙ୍କ ଗତିବିଧି ଉପରେ ବନ ବିଭାଗ ନଜର ରଖିଛି। ମହାରାଷ୍ଟ୍ରର ତଡବା ଜଙ୍ଗଲରୁ ଆସିଥିଲା ଜିନତ। ତା'ର ବୟସ୍ ୨ ବର୍ଷରୁ ଅଧିକ ହେବ। ଜିନତ କିଛି ଦିନ କ୍ୱାରେଣ୍ଟିନ୍‌ରେ ରହିବା ପରେ ଶିମିଳିପାଳର କୋର ଏରିଆକୁ ଯାଇଥିଲା। କିଛି ଦିନ ଶିମିଳିପାଳ ଅଭାୟରଣ୍ୟରେ ଘୁରି ବୁଲିଥିଲା। ଶିକାର କରି ଖାଇଥିଲା। ପରବର୍ତ୍ତୀ ସମୟରେ ନିଜ ପାଇଁ ସ୍ୱତନ୍ତ୍ର ଅଞ୍ଚଳ ତିଆରି କରିବାକୁ ଜିନତ୍ ଶିମିଳିପାଳ ଅଭୟାରଣ୍ୟ ଛାଡ଼ିଥିଲା। ସିଏ ଏକ ଜାତୀୟ ରାଜପଥ ଅତିକ୍ରମ କରି ଝାଡ଼ଖଣ୍ଡ ଜଙ୍ଗଲକୁ ପଳାଇ ଯାଇଥିଲା। ଏବେ ସେ ସେଠାରେ ଘୁରି ବୁଲୁଛି। ଶିକାର କରି ଖାଇଛି। ଉପବାସରେ ନଥିବ। ବାଘୁଣୀର ପ୍ରକୃତି ହେଉଛି, ଥରେ ପେଟ ପୂରା ଖାଇଲେ ସପ୍ତାହେ ପର୍ଯ୍ୟନ୍ତ ଭୋକ ଲାଗେନାହିଁ। ବର୍ତ୍ତମାନ ତା' ଗତିବିଧି ଉପରେ ନଜର ରଖାଯାଇଛି ବୋଲି ବନ୍ୟପାଣି ପିସିସିଏଫ୍ ପ୍ରେମ କୁମାର ଝା କହିଛନ୍ତି।



## ବୃହତ ପ୍ରକଳ୍ପ ଅଗ୍ରଗତିର ସମୀକ୍ଷା

**ଭୁବନେଶ୍ୱର,୧୭।୧୨ (ସଂଚାର ବ୍ୟୁରୋ):** ପୂର୍ତ୍ତ ବିଭାଗ ଇତିହାସରେ ପ୍ରଥମ ଥର ପାଇଁ ବ୍ୟାପକ ଭାବେ ଆଜି ଏକ ବିସ୍ତୃତ ସମୀକ୍ଷା କରିଛନ୍ତି ବିଭାଗୀୟ ମନ୍ତ୍ରୀ ଓ ପ୍ରମୁଖ ଶାସନ ସଚିବ । ବିଭାଗ ଅଧୀନରେ ଥିବା ବିଭିନ୍ନ ନିର୍ମାଣ ପ୍ରକଳ୍ପର ବର୍ତ୍ତମାନର ସ୍ଥିତି ଓ କାର୍ଯ୍ୟର ଅଗ୍ରଗତି ନେଇ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ସମୀକ୍ଷା ବୈଠକ ଲୋକସେବା ଭବନସ୍ଥିତ କନ୍‌ଭେନ୍‌ସନ୍ ହଲରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସୋନପୁର-ବିନିକା-ରାମପୁର-ଡୁଙ୍ଗୁରିପାଲି ରାସ୍ତା, ମାର୍ଶାଘାଇ-ଜମ୍ବୁ ରାସ୍ତା, ବ୍ରହ୍ମପୁର ରିଂ ରୋଡ୍, କଟକ ରିଂ ରୋଡ୍ (ଖାନନଗରଠାରୁ ଲିଙ୍କ୍ ରୋଡ୍ ପର୍ଯ୍ୟନ୍ତ)ର ଅଗ୍ରଗତି ନେଇ ସମୀକ୍ଷା ହୋଇଥିଲା । ସେହିପରି ଗୋବରଘାଟଠାରେ ଥିବା ସୁବର୍ଣ୍ଣରେଖା ନଦୀ ଉପରେ ହାଇଲେବୁଲ୍ ସେତୁ, ବୌଦ୍ଧ ଜିଲ୍ଲା ବାଉଁଶୁଣିଠାରେ ଥିବା ମହାନଦୀ ଉପରେ ଦ୍ୱିତୀୟ ହାଇଲେବୁଲ୍ ସେତୁ, ଖରସ୍ରୋତା ନଦୀ ଉପରେ ନୂଆବଜାରଠାରେ ଥିବା ହାଇଲେବୁଲ୍ ସେତୁ, ସୁବର୍ଣ୍ଣରେଖା ନଦୀ ଉପରେ ପାନ୍‌ଟେଲ୍‌ଠାରେ ହାଇଲେବୁଲ୍ ସେତୁର ପ୍ଲାନ୍ ଅନୁମୋଦନ ଓ ନିର୍ମାଣ



ଅଗ୍ରଗତି ନେଇ ମନ୍ତ୍ରୀ ବିଭାଗୀୟ ଅଧିକାରୀ ଓ ଠିକା ସଂସ୍ଥାଠାରୁ ପଚାରି ବୁଝିଥିଲେ । ରାଜ୍ୟର ସମସ୍ତ ବଡ଼ ପ୍ରକଳ୍ପଗୁଡ଼ିକ ଯଥା-ରାସ୍ତା, ବ୍ରିଜ୍, ବିଲ୍ଡିଂ, ନ୍ୟାସନାଲ ହାଇୱେ ତଥା ଓବିସିସିର ପ୍ରକଳ୍ପଗୁଡ଼ିକର ବିସ୍ତୃତ ସମୀକ୍ଷା ହୋଇଥିଲା। ଏଥିରେ ପ୍ରଥମ ଥର ପାଇଁ ବିଭାଗୀୟ ସମସ୍ତ ଅଧିକାରୀ, କନ୍‌ସଲଟାଣ୍ଟ ଏବଂ କଣ୍ଟ୍ରାକଫରମାନେ ଯୋଗଦେଇଥିଲେ ଓ କାର୍ଯ୍ୟର ଅଗ୍ରଗତି ତଥା ସମସ୍ୟାଗୁଡ଼ିକ ଉପରେ ଆଲୋଚନା କରିଥିଲେ । ଏଥି ସହିତ ବାଲେଶ୍ୱର, ବାରିପଦା, କୋରାପୁଟ, ଫୁଲବାଣୀ ଏବଂ ପୁରୀସ୍ଥିତ ଟିଚିଙ୍ଗ୍ ହସ୍‌ପିଟାଲ, କ୍ୟାପିଟାଲ୍ ହସ୍‌ପିଟାଲ୍‌ର ଭିତ୍ତିଭୂମିର ଉନ୍ନତିକରଣ ଏବଂ ନିର୍ମାଣାଧୀନ ଏସ୍‌ସିବି ମେଡିକାଲ କଲେଜର ସ୍ଥିତିର ସମୀକ୍ଷା କରିଥିଲେ ।

## ଏମ୍ସରୁ ରୋଗୀଙ୍କ ଝୁଲନ୍ତା ମୃତଦେହ




ତଦନ୍ତ ପାଇଁ ଗଠିତ ହେଲା ୬ ଜଣିଆ ଟିମ୍

**ଭୁବନେଶ୍ୱର,୧୭।୧୨ (ସଂଚାର ବ୍ୟୁରୋ):** ଏମ୍ସ ଅର୍ଥୋପେଡିକ ୱାର୍ଡ ଭିତରେ ଜଣେ ରୋଗୀଙ୍କ ସନ୍ଦେହ ଜନକ ମୃତ୍ୟୁ ଘଟିଛି। ବେଡ୍ ଉପରେ ଲାଗିଥିବା ଫ୍ୟାନରୁ ରୋଗୀଙ୍କ ଝୁଲନ୍ତା ଅବସ୍ଥାରେ ମୃତଦେହ ଉଦ୍ଧାର କରାଯାଇଛି। ଦିଲୀପ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି। ମୃତକ ହେଲେ ଯାଜପୁର ଜିଲ୍ଲା ଅଟଳପୁର ଗାଁର ୭୦ ବର୍ଷୀୟ ଦିଲୀପ କୁମାର ସାହୁ। ଦିଲୀପ ଗତ ଡିସେମ୍ବର ୫ ତାରିଖରେ ଏମ୍ସ ଅର୍ଥୋପେଡିକ ୱାର୍ଡରେ ଭର୍ତ୍ତି ହୋଇଥିଲେ। ସେ ୫ନମ୍ବର ବେଡ୍‌ରେ ରହୁଥିଲେ। ଆଜି ସକାଳେ ନିଜ ବେଡ୍ ଉପରେ ଲାଗିଥିବା ଫ୍ୟାନରୁ ତାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଥିଲା। ଦିଲୀପ ରହୁଥିବା ୱାର୍ଡରେ ୧୦ ଜଣ କର୍ମଚାରୀ ନିୟୋଜିତ ଥିଲେ। ଏଥିସହ ୱାର୍ଡରେ ଆଟେନାଣ୍ଟ ଭାବେ ଦିଲୀପଙ୍କ ପାଖରେ ତାଙ୍କ ଝିଅ ରହୁଥିଲେ। ତେବେ ପ୍ରଶ୍ନ ଉଠୁଛି ୱାର୍ଡରେ ଏତେ ଲୋକ ଥିବା ସତ୍ତ୍ୱେ କେମିତି ଏଭଳି ଘଟଣା ଘଟିଲା ତାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ତେବେ କେଉଁ ପରିସ୍ଥିତିରେ ଏଭଳି ଘଟଣା ଘଟିଛି ତାହା ସ୍ପଷ୍ଟ ହୋଇନାହିଁ। ପୁଲିସ ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି ଓ ଘଟଣାର ତଦନ୍ତ କରୁଛି। ଅନ୍ୟପକ୍ଷରେ ବ୍ୟବଚ୍ଛେଦ ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ଏମ୍ସ କର୍ତ୍ତୃପକ୍ଷ କହିଛନ୍ତି ।

## ପୁଲିସ୍ ଡ୍ରାଇଭର ନିଯୁକ୍ତିରେ ସର୍ବାଧିକ ବୟସସୀମା କୋହଳ



**ଭୁବନେଶ୍ୱର,୧୭।୧୨ (ସଂଚାର ବ୍ୟୁରୋ):** ସର୍ବାଧିକ ବୟସସୀମା କୋହଳ କରିବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ। ବୟସସୀମା କୋହଳ ପାଇଁ ଦାୟର ଏକାଧିକ ମାମଲାର ରାୟ ପ୍ରକାଶ କରି ହାଇକୋର୍ଟ ଏହି ନିର୍ଦ୍ଦେଶ ଦେଇଛନ୍ତି। ଗତ ଅକ୍ଟୋବର ୭ ତାରିଖରେ ଓଡ଼ିଶା ପୁଲିସରେ ୪୦୫ଟି ଡ୍ରାଇଭର ପଦରେ ନିଯୁକ୍ତି ପାଇଁ ପୁଲିସ ସିଲେକ୍ସନ ବୋର୍ଡ଼ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ବିଜ୍ଞପ୍ତି ଅନୁସାରେ ଗତ ଜାନୁଆରୀ ୧ ତାରିଖ ସୁଦ୍ଧା ପ୍ରାର୍ଥୀଙ୍କ ବୟସ ୧୮ରୁ ୨୩ ବର୍ଷ ମଧ୍ୟରେ ହୋଇଥିବା ଦର୍ଶାଯାଇଥିଲା। ପୂର୍ବରୁ କରୋନା ସମୟରେ ନିଯୁକ୍ତି ବନ୍ଦ ଥିବା ବେଳେ ୨୦୨୧ ମସିହା ପରେ ପ୍ରଥମ ଥର ପାଇଁ ବାହାରିଥିଲା ବିଜ୍ଞପ୍ତି। ତେବେ ନିୟମିତ ଭାବେ ନିଯୁକ୍ତି ପ୍ରକ୍ରିୟା ହୋଇନଥିବାରୁ ବୟସସୀମା କୋହଳ କରିବାକୁ ଏକାଧିକ ଆଶାୟୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। କୋର୍ଟ ଆବେକାରୀଙ୍କ ଆବେଦନ ଗ୍ରହଣ କରି ଏହି ରାୟ ଶୁଣାଇଛନ୍ତି।

## ଏଗ୍ରିମେଣ୍ଟ କରୁନଥିବା ମିଲରଙ୍କୁ ରାଜସ୍ୱମନ୍ତ୍ରୀଙ୍କ ନାଲି ଆଖି

**ନବରଙ୍ଗପୁର,୧୭।୧୨ (ସଂଚାର ବ୍ୟୁରୋ):** ମିଲରଙ୍କୁ ନାଲି ଆଖି ଦେଖାଇଲେ ରାଜସ୍ୱମନ୍ତ୍ରୀ। ଧାନ କିଣିବା ପାଇଁ ଜିଲ୍ଲା ଯୋଗାଣ ବିଭାଗ ସହ ଏଗ୍ରିମେଣ୍ଟ କରୁନଥିବା ମିଲରଙ୍କୁ କଡ଼ା ଚେତାବନୀ ଦେଲେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ। ଆଜି ଦିନକିଆ ନବରଙ୍ଗପୁର ଗ୍ରସ୍ତରେ ଯାଇ ସ୍ଥାନୀୟ ମିଶନ ଶକ୍ତି ସମ୍ମିଳନୀ କକ୍ଷରେ ରାଜସ୍ୱ ବିଭାଗ ଓ ଧାନ କିଣା ପ୍ରକ୍ରିୟାର ସମୀକ୍ଷା ବୈଠକରେ ଏଭଳି ଚେତାବନୀ ଦେଇଛନ୍ତି ମନ୍ତ୍ରୀ। ବୈଠକ ପରେ ମନ୍ତ୍ରୀ କହିଛନ୍ତି, ଯେଉଁ ମିଲରମାନେ ଏଗ୍ରିମେଣ୍ଟ କରିବେ ନାହିଁ, ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଧାନ ସଂଗ୍ରହ ପ୍ରକ୍ରିୟାରେ ଯେଉଁମାନେ ଅବରୋଧ କରିବାକୁ ଚେଷ୍ଟା କରିବେ, ସେମାନେ କଳ୍ପନା କରିପାରିବେନି ସରକାର କି ପ୍ରକାର ଦଣ୍ଡଦେବେ। ଏ ସରକାର ହେଉଛି ଗରିବ ଲୋକ ଓ ଚାଷୀମାନଙ୍କର ବୋଲି ମନ୍ତ୍ରୀ କହିଛନ୍ତି। ଆଜି ଦିନିକିଆ ନବରଙ୍ଗପୁର ଗସ୍ତରେ ଯାଇଥିଲେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ। ମନ୍ତ୍ରୀ ନବରଙ୍ଗପୁରରେ ପହଞ୍ଚିବା ପରେ ଜିଲ୍ଲା ବିଜେପି ପକ୍ଷରୁ ଭବ୍ୟ ସ୍ୱାଗତ କରାଯାଇଥିଲା। ଏହା ପରେ ଶ୍ରୀ ପୂଜାରୀ ମାଆ ଭଣ୍ଡାରଘରଣୀଙ୍କ ପୀଠକୁ ଯାଇ ପୂଜାର୍ଚ୍ଚନା କରିଥିଲେ। ପରେ ସ୍ଥାନୀୟ ମିଶନ ଶକ୍ତିହଲଠାରେ ରାଜସ୍ୱ ବିଭାଗର ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ। ପରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଜଣାପଡ଼ିଛି।



## ଘରକୁ ଘର ବୁଲୁଛି ହରିୟାଣା ପୁଲିସ୍



**ଭୁବନେଶ୍ୱର,୧୭।୧୨ (ସଂଚାର ବ୍ୟୁରୋ):** ରାଜଧାନୀ ଭୁବନେଶ୍ୱରରେ ହରିୟାଣା ପୁଲିସ୍। ଇନ୍‌ଫୋସିଟି ଥାନା ପୁଲିସ୍ ସହାୟତାରେ ହରିୟାଣା ପୁଲିସ୍ ପ୍ରଶାନ୍ତି ବିହାରରେ ଘରକୁ ଘର ବୁଲି ସର୍ଚ୍ଚ କରୁଛି। ହେଲେ ଅଭିଯୁକ୍ତକୁ ଧରିବାରେ ସଫଳ ହୋଇନି ପୁଲିସ୍। ଆଜକୁ ୧୦ ଦିନ ତଳେ ହରିୟାଣାର ଜଣେ ପ୍ରତିଷ୍ଠିତ ବ୍ୟବସାୟୀଙ୍କୁ ଅପହରଣ କରାଯାଇଥିଲା। ଏହି ମାମଲାରେ ତଦନ୍ତ ବେଳେ ହରିୟାଣା ପୁଲିସ୍‌କୁ ଓଡ଼ିଶା ଲିଙ୍କ ମିଳିଥିଲା। ଅପହରଣର ମାଷ୍ଟରମାଇଣ୍ଡଙ୍କ ମୋବାଇଲ ଲୋକେସନ୍ ଇନ୍‌ଫୋସିଟି ଥାନା ପ୍ରଶାନ୍ତି ବିହାରରୁ ମିଳିଥିଲା। ଏହା ପରେ ହରିୟାଣା ପୁଲିସ୍‌ର ୪ ଜଣିଆ ଟିମ୍ ଓଡ଼ିଶା ଅଭିମୁଖେ ଆସିଥିଲା। ପୁଲିସ୍ ଟିମ୍ ଆଜି ମଧ୍ୟାହ୍ନରେ ଇନ୍‌ଫୋସିଟି ଥାନାରେ ପହଞ୍ଚି ଥିଲେ। ଇନ୍‌ଫୋସିଟି ଥାନା ପୁଲିସ୍ ସହାୟତାରେ ହରିୟାଣା ପୁଲିସ୍ ପ୍ରଶାନ୍ତି ବିହାରକୁ ଯାଇଥିଲେ। ଘରକୁ ଘର ବୁଲି ଲୋକଙ୍କୁ ପଚାରିଥିଲେ।

## ରତ୍ନଭଣ୍ଡାର ମରାମତି କାର୍ଯ୍ୟ ଆରମ୍ଭ

### ଆଜି କାଲି ବନ୍ଦ ରହିବ କାମ



**ପୁରୀ,୧୭।୧୨(ସଂଚାର ବ୍ୟୁରୋ):** ପ୍ରତୀକ୍ଷାର ଅନ୍ତ ଘଟିଛି। ଆରମ୍ଭ ହୋଇଛି ଶ୍ରୀମନ୍ଦିର ରତ୍ନଭଣ୍ଡାରର ମରାମତି କାର୍ଯ୍ୟ। ଏଏସଆଇ ଟିମ୍ ଆଜି ଶ୍ରମିକଙ୍କୁ ଧରି ଭାରା ବନ୍ଧା କାମରୁ ସଂରକ୍ଷଣ କାମ ଆରମ୍ଭ କରିଛି। ପୂର୍ବରୁ ସ୍ଥିରୀକୃତ ମାର୍ଗଦର୍ଶିକା ଅନୁସାରେ ପ୍ରଥମ ଦିନରେ ୧୫ରୁ ୨୦ଜଣ ଶ୍ରମିକଙ୍କ ସହ ଭଣ୍ଡାର ଗୃହକୁ ପ୍ରବେଶ କରିଥିଲେ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥାର ଟେକ୍ନିକାଲ ଟିମ୍। ଏଏସ୍‌ଆଇ କର୍ତ୍ତୃପକ୍ଷଙ୍କ ସହ ଛତିଶା ନିଯୋଗ ନାୟକ, ଶ୍ରୀମନ୍ଦିର ନୀତି ପ୍ରଶାସକ, ଭଣ୍ଡାର ମେକାପ, ତଢଉ କରଣ, ଦେଉଳକରଣ ଆଦିଙ୍କ ଉପସ୍ଥିତରେ ଖୋଲାଯାଇଥିଲା ମହାପ୍ରଭୁଙ୍କ ଅଳଙ୍କାର ଗୃହ। ଯେହେତୁ ଏବେ ଠାକୁରଙ୍କ ପହିଲି ଭୋଗ ନୀତି ଚାଲିଛି, ତାକୁ ଦୃଷ୍ଟିରେ ରଖି ଭୋଗ ମଣ୍ଡପ ଉଠିବା ପରେ ଦୈନିକ ୫ରୁ ୬ ଘଣ୍ଟା ଯାଏଁ ମରାମିତି କାର୍ଯ୍ୟ ଚାଲୁ ରଖିବାକୁ ନିଷ୍ପତ୍ତି ନେଇଛି ଏଏସଆଇ। ଏଏସ୍‌ଆଇ ଅଧୀକ୍ଷକ ଡି.ବି ଗଡ଼ନାୟକ କହିଛନ୍ତି, ଭାରା ବନ୍ଧାଯିବା ପରେ ପ୍ଲାଷ୍ଟର ସଫା କରାଯିବ। ତା'ପରେ ଯେଉଁଠି ନୂଆ ପଥର ଲାଗିବ, ସେ କାର୍ଯ୍ୟ ଆରମ୍ଭ ହେବ। କାନ୍ଥରେ ଭର୍ଟିକାଲ ବା ଭୂ-ଲମ୍ବ ଫାଟ ଥିବା ପୂର୍ବରୁ ଜଣା ପଡ଼ିସାରିଛି। ତା'ର ମରାମତି ସହ ଚଟାଣରେ ଗ୍ରାନାଇଟ୍ ଲଗାଯିବ। କାନ୍ଥରେ ଫାଟ ଓ ଚଟାଣର ଦୀର୍ଘସ୍ଥାୟୀ ମରାମତିକୁ ଏଏସଆଇ ଗୁରୁତ୍ୱ ଦେଉଛି। ଅନ୍ୟପକ୍ଷରେ ୩ ମାସ ଭିତରେ କାମ ସାରିବାକୁ ଲକ୍ଷ୍ୟ ରଖାଯାଇଥିବା କହିଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ମରାମତି ବେଳେ ଦର୍ଶନ ବ୍ୟବସ୍ଥାକୁ ନେଇ ଭକ୍ତ ଦ୍ୱନ୍ଦ୍ୱରେ ଥିବାବେଳେ ଏହି ସମୟରେ ବାହାର କାଠ ପାଖରୁ ଦର୍ଶନ ଚାଲିବ ବୋଲି ନୀତି ପ୍ରଶାସକ ସ୍ପଷ୍ଟ କରିଛନ୍ତି। ତେବେ ଆସନ୍ତାକାଲି ଦିବାପହୁଡ଼ ନୀତି ପାଇଁ ରତ୍ନଭଣ୍ଡାର ମରାମତି କାମ ବନ୍ଦ ରହିବ। ସେପ୍ଟେମ୍ବର ୨୧ ଓ ୨୨ରେ ଏନ୍‌ଜିଆର୍‌ଆଇ ଓ ଏଏସ୍‌ଆଇ ପକ୍ଷରୁ ହୋଇଥିବା ଜିପିଆର୍ ସର୍ଭେ ରିପୋର୍ଟ ଏବଂ ରାଜ୍ୟ ସରକାରଙ୍କ ଏସଓପି ଆଧାରରେ ଚାଲିବ ରତ୍ନଭଣ୍ଡାର ମରାମତି। ତେବେ ପୂର୍ବରୁ ଜୁଲାଇ ୧୪ ଓ ୧୮ରେ ଅସ୍ଥାୟୀ ଷ୍ଟ୍ରଙ୍ଗରୁମ୍‌କୁ ଅଳଙ୍କାର ସ୍ଥାନାନ୍ତରଣ ସହ ଅଗଷ୍ଟ ୨୩ରେ ସିନ୍ଦୁକ ସ୍ଥାନାନ୍ତରଣ ସମୟରେ ରତ୍ନଭଣ୍ଡାର ଭିତରକୁ ଯାଇ ସ୍ଥିତି ଦେଖିଥିବା ତଦାରଖ କମିଟିର ସଦସ୍ୟ ଦୁର୍ଗା ଦାସ ମହାପାତ୍ର କହିଛନ୍ତି- ଭଣ୍ଡାର ଘରର ସ୍ଥିତି ଭଲନହିଁ। କାନ୍ଥରେ ଫାଟ ସାଙ୍ଗକୁ ସନ୍ତସନ୍ତିଆ ଅଛି। ପଥର ଖସି ଚଟାଣରେ ପଡ଼ିଥିବା ଦେଖିଥିଲୁ।

## ଲାଞ୍ଚ ନେଇ ଧରାପଡ଼ିଲେ ସେକ୍ସନ ଅଫିସର

**ନବରଙ୍ଗପୁର,୧୭।୧୨(ସଂଚାର ବ୍ୟୁରୋ):** ଲାଞ୍ଚ ନେବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ନବରଙ୍ଗପୁର ଜିଲ୍ଲା ପାପଡ଼ାହାଣ୍ଡି ବିଇଓଙ୍କ ଅଫିସର ସେକ୍ସନ ଅଫିସର ରଞ୍ଜିତ କୁମାର ଷଡ଼ଙ୍ଗୀ। ତାଙ୍କଠାରୁ ୧୦ ହଜାର ଟଙ୍କା ଜବତ କରାଯାଇଛି। ସେକ୍ସନ ଅଫିସର ରଞ୍ଜିତ କୁମାର ଷଡ଼ଙ୍ଗୀ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରାମଚନ୍ଦ୍ର ସାହୁଙ୍କ ପେନ୍‌ସନ୍ କାମ କରିଦେବାକୁ ଲାଞ୍ଚ ମାଗିଥିଲେ। ୨୦୧୧ରୁ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶ୍ରୀ ସାହୁଙ୍କ ପେନସନ କାମ ସେକ୍ସନ ଅଫିସର ରଞ୍ଜିତ କୁମାର ଷଡ଼ଙ୍ଗୀଙ୍କ ପାଖରେ ଅଟକି ରହିଥିଲା। ପେନସନ କାମ ଆଗେଇ ନେବାକୁ ସେ ଶ୍ରୀ ସାହୁଙ୍କୁ ୧୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ସେକ୍ସନ ଅଫିସର ଶ୍ରୀ ଷଡ଼ଙ୍ଗୀ ଲାଞ୍ଚ ମାଗିବା ପରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶ୍ରୀ ସାହୁ ଅନ୍ୟ କୌଣସି ଉପାୟ ନପାଇ ଭିଜିଲାନ୍ସରେ ଅଭିଯୋଗ କରିଥିଲେ। ଯୋଜନା ପ୍ରକାରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଜଣଙ୍କ ଆଜି ସେକ୍ସନ ଅଫିସର ଶ୍ରୀ ଷଡ଼ଙ୍ଗୀଙ୍କୁ ଲାଞ୍ଚ ବାବଦକୁ ୧୦ ହଜାର ଟଙ୍କା ଦେଇଥିଲେ। ସେ ଲାଞ୍ଚ ଅର୍ଥ ଗ୍ରହଣ କରିବା ବେଳେ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ଧରିଥିଲେ। ତାଙ୍କଠାରୁ ସମସ୍ତ ଲାଞ୍ଚ ଅର୍ଥ ଜବତ କରାଯାଇଥିଲା। ଲାଞ୍ଚ ନେଇ ଧରାପଡ଼ିବା ପରେ ସେକ୍ସନ ଅଫିସର ଶ୍ରୀ ଷଡ଼ଙ୍ଗୀ ଦୁଇଟି ଠିକଣାରେ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଇଥିଲା।



## ସୋସିଆଲ୍ ମିଡ଼ିଆ ଯୁଗରେ ବି ପୁସ୍ତକର ଚାହିଦା ବଢ଼ିଛି

### ପୁସ୍ତକ ମେଳାରେ ୩ କୋଟିରୁ ଊର୍ଦ୍ଧ୍ୱ ବ୍ୟବସାୟ

**ଭୁବନେଶ୍ୱର,୧୭।୧୨(ସଂଚାର ବ୍ୟୁରୋ):** ଷଷ୍ଠ ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବର ଉଦଯାପନୀ ସମାରୋହ ଆଜି ଅନୁଷ୍ଠିତ ହୋଇଯାଇଛି। ବିଗତ ଡ଼ିସେମ୍ବର ୬ ତାରିଖରୁ ଆରମ୍ଭ ହୋଇ ଡ଼ିସେମ୍ବର ୧୭ ତାରିଖ ପର୍ଯ୍ୟନ୍ତ ଏହି ରାଜ୍ୟ ସ୍ତରୀୟ ପୁସ୍ତକ ମେଳା ଭୁବନେଶ୍ୱର ସ୍ଥିତ ୟୁନିଟ-୩ ପ୍ରଦର୍ଶନୀ ପଡ଼ିଆ ଠାରେ ଅନୁଷ୍ଠିତ ହୋଇଥିଲା। ଆଜିର ଉଦଯାପନୀ ସମାରୋହରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବିଶିଷ୍ଟ ସାହିତ୍ୟିକ ଓ ସ୍ତମ୍ଭକାର ଅଧ୍ୟାପକ ବିଶ୍ୱରଞ୍ଜନ ବିଶିଷ୍ଟ ଅତିଥି ଭାବେ ଯୋଗ ଦେଇଥିଲେ। ନିଜର ଅଭିଭାଷଣରେ ସଂସ୍କୃତି ମନ୍ତ୍ରୀ ସୂରଜ କହିଥିଲେ ଯେ, ଆମ ସମାଜରେ ପୁସ୍ତକର ସ୍ଥାନ ଅନନ୍ୟ।ପାଠକ ମନରେ ଶାନ୍ତି ଓ ପ୍ରଶାନ୍ତିର ଭାବ ଆଣିଥାଏ ପୁସ୍ତକ। ବହିର ଅନ୍ୟ କୌଣସି ବିକଳ୍ପ ନାହିଁ।ଆଜିର ସୋସିଆଲ୍ ମିଡ଼ିଆ ଯୁଗରେ ମଧ୍ୟ ପୁସ୍ତକର ଚାହିଦା ବଢ଼ିଛି। ଚଳିତ ବର୍ଷ ପୁସ୍ତକ ମେଳାରେ ବିଶେଷ ଭାବରେ ଯୁବପିଢ଼ି ବହି କିଣିବା ପ୍ରତି ଆଗ୍ରହ ପ୍ରକାଶ କରିଛନ୍ତି। ସେ ଆହୁରି ମଧ୍ୟ କହିଥିଲେ ଯେ, ଚଳିତ ବର୍ଷ ପୁସ୍ତକ ମେଳାରେ ଓଡ଼ିଆ ଅସ୍ମିତାର ବିନ୍ଧାଣୀ ଏବଂ ଯୁଗସ୍ରଷ୍ଟା ସାହିତ୍ୟିକମାନଙ୍କର ସାରସ୍ୱତ ସାହିତ୍ୟ ସର୍ଜନାକୁ ପ୍ରାଧାନ୍ୟ ଦିଆଯାଇଥିଲା। ସଂସ୍କୃତି ବିଭାଗ ପକ୍ଷରୁ ଡକ୍ଟର ହରେକୃଷ୍ଣ ମହତାବ, ଓଡ଼ିଶାରେ ବୁଦ୍ଧ ସ୍ମାରକୀ ଏବଂ ବିର୍ସା ମୁଣ୍ଡା ଓ ଅନ୍ୟାନ୍ୟ ସ୍ୱାଧୀନତା ସଂଗ୍ରାମୀଙ୍କ ଜୀବନୀକୁ ଆଧାର କରାଯାଇ ନିର୍ମାଣ କରାଯାଇଥିବା ତିନୋଟି ଥିମ୍ ପାଭିଲିୟନ ଚଳିତ ବର୍ଷ ପୁସ୍ତକ ମେଳାର ଆକର୍ଷଣର କେନ୍ଦ୍ରବିନ୍ଦୁ ରହିଥିଲା। ପାଠକ, ଲେଖକ ଏବଂ ପ୍ରକାଶକମାନଙ୍କୁ ନେଇ ଆୟୋଜିତ ହୋଇଥିବା ଏହି ପୁସ୍ତକ ମେଳା ସଫଳ ଭାବେ ଆୟୋଜିତ ହୋଇଛି। ପୁସ୍ତକ ଏବଂ ସାହିତ୍ୟ ସମାଜ ପାଇଁ ସଦାସର୍ବଦା ମାର୍ଗଦର୍ଶକ ଭାବେ କାର୍ଯ୍ୟ କରୁଥିବ ବୋଲି ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମତପ୍ରକାଶ କରିଥିଲେ । ବିଶିଷ୍ଟ ଅତିଥି ଅଧ୍ୟାପକ ଏବଂ ସାହିତ୍ୟିକ ଶ୍ରୀ ବିଶ୍ୱ ରଞ୍ଜନ କହିଥିଲେ ଯେ, ଭାଷା, ସାହିତ୍ୟ, ସଂସ୍କୃତି ଏବଂ ବୌଦ୍ଧିକ ବିକାଶରେ ପୁସ୍ତକ ପଠନ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ। ଏଥିସହିତ ସେ ସାମ୍ପ୍ରତିକ ଯୁଗରେ ପୁସ୍ତକ ପଠନର ଗୁରୁତ୍ୱ ଏବଂ ଆବଶ୍ୟକତା ସମ୍ବନ୍ଧରେ ମଧ୍ୟ ଆଲୋକପାତ କରିଥିଲେ। ଆଜିର ଉଦଯାପନୀ ସମାରୋହରେ 'ଫକୀରନାମା', 'ମାଦଳାପାଞ୍ଜିର ସାମଗ୍ରିକ ରୂପଲେଖ', 'ବହିକଥା', 'ପ୍ରଜ୍ଞାପୁରୁଷ ନାରାୟଣ ପୃଷେଠ' ଆଦି ପୁସ୍ତକ ଉନ୍ମୋଚିତ ହୋଇଥିଲା। ଏଥିସହିତ ପୁସ୍ତକ ପ୍ରକାଶକ ସଂସ୍ଥାମାନଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଚଳିତ ବର୍ଷ ପୁସ୍ତକ ମେଳାରେ ୩ କୋଟିରୁ ଅଧିକ ବ୍ୟବସାୟ ହୋଇଛି। ପୁସ୍ତକ ମେଳାରେ ପ୍ରାୟ ୧୫୦ ପ୍ରକାଶକ ସଂସ୍ଥା ଓ ପୁସ୍ତକ ବିକ୍ରେତାମାନେ ଯୋଗ ଦେଇଥିବାବେଳେ ୪୦୦ରୁ ଊର୍ଦ୍ଧ୍ୱ ଷ୍ଟଲ ନିର୍ମିତ ହୋଇଥିଲା। ଏଥିସହ ପୁସ୍ତକ ମେଳାର ବିଭିନ୍ନ ସ୍ଥାନରେ ବହୁ ଯୁଗସ୍ରଷ୍ଟା ସାହିତ୍ୟିକମାନଙ୍କର ଫଟୋଚିତ୍ର ମଧ୍ୟ ସ୍ଥାନିତ କରାଯାଇଥିଲା ।




## ସୁବର୍ଣ୍ଣରେଖାରେ ବନ୍ଦର ନିର୍ମାଣକୁ ବିରୋଧ

**ବାଲିଆପାଳ,୧୭।୧୨(ସଂଚାର ବ୍ୟୁରୋ):** ସୁବର୍ଣ୍ଣରେଖାରେ ବହୁମୁଖୀ ବନ୍ଦର ନିର୍ମାଣକୁ ବିରୋଧ। ଆଜି ବାଲିଆପାଳରେ ଜିଲ୍ଲା ପ୍ରଶାସନ ଓ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ କରାଯାଇଥିବା ଜନଶୁଣାଣିରେ ଶୁଭିଛି ତୀବ୍ର ବିରୋଧର ସ୍ୱର। ଜନଶୁଣାଣିରେ ୧୦ ହଜାରରୁ ଅଧିକ ଲୋକ ସାମିଲ ହୋଇଥିଲେ। ତେବେ ଜୀବନ ଜୀବିକା ପ୍ରଭାବିତ ହେବା ଆଶଙ୍କାରେ ଲୋକେ ବନ୍ଦର ନିର୍ମାଣକୁ ବିରୋଧ କରିଛନ୍ତି। ଜନଶୁଣାଣିରେ ଉଭୟ ବନ୍ଦର ସପକ୍ଷବାଦୀ ଓ ବିପକ୍ଷବାଦୀ ନିଜ ନିଜ ମତ ରଖିଥିଲେ। ୧୯ପ୍ଲାଟୁନ ଫୋର୍ସ ସହ ଅତିରିକ୍ତ ଜିଲ୍ଲାପାଳ, ଉପଜିଲ୍ଲାପାଳ, ଏସ୍‌ପି ଓ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଜନ ଶୁଣାଣିର ସମସ୍ତ ତଥ୍ୟ ସରକାରଙ୍କ ପାଖକୁ ପଠାଇବେ ବୋଲି କହିଛନ୍ତି ଅତିରିକ୍ତ ଜିଲ୍ଲାପାଳ।



୨୦୦୭ ମସିହାରେ ବାଲେଶ୍ୱରର ସୁବର୍ଣ୍ଣରେଖା ମୁହାଣରେ ବନ୍ଦର ପ୍ରତିଷ୍ଠା ପାଇଁ ତତକାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଥିଲେ। ତେବେ ଏହା ଭିତରେ ୧୭ ବର୍ଷ ବିତିଯାଇଥିଲେ ମଧ୍ୟ ଆଗେଇ ପାରିନି ବନ୍ଦର ନିର୍ମାଣ। ପ୍ରଶାସନ ପକ୍ଷରୁ ୬୯୨ ଏକର ସରକାରୀ ଜାଗା ଅଧିଗ୍ରହଣ କରି ବନ୍ଦର କାର୍ଯ୍ୟ ଆରମ୍ଭ ହେବ ବୋଲି କୁହାଯାଉଥିବା ବେଳେ ଅନେକ ପଞ୍ଚାୟତ ବାସୀ ଓ ଭିଟାମାଟି ସୁରକ୍ଷା ମଞ୍ଚ ଏହାକୁ ତୀବ୍ର ବିରୋଧ କରୁଛନ୍ତି।

## ଟ୍ରେନ୍ ଧକ୍କାରେ ୨ ମୃତ

**ରାଉରକେଲା,୧୭।୧୨(ସଂଚାର ବ୍ୟୁରୋ):** ରେଳ ଫାଟକ ଅତିକ୍ରମ କରୁଥିବା ବେଳେ ମାଡ଼ିଗଲା ମାଲ୍‌ବାହୀ ଟ୍ରେନ୍। ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୨ ଗୁରୁତର ଆହତ ହୋଇଛନ୍ତି। ରାତି ପ୍ରାୟ ୯ଟା ବେଳେ କଳୁଙ୍ଗା ରେଳ ଫାଟକ ପଡ଼ିଥିଲା। ଠିକ୍ ସେତିକି ବେଳେ ୫ ଜଣ ଯୁବକ ୩ଟି ବାଇକ୍‌ରେ ଆସିଥିଲେ। ଫାଟ୍‌କ ପଡ଼ିଥିବା ଦେଖି ସମସ୍ତେ ରେଳ ଫାଟକ ପାର୍ଶ୍ୱରେ ଗଳି ଟ୍ରାକ୍ ଅତିକ୍ରମ କରୁଥିଲେ। ପ୍ରଥମ ବାଇକ୍ ଟ୍ରାକ୍ ଅତିକ୍ରମ କରି ଚାଲି ଯାଇଥିଲା। ଶେଷ ଦୁଇ ବାଇକ୍ ଟ୍ରାକ୍ ଅତିକ୍ରମ କରୁଥିବା ବେଳେ ଦ୍ରୁତ ଗତିରେ ଆସୁଥିବା ମାଲ୍‌ବାହୀ ସେମାନଙ୍କ ଉପରେ ମାଡ଼ି ଯାଇଥିଲା।

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776

Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର




# ଲଞ୍ଚ ହେବ ମାରୁତି ଫ୍ରନକ୍ସ ହାଇବ୍ରିଡ୍ ୨୦୨୫




**ନୂଆଦିଲ୍ଲୀ, ୧୭।୧୨:** ଦେଶର ବୃହତ୍ତମ କାର ନିର୍ମାତା ମାରୁତି ସୁଜୁକି ପ୍ରଥମ ଥର ପାଇଁ ଭାରତରେ (୨୦୨୩ ଅଟୋ ଏକ୍ସପୋ) ନୂଆ ଫ୍ରନକ୍ସ ଲଞ୍ଚ କରିବା ସମୟରେ ଜାଣି ନଥିଲା ଯେ ଏହି କାର ଗ୍ରାହକଙ୍କ ହୃଦୟରେ ରାଜ କରିବ। ଏହାର ଲଞ୍ଚ ପର ଠାରୁ, ଏହି ସୁଲଭ ଏସୟୁଭି ୨ ଲକ୍ଷରୁ ଅଧିକ ସେଲ୍ ହୋଇଛି। ବର୍ତ୍ତମାନ ଖବର ଆସୁଛି ଯେ ମାରୁତି ସୁଜୁକି ଭାରତରେ ଫ୍ରନକ୍ସ ଫେସଲିଫ୍ଟ ଲଞ୍ଚ କରିବାକୁ ପ୍ରସ୍ତୁତି ଚାଲାଇଛି। ଏଥର ଏହା ବହୁତ ଶକ୍ତିଶାଳୀ ହେବ କାରଣ ଏହାକୁ ଉନ୍ନତ ହାଇବ୍ରିଡ୍ ସେଟଅପ୍ ସହିତ ଅଣାଯିବ। ମାରୁତି ସୁଜୁକି ଏବଂ ଟୟୋଟା ଭବିଷ୍ୟତରେ ଇଲେକ୍ଟ୍ରିକ୍ କାର ଅପେକ୍ଷା ହାଇବ୍ରିଡ କାର ଉପରେ ଅଧିକ ଧ୍ୟାନ ଦେଉଛନ୍ତି। କେବଳ ଏତିକି ନୁହେଁ, ବର୍ତ୍ତମାନ ମାରୁତି ସୁଜୁକି ଏହାର ଲୋକପ୍ରିୟ ଏସୟୁଭି ଫ୍ରନକ୍ସର ଫେସଲିଫ୍ଟ ମଡେଲ ଆଣିବାକୁ ଯାଉଛି। ଭାରତରେ ହାଇବ୍ରିଡ୍ ଇଞ୍ଜିନ୍ ପାଇବାରେ ଏହା ପ୍ରଥମ କାର୍ ହେବ। ଖବର ଅନୁଯାୟୀ, ମାରୁତି ସୁଜୁକି ୨୦୨୫ ପ୍ରାରମ୍ଭରେ ଶକ୍ତିଶାଳୀ ହାଇବ୍ରିଡ୍ ଟେକ୍ନୋଲୋଜି ସହିତ ଫ୍ରନକ୍ସକୁ ପରିଚିତ କରାଇବ। ଆସନ୍ତା ବର୍ଷର ଅଟୋ ଏକ୍ସପୋ ୨୦୨୫ ରେ ଏହି ନୂଆ କାର୍ ଲଞ୍ଚ ହେବ ବୋଲି ବିଶ୍ୱାସ କରାଯାଉଛି। ଯଦି ନୂଆ ମାରୁତି ଫ୍ରନକ୍ସରେ ହାଇବ୍ରିଡ୍ ଇଞ୍ଜିନ୍ ଯୋଗାଇ ଦିଆଯାଏ, ତେବେ ଏହା ଭଲ ମାଇଲେଜ୍ ପାଇବ। ବିଶ୍ୱାସ କରାଯାଏ ଯେ ଏହି ପାୱାର୍ ଟ୍ରେନ୍ ସହିତ ନୂଆ ଫ୍ରନକ୍ସ ଫେସେଲିଫ୍ଟ ଲିଟର ପିଛା ୩୫ କିଲୋମିଟରରୁ ଅଧିକ ମାଇଲେଜ୍ ପାଇପାରିବ। ଯଦି ଏହା ଘଟେ, ଫ୍ରନକ୍ସ ଦେଶର ସର୍ବୋଚ୍ଚ ମାଇଲେଜ୍ କମ୍ପାକ୍ଟ ଏସୟୁଭିରେ ପରିଣତ ହେବ। ତେବେ ଭାରତରେ ଯେଉଁ କାରଗୁଡିକ ଅଧିକ ଭଲ ମାଇଲେଜ୍ ଦେଇଥାଏ ସେମାନଙ୍କୁ ୟୁଜର୍ସମାନେ ଅଧିକ ପସନ୍ଦ କରନ୍ତି।

ମାରୁତି ସୁଜୁକି ୨୦୨୫ ପ୍ରାରମ୍ଭରେ ଏହାର ପ୍ରଥମ ଇଲେକ୍ଟ୍ରିକ୍ କାର ଭାବରେ ନୂଆ ଇଭିଏକ୍ସକୁ ପରିଚିତ କରାଇବ। କମ୍ପାନୀ ହାଇବ୍ରିଡ୍ ନେକ୍ସଟ୍-ଜେନ ବାଲେନୋ, ୨୦୨୬ ରେ କମ୍ପାକ୍ଟ ଏମପିଭି ଏବଂ ୨୦୨୭ ସୁଦ୍ଧା ଅଲ୍ ନ୍ୟୁ ସ୍ୱିଫ୍ଟ ହାଇବ୍ରିଡ୍ ଲଞ୍ଚ କରିବାକୁ ପ୍ଲାନ୍ କରିଛି। ଫ୍ରନକ୍ସ ଲଞ୍ଚ ହେବା ମାତ୍ରେ ଏହି କାରର ୧ ଲକ୍ଷ ୟୁନିଟ୍ ୧୦ ମାସ ତଳେ ବିକ୍ରି ହୋଇଯାଇଛି। ଏହି ମାରୁତି ସୁଜୁକି ଫ୍ରନକ୍ସ ସବୁଠାରୁ ଅଧିକ ବିକ୍ରି ହେଉଥିବା ଏସୟୁଭି ହୋଇପାରିଛି। ଏହା ୧୭ ମାସ ମଧ୍ୟରେ ୨ ଲକ୍ଷ ସେଲ୍ ଅତିକ୍ରମ କରିଛି। ଭାରତୀୟ ବଜାରରେ ଅପାର ସଫଳତା ସହିତ ଫ୍ରଙ୍କସ୍ ଆଫ୍ରିକୀୟ ଏବଂ ଲାଟିନ୍ ଆମେରିକୀୟ ବଜାରରେ ମଧ୍ୟ ନିଜର ସ୍ଥାନ ହାସିଲ କରିବା ଆରମ୍ଭ କରିଛି। ନୂତନ ହାଇବ୍ରିଡ୍ ଫ୍ରଣ୍ଟର ମୂଲ୍ୟ ଏବେକାର ମଡେଲଠାରୁ ଅଧିକ ରହିବାକୁ ଯାଉଛି। ମାରୁତି ସୁଜୁକି ଫ୍ରନକ୍ସର ସବୁଠାରୁ ବଡ ଫିଚର୍ସ ହେଉଛି ଏହାର ଡିଜାଇନ୍। ଆପଣ ଏହାକୁ ଆଜି ପର୍ଯ୍ୟନ୍ତ ମାରୁତି ସୁଜୁକିର ସବୁଠାରୁ ଷ୍ଟାଇଲିସ୍ ଏସୟୁଭି ବୋଲି କହିପାରିବେ। କେବଳ ଏତିକି ନୁହେଁ, ଏହାର ଇଣ୍ଟେରିୟର ମଧ୍ୟ ବହୁତ ଷ୍ଟାଇଲିସ୍ ଅଟେ। ଏଥିରେ ଅନେକ ଭଲ ଫିଚର୍ସ ମଧ୍ୟ ଦିଆଯାଇଛି। କାରର ସିଟ୍ ଗୁଡିକ ମଧ୍ୟ ଷ୍ଟାଇଲିସ୍ ଏବଂ ସ୍ପୋର୍ଟି। ତେବେ ବର୍ତ୍ତମାନ ଏହା ଦେଖିବା ବାକି ରହିଲା ଏହି ନୂଆ ମଡେଲ୍ ଲଞ୍ଚ ହେବା ପାରେ ଗ୍ରାହକମାନେ ଏହାକୁ କେତେ ପସନ୍ଦ କରିବେ।

# ସମ୍ପତ୍ତି କମିଲା: ୧୦୦ ବିଲିଅନ୍ କ୍ଲବ୍‌ରୁ ଅମ୍ବାନି, ଆଦାନୀ ବିଦା



**ନୂଆଦିଲ୍ଲୀ, ୧୭।୧୨:** ଦେଶର ଦୁଇ ବଡ଼ ଧନୀ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍‌ର ମୁଖ୍ୟ ମୁକେଶ ଅମ୍ବାନି ଓ ଆଦାନୀ ଗ୍ରୁପ୍‌ର ମୁଖ୍ୟ ଗୌତମ ଆଦାନୀ ୧୦୦ ବିଲିଅନ୍ ଡଲାର କ୍ଲବ୍‌ରୁ ବିଦାୟ ନେଇଛନ୍ତି। ଏହାର ଅର୍ଥ ହେଉଛି ଉଭୟଙ୍କ ସମ୍ପତ୍ତି ୧୦୦ ବିଲିଅନ୍ ଡଲାରରୁ କମ୍ ହୋଇଛି। ନିଜର ମୂଳ କମ୍ପାନିଗୁଡ଼ିକର ପ୍ରଦର୍ଶନ ପ୍ରଭାବିତ ହେବାରୁ ଏହି ଦୁଇ ଶିଳ୍ପପତିଙ୍କ ସମ୍ପତ୍ତି ହ୍ରାସ ପାଇଛି। ବ୍ଲୁମ୍‌ବର୍ଗ ତଥ୍ୟ ଅନୁସାରେ ଚଳିତ ବର୍ଷ ଜୁଲାଇରେ ମୁକେଶଙ୍କ ସମ୍ପତ୍ତି ୧୨,୦୮୦ କୋଟି ଡଲାର ଥିଲା। ଡିସେମ୍ବର ୧୩ ସୁଦ୍ଧା ତାହା ୯୬୭୦ କୋଟି ଡଲାରକୁ ହ୍ରାସ ପାଇଛି। ନିବେଶକମାନେ କମ୍ପାନିର ଋଣକୁ ନେଇ ଚିନ୍ତା ପ୍ରକଟ କରିବାରୁ ଷ୍ଟକ୍ ବଜାରରେ ତାହାର ସେୟାର ପ୍ରଦର୍ଶନ ପ୍ରଭାବିତ ହୋଇଥିଲା। ଦ୍ରୁତ ଅଭିବୃଦ୍ଧି ଲାଗି ତାଙ୍କ କମ୍ପାନି ଏବେ ଡିଜିଟାଲ୍, ଅକ୍ଷୟ ଶକ୍ତି ଓ ଖୁଚୁରା ବ୍ୟବସାୟ ଉପରେ ଗୁରୁତ୍ୱ ଦେଉଛି।

ଅନ୍ୟ ପକ୍ଷରେ, ଗୌତମ ଆଦାନୀଙ୍କ ସମ୍ପତ୍ତି ଗତ ଜୁନ୍‌ରେ ଥିଲା ୧୨,୨୩୦ କୋଟି ଡଲାର। ଡିସେମ୍ବର ସୁଦ୍ଧା ତାହା ୮୨୧୦ କୋଟି ଡଲାରକୁ ହ୍ରାସ ପାଇଛି। ତାଙ୍କ ସଂସ୍ଥା ବିରୋଧରେ ହିଣ୍ଡେନ୍‌ବର୍ଗ ରିସର୍ଚ୍ଚ ସଙ୍ଗିନ ଅଭିଯୋଗ କରିଥିବା ବେଳେ ଆମେରିକାର ଆଇନ ବିଭାଗ ଲାଞ୍ଚ କାରବାର ଅଭିଯୋଗ ଆଣିଛି। ଯାହା ଫଳରେ ଏହାର ନିବେଶକମାନଙ୍କ ବିଶ୍ୱାସ ପ୍ରଭାବିତ ହୋଇଛି। ଚଳିତ ବର୍ଷ ଆଦାନୀ ଗ୍ରୁପ୍ ଷ୍ଟକ୍ ବଜାରରେ ୮୭,୮୦୫ କୋଟି ଟଙ୍କା ହରାଇଛି। ଏହାର ୧୧ଟି କମ୍ପାନି ଷ୍ଟକ୍ ବଜାରରେ ତାଲିକାଭୁକ୍ତ ରହିଛି। ସେଥିରୁ ଆଦାନୀ ଗ୍ରିନ୍ ଏନର୍ଜି ସର୍ବାଧିକ ବଜାର ପୁଞ୍ଜି ହରାଇଛି। ଚଳିତ ବର୍ଷ ଆଦାନୀ ଗ୍ରୁପ୍‌ର ମୋଟ୍ ବଜାର ପୁଞ୍ଜି ପରିମାଣ ୧୩.୩୧ ଲକ୍ଷ କୋଟି ଟଙ୍କାକୁ ହ୍ରାସ ପାଇଛି। ମୋଟ୍ ଉପରେ ଗ୍ରୁପ୍‌ର ଛଅଟି କମ୍ପାନିର ସେୟାର ମୂଲ୍ୟ ହ୍ରାସ ପାଇଛି। ଯଦିଓ ଭାରତୀୟ ଧନୀଙ୍କ ସମ୍ପତ୍ତି କମ୍ ହେଉଛି, କିନ୍ତୁ ବିଶ୍ୱ ମଞ୍ଚରେ ସେମାନଙ୍କ ଆଧିପତ୍ୟ ବଜାୟ ରହିଛି। ବିଶ୍ୱର ଅଷ୍ଟମ ବିତ୍ତଶାଳୀ ପରିବାର ଭାବେ ଅମ୍ବାନି ପରିବାର ଉଭା ହୋଇଥିବା ବେଳେ ୨୩ତମ ସ୍ଥାନରେ ସାପୁରଜୀ ପାଲୋଞ୍ଜି ଗ୍ରୁପ୍‌ର ମିସ୍ତ୍ରୀ ପରିବାର ରହିଛି। ୨୦୨୪ରେ ଭାରତର ୨୦ ବଡ଼ ଧନୀଙ୍କ ସମ୍ପତ୍ତିରେ ୬୭୩୦ କୋଟି ଡଲାର ବୃଦ୍ଧି ଘଟିଛି। ଏଚ୍‌ସିଏଲ୍ ଟେକ୍ନୋଲୋଜିସ୍‌ର ଶିବ ନାଦରଙ୍କ ସମ୍ପତ୍ତି ୧୦୮୦ କୋଟି ଡଲାର ବଢ଼ିଥିବା ବେଳେ ସାବିତ୍ରୀ ଜିନ୍ଦଲଙ୍କ ସମ୍ପତ୍ତି ୧୦୧୦ କୋଟି ଡଲାର ବଢ଼ିଛି।

# ଚଳିତ ବର୍ଷ ୪ ଲକ୍ଷରୁ ଅଧିକ ଇ-ସ୍କୁଟର ବିକ୍ରି



**ନୂଆଦିଲ୍ଲୀ, ୧୭/୧୨:** ଇଭି ଇଣ୍ଡଷ୍ଟ୍ରି ପାଇଁ ଖାସ୍ ଥିଲା ୨୦୨୪। ବିଶେଷ କରି ମାର୍କେଟ୍ ନେଇଥିଲା ଇଲେକ୍ଟ୍ରିକ୍ ଟୁ-ହ୍ୱିଲର। ବଜାରରେ ଓଲା ସ୍କୁଟର ଦବଦବା ଜାହିର କରିଥିବା ବେଳେ ପରେ ଏହି କ୍ରମରେ ସାମିଲ ହୋଇଥିଲେ ଟିଭିଏସ୍ ଆଇକ୍ୟୁବ୍ ଏବଂ ବଜାଜ ଚେତକ ଇଭି। ତଥାପି ଚଳିତ ବର୍ଷ ବଜାରରେ ନମ୍ବର ୱାନ୍ ରହିଛି ଓଲା। ଏହି କ୍ୟାଲେଣ୍ଡର ଇୟରରେ କମ୍ପାନୀ ୪ ଲକ୍ଷ ୟୁନିଟ୍ ରିଟେଲ୍ ସେଲ୍ସ୍ ପାର୍ କରିଛି। ଯାହାଫଳରେ କମ୍ପାନୀ ଏବେ ଦେଶର ନଂ ୧ ଇଭି କମ୍ପାନୀ ହୋଇପାରିଛି।

୨୦୨୪ ଡିସେମ୍ବର ୧୫ ସୁଦ୍ଧା ଲ୍ୟାଟେଷ୍ଟ ହ୍ୱିକିଲ୍ ଡାଟା ମୁତାବକ, ଓଲା ୪,୦୦,୦୯୯ ୟୁନିଟ୍ ବିକ୍ରି କରିଛି। ଆସନ୍ତା ବର୍ଷ ତୁଳନାରେ କମ୍ପାନୀ ୫୦ ପ୍ରତିଶତ ଅଧିକ ବିକ୍ରି କରିଛି। କମ୍ପାନୀ ଚଳିତ ବର୍ଷ ଏକ୍ସଟ୍ରା ୧,୩୨,୩୭୧ ୟୁନିଟ୍ ବିକ୍ରି କରିଛି। ୨୦୨୧ ରୁ ୨୦୨୪ ପର୍ଯ୍ୟନ୍ତ ଦେଶରେ ବିକ୍ରି ହୋଇଥିବା ୨.୬୨ ମିଲିୟନ ଇଲେକ୍ଟ୍ରିକ୍ ଟୁ-ହ୍ୱିଲର ମଧ୍ୟରୁ ବଜାରରେ ଓଲାର ଭାଗ ୩୦ ପ୍ରତିଶତ ରହିଛି। ଡିସେମ୍ବର ୨୦୨୧ରୁ ବିକ୍ରି ଆରମ୍ଭ କରିଥିବା ଓଲା ଇଲେକ୍ଟ୍ରିକ୍ ୨୦୨୪ ଡିସେମ୍ବର ମଧ୍ୟରେ ୭୭୭,୧୧୮ ୟୁନିଟ୍ ବିକ୍ରି କରିଛି। ଯାହାକି ଭାରତର ଯେକୌଣସି e2W OEM ପାଇଁ ସବୁଠୁ ବଡ଼ ବିକ୍ରି।

# ଚଳିତ ସପ୍ତାହରେ ଆସିବ ୪ ଆଇପିଓ ନିବେଶକଙ୍କ ପାଇଁ ବଡ଼ ସୁଯୋଗ

ନୂଆଦିଲ୍ଲୀ,୧୭/୧୨: ଚଳିତ ସପ୍ତାହରେ ଦେଶର ୪ କମ୍ପାନି ଇନିସିଆଲ ପବ୍ଲିକ ଅଫର (ଆଇପିଓ) ଆଣିବେ। ମମତା ମେସିନାରୀ, ଟ୍ରାନ୍ସରେଲ ଲାଇଟିଂ, ସନାତନ ଟେକ୍ସଟାଇଲ ଏବଂ ଭେଣ୍ଟିଭ ହସ୍ପିଟାଲିଟି ଭଳି କମ୍ପାନି ଏହା ମଧ୍ୟରେ ସାମିଲ ରହିଛି। ମମତା ମେସିନାରୀ ବଜାରରୁ ୧୭୯ କୋଟି ଉଠାଇବ। ଏହା ୨୭ ଡିସେମ୍ବରରେ ପୁଞ୍ଜି ବଜାରରେ ସୂଚୀଭୁକ୍ତ ହେବ। ସେହିଭଳି ଟ୍ରାନ୍ସରେଲ ଲାଇଟିଂ ଲାଗି ନିବେଶକ ୨୩ ଯାଏ ବିଡିଂ କରିପାରିବେ। ଏହା ୨୭ରେ ବିଏସ୍‌ଇ ଏବଂ ଏନ୍‌ଏସ୍‌ଇରେ ସୂଚୀଭୁକ୍ତ ହେବ। ୨୩ ଡିସେମ୍ବର ଯାଏ ନିବେଶକ ସନାତନ ଟେକ୍ସଟାଇଲ ଆଇପିଓରେ ବିଡିଂ କରିପାରିବେ। ଏହା ୨୭ରେ ପୁଞ୍ଜି ବଜାରରେ ସୂଚୀଭୁକ୍ତ ହେବ। ଏହାବାଦ ଭେଣ୍ଟିଭ ହସ୍ପିଟାଲିଟି ଲାଗି ୨୪ ଡିସେମ୍ବର ଯାଏ ବିଡିଂ ସୁଯୋଗ ରହିଛି। ଏହି ଆଇପିଓ ୩୦ରେ ଉଭୟ ବିଏସ୍‌ଇ ଏବଂ ଏନ୍‌ଏସ୍‌ଇରେ ସୂଚୀଭୁକ୍ତ ହେବ।

# ପେଟ୍ରୋଲ ଓ ଡିଜେଲର ନୂଆ ଦର



**ନୂଆଦିଲ୍ଲୀ, ୧୭।୧୨:** ଆଜି ସାରା ଦେଶର ପେଟ୍ରୋଲ ଡିଜେଲର ନୂଆ ମୂଲ୍ୟ ପ୍ରକାଶ ପାଇଛି। ଦେଶର ପ୍ରମୁଖ ସହର ଗୁଡ଼ିକରେ ପେଟ୍ରୋଲ ଏବଂ ଡିଜେଲର ମୂଲ୍ୟ ଦର ଲୋକଙ୍କ ଚିନ୍ତା ବଢ଼ାଇଛି। କିଛି ସ୍ଥାନରେ ଦର ବୃଦ୍ଧି ପାଇଥିବା ବେଳେ ଆଉ କିଛି ସ୍ଥାନରେ ଦର ସ୍ଥିର ରହିଛି। ଆସନ୍ତୁ ଜାଣିବା କେଉଁ ସହରର କେତେ ରହିଛି ଡିଜେଲ-ପେଟ୍ରୋଲ୍ ମୂଲ୍ୟ ? ଭୁବନେଶ୍ୱରରେ ଆଜି ପେଟ୍ରୋଲ ଦର ବୃଦ୍ଧି ପାଇ ୧୦୦.୯୪ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨ .୫୨ ପଇସା ରହିଛି। ସେହିପରି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ଅପରିବର୍ତ୍ତିତ ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫.୦୧ ଟଙ୍କା ୯୫ ପଇସା ଥିବାବେଳେ ଡିଜେଲ ଦର ୯୧ ଟଙ୍କା ୮୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୧ ଟଙ୍କା ୨୩ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୮୧ ପଇସା ରହିଛି। ପେଟ୍ରୋଲ ଏବଂ ଡିଜେଲ ଦାମ୍ ଆପଣ SMS ମାଧ୍ୟମରେ ମଧ୍ୟ ଜାଣିପାରିବେ। ଇଣ୍ଡିଆନ ଅଏଲ ୱେବସାଇଟ ଅନୁଯାୟୀ ଆପଣଙ୍କୁ ଏବଂ ନିଜ ସହରର କୋଡ୍ ଲେଖି ୯୨୨୪୯୯୨୨୪୯ ନମ୍ବରକୁ ପଠାଇବାକୁ ହେବ। ପ୍ରତି ସହରର କୋଡ୍ ଅଲଗା ଅଲଗା ରହିଥାଏ। ଯାହା ଆପଣଙ୍କୁ ଆଇସିଓଏଲ ୱେବସାଇଟରୁ ମିଳିଯିବ।

# ଟ୍ରେଣ୍ଡସର ଏଣ୍ଡ ଅଫ୍ ଦି ସିଜନ ସେଲ୍




**ମୁମ୍ବାଇ,୧୭।୧୨:** ରିଲାଏନ୍ସ ଗ୍ରୁପର ପ୍ରମୁଖ ସଂସ୍ଥା ତଥା ରିଲାଏନ୍ସ ରିଟେଲର ଅଗ୍ରଣୀ କମ୍ପାନୀ ରିଲାଏନ୍ସ ଟ୍ରେଣ୍ଡସର ବହୁ ପ୍ରତୀକ୍ଷିତ 'ଏଣ୍ଡ ଅଫ୍ ଦି ସିଜନ ସେଲ୍'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଏହି ସେଲ ଉପରେ ଆକର୍ଷଣୀୟ ରିହାତି ଅଫର ମଧ୍ୟ ଆରମ୍ଭ ହୋଇଯାଇଛି। ସେହିଭଳି ଏହି ଅଫର ଅବଧି ମଧ୍ୟରେ କ୍ରୟ କରାଯାଉଥିବା ଟ୍ରେଣ୍ଡ୍‌ସର ଆକର୍ଷଣୀୟ ଉତ୍ପାଦ ଉପରେ ୭୦% ପର୍ଯ୍ୟନ୍ତ ରିହାତି ଗ୍ରାହକମାନଙ୍କୁ ଯୋଗାଇ ଦିଆଯାଉଛି। ଏପରିକି ଏହି ସେଲ ଉଭୟ ପୁରୁଷ ଓ ମହିଳାଙ୍କ ସମେତ ଛୋଟପିଲାଙ୍କ ପୋଷାକ ଓ ଅନ୍ୟାନ୍ୟ ଆସେସରିଜ ସାମଗ୍ରୀ ଉପରେ ମଧ୍ୟ ଉପଲବ୍ଧ। ଅପରପକ୍ଷରେ ଟ୍ରେଣ୍ଡସ ମେଟ୍ରୋ, ମିନି ମେଟ୍ରୋଠାରୁ ଆରମ୍ଭ କରି ଟିୟର ୧, ୨ ସହର ଏବଂ ଏହା ବାହାରେ ଭାରତର ଉପଭୋକ୍ତା ମାନଙ୍କ ସହ ଏହାର ପହଞ୍ଚ ଏବଂ ସଂଯୋଗକୁ ସୁଦୃଢ଼ କରିଛି। ଏପରିକି ଟ୍ରେଣ୍ଡସ ପ୍ରକୃତରେ ଭାରତରେ ଫ୍ୟାଶନକୁ ଗଣତାନ୍ତ୍ରିକ କରୁଛି ଏବଂ ଏହା ଭାରତର ଫ୍ୟାଶନ ସପିଂ ଗନ୍ତବ୍ୟ ସ୍ଥଳ ପାଲଟିଛି।

ଟ୍ରେଣ୍ଡସ ଷ୍ଟୋରରେ ଆଧୁନିକ ଲୁକ୍ ଏବଂ ପରିବେଶ ରହିଛି, ଯେଉଁଥିରେ ଉତ୍ତମ ଗୁଣବତ୍ତା ଏବଂ ଫ୍ୟାଶନ ସାମଗ୍ରୀର ଏକ ଆକର୍ଷଣୀୟ ପରିସର ରହିଛି। ଯାହା ଏହି ଅଞ୍ଚଳର ଉପଭୋକ୍ତାମାନଙ୍କ ପାଇଁ ପ୍ରାସଙ୍ଗିକ ଏବଂ ସୁଲଭ ମୂଲ୍ୟରେ ଏବଂ ଟଙ୍କା ପାଇ ଁଉଚ୍ଚ ମୂଲ୍ୟ ଭାବେ ଦେଖାଯାଏ। ଏହି ସହରର ଗ୍ରାହକମାନେ ଟ୍ରେଣ୍ଡି ଓମେନ୍ସ ୱ୍ୟାର, ମେନ୍ସ ୱ୍ୟାର, କିଡ୍ସ ୱ୍ୟାର ଏବଂ ଫ୍ୟାସନ ଆସେସରିଜକୁ ଆନନ୍ଦଦାୟକ ମୂଲ୍ୟରେ କିଣିବାର ଏକ ଅନନ୍ୟ ଏବଂ ଉତ୍କୃଷ୍ଟ ଅନୁଭୂତି ପାଇପାରିବେ।

# ଟିକସ ଆଦାୟରେ ଉଲ୍ଲେଖନୀୟ ଅଭିବୃଦ୍ଧି

**ଭୁବନେଶ୍ୱର,୧୬।୧୨:** ଦେଶର ଅର୍ଥ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ସରକାର ନୂଆ ନିୟମ ଓ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଏହା ଫଳରେ ଉଭୟ କେନ୍ଦ୍ର ଓ ରାଜ୍ୟରେ କ୍ରମାଗତ ଭାବେ ଟିକସ ଆଦାୟ ପରିମାଣ ବୃଦ୍ଧି ପାଇଛି ବୋଲି ଆୟକର ବିଭାଗର ମହାନିର୍ଦ୍ଦେଶିକା ସୁନିତା ବୈଁଶଲା କହିଛନ୍ତି। ଓଡ଼ିଶା ଆୟକର ବିଭାଗର ଇଣ୍ଟେଲିଜେନ୍ସ ଆଣ୍ଡ କ୍ରିମିନାଲ ଇନ୍‌ଭେଷ୍ଟିଗେଶନ ଡାଇରେକ୍ଟୋରେଟ୍ ପକ୍ଷରୁ ଆୟୋଜିତ ସଚେତନତା କର୍ମଶାଳାରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସୁନିତା କେନ୍ଦ୍ର ସରକାରଙ୍କ ଇ-ଭେରିଫିକେଶନ ସ୍କିମ୍-୨୦୨୧ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ସେହିଭଳି ୨୦୨୧ ଡିସେମ୍ବର ୧୩ରୁ ଇ-ଭେରିଫିକେଶନ ସ୍କିମ୍ ଆରମ୍ଭ ହୋଇଥିଲା। ଏହି ସ୍କିମ୍ ଆରମ୍ଭ ହେବା ପରେ ଟିକସଦାତାମାନେ ବିଭାଗୀୟ ନିୟମ ପାଳନ ସହ ଟିକସ ଆଦାୟରେ ମଧ୍ୟ ଉଲ୍ଲେଖନୀୟ ଅଭିବୃଦ୍ଧି ହୋଇଛି ବୋଲି ବିଭାଗ ପକ୍ଷରୁ ଆକଳନ କରାଯାଇଛି। ଏଥିସହ ଟିକସ ସମ୍ପର୍କିତ ବିବାଦ ସଂଖ୍ୟା ମଧ୍ୟ ବହୁ ପରିମାଣରେ ହ୍ରାସ ପାଇଛି ବୋଲି ସୁନିତା ମତପ୍ରକାଶ କରିଥିଲେ। ସେହିପରି ଇ- ଭେରିଫିକେଶନ ସ୍କିମ୍ ପ୍ରଭାବରେ ମଧ୍ୟ ଟିକସଦାତାଙ୍କ ସଂଖ୍ୟା ବୃଦ୍ଧି ପାଇଛି। ଆଗାମୀ ଦିନରେ ମଧ୍ୟ ଏହି ସଂଖ୍ୟା ଆହୁରି ବଢ଼ିବ ବୋଲି ସେ ଆଶପ୍ରକଟ କରିଛନ୍ତି। ଅପରପକ୍ଷରେ ଏହି ସଚେତନତା କର୍ମଶାଳାରେ ସାମିଲ ହୋଇଥିବା ଚାର୍ଟାର୍ଡ ଆକାଉଣ୍ଟାଣ୍ଟ, ବିତ୍ତୀୟ ଅଧିକାରୀ ଏବଂ ଆଇନଜୀବୀମାନଙ୍କୁ ସେ ସମ୍ବୋଧିତ କରିଥିଲେ। ଏପରିକି ଟିକସଦାତାଙ୍କ ଠିକ୍ ତଥ୍ୟ ପ୍ରଦାନ କରିବାକୁ ସୁନିତା ଆହ୍ୱାନ ଦେଇଛନ୍ତି। ବିଶେଷକରି ରିପୋର୍ଟିଂ ସଂସ୍ଥାଗୁଡିକ ଆୟକର ବିଭାଗ ଓ ଟିକସଦାତାଙ୍କ ମଧ୍ୟରେ ଯୋଗସୂତ୍ର ରକ୍ଷା ସହ ସେତୁ ଭଳି କାର୍ଯ୍ୟ କରିଥାନ୍ତି। ରିପୋର୍ଟିଂ ସଂସ୍ଥାଗୁଡ଼ିକ ଆର୍ଥିକ ନେଣଦେଣରେ ଠିକ୍ ତଥ୍ୟ ପ୍ରଦାନ କରିବା ଏବଂ ଆୟକରଦାତାଙ୍କ ତଥ୍ୟକୁ ନିଜ ଆୟକର ରିଟର୍ନରେ ଠିକ୍ ଭାବେ ପ୍ରଦାନ କରିବା ଦ୍ୱାରା ଦେଶରେ ଆୟକରଦାତା ଓ ଟିକସ ସଂଗ୍ରହ ବୃଦ୍ଧି ପାଇବାରେ ବେଶ୍ ସହାୟକ ହୋଇଛି ବୋଲି ସୁନିତା କହିଛନ୍ତି। ପରିଶେଷରେ ଓଡ଼ିଶାର ପ୍ରଧାନ ମୁଖ୍ୟ ଆୟକର ଆୟୁକ୍ତ ରାହୁଲ କର୍ନା କେନ୍ଦ୍ର ସରକାରଙ୍କ ଇ-ଭେରିଫିକେଶନ ସ୍କିମ୍ ୨୦୨୧ ଏବଂ ବିତ୍ତୀୟ ନେଣଦେଣ ସମ୍ପର୍କିତ ବିବରଣୀ ଦାଖଲ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଏହି ଅବସରରେ ବହୁ ବରିଷ୍ଠ ଆୟକାର ଅଧିକାରୀ ଓ କର୍ମଚାରୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ମୋବାଇଲ ରପ୍ତାନିରେ ନୂଆ ମାଇଲଷ୍ଟୋନ୍



**ଭୁବନେଶ୍ୱର,୧୭।୧୨:** ଭାରତରୁ ସ୍ମାର୍ଟଫୋନ ରପ୍ତାନି ଗୋଟିଏ ମାସରେ ପ୍ରଥମ ଥର ପାଇଁ ୨୦,୦୦୦ କୋଟି ଟଙ୍କା ଅତିକ୍ରମ କରି ପୂର୍ବର ସମସ୍ତ ରେକର୍ଡ ଭାଙ୍ଗିଛି। କମ୍ପାନୀଗୁଡିକ ଦ୍ୱାରା ଉପସ୍ଥାପିତ ଏବଂ ଶିଳ୍ପ ସଂସ୍ଥାଗୁଡ଼ିକରୁ ସଂଗୃହିତ ତଥ୍ୟରୁ ଏହା ପ୍ରକାଶ ପାଇଛି। ଚଳିତ ବର୍ଷ ନଭେମ୍ବରରେ ସ୍ମାର୍ଟଫୋନ ରପ୍ତାନି ୨୦,୩୯୫ କୋଟିରେ ପହଞ୍ଚିଛି, ଯାହା ଗତ ବର୍ଷ ସମାନ ସମୟ ତୁଳନାରେ ୯୨ ପ୍ରତିଶତ ଅଧିକ। ଗତ ବର୍ଷ ନଭେମ୍ବରରେ ଏହି ସଂଖ୍ୟା ୧୦,୬୩୪ କୋଟି ଟଙ୍କା ଥିଲା। ଭାରତରୁ ସ୍ମାର୍ଟଫୋନ ରପ୍ତାନିରେ ଆପଲ ଆଇଫୋନ ଅଗ୍ରଣୀ ଥିଲା, ତା'ପରେ ଦକ୍ଷିଣ କୋରିଆର ଅଗ୍ରଣୀ କମ୍ପାନୀ ସାମସଙ୍ଗ ରହିଥିଲା। ନଭେମ୍ବରର ରପ୍ତାନିରେ ଉଭୟଙ୍କର ଗୁରୁତ୍ୱପୂର୍ଣ୍ଣ ଅଂଶ ଥିଲା । ୨୦୨୪ ନଭେମ୍ବରରେ ୧୪,୦୦୦ କୋଟି ଟଙ୍କା ମୂଲ୍ୟର ଆଇଫୋନ ରପ୍ତାନି କରି ଆପଲ ଇଙ୍କ ଏବଂ ଏହାର ବିକ୍ରେତାମାନେ ଆଗରେ ଥିଲେ। କମ୍ପାନୀର ପୂର୍ବ ମାସିକ ରେକର୍ଡ ଅକ୍ଟୋବରରେ ୧୨,୦୦୦ କୋଟି ଟଙ୍କା ମୂଲ୍ୟର ସ୍ମାର୍ଟଫୋନ ରପ୍ତାନି ହୋଇଥିଲା। ପ୍ରଥମ ଥର ପାଇଁ ଆପଲ ଏହାର ୩ ବିକ୍ରେତାଙ୍କ ଦ୍ୱାରା ଭାରତରେ ସଂଗୃହିତ ଆଇଫୋନର ମୋଟ ଉତ୍ପାଦନ ମୂଲ୍ୟର ୮୦ ପ୍ରତିଶତରୁ ଅଧିକ ରପ୍ତାନି କରିଛି। ଆର୍ଥିକ ବର୍ଷ୨୦୨୪-୨୫ରେ ଉତ୍ପାଦନ ମୂଲ୍ୟର ୭୦ରୁ ୭୫% ରପ୍ତାନି କରିବାକୁ ଉତ୍ପାଦନ ଲିଙ୍କେଡ ଇନସେଣ୍ଟିଭ (ପିଏଲଆଇ) ଯୋଜନା ଅଧୀନରେ ଏହି ସଫଳତା ଅଧିକ ଅଟେ। ତେବେ ଭାରତରୁ ସ୍ମାର୍ଟଫୋନ ରପ୍ତାନିରେ ଫକ୍ସକନର ତାମିଲନାଡୁ ଆଇଫୋନ ଫ୍ୟାକ୍ଟରରି ସର୍ବାଧିକ ଅବଦାନ ରହିଛି। ଦ୍ୱିତୀୟରେ ଟାଟା ଇଲେକ୍ଟ୍ରୋନିକ୍ସର କର୍ନାଟକ ଫ୍ୟାକ୍ଟରି ଏବଂ ପେଗାଟ୍ରନ ତୃତୀୟ ସ୍ଥାନରେ ରହିଛି। ଏପରିକି ବିଭିନ୍ନ ପିଏଲଆଇ ଯୋଜନା ମଧ୍ୟରେ ସ୍ମାର୍ଟଫୋନ ପିଏଲଆଇ ଯୋଜନା ସବୁଠାରୁ ସଫଳ ବୋଲି ବିବେଚନା କରାଯାଉଛି। ସ୍ମାର୍ଟଫୋନ ପିଏଲଆଇ ଯୋଜନା ରପ୍ତାନିରେ ବିପୁଳ ଅଭିବୃଦ୍ଧି ଦେଖିବାକୁ ମିଳିଛି। ୨୦୧୯ରେ ସ୍ମାର୍ଟଫୋନ ରପ୍ତାନି ଭାରତର ରପ୍ତାନି ତାଲିକାରେ ୨୩ତମ ସ୍ଥାନରେ ଥିଲା ବର୍ତ୍ତମାନ ଏହା ତୃତୀୟ ବୃହତ୍ତମ ରପ୍ତାନି ସାମଗ୍ରୀ ହୋଇପାରିଛି । ଏହି ଅଭିବୃଦ୍ଧି ଭାରତର ସାମଗ୍ରିକ ଇଲେକ୍ଟ୍ରୋନିକ୍ସ ରପ୍ତାନିକୁ ମଧ୍ୟ ବୃଦ୍ଧି କରିଛି। ୨୦୧୯ରେ ଇଲେକ୍ଟ୍ରୋନିକ୍ସ ସାମଗ୍ରୀର ରପ୍ତାନି ସପ୍ତମ ସ୍ଥାନରେ ଥିଲା, ଯାହା ବର୍ତ୍ତମାନ ତୃତୀୟ ସ୍ଥାନରେ ପହଞ୍ଚିଛି। ଦେଶର ଅଗ୍ରଣୀ ଇଲେକ୍ଟ୍ରୋନିକ୍ସ ଶିଳ୍ପ ସଂଗଠନ ଇଣ୍ଡିଆ ସେଲୁଲାର୍ ଏବଂ ଇଲେକ୍ଟ୍ରୋନିକ୍ସ ଆସୋସିଏସନ ଅକ୍ଟୋବରରେ ପିଏଲଆଇ ଯୋଜନା ଅଧୀନରେ ଶିଳ୍ପର କାର୍ଯ୍ୟଦକ୍ଷତାକୁ ଆକଳନ କରିଥିଲା। ଅର୍ଥ ମନ୍ତ୍ରଣାଳୟ ଏବଂ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟକୁ ଲେଖିଥିବା ଏକ ଚିଠିରେ କୁହାଯାଇଛି ଯେ, ୨୦୨୧ରୁ ୨୦୨୪ ମଧ୍ୟରେ ପିଏଲଆଇ ଯୋଜନା ଅଧୀନରେ ମୋଟ ୫,୮୦୦ କୋଟି ଟଙ୍କା ପ୍ରୋତ୍ସାହନ ବଣ୍ଟନ ହୋଇଥିବାବେଳେ ଶିଳ୍ପ ୫,୮୦୦ କୋଟି ଟଙ୍କା ପ୍ରଦାନ କରିଛି। ସାମଗ୍ରୀ ଏବଂ ସେବାଗୁଡିକର ଫର୍ମ ଏବଂ ମୋବାଇଲ ଉପାଦାନଗୁଡ଼ିକ ଉପରେ ଡ୍ୟୁଟି ୧.୧ ଲକ୍ଷ କୋଟି ଟଙ୍କା ଯୋଗଦାନ କରିଛି। ଏହି ଯୋଜନା ୩ ଲକ୍ଷ ପ୍ରତ୍ୟକ୍ଷ ନିଯୁକ୍ତି ଏବଂ ୬ ଲକ୍ଷ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି କରିଛି। ଏଥିମଧ୍ୟରୁ ଅଧିକାଂଶ ଯୁବପିଢ଼ି ପ୍ରଥମ ଥର ପାଇଁ ନିଯୁକ୍ତି ପାଇଛନ୍ତି। ଉଦ୍ୟୋଗ କ୍ଷେତ୍ରରେ ମଧ୍ୟ ପିଏଲଆଇ ଯୋଜନା ପରେ ୪ ବର୍ଷ ମଧ୍ୟରେ ୨.୮୭ ଲକ୍ଷ କୋଟି ଟଙ୍କା ରପ୍ତାନି ଯୋଡିଛି।



# ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହେଲେ ହିଞ୍ଜିଳି ଥାନାଧିକାରୀ

**ହିଞ୍ଜିଳିକାଟୁ,୧୭।୧୨ (ସଂଚାର ବ୍ୟୁରୋ):** ରାଜ୍ୟ ମୁଖ୍ୟ କାର୍ଯାଳୟ କଟକ ଠାରେ ରାଜ୍ୟ ପୋଲିସ ସ୍ତରୀୟ କର୍ମଶାଳା ଡିସେମ୍ବର ୧୨ ଠାରୁ ଆରମ୍ଭ ହୋଇ ଡିସେମ୍ବର ୧୫ ପର୍ଯ୍ୟନ୍ତ ଏକ ପ୍ରତିଯୋଗିତା ଆୟୋଜନ ହୋଇଥିଲା। ଏହି ପ୍ରତିଯୋଗିତାରେ ରାଜ୍ୟ କୋଣ ଅନୁକୋଣରୁ ବିଭିନ୍ନ ବର୍ଗର ପୋଲିସ ଅଧିକାରୀ ମାନେ ଅଂଶ ଗ୍ରହଣ କରିଥିଲେ । ଗତକାଲି ଏହି ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ରୂପେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉପସ୍ଥିତ ହୋଇ ଆୟୋଜିତ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ପୋଲିସ ଅଧିକାରୀଙ୍କୁ ପୁରସ୍କୃତ କରିଥିଲେ । ହିଞ୍ଜିଳିକାଟୁ ଥାନା ଅଧିକାରୀ ଶ୍ରୀନିବାସ ସେଠି ଏହି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ବୈଷୟିକ ଜ୍ଞାନ କୌଶଳ ସହାୟତାରେ ଅପରାଧ ନିୟନ୍ତ୍ରଣ ଓ ସମସ୍ୟାର ସମାଧାନ କ୍ଷେତ୍ରରେ ପ୍ରଥମ ସ୍ଥାନ ଅଂଶ ଗ୍ରହଣ କରିଥିଲେ ଓ ତା'ସହ ମେଡିକୋ ଲିଗାଲ ଟେଷ୍ଟରେ ତୃତୀୟ ସ୍ଥାନ ଅଂଶ ଗ୍ରହଣ କରିଥିଲେ। ହିଞ୍ଜିଳି ଥାନାଧିକାରୀ ଶ୍ରୀ ସେଠି ମୁଖ୍ୟମନ୍ତ୍ରୀଙ୍କ ଠାରୁ ମାନପତ୍ର, ଟ୍ରଫି ଓ ୧୦ହଜାର ଟଙ୍କାର ପୁରସ୍କାର ରାଶି ଗ୍ରହଣ କରିଥିଲେ।

# ଟ୍ରକ୍-ପିକ୍ଅପ୍ ଧକ୍କା: ୧ ମୃତ, ୨ ଗୁରୁତର

**ଟାଙ୍ଗୀ-ଚୌଦ୍ୱାର,୧୭।୧୨ (ସଂଚାର ବ୍ୟୁରୋ):** ୧୬ ନମ୍ବର ଜାତୀୟ ରାଜପଥର ମଙ୍ଗୁଳି ଛକ ନିକଟରେ ମଙ୍ଗଳବାରଦିନ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାଘଟି ଜଣେ ଡ୍ରାଇଭରର ଶୋଚନୀୟ ମୃତ୍ୟୁ ଘଟିବା ସହିତ ୨ଜଣ ଗୁରୁତର ଆହତ ହୋଇଥିବା ଜଣା ପଡ଼ିଛି। ପ୍ରକାଶଯେ ଓଡ଼ି ୦୪ସି ୫୦୪୯ନମ୍ବରଯୁକ୍ତ ଏକ ପିକ୍ଅପ୍ ଭ୍ୟାନ୍ ଗାଡ଼ି



ବ୍ୟାଟେରି କ୍ୟାବିନେଟ ଲୋଡ଼କରି ଚଣ୍ଡୀଖୋଲ ଆଡୁ କଟକ ଅଭିମୁଖେ ଯାଉଥିବା ବେଳେ ମଙ୍ଗୁଳି ଛକଠାରେ ଭାରସାମ୍ୟ ହରାଇ ରାଜପଥର ଡିଭାଇଡର ଡେଇଁ ସର୍ଭିସ୍ ରୋଡ୍‌କୁ ଚାଲି ଯାଇଥିଲା। ଗାଡ଼ିଟିର ଅତ୍ୟଧିକ ବେଗ ଥିବାରୁ ତାହା ସର୍ଭିସ୍ ରୋଡ଼ରେ ଛିଡ଼ା ହୋଇଥିବା ୟୁପି୭୫ ସିଟି ୪୩୬୯ ନମ୍ବର ଯୁକ୍ତ ଏକ ଟ୍ରକ୍ ସାମ୍ନାପଟେ ପିଟି ହୋଇ ଯାଇଥିଲା। ଫଳରେ ଟ୍ରକ୍‌ତଳେ ବସି ଖାଦ୍ୟ ପ୍ରସ୍ତୁତ କରୁଥିବା ଟ୍ରକ୍‌ର ଡ୍ରାଇଭର ଓ ହେଲପର ଗୁରୁତର ଆହତ ହୋଇଥିଲେ। ଧକ୍କାଦେଇ ପିକ୍ଅପ୍ ଗାଡ଼ିଟି ସମ୍ପୂର୍ଣ୍ଣ ଭାବେ ବୁଲିବା ସହିତ ତାର ଡ୍ରାଇଭର ମଧ୍ୟ ଗୁରୁତର ଆହତ ହୋଇଥିଲେ। ଖବର ପାଇ ଟାଙ୍ଗୀ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆହତ ୩ଜଣଙ୍କୁ ଉଦ୍ଧାର କରି ହାଇୱେ ଆମ୍ବୁଲାନ୍ସରେ କଟକ ବଡ଼ ମେଡ଼ିକାଲକୁ ପଠାଇଛନ୍ତି। ତେବେ ହସପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ଟ୍ରକ୍ ହେଲପରର ମୃତ୍ୟୁ ଘଟିଥିବା ଜଣା ପଡ଼ିଛି। ସେ ଉତ୍ତର ପ୍ରଦେଶର ନୀତିନ୍ ବୋଲି କୁହା ଯାଉଛି। ଆହତ ମାନଙ୍କ ପରିଚୟ ଜଣା ପଡ଼ିନାହିଁ।

# ୬ଦିନ ପରେ ହରଚଣ୍ଡି ପ୍ରସାଦ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରୁ ଖୋଲିଲା ତାଲା

**କଣାସ,୧୭।୧୨ (ସଂଚାର ବ୍ୟୁରୋ):** କଣାସ ବ୍ଲକ ଦିବ୍ୟସିଂହପୁର ଗ୍ରାମପଞ୍ଚାୟତର ବୀରକେଶରପୁର ଗ୍ରାମରେ ପ୍ରତିଷ୍ଠିତ ହରଚଣ୍ଡି ପ୍ରସାଦ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ନିୟମିତ ଆସୁନଥିବା, ଡାକ୍ତରଖାନାକୁ ମାଗଣାରେ ବିତରଣ ପାଇଁ ଔଷଧ ଦିଆଯାଉ ନ ଥିବା, ଡାକ୍ତରଖାନାରେ ଡାକ୍ତର ଓ କର୍ମଚାରୀମାନେ ମଦ୍ୟପାନୀୟ କରୁଥିବା ଏକ ଫଟୋ ଖବରକାଗଜରେ ଭାଇରାଲ ହେବାରୁ ଗ୍ରାମବାସୀମାନେ ୧୨ତାରିଖ ଦିନ ଡାକ୍ତରଖାନା ଗେଟ୍‌ରେ ଚାବି ପକାଇ ଦେଇଥିଲେ।

ଦୀର୍ଘ ୬ଦିନ ଧରି ସେହି ଅଞ୍ଚଳର ରୋଗୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବାପରେ ଆଜି ପୁରୀ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ବିରଜାଶଙ୍କର ରଥ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଗୋଷ୍ଠିସ୍ୱାସ୍ଥ୍ୟ କେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଡାକ୍ତର ରମେଶ ଚନ୍ଦ୍ର ବେହେରା, ବିଡିଓ ନାରାୟଣ ସାହୁ, ତହସିଲଦାର ହିମାଂଶୁଶେଖର ଗିରି, କଣାସ ଥାନା ଆଇ.ଆଇ.ସି ରାକେଶ କୁମାର ତ୍ରିପାଠୀ, ଗଡ଼ିଶାଗୋଦା ଥାନା ଆଇ.ଆଇ.ସି ଦୁର୍ଗାଚରଣ ମହାପାତ୍ର, ଦିବ୍ୟସିଂହପୁର ଗ୍ରାମପଞ୍ଚାୟତ ସରପଞ୍ଚ ଓ ସମିତି ସଭ୍ୟ ଏବଂ କେତେକ ଗ୍ରାମବାସୀ ଉପସ୍ଥିତ ରହି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ତାଲା ପଡ଼ିବା ସମ୍ପର୍କରେ ଆଲୋଚନା କରିଥିଲେ। ଗ୍ରାମବାସୀମାନେ ବାରମ୍ବାର କରୁଥିବା ଅଭିଯୋଗକୁ ଉପରିସ୍ଥ ଅଧିକାରୀମାନେ ଶୁଣୁନଥିବାରୁ ଆଜି ଏପରି ପରିସ୍ଥିତି ସୃଷ୍ଟି ହୋଇଥିବା ଗ୍ରାମବାସୀମାନେ ଅଭିଯୋଗ କରିଥିଲେ। ଆଲୋଚନା ମାଧ୍ୟମରେ ସମାଧାନ ହେବା ପରେ ଡାକ୍ତରଖାନାର ଗେଟ୍ ଚାବି ଖୋଲାଯାଇ ରୋଗୀ ଚିକିତ୍ସା କରାଯାଇଥିଲା।



# ବ୍ୟବସାୟୀଙ୍କୁ ବୋମା ମାଡ଼, ଜଣେ ଗିରଫ

**କାକଟପୁର/ଅସ୍ତରଙ୍ଗ,୧୭।୧୨ (ସଂଚାର ବ୍ୟୁରୋ):** ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି କାକଟପୁର ଥାନା ଅନ୍ତର୍ଗତ କଟକଣା ବଙ୍ଗଳା ନିକଟରେ ବୋମା ମାଡ଼। ବୋମା ମାଡ଼ରେ ଦୁଇ ଚକିଆ ଗାଡିର ଅନେକାଂଶ ଭାଙ୍ଗିଯାଇଥିବା ବେଳେ ଜଣେ ଆହତ।

ସୂଚନା ମୁତାବକ ସୋମବାର ରାତ୍ର ୧୦ଟା ୩୦ମିନିଟ ସମୟରେ କଟକଣା ବଙ୍ଗଳା ପାଖ ଏସ.କେ ସଦାମ ନିଜ ଚିକେନ ଦୋକାନ ବନ୍ଦ କରି ଘର ପାଇଁ ଚିକେନ ଆଣି ନିଜ ଘରକୁ ଫେରୁଥିବା ବେଳେ ନିଜ ଘର ସାମ୍ନାରେ ଥିବା ଏକ ପାଚେରୀ ଯାହା ଘର ଠାରୁ ୩୯ଫୁଟ ଦୂରରେ ଲୁଚି ରହିଥିବା ୨ଜଣ ଯୁବକ ଏସ.କେ ସଦାମଙ୍କ ଉପରକୁ ୨ଟି ବୋମା ଫିଙ୍ଗିଥିଲେ। ପ୍ରଥମ ବୋମାଟି ଏସ.କେ ସଦାମଙ୍କ ଦୁଇ ଚକିଆ ଗାଡ଼ିରେ ବାଜିଥିବା ବେଳେ ଦ୍ୱିତୀୟ ବୋମାଟି ଘର କାନ୍ଥରେ ବାଜିଥିଲା। ବୋମା ବିସ୍ଫୋରଣରେ ଉଚ୍ଚ ଶବ୍ଦ ହେବାରୁ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ଦେଖାଦେଇଥିଲା। ପ୍ରଥମ ବୋମାଟି ଏସ କେ ସଦାମ ଙ୍କ ଗାଡିରେ



ବାଜି ଗାଡିର ଟାଙ୍କି ଚେପା ହେବା ଶହ ଅନେକ ଯନ୍ତ୍ରାଂଶ ଭାଙ୍ଗି ଯାଇଛି। ଖବର ପାଇ କାକଟପୁର ଥାନା ପୁଲିସ ପହଂଚି ଘଟଣା ସମ୍ପର୍କରେ ଆହତ ଯୁବକ ଏସ.କେ ସଦାମଙ୍କ ଠାରୁ ଘଟଣା ସମ୍ପର୍କରେ ବୁଝିବା ସହ ରାତିରେ ଶେଖ ଜୁନୋଦ ଓରଫ ଗୋରା (୩୩)ଙ୍କୁ ଥାନାରେ ଅଟକ ରଖି ପଚରା ଉଚରା ଜାରି ରଖିଥିଲେ।

ମଙ୍ଗଳବାର ଆହତ ଚିକେନ ବ୍ୟବସାୟୀ ଏସ କେ ସଦାମ କହିବା ଅନୁଯାୟୀ ଯୁକ୍ତିତର୍କ ଓ ବାକ ବିତଣ୍ଡା ଯୋଗୁଁ ପୂର୍ବ ଶତ୍ରୁତା ରହିଥିଲା। ଗତ ମାସ ନଭେମ୍ବର ୨୭ତାରିଖରେ ଏସ.କେ ସଦାମଙ୍କୁ କଳାମୁଖା ପିନ୍ଧା ଅଜଣା ବ୍ୟକ୍ତି ବନ୍ଧୁକ ଦେଖାଇଥିଲେ ବୋଲି କହିଛନ୍ତି। ବୋମା ମାଡ଼ ଘଟଣାକୁ ନେଇ କାକଟପୁର ଥାନାରେ ଅଭିଯୋଗ ଦେବା ପରେ ପୁରୀ ସାଇଣ୍ଟିଫିକ ଟିମ୍ର ୩ଜଣିଆ ଅଧିକାରୀଙ୍କ ମଧ୍ୟରେ ସାଇଣ୍ଟିଫିକ ଅଫିସର ଆଦିତ୍ୟ ରଞ୍ଜନ ନାୟକ, ଲ୍ୟାବ ଆଟେଣ୍ଡାଣ୍ଟ ବିଶ୍ୱଜିତି ସାହୁ,କ୍ୟାମେରା ମ୍ୟାନ ଓ କାକଟପୁର ଥାନା ଅଧିକାରୀ ଉମେଶ କୁମାର ସାହୁ, ଏ ଏସ ଆଇ ପ୍ରମୋଦ ସେଠୀ ଘଟଣା ସ୍ଥଳରେ ପହଂଚି ଛାନଭିନ୍ ତଦନ୍ତ କରିବା ସହ ବୋମା ବିସ୍ଫୋରଣ ସ୍ଥାନରୁ ସାଇଣ୍ଟିଫିକ ଟିମ୍ ଝୋଟ, ପେପେର ପିସ, ଗୋଡି ଓ କଟନ ସ୍ୱାପ୍ ନମୁନା ସଂଗ୍ରହ କରିଛି। ଅନ୍ୟ ପଟେ କାକଟପୁର ପୁଲିସ ଅଭିଯୋଗକୁ ଭିତ୍ତି କରି ଥାନା କେଶ ନମ୍ବର ୨୪୮/୨୪ରେ ମାମଲା ରୁଜୁ କରି ମଙ୍ଗଳବାର ଅପରାହ୍ନରେ ଶେଖ ଜୁନୋଦ ଓରଫ ଗୋରା କୁ ଗିରଫ କରି ଅଦାଲତ ଚାଲାଣ କରିଥିବା ବେଳେ ଅନ୍ୟ ଜଣେ ଫେରାର ଅଭିଯୁକ୍ତକୁ ଖୋଜୁଛି ପୋଲିସ।

# ଶିକ୍ଷକ ନିଯୁକ୍ତି ଦାବିରେ ଗେଟ୍‌ରେ ତାଲା ପକାଇ ଧାରଣା



**କଣାସ,୧୭।୧୨ (ସଂଚାର ବ୍ୟୁରୋ):** କଣାସ ବ୍ଲକ ତ୍ରିଲୋଚନପୁର ଗ୍ରାମପଞ୍ଚାୟତର ତ୍ରିଲୋଚନପୁର ଗ୍ରାମରେ ସ୍ଥାପିତ ବହୁପୁରାତନ ଉ.ଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଅଭାବକୁ ନେଇ ଗ୍ରାମବାସୀମାନେ ବାରମ୍ବାର ନୂତନ ଶିକ୍ଷକ ନିଯୁକ୍ତି କରିବାପାଇଁ ବ୍ଲକ ଶିକ୍ଷାଧିକାରୀ, ଜିଲ୍ଲା ଶିକ୍ଷାଧିକାରୀ ଏବଂ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଦାବିକରି ନିରାଶ ହେବାପରେ ଆଜି ଛାତ୍ର ଅଭିଭାବକମାନେ ତ୍ରିଲୋଚନପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଗେଟ୍‌ରେ ତାଲାପକାଇ ବସିରହିଥିଲେ। ଖବର ପାଇ କଣାସ ବ୍ଲକ ଶିକ୍ଷାଧିକାରୀ ଦାୟିତ୍ୱରେ ଥିବା ନାରାୟଣ ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ଧାରଣାରେ ବସିଥିବା ଅଭିଭାବକମାନଙ୍କ ସହିତ ଆଲୋଚନା କରି ଶୀଘ୍ର ନୂତନ ଶିକ୍ଷକ ନିଯୁକ୍ତି କରିବାପାଇଁ ପ୍ରତିସୃତି ଦେବାରୁ ଛାତ୍ର ଅଭିଭାବକମାନେ ଧାରଣାରୁ ଉଠିଥିଲେ। ପ୍ରକାଶଥାଉକି ପ୍ରଥମରୁ ଅଷ୍ଟମ ଶ୍ରେଣୀ ୮ଟି ଶ୍ରେଣୀ ପାଇଁ ୪ଜଣ ଶିକ୍ଷକ କାର୍ଯ୍ୟ କରୁଥିବା ବେଳେ ପ୍ରଧାନ ଶିକ୍ଷକ ପଦବୀ ଦୀର୍ଘ ଦିନ ହେଲା ଖାଲିପଡ଼ିଛି।

# ଚୋରା ପଥର ବୋଝେଇ ଟ୍ରାକ୍ଟର ଛାଡିବାକୁ ନେଇ ଅସନ୍ତୋଷ

**ପଦ୍ମପୁର,୧୭।୧୨ (ସଂଚାର ବ୍ୟୁରୋ):** ବରଗଡ଼ ଜିଲ୍ଲା ପଦ୍ମପୁର ଅଞ୍ଚଳରୁ ଦୀର୍ଘ ବର୍ଷରୁ ବ୍ୟାପକ ମାତ୍ରାରେ ଭୂ-ସମ୍ପତ୍ତି ପଡ଼ୋଶୀ ଛତିଶଗଡ଼ ରାଜ୍ୟକୁ ବେଆଇନ ଭାବେ ଚୋରା ଚାଲାଣ କରାଯାଉଛି। ତେବେ ବରଗଡ଼ ଜିଲ୍ଲାରେ ମାଇନିଙ୍ଗ ଅଫିସର ନିଯୁକ୍ତ ହେଲାପରେ ଏପରି ବେଆଇନ ଚୋରା ଚାଲାଣ ଉପରେ ରୋକ ଲାଗିବ ବୋଲି ସମସ୍ତଙ୍କର ଆଶା ଓ ବିଶ୍ୱାସ ରହିଥିଲା। ମାତ୍ର ଆଜି ପଦ୍ମପୁର ଉପଖଣ୍ଡ ବଡ଼କୁଞ୍ଚାରି ଛକର ଘଟଣା



ଦେଖି ଅଞ୍ଚଳବାସୀଙ୍କ ବିଶ୍ୱାସ ଭାଙ୍ଗି ଯାଇଛି। ଅଞ୍ଚଳବାସୀ ଅଭିଯୋଗ ଆଣିଛନ୍ତି ଯେ ବରଗଡ଼ ମାଇନିଙ୍ଗ ଅଫିସର ନିଜେ ବରଗଡ଼ ଓ ଛତିଶଗଡ଼ ବର୍ଡରରେ ବଡ଼କୁଞ୍ଚାରି ଛକ ଠାରେ ବିନା ନମ୍ବର ବିଶିଷ୍ଟ ୩ଗୋଟି ପଥର ବୋଝେଇ ଟ୍ରାକ୍ଟରକୁ ରାସ୍ତାରେ ଅଟକାଇଥିଲେ। ୩ଟି ଯାକ ଟ୍ରାକ୍ଟର ବେଆଇନ ଭାବେ ଛତିଶଗଡ଼ ରାଜ୍ୟକୁ ଓଡ଼ିଶାରୁ ପଥର ଚାଲାଣ କରୁଥିଲେ। ମାତ୍ର କିଛି ସମୟପରେ ଟ୍ରାକ୍ଟର ଗୁଡିକୁ ଛାଡିଦେଇଥିଲେ। ତେବେ ସ୍ଥାନୀୟ ଲୋକେ ଏହି ଘଟଣାକୁ ନେଇ ଅସନ୍ତୋଷ ପ୍ରକାଶ କରିବା ସହିତ ଏହି ଘଟଣାରେ ମାଇନିଙ୍ଗ ବିଭାଗର ଉଚ୍ଚ ସ୍ତରୀୟ ଅଧିକାରୀଙ୍କୁ ଚିଠି ଏବଂ ଇମେଲ ଜରିଆରେ ଅଭିଯୋଗ ପଠାଇଛନ୍ତି।

# ୧ କୋଟି ୨୫ ଲକ୍ଷ ଟଙ୍କା ଲାପଟପର ନାହିଁ ହିସାବ

**ଖୋର୍ଦ୍ଧା,୧୭।୧୨ (ସଂଚାର ବ୍ୟୁରୋ):** ଏମ.ବି.କେ ଓ ବ୍ୟାଙ୍କ ମିତ୍ରଙ୍କୁ ଲାପଟପ ବଣ୍ଟନରେ ହୋଇଛି ଭୟଙ୍କର ଦୁର୍ନୀତି। ଲାପଟପ କିଣାରେ ଖର୍ଚ୍ଚ ହୋଇଛି ୧ କୋଟି ୨୫ ଲକ୍ଷ ଟଙ୍କା। ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀଙ୍କ ପାଖରେ ହିସାବ ନାହିଁ। ଏଭଳି କିଛି ଅଭିଯୋଗ କରିଛନ୍ତି ସୂଚନା ଅଧିକାର କର୍ମୀ ହୃଦାନନ୍ଦ କୋଦମାସିଂହ। ଖୋର୍ଦ୍ଧା ଜିଲ୍ଲାରେ ମୋଟ କେତେଜଣ ଏମ.ବି.କେ ଓ ବ୍ୟାଙ୍କ ମିତ୍ର କାମ କରୁଛନ୍ତି, ସେମାନଙ୍କ ମଧ୍ୟରୁ କେତେଜଣ ଲାପଟପ କିଣିବାକୁ ସହାୟତା ରାଶି ନେଇଛନ୍ତି ଓ କେଉଁ ମାଧ୍ୟମରେ ନେଇଛନ୍ତି, କିଣାଯାଇଥିବା ଲାପଟପର ବିଲ କପି, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀଙ୍କ ଦ୍ୱାରା ହୋଇଥିବା ୟୁସି କପିର ନକଲ ଏବଂ ସମସ୍ତ ଏମ.ବି.କେ ଓ ବ୍ୟାଙ୍କ ମିତ୍ର ମାନଙ୍କ ନିଯୁକ୍ତି ସମ୍ପର୍କରେ ସୂଚନା ଅଧିକାର ବଳରେ ତଥ୍ୟ ମଗାଯାଇଥିଲା। ନିୟମ ଅନୁସାରେ ଏକ ମାସ ବିତିଯାଇଥିଲେ ସୁଦ୍ଧା କୌଣସି ତଥ୍ୟ ନ ମିଳିବାରୁ ପ୍ରଥମ ଅପିଲ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ ହୋଇଥିଲା। ପ୍ରଥମ ଅପିଲ କର୍ତ୍ତୃପକ୍ଷ ଉଭୟ ସୂଚନା ଅଧିକାର କର୍ମୀ ଏବଂ ମିଶନ ଶକ୍ତି ଖୋର୍ଦ୍ଧା ଜିଲ୍ଲା ପ୍ରକଳ୍ପ ସଂଯୋଜକଙ୍କୁ ୧୭/୧୨/୨୦୨୪ ରେ ଉପସ୍ଥିତ ରହିବାକୁ ଚିଠି କରିଥିଲେ। କିନ୍ତୁ ପ୍ରକଳ୍ପ ସଂଯୋଜକ ଏହି ଶୁଣାଣୀ ବେଳେ ଉପସ୍ଥିତ ନ ରହି ଅନ୍ୟ ଜଣେ କର୍ମଚାରୀଙ୍କୁ ପଠାଇଥିଲେ। ନିୟମ ଅନୁସାରେ ଯେଉଁ କାର୍ଯ୍ୟାଳୟକୁ ସୂଚନା ଅଧିକାର ତଥ୍ୟ ମଗାଯାଇଥାଏ ସେହି କାର୍ଯ୍ୟାଳୟର ଜନ ସୂଚନା ଅଧିକାରୀ ବା ପିଆଇଓ ପ୍ରଥମ ଅପିଲର ଶୁଣାଣି ବେଳେ ଉପସ୍ଥିତ ରହିବା ନିହାତି ଆବଶ୍ୟକ। କିନ୍ତୁ ଆଜି ଶୁଣାଣୀ ବେଳେ ପିଆଇଓ ଜାଣିଶୁଣି ଅନୁପସ୍ଥିତ ରହିଥିଲେ। ତେବେ ଶୁଣାଣୀ ବେଳେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ବାରମ୍ବାର କଥା ବୁଲାଇବା ସହ ସୂଚନା ଅଧିକାର କର୍ମୀଙ୍କୁ ଇଆଡୁ ସିଆଡୁ ଗପ କହି ଚାଲିଥିଲେ।

ଅନ୍ୟପଟେ ସୂଚନା ଅଧିକାର କର୍ମୀଙ୍କ କହିବା ଅନୁସାରେ ଖୋର୍ଦ୍ଧା ଜିଲ୍ଲାର ୧୦ ବ୍ଲକରେ ୧୫୨ ଜଣ ଏମ.ବି.କେ ଏବଂ ୯୯ ଜଣ ବ୍ୟାଙ୍କ ମିତ୍ର କାମ କରୁଛନ୍ତି। ସମସ୍ତଙ୍କୁ ଲାପଟପ କିଣା ବାବଦରେ ମୋଟ୧,୨୫,୦୦୦,୦୦/- ଟଙ୍କା ସରକାରୀ ସହାୟତା ରାଶି ଦିଆଯାଇଛି। ନିୟମ ଅନୁସାରେ ଲାପଟପ କିଣିବା ପରେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀଙ୍କ ଠାରେ ଏହାର ବିଲ କପି ଦାଖଲ କରାଯାଏ ଏବଂ ସମାଜ କଲ୍ୟାଣ ଅଧିକାରୀ ୟୁସି କପି ବା ଅଥରାଇଜେସନ ସାର୍ଟିଫିକେଟ ରେ ଦସ୍ତଖତ କରନ୍ତି। ତେବେ କୋଟି କୋଟି ଟଙ୍କା ଖର୍ଚ୍ଚ ହୋଇସାରିଥିବା ବେଳେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀଙ୍କ ଦପ୍ତରରେ ଏଭଳି କୌଣସି ତଥ୍ୟ ମହଜୁଦ ନାହିଁ, ଯେଉଁଥି ପାଇଁ ସେ ତଥ୍ୟ ଦେଉନାହାନ୍ତି। ସେହିପରି ଏମ.ବି.କେ ଓ ବ୍ୟାଙ୍କମିତ୍ର ମାନଙ୍କ ନିଯୁକ୍ତି ପ୍ରକ୍ରିୟାରେ ମଧ୍ୟ କେଲେଙ୍କାରୀ ହୋଇଥିବା ସନ୍ଦେହ କରାଯାଉଛି।ଏହି ନିଯୁକ୍ତି ପାଇବାକୁ କମ୍ପ୍ୟୁଟର ଚଳାଇବା ଜାଣିବା ସହ ସାର୍ଟିଫିକେଟ ବାଧ୍ୟତାମୂଳକ ହୋଇଥାଏ। କିନ୍ତୁ ଏ ସବୁର ନକଲ ଦେବାକୁ ବିଭାଗୀୟ ଅଧିକାରୀ ମାନେ କଣ ପାଇଁ ବିଳମ୍ବ କରୁଛନ୍ତି ତାକୁ ନେଇ ସନ୍ଦେହ ଉପୁଜିଛି।

# ଆଦର୍ଶ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ

**ସୁବର୍ଣ୍ଣପୁର,୧୭।୧୨ (ସଂଚାର ବ୍ୟୁରୋ):** ସୋନପୁର ଲୁଲୁ ପଡିଆ ଠାରେ ସୋନପୁର ଆଦର୍ଶ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ର ବାର୍ଷିକ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବରେ ଓଡ଼ିଶା ସାମ୍ବାଦିକ ସଂଘ ସୋନପୁର ଶାଖା ସଭାପତି ଶ୍ରୀ ମନୋରଞ୍ଜନ ତ୍ରିପାଠୀ ଯୋଗଦେଇ ଖେଳାଳି ଙ୍କୁ ଉତ୍ସାହିତ କରି ଥିବା ବେଳେ ସମ୍ମାନିତ ଅତିଥି ଭାବରେ ଯୁବନେତା ଶ୍ରୀଯୁକ୍ତ ପ୍ରଭାତ କିଶୋର ଦାନୀ, ବିଗୁଲ ଟିଭି ପ୍ରତିଷ୍ଠାତା ଶ୍ରୀଯୁକ୍ତ ସନ୍ତୋଷ



କୁମାର ମିଶ୍ର, କ୍ରୀଡା ଶିକ୍ଷକ ତଥା ସାମ୍ବାଦିକ ସଞ୍ଜୟ କୁମାର ସାହୁ ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କୁ ଜଣେ ଜଣେ ସଫଳ କ୍ରୀଡ଼ାବିତ ହେବାପାଇଁ ମାର୍ଗଦର୍ଶନ ଦେଇଥିଲେ। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ବ୍ରତାନନ୍ଦ ଭୋଇ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଶିକ୍ଷୟିତ୍ରୀ କବିତାରାଣୀ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷୟିତ୍ରୀ ମାଳତୀ ଦାସ, ସଂଗୀତା ମହାନ୍ତି,ଅନୁପମା ପାଣ୍ଡିଆ,ସୁହାସିନୀ ପଟ୍ଟନାୟକ ସହଯୋଗ କରିଥିଲେ। ୧୦୦ ମିଟର ବାଳିକା ଦୌଡ ପ୍ରତିଯୋଗୀତା ରେ ଲକ୍ଷ୍ମୀ ଟୁଡୁ ପ୍ରଥମ, କ୍ରିଷ୍ଣା ମୟୀ ସୁନା ଦ୍ୱିତୀୟ, ସୁନୀତା କବାଟ ତୃତୀୟ ସ୍ଥାନ, ଓ ବାଳକ ବର୍ଗ ରେ ବିନୀତ ପ୍ରଧାନ ପ୍ରଥମ, ଅମନ କୁମ୍ଭାର ଦ୍ୱିତୀୟ, ଓ ଦେବାଶିଷ ଜଗଦଲା ତୃତୀୟ ସ୍ଥାନ ଅଧିକାର ବାଳିକା ବିଭାଗ ସଟ ଫୁଟ ରେ ପ୍ରଥମ ସୁବନ୍ୟା କୁମ୍ଭାର, ଦ୍ୱିତୀୟ ଆୟତ୍ତ ବାଦୀ, ତୃତୀୟ ପ୍ରୀୟଙ୍କା, ବାଳକ ବିଭାଗ ରେ ଆମ୍ରିତ ନାଗ, ଶିବୁ ମହାରଣା, ଦେବାଶିଷ ଓ ସଂଗ୍ରାମ ମହାପାତ୍ର, ହରିହର ଡାକୁଆ, ସାହିଲ, ବାଳିକା ବର୍ଗ ରେ କ୍ରିଷ୍ଣା ମୟୀ, ଲକ୍ଷ୍ମୀ, ସାରଦା, ଓ କନିଷ୍ଠ ବର୍ଗ ରେ ସ୍ୱାତି, ପ୍ରତିଜ୍ଞା, ମନିଷା ଯଥା କ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରି ପୁରସ୍କୃତ ହୋଇଛନ୍ତି।

# ବୈଶିଙ୍ଗା-ମାଣତ୍ରୀ ରାସ୍ତା ପାର୍ଶ୍ୱସ୍ଥ ଜବରଦଖଲ ଉଚ୍ଛେଦ ଦାବି

**ବୈଶିଙ୍ଗା,୧୭।୧୨ (ସଂଚାର ବ୍ୟୁରୋ):** ଠାକୁରମୁଣ୍ଡାରୁ ରୁପସା ପର୍ଯ୍ୟନ୍ତ ରାଜ୍ୟ ରାଜପଥ ନିର୍ମାଣ କାର୍ଯ୍ୟ ତ୍ୱରିତ ଗତିରେ ଚାଲିଥିବା ବେଳେ ରାସ୍ତା ପ୍ରଶସ୍ତିକରଣ ପାଇଁ ଉଭୟ ପାର୍ଶ୍ୱରେ ଜବରଦଖଲ ଉଚ୍ଛେଦ କରାଯାଉଛି। ଏଥିପାଇଁ ବୈଶିଙ୍ଗା-ମାଣତ୍ରୀ ରାସ୍ତାର ବୈଶିଙ୍ଗା ବସ ଷ୍ଟପେଜ୍ ଠାରୁ କେନ୍ଦୁଆ ମନ୍ଦିର ପର୍ଯ୍ୟନ୍ତ ବହୁ ଦୋକାନୀ ଦୀର୍ଘ ବର୍ଷ ଧରି ଜବର ଦଖଲ କରି ରହିଥିବାରୁ ରାସ୍ତା କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି । ରାସ୍ତା ନିର୍ମାଣ ବିଭାଗ ଏହି ଜବରଦଖଲକାରୀଙ୍କୁ ଉଠି ଯିବା ପାଇଁ ନୋଟିସ ଦେବାପରେ ସମସ୍ତ ଦୋକାନୀ ଭାଇ ସ୍ୱଇଚ୍ଛାରେ ଘର ଖୋଲି ଦେଇଥିଲେ । ପରବର୍ତ୍ତୀ ସମୟରେ ଥାଇଥାନ ପାଇଁ ମୟୂରଭଞ୍ଜ ଜିଲ୍ଲାପାଳଙ୍କୁ ଏକ ଆବେଦନ କରିବା ପରେ ତାଙ୍କ ନିର୍ଦ୍ଦେଶରେ ବେତନଟୀ ତହସିଲଦାର ଏବଂ ବିଡିଓ ତଦନ୍ତ



କରି ବିଶ୍ରାମାଗାର ପଛରେ ଦିଆଯାଇ ପାରିବ ବୋଲି ମତ ଦେଇଥିଲେ । ମାତ୍ର ଏହା ଦ୍ୱାରା ରାସ୍ତା କାର୍ଯ୍ୟରେ ବାଧା ସୃଷ୍ଟି ହେବ ବୋଲି ଦର୍ଶାଇ କେନ୍ଦୁଆ ଏବଂ କୁଆଶୂଳ ଗ୍ରାମବାସୀମାନେ ଏକ ଲିଖିତ ଅଭିଯୋଗରେ ତୁରନ୍ତ ଉଚ୍ଛେଦ ପାଇଁ ଜିଲ୍ଲାପାଳଙ୍କୁ ଆବେଦନ କରି ଥିବା ଜଣାଯାଇଛି। ବସ ରହଣି ପାଇଁ ଏହି ସ୍ଥାନଟି କାର୍ଯ୍ୟରେ ଆସିବ ବୋଲି ମତ ପ୍ରକାଶ ପାଇଛି । ପ୍ରକାଶ ଥାଉକି ୨୦୦୬ ମସିହାରୁ ଏହି ଜବରଦଖଲ ଉଚ୍ଛେଦ ପାଇଁ ନିର୍ଦ୍ଦେଶ ଥିଲେ ମଧ୍ୟ ଏ ପର୍ଯ୍ୟନ୍ତ କାର୍ଯ୍ୟକାରୀ ନ ହେବା ପ୍ରଶାସନର ଅପାରଗତା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି।

# ବିଜେଡି ସଭ୍ୟ ସଂଗ୍ରହ ଅଭିଯାନ



**ସୁବର୍ଣ୍ଣପୁର,୧୭।୧୨ (ସଂଚାର ବ୍ୟୁରୋ):** ବିଜେଡି ଦଳର ରାଜ୍ୟ ସଭାପତି ନବୀନ ପଟ୍ଟନାୟକଙ୍କ ଆହ୍ୱାନ କ୍ରମେ ବିଜୁ ଛାତ୍ର ଜନତା ଦଳ ବିଭିନ୍ନ ଜିଲ୍ଲାର ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟ ଠାରେ ତାର ସଭ୍ୟ ସଂଗ୍ରହ ଅଭିଯାନ ଆରମ୍ଭ କରିଛି । ସେହି ଅନୁକ୍ରମରେ ସୋନପୁର ଜିଲ୍ଲା ଛାତ୍ର ବିଜେଡି ପକ୍ଷରୁ ଆଜି ସୋନପୁର ମହାବିଦ୍ୟାଳୟ ଠାରେ ସଭ୍ୟ ସଂଗ୍ରହ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ରାଜ୍ୟ କାର୍ଯ୍ୟକାରୀ ସଭାପତି ଅବିନାଶ ଠାକୁର, ରାଜ୍ୟ ସାଧାରଣ ସମ୍ପାଦକ ରକି ଦାସ, ରାଜ୍ୟ ସାଧାରଣ ସମ୍ପାଦକ ଅମିୟ ରଞ୍ଜନ ଦାସ , ସୋନପୁର ଜିଲ୍ଲା ଛାତ୍ର ବିଜେଡି ସଭାପତି ଶାଶ୍ୱତ ମିଶ୍ର, ଛାତ୍ର ନେତା ଅଭିଷେକ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ।

# ରାୟଗଡାରେ ଧାନ ମଣ୍ଡିର ଶୁଭାରମ୍ଭ



**ରାୟଗଡା,୧୭।୧୨ (ସଂଚାର ବ୍ୟୁରୋ):** ରାୟଗଡା ଜିଲ୍ଲାରେ ଚଳିତ ଖରିଫ ଋତୁ ୨୦୨୪-୨୫ ପାଇଁ ଧାନ ମଣ୍ଡିର ଶୁଭାରମ୍ଭ କରାଯାଇଛି। ଜିଲ୍ଲାପାଳ ଶ୍ରୀମତୀ ପାରୁଲ ପାଟୱାରୀ ନିୟନ୍ତ୍ରିତ ବଜାର କମିଟି, ରାୟଗଡାରେ ଏହି ଧାନ ମଣ୍ଡି ଉଦଘାଟନ କରିଥିଲେ। ଉଦଘାଟନ କାର୍ଯ୍ୟକ୍ରମରେ ମୁଖ୍ୟ ଜିଲ୍ଲା ବେସାମରିକ ଯୋଗାଣ ଅଧିକାରୀ ଦାଶରଥି ସୋରେନ, ଉପନିବନ୍ଧକ ସମବାୟ ସମିତି ସମୂହ ସୀତାପତି କରୁଣାକାର ମାଝୀ, କେସିସି ବ୍ୟାଙ୍କ ଡାଇରେକ୍ଟର ବାଲାଗାଡି ତିରୁପତି ଏବଂ ନିୟନ୍ତ୍ରିତ ବଜାର କମିଟିର ସମ୍ପାଦକ କେ.ଏସ ରାଜୁ ଉପସ୍ଥିତ ଥିଲେ। ସମ୍ପୃକ୍ତ ଭିଭାଗୀୟ ଅଧିକାରୀ, ଚାଷୀ ଏବଂ ଚାଷୀ ପ୍ରତିନିଧିମାନେ ମଧ୍ୟ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମରେ ଚାଷୀମାନଙ୍କୁ ଏଫ୍ଏ କ୍ୟୁ ମାନର ଧାନ ମଣ୍ଡିରେ ଆଣିବା ଓ ବିକ୍ରି କରିବା ପ୍ରକ୍ରିୟା ବିଷୟରେ ସଚେତନ କରାଯାଇଥିଲା। ସରକାର ନିର୍ଦ୍ଧାରିତ ସର୍ବନିମ୍ନ ସହାୟତା ମୂଲ୍ୟ ୨୩୦୦ ଟଙ୍କା ପ୍ରତି କୁଇଣ୍ଟାଲ ଓ ଇନପୁଟ୍ ସହାୟତା ୮୦୦ ଏବଂ ସର୍ବ ମଟ ୩୧୦୦ ଟଙ୍କା ପ୍ରତି କୁଇଣ୍ଟାଲ ଲାଭ ଚାଷୀମାନେ ଉଠେଇପାରିବେ।ରାୟଗଡା ଜିଲ୍ଲାପାଳ ଚାଷୀମାନଙ୍କୁ ସଚେତନ ଓ ସାମାଜିକ ଅର୍ଥନୀତିରେ ସକ୍ରିୟ ଭାଗୀଦାର ରହିବାକୁ ପ୍ରୋତ୍ସାହନ ଦେଇଥିଲେ।

# ବିଦ୍ୟାଳୟର ନିଜସ୍ୱ ଜମି ନ ଥିବାରୁ ନୂତନ କୋଠା ନିର୍ମାଣ ବାଧାପ୍ରାପ୍ତ

**କଳାହାଣ୍ଡି,୧୭।୧୨ (ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା କଲମପୁର ବ୍ଲକ ଅଞ୍ଚଳରେ ଅବସ୍ଥାପିତ ବିଭିନ୍ନ ପ୍ରାଥମିକ ବିଦ୍ୟାଳୟ ମାନଙ୍କରେ ଜମି ମାଳିକ ମାନଙ୍କର ନଜର ପଡିଛି। ଫଳରେ ଭିତ୍ତିଭୂମି ସଜାଡିବା ସମ୍ଭବ ହୋଇପାରୁନାହିଁ। କିଛିଦିନ ତଳେ ଭାଲୁବୁଟ୍ରା ପ୍ରାଥମିକ ବିଦ୍ୟାଳୟକୁ ନେଇ ଅଭିଭାବକ ଓ ଛାତ୍ରଛାତ୍ରୀ ସ୍କୁଲରେ ତାଲା ପକାଇ ଧାରଣା ଦେଇଥିଲେ। ସେମାନଙ୍କ ଅଭିଯୋଗ ଥିଲା ଶ୍ରେଣୀ ପ୍ରକୋଷ୍ଠ ଅଭାବ ଥିବା ବେଳେ ମହାଜନୀ ଜମିରେ ବିଦ୍ୟାଳୟ ରହିଥିବାରୁ ନୂତନ ପ୍ରକୋଷ୍ଠ ନିର୍ମାଣ ହୋଇ ପାରୁନାହିଁ। ଏହି ବିଦ୍ୟାଳୟକୁ ସ୍ଥାନାନ୍ତର କରାଯାଉ। ବିଡିଓ, ସହକାରୀ ଯନ୍ତ୍ରୀ, ସରପଞ୍ଚ ଯାଇ ସେମାନଙ୍କୁ ନୂତନ ସ୍ଥାନରେ ବିଦ୍ୟାଳୟ ନିର୍ମାଣର ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ସ୍ଥଗିତ ହୋଇଥିଲା। କସାବାହି ପ୍ରାଥମିକ ବିଦ୍ୟାଳୟ ମଧ୍ୟ ମହାଜନୀ ଜମିରେ ରହି ଥିବା ଫଳରେ ନବ ନିର୍ମିତ ବିଦ୍ୟାଳୟ କୋଠା ଅଧପନ୍ତରିଆ ଭାବେ ପଡି ରହିଛି। ସେଠାରେ ମଧ୍ୟ ଅନୁରୂପ ଭାବେ ବିଭିନ୍ନ ଆନୁସଙ୍ଗିକ କାର୍ଯ୍ୟ ହୋଇ ପାରୁନାହିଁ। ମାଟିଖାଲ ପ୍ରାଥମିକ ବିଦ୍ୟାଳୟ ମଧ୍ୟ ମହାଜନୀ ଜମିରେ ରହି ଥିବାରୁ ସେଠାରେ ବି କୌଣସି କାର୍ଯ୍ୟ ଆଗେଇ ପାରୁନାହିଁ। ଇଚ୍ଛାପୁର ବିଦ୍ୟାଳୟ ମଧ୍ୟ ମହାଜନୀ




ଜମିରେ ରହି ଥିବାରୁ ବିପଦ ସଂକୁଳ ପ୍ରକୋଷ୍ଠରେ ଦୟନୀୟ ଭାବରେ ଛାତ୍ରଛାତ୍ରୀ ମାନେ ଅଧ୍ୟୟନ କରିବାକୁ ବାଧ୍ୟ ହେଉଛନ୍ତି।

ସେହି ଭଳି ପୋଟେସ ବିଦ୍ୟାଳୟର ନିଜସ୍ୱ ଜମି ନ ଥିବାରୁ ଦୁଇଟି କୋଠରୀରେ ଚାଲିଛି ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠପଢ଼ା। ଏହାସହ ମଧ୍ୟାହ୍ନ ଭୋଜନ ରୋଷେଇ ପାଇଁ ମଧ୍ୟ କୋଠରୀ ନିର୍ମାଣ ହୋଇପାରି ନାହିଁ କି ଛାତ୍ର ଛାତ୍ରୀ ମାନଙ୍କ ପାଇଁ ପାଇଖାନାର ବ୍ୟବସ୍ଥା ହୋଇପାରୁ ନାହିଁ। ଏଭଳି ଜମି ବିବାଦରେ ଅନେକ ବିଦ୍ୟାଳୟ ଛନ୍ଦି ହୋଇ ପଡିଛନ୍ତି। ହାରାମାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ନିରିଖେଇ ଦେଖିଲେ ଏଭଳି ଅବ୍ୟବସ୍ଥା ଯୋଗୁଁ କିଭଳି ଛାତ୍ରଛାତ୍ରୀ ମାନେ ଅଧ୍ୟୟନ କରୁଛନ୍ତି ତାହା ସହଜରେ ବାରି ହୋଇ ପଡିଛି। ଏଠାରେ ପ୍ରାୟ ୨ଶହ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବା ବେଳେ ପ୍ରଥମରୁ ୮ମ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି। ଏହି ୮ଟି ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ଦୁଇଟି ପ୍ରକୋଷ୍ଠରେ ପାଠ ପଢା ଯାଉଛି। ଏଥିରେ ୬ଜଣ ଶିକ୍ଷକ ନିୟୋଜିତ ହୋଇ ଥିବା ବେଳେ ପ୍ରଧାନଶିକ୍ଷକଙ୍କ ପ୍ରକୋଷ୍ଠ ଭଙ୍ଗା ଦଦରା ଘରେ କରାଯାଇଛି, ସେଠାରେ ମଇଳା ଆବର୍ଜନା ଭରପୁର ରହିଥିବା ବେଳେ ସରିସୃପ ର ପ୍ରାଦୁର୍ଭାବ ଯୋଗୁଁ ସର୍ବଦା ଭୟର ବାତାବରଣ ଲାଗି ରହିଛି। ଏହି ବିଦ୍ୟାଳୟ ମଧ୍ୟ ମହାଜନୀ ଜମିରେ ଅବସ୍ଥାପିତ ହୋଇଛି, ଫଳରେ ବିଦ୍ୟାଳୟ ନିମନ୍ତେ ଗୃହ ନିର୍ମାଣ କରାଯାଇ ପାରୁନାହିଁ। ଏଭଳି ସ୍ଥିତିରେ ଏନେକ ବିଦ୍ୟାଳୟ ଗତିକରି ଚାଲିଥିବା ବେଳେ ଶିକ୍ଷା ବିଭାଗ କୌଣସି ପଦକ୍ଷେପ ଗ୍ରହଣ କରିପାରୁନାହିଁ।

ଏନେଇ ବ୍ଲକ ଶିକ୍ଷା ଅଧିକାରୀଣୀ ମଧୁସ୍ମିତା ନାଏକ ଓ ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ ହେମନ୍ତ କୁମାର ପଣ୍ଡା ଏ ସମସ୍ୟା ଦୀର୍ଘ ଦିନ ହେବ ଲାଗି ରହିଛି। ଆମେ ରିପୋର୍ଟ ସଂଗ୍ରହ କରି ସ୍ଥାନୀୟ କଲମପୁର ତହସିଲଦାର ଙ୍କୁ ପ୍ରଦାନ କରିଛୁ। ତହସିଲଦାର ନିକଟବର୍ତ୍ତୀ ସ୍ଥାନ ମାନଙ୍କରେ ଜମି ଯୋଗାଇ ଦେଲେ ଆମେ ନୂତନ ବିଦ୍ୟାଳୟ ପାଇଁ ପଦକ୍ଷେପ ଗ୍ରହଣ କରିବୁ ବୋଲି କହିଥିଲେ।କଲମପୁର ତହସିଲଦାର ଏଦିଗରେ ବିହୀତ ପଦକ୍ଷେପ ନେଇ ନିଜସ୍ୱ ଜମି ନ ଥିବା ବିଦ୍ୟାଳୟ ମାନଙ୍କୁ ଜମି ଯୋଗାଇ ଦେବାକୁ ବୁଦ୍ଧିଜୀବୀ ମହଲରେ ଦାବୀ ହେଉଛି।